# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୩/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 3/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୩୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 338 | ମୂଲ୍ୟ ₹୭/-




**ଏଜାଜ୍ ପଟେଲଙ୍କ ପ୍ରଭାବୀ ବୋଲିଂ**
ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ବୋଲର ଏଜାଜ୍ ପଟେଲ ୫ ଉଇକେଟ ଅକ୍ତିଆର କରିଛନ୍ତି।
୧୪

୧୦
**କ୍ୟାଟ୍ରିନାଙ୍କୁ ପ୍ରଶଂସା କଲେ ଭିକି**
ଅଭିନେତା ଭିକି କୌଶଲ ଶନିବାର ଏକ ସାକ୍ଷାତ୍‌କାରରେ ସ୍ତ୍ରୀ କ୍ୟାଟ୍ରିନା ତାଙ୍କ ତୁଳନାରେ ବଡ଼ ତାରକା ହୋଇଥିବା କହିଛନ୍ତି।



# ବିକାଶର ଅସମାନତା ଦୂରହେବ: ମୁଖ୍ୟମନ୍ତ୍ରୀ

## ବଲାଙ୍ଗୀର ଜିଲାରେ ୮୯୦ କୋଟିର ୮୩ ପ୍ରକଳ୍ପ ଶୁଭାରମ୍ଭ

**ଦେଶ ସ୍ୱାଧୀନ ହେବା ପରଠୁ ବିଭିନ୍ନ ଭାଗରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବାବେଳେ କିଛି ଅଞ୍ଚଳ ଏଥିରୁ ବାଦ୍ ପଡ଼ିଯାଇଛି। ତନ୍ମଧ୍ୟରୁ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ବଲାଙ୍ଗୀର ଅନ୍ୟତମ। ଦୀର୍ଘ ୭୫ ବର୍ଷ ଧରି ଏହି ଜିଲା ଅସମାନତାର ଶିକାର ହୋଇଛି। ଉକ୍ତ ଅଞ୍ଚଳରୁ ବିକାଶର ଅସମାନତାକୁ ଦୂର କରିବା ପାଇଁ ଓଡ଼ିଶା ସରକାର ବଦ୍ଧପରିକର ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେଲପଡ଼ା ଓ ପାଟଣାଗଡ଼ରେ ୮୯୦ କୋଟି ଟଙ୍କା ମୂଲ୍ୟର ୮୩ଟି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ କହିଛନ୍ତି।**

**ଭୁବନେଶ୍ୱର(ଅନିଲ ଦାସ)/ବଲାଙ୍ଗୀର (ବୀରେନ୍ଦ୍ର କୁମାର ଝାଙ୍କର),୨।୧୧**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଦିନିଆ ବଲାଙ୍ଗୀର ଜିଲା ଗସ୍ତରେ ଯାଇ ଶନିବାର ବେଲପଡ଼ା ଓ ପାଟଣାଗଡ଼ଠାରେ ୮୯୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିଛନ୍ତି। ଜଳ ସେଚନ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ପାଇପ ଜଳ ଯୋଗାଣ ପ୍ରକଳ୍ପ, ସେତୁ ନିର୍ମାଣ ପ୍ରକଳ୍ପ, ସଡ଼କ ନିର୍ମାଣ ପ୍ରକଳ୍ପ ଭଳି ସମୁଦାୟ ୮୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ବେଲପଡ଼ା ଓ ପାଟଣାଗଡ଼ରେ ଏଥିପାଇଁ ଆୟୋଜିତ ୨ଟି ଜନସଭାରେ ସେ ଉଦ୍‌ବୋଧନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ତୁଷୁରା ଏୟାରଷ୍ଟ୍ରିପଠାରେ ୬୫ କୋଟି ଟଙ୍କା ବ୍ୟୟରେ ୧୩୩୦ ମିଟର ଏୟାରଷ୍ଟ୍ରିପ ରନ୍‌ୱେର ଉନ୍ନତୀକରଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉନ୍ନତୀକରଣ ପରେ ଏହି ଏୟାରଷ୍ଟ୍ରିପ ୨-ବି ବର୍ଗରେ ଅନ୍ତର୍ଭୁକ୍ତ ହେବ ଏବଂ ଏହାଦ୍ୱାରା ବଲାଙ୍ଗୀର ଓ ଭୁବନେଶ୍ୱର ମଧ୍ୟରେ ସିଧାସଳଖ ବିମାନ ଯାତ୍ରା ସମ୍ଭବ ହୋଇପାରିବ। ଏହା ଜିଲାର ବିକାଶକୁ ଆହୁରି ☞ପୃଷ୍ଠା-୨


ବଲାଙ୍ଗୀର ଜିଲା ବେଲପଡ଼ାରେ ଅପରଲାନ୍ଥ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅତିଥି ବୃନ୍ଦ।

# କାନାଡା କୂଟନୀତିଜ୍ଞଙ୍କୁ ଭାରତର ସମନ

**ନୂଆଦିଲ୍ଲୀ,୨।୧୧(ପି.ଟି.)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ କାନାଡା ମନ୍ତ୍ରୀଙ୍କ ଅଭିଯୋଗର ତୀବ୍ର ପ୍ରତିବାଦ କରିଛି ଭାରତ। ଏଭଳି ହାସ୍ୟାସ୍ପଦ ଏବଂ ଭିତ୍ତିହୀନ ଅଭିଯୋଗର ପରିଣାମ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ପ୍ରତି ଗମ୍ଭୀର ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଶନିବାର କହିଛି। ଏନେଇ କାନାଡା କୂଟନୀତିଜ୍ଞଙ୍କୁ ନୂଆଦିଲ୍ଲୀ ସମନ ଜାରି କରିଛି। ବିନା ପ୍ରମାଣରେ କାନାଡା ଏଭଳି ହାସ୍ୟାସ୍ପଦ ଅଭିଯୋଗ ଆଣିପାରିବ ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। କାନାଡାରେ ଖଲିସ୍ତାନୀ

### ଶାହାଙ୍କ ବିରୋଧରେ ଅଭିଯୋଗ

ଆତଙ୍କବାଦୀଙ୍କୁ ଟାର୍ଗେଟ୍ କରିବା ପାଇଁ ଅମିତ୍ ଶାହା ନିର୍ଦ୍ଦେଶ ଦେଇଥିଲେ ବୋଲି ସେଠାର ଉପବହିର୍ବ୍ୟାପାର ମନ୍ତ୍ରୀ ଡାଭିଡ୍ ମୋରିସନ୍ ମଙ୍ଗଳବାର ଅଭିଯୋଗ ଆଣିଥିଲେ। ସେ ଏ ସମ୍ପର୍କରେ ୱାଶିଂଟନ ପୋଷ୍ଟକୁ ଜଣାଇଥିଲେ ଏବଂ ଉକ୍ତ ଖବରକାଗଜ ଅଭିଯୋଗ ଉପରେ ପ୍ରଥମ ରିପୋର୍ଟ ପ୍ରକାଶ କରିଥିଲା ବୋଲି ମୋରିସନ୍ କାନାଡା ଜାତୀୟ ସୁରକ୍ଷା କମିଟିର ଏମ୍‌ପିମାନଙ୍କୁ କହିଥିଲେ। ସେଠାର ଉଚ୍ଚ ପଦାଧିକାରୀମାନେ ☞ପୃଷ୍ଠା-୨






# 'ରୂପା' ଗର୍ଭରୁ ୪ ଛୁଆ ଜନ୍ମ



**ବାରଙ୍ଗ/ତ୍ରିଶୂଳିଆ,୨।୧୧ (ଲିଙ୍ଗରାଜ ରାଉତ/ ତୁଷାରକାନ୍ତ ବେହେରା)**

ତୃତୀୟ ଥର ପାଇଁ ମା' ହୋଇଛି ଧଳା ବାଘୁଣୀ 'ରୂପା'। ରୂପା ଶନିବାର ୪ଟି ପର୍ଯ୍ୟାୟରେ ତା'ର ତୃତୀୟ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେଇଛି। ପ୍ରଥମ ଛୁଆ ବଡ଼ିଭୋର ୫ଟା ୪୩ ମିନିଟ୍, ୨ୟ ଛୁଆ ସକାଳ ୬ଟା ୨୨ ମିନିଟ୍, ତୃତୀୟ ଛୁଆ ସକାଳ ୭ଟା ୪୯ ମିନିଟ୍ ଓ ଚତୁର୍ଥ ଛୁଆ ସକାଳ ୯ଟା ୩୧ ମିନିଟ୍‌ରେ ଜନ୍ମ ହୋଇଛନ୍ତି। ରୂପା ଛୁଆଙ୍କର ଠିକ୍ ଭାବେ ଯତ୍ନ ନେଉଥିବାରୁ ମା' ପାଖରୁ ସେମାନଙ୍କୁ ଆଲଗା କରାଯାଇନାହିଁ। ଫଳରେ ସେମାନଙ୍କ ଲିଙ୍ଗ ମଧ୍ୟ ନିରୂପଣ ହୋଇପାରିନାହିଁ। ରୂପା ଗର୍ଭଧାରଣ କରିଥିବା ଜଣାପଡ଼ିବା ☞ପୃଷ୍ଠା-୨

# ନଭେମ୍ବର ଶେଷସୁଦ୍ଧା ମିଳିବ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୨।୧୧(ଅନିଲ ଦାସ)**

'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ନଭେମ୍ବର ଶେଷସୁଦ୍ଧା ମିଳିବ। ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଏହି ଟଙ୍କା ମିଳିବ। ଶନିବାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ସୁଭଦ୍ରା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ବସିଥିଲା। ଏହି ବୈଠକରେ ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନର ପୁନଃ ଯାଞ୍ଚ ପାଇଁ ବିଡିଓଙ୍କୁ ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଜିଲାସ୍ତରରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ନେଇ ୩ ଜଣିଆ କମିଟି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପ୍ରତିଶ୍ରୁତି ପାଳନରେ ପଛୁଆ**

# ଜୈବ ବିବିଧତା: ୯୦% ନୀତି ମୂଲ୍ୟହୀନ

**ନୂଆଦିଲ୍ଲୀ,୨।୧୧(ପି.ଟି.)**

ବର୍ତ୍ତମାନର ଜାତୀୟ ଜୈବ ବିବିଧତା ନୀତିର ୯୦ ପ୍ରତିଶତ ବ୍ୟକ୍ତିବିଶେଷ କିମ୍ବା କୃଷକ, ଉପଭୋକ୍ତା ଗୋଷ୍ଠୀ ଆଶା କରୁଥିବା ଆଚରଣଗତ ପରିବର୍ତ୍ତନକୁ ସ୍ପଷ୍ଟ କରିବାରେ ବିଫଳ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସଂରକ୍ଷଣ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତିର ଅଭାବ ଏହାର କାରଣ ବୋଲି ଗବେଷକମାନେ କହିଛନ୍ତି। ସାରା ବିଶ୍ୱରୁ ୧୦ଟି ଜାତୀୟ ଜୈବ ବିବିଧତା ରଣନୀତି ଓ କାର୍ଯ୍ୟାନ୍ୱୟନ ଯୋଜନା (ଏନ୍‌ବିଏସ୍‌ଏପି) ଦ୍ୱାରା ମୋଟ ୧,୩୦୬ଟି ନୀତି କାର୍ଯ୍ୟଯୋଜନାର ପ୍ରସ୍ତାବ ଦିଆଯାଇଥିଲା। ବ୍ରିଟେନ୍‌ର ସୁରି ୟୁନିଭର୍ସିଟିର ଗବେଷକମାନଙ୍କ ଏକ ଟିମ୍ ଜାଣିବାକୁ ପାଇଛନ୍ତି ଯେ, ଜାତୀୟ ଜୈବ ବିବିଧତା ନୀତିଗୁଡ଼ିକ ମଧ୍ୟରୁ ମାତ୍ର ୧୧ ପ୍ରତିଶତ ଆଚରଣଗତ ପରିବର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ ଭାବେ ପ୍ରତିହତ କରିପାରିଛି। ଦୁର୍ଭାଗ୍ୟର ବିଷୟ ବାୟୋଡାଇଭର୍ସିଟି ନୀତିଗୁଡ଼ିକରେ ଆମେ ସାମୂହିକ ଭାବେ ଏକ ବୃହତ୍ ଅସ୍ପଷ୍ଟ ସ୍ଥାନର ବିକାଶ କରିଛୁ। ସମ୍ପଳ ପରିଚାଳନା ଭଳି ବୃହତ୍ କାର୍ଯ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଦୈନନ୍ଦିନ ଜୀବନର ଆଚରଣ ଉପରେ କ୍ୱଚିତ୍ ଦୃଷ୍ଟି ଦିଆଯାଉଛି। ସେହିଭଳି ଦୈନନ୍ଦିନ ଆଚରଣ ମଧ୍ୟରୁ ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ସାମଗ୍ରୀ ଅନ୍ୟତମ। ଏହା ମଧ୍ୟ ଜୈବ ବିବିଧତା ପ୍ରତି କ୍ଷତି ପହଞ୍ଚାଇଥାଏ ବୋଲି ସୁରି ୟୁନିଭର୍ସିଟିର ମେଲିସା ମାର୍ସେଲେ କହିଛନ୍ତି। ଏନ୍‌ଭାଇରନ୍‌ମେଣ୍ଟାଲ ସାଇନ୍ସ ଆଣ୍ଡ ପଲିସି ପତ୍ରିକାରେ ପ୍ରକାଶିତ ଅଧ୍ୟୟନର ସେ ସହଲେଖକ ରହିଛନ୍ତି।

ଆଚରଣ ପରିବର୍ତ୍ତନର ସ୍ପଷ୍ଟ ତଥା ନିର୍ଦ୍ଦିଷ୍ଟ ବିଚାର ଜୈବ ବିବିଧତା ନୀତିର ପ୍ରଭାବକୁ ବଢ଼ାଇପାରିବ। ସେଥିପାଇଁ କେଉଁ ଆଚରଣଗୁଡ଼ିକୁ ପରିବର୍ତ୍ତନ କରିବା ☞ପୃଷ୍ଠା-୨






# ୧୯ ଭାରତୀୟ କମ୍ପାନୀ ଉପରେ ଆମେରିକାର କଟକଣା

**ନୂଆଦିଲ୍ଲୀ,୨।୧୧**

ୟୁକ୍ରେନ୍ ବିରୋଧରେ ରୁଷିଆ ଚଳାଇଥିବା ଯୁଦ୍ଧରେ ଆଧୁନିକ ପ୍ରଯୁକ୍ତି ଓ ଉପକରଣ ସହାୟତା ଯୋଗାଉଥିବା ୧୯ ଭାରତୀୟ କମ୍ପାନୀ ସମେତ ବିଶ୍ୱର ପ୍ରାୟ ୪୦୦ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆମେରିକା କଟକଣା ଲଗାଇଛି। ପ୍ରମୁଖ ସାମରିକ ପ୍ରଯୁକ୍ତି ସଂସ୍ଥାଗୁଡ଼ିକରୁ ରୁଷିଆ ଯେପରି କୌଣସି ସହଯୋଗ ନ ପାଇବ, ତାହା ଉକ୍ତ କଟକଣାର ଲକ୍ଷ୍ୟ।

## ରୁଷିଆ ଯୁଦ୍ଧରେ ସହଯୋଗ କରୁଥିଲେ

କଟକଣା ଲାଗୁ ହୋଇଥିବା କମ୍ପାନୀ ମଧ୍ୟରେ ଭାରତ ବ୍ୟତୀତ ଚାଇନା, ସୁଇଜରଲାଣ୍ଡ, ଥାଇଲାଣ୍ଡ ଏବଂ ତୁର୍କୀର ପ୍ରଯୁକ୍ତି ଯୋଗାଣକାରୀ ସଂସ୍ଥା ରହିଥିବା ଆମେରିକା ଟ୍ରେଜେରି ବିଭାଗ କହିଛି। ଏଥିସହିତ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନେକ ବରିଷ୍ଠ ଅଧିକାରୀଙ୍କୁ ଆମେରିକା ଟାର୍ଗେଟ୍ କରିଛି। ଏହି ଅଫିସରମାନେ ଚଳିତ ବର୍ଷ ଆରମ୍ଭରେ ନିଯୁକ୍ତି ପାଇଥିଲେ। ସେହିପରି ରୁଷିଆର ପ୍ରତିରକ୍ଷା କମ୍ପାନୀ ଏବଂ ଏହାର ଭବିଷ୍ୟତ ଶକ୍ତି ଉତ୍ପାଦନ ଓ ରପ୍ତାନିକୁ ସହଯୋଗ କରୁଥିବା କମ୍ପାନୀଗୁଡ଼ିକ ଉପରେ ମଧ୍ୟ କଟକଣା ଜାରି ହୋଇଛି। ରୁଷିଆ ଯୁଦ୍ଧ ପାଇଁ ଆବଶ୍ୟକ କରୁଥିବା ଗୁରୁତ୍ୱପୂର୍ଣ୍ଣ ଉପକରଣ ଓ ପ୍ରଯୁକ୍ତି ଯେପରି ପହଞ୍ଚି ନ ପାରେ ସେଥିପାଇଁ ଆମେରିକା ଓ ଏହାର ମିତ୍ର ରାଷ୍ଟ୍ରଗୁଡ଼ିକ ବିଶ୍ୱବ୍ୟାପୀ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଜାରି ରଖିବେ ବୋଲି ଟ୍ରେଜେରି ବିଭାଗ ଉପସଚିବ ୱାଲି ଆଡେୟେମୋ କହିଛନ୍ତି।

ଭାରତର କେତେକ କମ୍ପାନୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଲଗାଯାଇଥିବା କଟକଣା ସମ୍ପର୍କରେ ସ୍ପଷ୍ଟୀକରଣ ନେଇ ନୂଆଦିଲ୍ଲୀ ୱାଶିଂଟନ ସହ ଯୋଗାଯୋଗରେ ରହିଛି। ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ରଣନୀତିକ ବାଣିଜ୍ୟ ଏବଂ ଆଣବିକ ଅପ୍ରସାର ନିୟନ୍ତ୍ରଣ ନେଇ ଭାରତର ଦୃଢ଼ ଆଇନଗତ ଓ ନିୟାମକ ଢାଞ୍ଚା ରହିଛି। ଭାରତ ୩ଟି ପ୍ରମୁଖ ବହୁପାକ୍ଷିକ ଅପ୍ରସାର ରପ୍ତାନି ନିୟନ୍ତ୍ରଣ ବ୍ୟବସ୍ଥାର ସଦସ୍ୟ ରହିଥିବା ଜୟସ୍ୱାଲ କହିଛନ୍ତି।

# ସ୍ପେନ୍ ବନ୍ୟା ମୃତ୍ୟୁସଂଖ୍ୟା ୨୧୧



ବନ୍ୟାରେ ଭାସି ଯାଇଥିବା ଗାଡ଼ିଗୁଡିକ ଟ୍ରେନ୍ ଲାଇନ୍‌ରେ ଅଟକି ରହିଛି।

**ମାଡ୍ରିଡ୍,୨।୧୧**

ସ୍ପେନ୍‌ରେ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ଶନିବାର ୨୧୧ରେ ପହଞ୍ଚିଛି। ସର୍ବାଧିକ କ୍ଷତିଗ୍ରସ୍ତ ପୂର୍ବ ଭାଲେନ୍‌ସିଆ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଅତିରିକ୍ତ ୧୦,୦୦୦ ସୈନ୍ୟ ଏବଂ ପୋଲିସ୍ ଅଫିସର ନିୟୋଜିତ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଘୋଷଣା କରିଛନ୍ତି। ସ୍ପେନ୍‌ରେ ବହୁ ଦଶନ୍ଧି ମଧ୍ୟରେ ଏହା ସବୁଠୁ ଘାତକ ବନ୍ୟା ବୋଲି କୁହାଯାଉଛି।

## ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ

ସାମୁଦ୍ରିକ ବାତ୍ୟାଜନିତ ପ୍ରବଳ ବର୍ଷା ଯୋଗୁ କାଦୁଅ, ପାଣି ମାଡ଼ିଆସି କେତେକ ସହର ଜଳାର୍ଣ୍ଣବ ହୋଇଯାଇଥିଲା। ଏହି ବନ୍ୟାରେ ବହୁ ଭିତ୍ତିଭୂମି ଧ୍ୱଂସ ହେବା ସହ ବହୁସଂଖ୍ୟାରେ ଲୋକେ ଭାସିଯାଇ ନିଖୋଜ ହୋଇଥିଲେ। ସେମାନଙ୍କୁ ଖୋଜି ବାହାର କରିବା ପାଇଁ ୩ ଦିନ ହେଲା ଉଦ୍ୟମ ଜାରି ରହିଛି। ସର୍ବାଧିକ କ୍ଷତିଗ୍ରସ୍ତ ଭାଲେନ୍‌ସିଆ ଅଞ୍ଚଳରେ ଜରୁରୀ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅକ୍ଳାନ୍ତ ଉଦ୍ୟମ ଜାରି ରଖିଛନ୍ତି। ମାଟି ତଳେ ବହୁ ଲୋକ ପୋତିହୋଇ ରହିଯାଇଥିବା ଆଶଙ୍କା କରାଯାଉଥିବାରୁ ଭଗ୍ନାବଶେଷ ଓ କାଦୁଅ ଉଠାଇବା କାର୍ଯ୍ୟରେ ଅନେକେ ନିୟୋଜିତ ହୋଇଛନ୍ତି। ଅନେକ ହଜାର ସ୍ୱେଚ୍ଛାସେବୀ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। କାଷ୍ଟିଲା ଲା ମାଞ୍ଚା ଏବଂ ଅଣ୍ଡାଲୁସିଆ ଅଞ୍ଚଳ ମଧ୍ୟ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି।

# କାନାଡା ସାଇବର ବିପଦ ତାଲିକାରେ ଭାରତ

**ଓଟ୍ଟାୱା,୨।୧୧(ପି.ଟି.)**

କାନାଡା ଏହାର ସାଇବର ବିପଦ ଆଡଭାଇଜରି ତାଲିକାରେ ପ୍ରଥମ ଥର ପାଇଁ ଭାରତକୁ ଯୋଡ଼ିଛି। ଭାରତ ସରକାରଙ୍କ ପ୍ରାୟୋଜିତ ଆକ୍ଟରମାନେ କାନାଡା ବିରୋଧରେ ଗୁପ୍ତଚରଗିରି କରୁଥାଇପାରନ୍ତି ବୋଲି ଓଟ୍ଟାୱା କହିଛି। ଜାତୀୟ ସାଇବର ଥ୍ରେଟ୍ ଆସେସ୍‌ମେଣ୍ଟ ୨୦୨୫-୨୬ ରିପୋର୍ଟରେ ଚାଇନା, ରୁଷିଆ, ଇରାନ, ଉତ୍ତର କୋରିଆ ପରେ ଭାରତର ନାଁ ପଞ୍ଚମ ସ୍ଥାନରେ ରହିଛି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାରଙ୍କୁ ହତ୍ୟା ଘଟଣାରେ ଭାରତ ସମ୍ପୃକ୍ତ ଥିବା କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା।

# ଲରେନ୍ସଙ୍କ ଭାଇଙ୍କୁ ଆମେରିକାରୁ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ

**ମୁମ୍ବାଇ, ୨।୧୧**

ମୁମ୍ବାଇ ପୋଲିସ କ୍ରାଇମବ୍ରାଞ୍ଚ ଶନିବାର ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଭାଇ ଅନ୍‌ମୋଲ ବିଷ୍ଣୋଇଙ୍କୁ ଆମେରିକାରୁ ପ୍ରତ୍ୟର୍ପଣ କରି ଆଣିବା ପ୍ରକ୍ରିୟା ଆରମ୍ଭ କରିଛି। ଅଭିନେତା ସଲମାନ ଖାନ୍‌ଙ୍କ ଘର ବାହାରେ ଗୁଳିଚାଳନା ମାମଲାରେ ମୁମ୍ବାଇ ପୋଲିସର ୱାଣ୍ଟେଡ ତାଲିକାରେ ଅନ୍‌ମୋଲ ରହିଛନ୍ତି। ମୁମ୍ବାଇ ପୋଲିସର ସୂତ୍ର ଅନୁଯାୟୀ, ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜ୍ଡ କ୍ରାଇମ ଆକ୍ଟ(ଏମ୍‌ସିଓସିଏ) ସମ୍ବନ୍ଧିତ ମାମଲାର ସ୍ୱତନ୍ତ୍ର ଅଦାଲତ ଅନମୋଲଙ୍କୁ ଗିରଫ କରିବା ପାଇଁ ଜାମୀନ ବିହୀନ ୱାରେଣ୍ଟ ଜାରି କରିଛି।

# ପ୍ରଦୂଷଣଜନିତ ରୋଗରେ ଦିଲ୍ଲୀର ୬୯% ପରିବାର

**ନୂଆଦିଲ୍ଲୀ, ୨।୧୧**

ଦୀପାବଳି ଯୋଗୁ ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ମାନ ହ୍ରାସ ପାଇଛି। ଫଳରେ ଲୋକଙ୍କ ଶ୍ୱାସକ୍ରିୟାଜନିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଡିଜିଟାଲ ପ୍ଲାଟ୍‌ଫର୍ମ ଲୋକାଲ ସର୍କଲ୍ସ ପକ୍ଷରୁ କରାଯାଇଥିବା ସର୍ଭେ ଅନୁଯାୟୀ, ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ରହୁଥିବା ୬୯% ପରିବାରର ଜଣେ କିମ୍ବା ଏକାଧିକ ସଦସ୍ୟ ଗଳା ଯନ୍ତ୍ରଣା କିମ୍ବା କାଶ ପରି ପ୍ରଦୂଷଣଜନିତ ରୋଗରେ ପୀଡ଼ିତ। ସର୍ଭେରେ ୨୧ ହଜାରରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ବାୟୁ ପ୍ରଦୂଷଣ ଯୋଗୁ ୬୨%ରୁ ଅଧିକ ପରିବାରର ଜଣେ କିମ୍ବା ଏକାଧିକ ସଦସ୍ୟ ଆଖି ଜଳାପୋଡ଼ା ସମସ୍ୟାରେ ପୀଡ଼ିତ ଥିବାବେଳେ ୪୬% ପରିବାରର କୌଣସି ସଦସ୍ୟଙ୍କ ନାକ ବନ୍ଦ ପରି ସମସ୍ୟା ରହିଛି। ୩୧% ଶ୍ୱାସକ୍ରିୟା ବେଳେ ସମସ୍ୟା ଅନୁଭବ କରୁଥିବାବେଳେ ୨୩% ଧ୍ୟାନ କେନ୍ଦ୍ରିତ କରିବା ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ୧୫% ଲୋକଙ୍କ ନିଦ ସମସ୍ୟା ରହିଛି। ୩୧% ପରିବାରରେ ପ୍ରଦୂଷଣଜନିତ ସମସ୍ୟା ନାହିଁ।

# ଇସ୍ରାଏଲ୍, ଆମେରିକାକୁ ଇରାନ ସୁପ୍ରିମ ଲିଡରଙ୍କ ଧମକ

## ପୁଣି ଆକ୍ରମଣ ହେଲେ ଧ୍ୱଂସାତ୍ମକ ଜବାବ ଦିଆଯିବ



ଆୟାତୋଲ୍ଲା ଅଲି ଖାମେନେଇ

**ଦୁବାଇ,୨।୧୧**

ଇରାନ ଏବଂ ଏହାର ସହଯୋଗୀଙ୍କ ଉପରେ ଆକ୍ରମଣ ହେଲେ ଏହାର ଏକ ଧ୍ୱଂସାତ୍ମକ ଜବାବ ଦିଆଯିବ ବୋଲି ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଶନିବାର ଇସ୍ରାଏଲ୍ ଏବଂ ଆମେରିକାକୁ ଧମକ ଦେଇଛନ୍ତି। ଅକ୍ଟୋବର ୨୬ରେ ଇସ୍ରାଏଲ୍ ଇରାନ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ଇରାନର କେତେକ ସାମରିକ ଘାଟି କ୍ଷତିଗ୍ରସ୍ତ ହେବା ସହ ଅନ୍ୟୂନ ୫ ଜଣ ନିହତ ହୋଇଥିଲେ। ଇରାନ ଉପରେ ପୁନର୍ବାର ଆକ୍ରମଣ ହେଲେ, ତାହାର ନିଆଁ ମଧ୍ୟପ୍ରାଚ୍ୟକୁ ବ୍ୟାପିବ। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍-ହମାସ୍ ଯୁଦ୍ଧ ଚାଲିଥିବାବେଳେ ଲେବାନନ୍ ଉପରେ ମଧ୍ୟ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଏକ ବୃହତ୍ ଆଞ୍ଚଳିକ ଯୁଦ୍ଧରେ ପରିଣତ ହେବ। ଶତ୍ରୁ ଇସ୍ରାଏଲ୍ ଏବଂ ଆମେରିକାକୁ ଧ୍ୱଂସାତ୍ମକ ଜବାବ ଦିଆଯିବ ବୋଲି ଖାମେନେଇ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

ଇସ୍ରାଏଲ୍‌ର ଟର୍ମିନାଲ ହାଇ ଅଲ୍ଟିଚ୍ୟୁଡ୍ ଏରିଆ ଡିଫେନ୍ସରେ ଅଧିକ ସୈନ୍ୟଙ୍କୁ ନିୟୋଜିତ କରାଯାଇଛି। ଇରାନ ଓ ଏହାର ଆତଙ୍କବାଦୀ ସହଯୋଗୀଙ୍କୁ ପ୍ରତିହତ କରିବା ପାଇଁ ଆମେରିକାର ଯୁଦ୍ଧବିମାନବାହୀ ପୋତ ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ୍ ଆରବ ସାଗରରେ ମୁତୟନ ହେବା ସହ ଅଧିକ ସଂଖ୍ୟାରେ ଯୁଦ୍ଧଜାହାଜ, ଲଢୁଆ ବିମାନ ସ୍କ୍ୱାଡ୍ରନ, ଟ୍ୟାଙ୍କର ଏବଂ ବି-୫୨ ଲଙ୍ଗ୍ ରେଞ୍ଜ ବମ୍ବର ମଧ୍ୟପ୍ରାଚ୍ୟରେ ଖୁବ୍‌ଶୀଘ୍ର ପହଞ୍ଚୁଥିବା ପେଣ୍ଟାଗନ୍ କହିଛି।

# କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ହେଲେ କେମି ବାଡେନୋଚ୍

**ଲଣ୍ଡନ,୨।୧୧(ପି.ଟି.)**

କେମି ବାଡେନୋଚ୍‌ଙ୍କୁ ଶନିବାର ବ୍ରିଟେନ୍‌ର କଞ୍ଜରଭେଟିଭ୍ ପାର୍ଟି ନେତା ନିର୍ବାଚିତ କରାଯାଇଛି। ଏଥିସହିତ ସେ ଋଷି ସୁନକ୍‌ଙ୍କ ସ୍ଥାନରେ ହାଉସ୍ ଅଫ୍ କମନ୍ସରେ ବିରୋଧୀ ଦଳ ନେତା ହୋଇଛନ୍ତି।



ଦୁଇଦିନ ପୂର୍ବରୁ ସୁନକ୍ ବିରୋଧୀ ଦଳ ନେତା ପଦରୁ ଇସ୍ତଫା ଦେଇଥିଲେ। ବ୍ରିଟେନ୍ କଞ୍ଜରଭେଟିଭ୍ ପାର୍ଟିର ନେତା ନିର୍ବାଚିତ ହେବାରେ କେମି ପ୍ରଥମ ଅଣଶ୍ୱେତାଙ୍ଗ ମହିଳା। ନେତୃତ୍ୱ ଚୟନ ପାଇଁ ୩ ମାସ ଧରି ଚାଲିଥିବା ନିର୍ବାଚନରେ ନାଇଜେରିଆ ବଂଶୋଦ୍ଭବ ୪୪ ବର୍ଷୀୟା କେମି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ରବର୍ଟ ଜେନ୍‌ରିକ୍‌ଙ୍କୁ ପରାସ୍ତ କରିଥିଲେ।

# ହାରିଲେ ଫଳାଫଳକୁ ଚ୍ୟାଲେଞ୍ଜ କରିପାରନ୍ତି ଟ୍ରମ୍ପ୍

## ଆମେରିକା ରାଷ୍ଟ୍ରପତି ନିର୍ବାଚନ

**ନ୍ୟୁୟର୍କ, ୨।୧୧**

ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ୭୨ ଘଣ୍ଟାରୁ କମ୍ ସମୟ ରହିଛି। ଭୋଟିଂର ଠିକ୍ ପୂର୍ବରୁ ଉଭୟ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଓ ଡେମୋକ୍ରାଟ ପ୍ରାର୍ଥୀ କମଲା ହାରିସ ଶନିବାର ନିଜ ସପକ୍ଷରେ ମତଦାତାଙ୍କୁ ଆଣିବା ପାଇଁ ଜୋର୍‌ଦାର ପ୍ରଚାର କରିଛନ୍ତି। ଏକ ଆମେରିକୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ନିର୍ବାଚନ ହାରିବା ସ୍ଥିତିରେ ଟ୍ରମ୍ପ୍ ଫଳାଫଳକୁ ସ୍ୱୀକାର କରିବେ ନାହିଁ। ଏପରି ସ୍ଥଳେ ସେ ନିର୍ବାଚନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ



ଡୋନାଲ୍ଡ ଟ୍ରମ୍ପ୍

କରିବା ପାଇଁ ପ୍ରସ୍ତୁତ ରହିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ, ନିର୍ବାଚନ ଫଳାଫଳକୁ ରିଗିଂ କରାଯିବାର ସମ୍ଭାବନା ରହିଛି ବୋଲି ଟ୍ରମ୍ପ ତାଙ୍କ ପ୍ରତ୍ୟେକ ପ୍ରଚାର ରାଲିରେ କହୁଛନ୍ତି। ସେଥିପାଇଁ ତାଙ୍କୁ ନିର୍ବାଚନରେ ବହୁ ମାତ୍ରାରେ ବିଜୟୀ କରାଇବାକୁ ଟ୍ରମ୍ପ୍ ତାଙ୍କ ସମର୍ଥକଙ୍କୁ ଅପିଲ କରୁଛନ୍ତି। ଶୁକ୍ରବାର ଆରିଜୋନାରେ ଏକ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି, ତାଙ୍କର ବିଜୟ ସୁନିଶ୍ଚିତ। କେବଳ ଡେମୋକ୍ରାଟ୍‌ଙ୍କ ପକ୍ଷରୁ ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କରାଗଲେ ହିଁ ସେ ହାରିବାର ସମ୍ଭାବନା ରହିଛି। ଚଳିତ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ରହୁନାହିଁ ବୋଲି ଟ୍ରମ୍ପ୍ ବାରମ୍ବାର ତାଙ୍କର କହୁଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ତେଣୁ ନିର୍ବାଚନରେ ହାରିବା ସ୍ଥିତିରେ ସେ ଫଳାଫଳକୁ ଗ୍ରହଣ କରିବେ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଚଳିତ ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କୁ ବିଜୟୀ କରାଇବା ପାଇଁ ରିପବ୍ଲିକାନ ନ୍ୟାଶନାଲ କମିଟି ପକ୍ଷରୁ 'ଇଲେକ୍ସନ ଇଣ୍ଟିଗ୍ରିଟି' ଅଭିଯାନ ଅନ୍ତର୍ଗତ ନିର୍ବାଚନର ସ୍ୱଚ୍ଛତାକୁ ତଦାରଖ କରିବା ପାଇଁ ୨ ଲକ୍ଷ ୩୦ ହଜାରରୁ ଅଧିକ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇ ତାଲିମ ଦିଆଯାଉଛି। ବିଭିନ୍ନ ନିର୍ବାଚନୀ ଅନିୟମିତତାକୁ ନେଇ ୧୩୦ରୁ ଅଧିକ ମକଦ୍ଦମା ଦାଏର କରାଯାଇଛି।

୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ଟ୍ରମ୍ପଙ୍କ ସପକ୍ଷରେ ଯାଇ ନ ଥିଲା। ସେ ତତ୍କାଳୀନ ଡେମୋକ୍ରାଟ ପ୍ରାର୍ଥୀ ତଥା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କଠାରୁ ପରାଜିତ ହୋଇଥିଲେ। ସେତେବେଳେ ସମ୍ପୂର୍ଣ୍ଣ ଫଳାଫଳ ଘୋଷଣାର ଯଥେଷ୍ଟ ପୂର୍ବରୁ ହ୍ୱାଇଟ ହାଉସରେ ଥିବା ଟ୍ରମ୍ପ ନିଜକୁ ବିଜେତା ଘୋଷଣା କରିଦେଇଥିଲେ। କିନ୍ତୁ ପୂରା ଫଳାଫଳ ଆସିବା ପରେ ସେ ପରାଜିତ ହୋଇଥିଲେ। ନିର୍ବାଚନରେ ରିଗିଂ ହୋଇଥିବା ଅଭିଯୋଗ କରି ଫଳାଫଳକୁ ତାଙ୍କ ସପକ୍ଷରେ ବଦଳାଇବା ପାଇଁ ଟ୍ରମ୍ପ ଆଇନଗତ ଲଢ଼େଇର ଆଶ୍ରୟ ନେଇଥିଲେ।





ତା୦୩।୧୧।୨୦୨୪ରିଖରେ ଚାଲିବାକୁ ଥିବା ସ୍ପେଶାଲ ଟ୍ରେନ୍

| ଟ୍ରେନ୍ ନଂ. | ଠାରୁ | ଛାଡ଼ିବା ସମୟ | ପର୍ଯ୍ୟନ୍ତ |
|---|---|---|---|
| **ଆନ୍ଧ୍ରପ୍ରଦେଶରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୮୫୩୬ | ବିଶାଖାପାଟଣା | ୦୦:୫୦ | ଭୁବନେଶ୍ୱର |
| ୦୭୬୩୭ | ତିରୁପତି | ୦୫:୩୦ | ସାଇନଗର ଶିରିଡ଼ି |
| ୦୮୫୬୮ | ବିଜୟୱାଡ଼ା ଜଙ୍କସନ୍ | ୦୮:୩୫ | ବିଶାଖାପାଟଣା |
| ୦୮୫୬୭ | ବିଶାଖାପାଟଣା | ୧୦:୦୦ | ବିଜୟୱାଡ଼ା ଜଙ୍କସନ୍ |
| ୦୮୫୪୩ | ବିଶାଖାପାଟଣା | ୧୫:୫୫ | ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁ |
| ୦୭୪୪୦ | ତିରୁପତି | ୧୭:୧୦ | ଶ୍ରୀକାକୁଲମ୍ |
| ୦୭୪୮୧ | ତିରୁପତି | ୨୧:୧୦ | ସିକନ୍ଦରାବାଦ |
| ୦୭୧୨୧ | ତିରୁପତି | ୨୨:୨୦ | ମଛଲିପଟ୍ଟନମ୍ |
| **ଆସାମରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୫୮୩୧ | ରଙ୍ଗାପାଡ଼ା ନର୍ଥ | ୧୨:୦୦ | ପ୍ରୟାଗରାଜ |
| **ବିହାରରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୩୧୧୮ | ସହର୍ସା | ୦୧:୦୦ | କୋଲକାତା ଚିତପୁର |
| ୦୪୦୦୬ | ଜୟନଗର | ୦୧:୩୦ | ଦିଲ୍ଲୀ |
| ୦୧୨୦୬ | ଦାନାପୁର | ୦୫:୩୦ | ପୁଣେ |
| ୦୨୦୨୪ | ପାଟନା | ୦୫:୩୦ | ହାଓଡା |
| ୦୯୦୯୨ | ଭାଗଲପୁର | ୦୫:୩୦ | ଉଜ୍ଜୈନ |
| ୦୫୧୧୩ | ଛପରା | ୦୫:୩୦ | ଲୋକମାନ୍ୟ ତିଲକ ଟର୍ମିନାଲ୍ |
| ୦୫୨୮୩ | ମୁଜାଫରପୁର | ୦୬:୩୦ | ଆନନ୍ଦ ବିହାର |
| ୦୩୨୫୭ | ଦାନାପୁର | ୦୭:୩୦ | ଆନନ୍ଦ ବିହାର |
| ୦୨୨୪୭ | ପାଟନା | ୦୭:୩୦ | ନୂଆଦିଲ୍ଲୀ |
| ୦୧୪୮୨ | ଦାନାପୁର | ୧୦:୪୫ | ପୁଣେ |
| ୦୯୦୬୪ | ଦାନାପୁର | ୧୧:୦୦ | ଭେସ୍ତାନ |
| ୦୧୬୬୨ | ଦାନାପୁର | ୧୧:୪୫ | ରାଣୀ କମଳାପତି |
| ୦୧୦୭୬ | ଦାନାପୁର | ୧୨:୦୦ | ଲୋକମାନ୍ୟ ତିଲକ ଟର୍ମିନାଲ୍ |
| ୦୪୦୫୩ | ବରୌନୀ | ୧୨:୩୦ | ନୂଆଦିଲ୍ଲୀ |
| ୦୪୦୩୧ | ସହର୍ସା | ୧୩:୦୦ | ଆନନ୍ଦ ବିହାର |
| ୦୪୦୩୫ | ଭାଗଲପୁର | ୧୩:୦୦ | ନୂଆଦିଲ୍ଲୀ |
| ୦୮୪୪୦ | ପାଟନା | ୧୩:୩୦ | ପୁରୀ |
| ୦୫୨୧୯ | ମୁଜାଫରପୁର | ୧୩:୩୦ | ଆନନ୍ଦ ବିହାର |
| ୦୯୫୭୦ | ବରୌନୀ | ୧୩:୪୫ | ରାଜକୋଟ |
| ୦୨୩୯୭ | ଗୟା | ୧୪:୧୫ | ଆନନ୍ଦ ବିହାର |
| ୦୯୦୭୪ | ଜୟନଗର | ୧୪:୩୦ | ରତଲାମ |
| ୦୩୨୫୧ | ଦାନାପୁର | ୧୫:୦୦ | ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁ |
| ୦୩୧୮୮ | ଜୟନଗର | ୧୫:୨୫ | ସିଆଲଦା |
| ୦୫୭୪୩ | କଟିହାର | ୧୬:୦୦ | ଛପରା |
| ୦୩୦୪୪ | ରକ୍ସୌଲ | ୧୬:୫୫ | ହାଓଡା |
| ୦୮୧୦୬ | ଜୟନଗର | ୧୭:୦୦ | ରାଞ୍ଚି |
| ୦୧୦୧୦ | ଦାନାପୁର | ୧୮:୧୫ | ଲୋକମାନ୍ୟ ତିଲକ ଟର୍ମିନାଲ୍ |
| ୦୨୩୯୩ | ପାଟନା | ୨୦:୧୦ | ନୂଆଦିଲ୍ଲୀ |
| ୦୧୧୪୪ | ଦାନାପୁର | ୨୧:୩୦ | ଲୋକମାନ୍ୟ ତିଲକ ଟର୍ମିନାଲ୍ |
| ୦୭୦୦୪ | ପାଟନା | ୨୧:୩୦ | ସିକନ୍ଦରାବାଦ |
| ୦୯୪୬୨ | ଦାନାପୁର | ୨୧:୫୫ | ଅହମ୍ମଦାବାଦ |
| ୦୩୨୫୫ | ପାଟନା | ୨୨:୨୦ | ଆନନ୍ଦ ବିହାର |
| ୦୨୨୬୯ | ଛପରା | ୨୨:୨୦ | ଲକ୍ଷ୍ନୌ |
| ୦୯୦୧୪ | ଛପରା | ୨୨:୩୦ | ଉଧ୍‌ନା |
| ୦୨୨୬୧ | ରାଜଗୀର | ୨୩:୨୦ | ନୂଆଦିଲ୍ଲୀ |
| **ଛତିଶଗଡ଼ରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୮୮୯୭ | ଗୋଁଦିଆ | ୧୧:୨୦ | ପାଟନା |
| ୦୮୮୯୫ | ଗୋଁଦିଆ | ୨୦:୦୦ | ଛପରା |
| **ଦିଲ୍ଲୀରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୨୨୬୨ | ନୂଆଦିଲ୍ଲୀ | ୦୦:୨୦ | ରାଜଗୀର |
| ୦୪୦୩୨ | ଆନନ୍ଦ ବିହାର | ୦୫:୧୫ | ସହର୍ସା |
| ୦୫୨୮୪ | ଆନନ୍ଦ ବିହାର | ୦୭:୦୦ | ମୁଜାଫରପୁର |
| ୦୨୨୫୨ | ନୂଆଦିଲ୍ଲୀ | ୦୭:୨୫ | ପାଟନା |
| ୦୫୨୨୦ | ଆନନ୍ଦ ବିହାର | ୦୮:୦୦ | ମୁଜାଫରପୁର |
| ୦୪୦୬୨ | ଆନନ୍ଦ ବିହାର | ୦୯:୦୦ | ବରୌନୀ |
| ୦୩୪୮୪ | ନୂଆଦିଲ୍ଲୀ | ୧୦:୩୦ | ଭାଗଲପୁର |
| ୦୨୩୯୪ | ନୂଆଦିଲ୍ଲୀ | ୧୩:୨୦ | ପାଟନା |
| ୦୨୫୨୬ | ଆନନ୍ଦ ବିହାର | ୧୭:୨୦ | କାମାକ୍ଷା ଜଙ୍କସନ୍ |
| ୦୪୦୩୮ | ଦିଲ୍ଲୀ | ୧୯:୧୦ | ଆଜମଗଡ଼ |
| ୦୪୪୯୮ | ଆନନ୍ଦ ବିହାର | ୧୯:୩୦ | ବଲିଆ |
| ୦୨୩୯୨ | ଆନନ୍ଦ ବିହାର | ୨୩:୨୦ | ପାଟନା |
| ୦୪୦୭୫ | ନୂଆଦିଲ୍ଲୀ | ୨୩:୪୫ | ଶ୍ରୀ ମାତା ବୈଷ୍ଣୋଦେବୀ କଟଡା |
| **ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୩୪୬୬ | ଦୀଘା | ୦୫:୦୦ | ମାଲ୍‌ଦା ଟାଉନ୍ ରେଳ ଷ୍ଟେଶନ |
| ୦୩୪୧୩ | ମାଲ୍‌ଦା ଟାଉନ୍ ରେଳ ଷ୍ଟେଶନ | ୦୭:୧୦ | ନୂଆଦିଲ୍ଲୀ |
| ୦୫୭୪୨ | ନ୍ୟୁ ଜଲପାଇଗୁଡ଼ି | ୦୮:୦୦ | ଗୋମତୀନଗର |
| ୦୩୪୧୭ | ମାଲ୍‌ଦା ଟାଉନ୍ ରେଳ ଷ୍ଟେଶନ | ୧୨:୨୦ | ଉଧ୍‌ନା |
| ୦୭୨୨୨ | ସାନ୍ତ୍ରାଗାଛି ଜଙ୍କସନ୍ ରେଳ ଷ୍ଟେଶନ | ୧୨:୨୦ | ସିକନ୍ଦରାବାଦ |
| ୦୩୫୦୩ | ଆସାନସୋଲ | ୧୩:୧୫ | ପାଟନା |
| ୦୫୦୫୧ | କୋଲକାତା ଚିତପୁର | ୧୩:୨୦ | ଗୋରଖପୁର |
| ୦୨୦୨୩ | ହାଓଡା | ୧୪:୧୫ | ପାଟନା |
| ୦୩୫୦୧ | ଆସାନସୋଲ | ୧୪:୩୦ | ଗୀର |
| ୦୩୦୦୭ | ହାଓଡା | ୧୮:୦୦ | ଖାତିପୁରା |
| ୦୩୧୨୩ | କୋଲକାତା ଚିତପୁର | ୨୩:୫୦ | ପାଟନା |
| ୦୫୯୩୧ | କୋଲକାତା ଚିତପୁର | ୨୩:୫୦ | ଡିବ୍ରୁଗଡ଼ |
| **ଗୁଜରାଟରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୯୪୫୭ | ଅହମ୍ମଦାବାଦ | ୦୮:୨୫ | ଦାନାପୁର |
| ୦୫୧୧୬ | ଉଧ୍‌ନା | ୧୦:୦୦ | ଛପରା |
| ୦୯୦୪୧ | ଉଧ୍‌ନା | ୧୧:୧୫ | ଛପରା |
| ୦୫୦୧୮ | ଉଧ୍‌ନା | ୧୫:୦୦ | ମଉ |
| ୦୫୦୨୫ | ଉଧ୍‌ନା | ୧୫:୦୦ | ମଉ |
| ୦୯୦୫୬ | ଉଧ୍‌ନା | ୧୬:୧୫ | ବାନ୍ଦ୍ରା ଟର୍ମିନସ୍ |
| ୦୯୪୯୩ | ଅହମ୍ମଦାବାଦ | ୧୬:୩୫ | ପାଟନା |
| ୦୯୦୫୭ | ଉଧ୍‌ନା | ୨୦:୦୦ | ମାଙ୍ଗାଲୁରୁ ଜଙ୍କସନ୍ |
| ୦୯୪୩୬ | ଓଖା | ୨୩:୫୦ | ଗାନ୍ଧୀଗ୍ରାମ |
| **ହରିୟାଣାରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୪୭୨୩ | ହିସାର | ୦୫:୫୦ | ପୁଣେ |
| ୭୦୫୬ | ହିସାର | ୧୨:୩୫ | କାଚେଗୁଡ଼ା |
| ୯୬୪୦ | ରୋହତକ | ୧୩:୨୦ | ମୁମ୍ବାଇ ଦାଦର ଜଙ୍କସନ୍ |
| ୯୭୩୪ | ଭିୱାନୀ | ୧୬:୦୫ | ଜୟପୁର |
| **ଝାଡ଼ଖଣ୍ଡରୁ ଚାଲୁଥିବା ଟ୍ରେନ୍** | | | |
| ୦୨୮୩୧ | ଧାନବାଦ | ୧୬:୦୦ | ଭୁବନେଶ୍ୱର |
| ୦୮୬୨୫ | ରାଞ୍ଚି | ୧୮:୦୦ | ପୂର୍ଣ୍ଣିଆ କୋର୍ଟ ରେଳ ଷ୍ଟେଶନ |
| **ଜମ୍ମୁ କଶ୍ମୀରରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୯୩୨୨ | ଶ୍ରୀ ମାତା ବୈଷ୍ଣୋଦେବୀ କଟଡା | ୨୧:୪୦ | ଡାକ୍ତର ଆମ୍ବେଦକର ନଗର ମହୁ |
| ୦୩୩୧୦ | ଜମ୍ମୁ ତାୱି | ୨୩:୨୫ | ଧାନବାଦ |
| ୦୪୬୨୪ | ଶ୍ରୀ ମାତା ବୈଷ୍ଣୋଦେବୀ କଟଡା | ୨୩:୪୫ | ବାରାଣସୀ |
| **କର୍ଣ୍ଣାଟକରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୬୨୦୯ | କ୍ରାନ୍ତିବୀର ସଂଗୋଲ୍ଲି ରାୟାଣ୍ଣ | ୦୭:୩୦ | ଚେନ୍ନାଇ ସେଣ୍ଟ୍ରାଲ |
| ୦୬୫୩୪ | କାରବାର | ୦୯:୩୫ | ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁ |
| ୦୧୬୮୬ | କାରବାର | ୧୨:୦୦ | ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁ |
| ୦୭୩୩୫ | ବେଲଗାଭି | ୧୨:୩୦ | ମନ୍ନୁଗୁରୁ |
| ୦୭୩୧୨ | ମାଳନ | ୧୩:୦୦ | ଶ୍ରୀ ସିଦ୍ଧାରୂଢ଼ ସ୍ୱାମୀଜୀ ହୁବଲୀ ଜଙ୍କସନ୍ ରେଳ ଷ୍ଟେଶନ |
| ୦୬୫୫୦ | ବେଲଗାଭି | ୧୭:୩୦ | ଯଶବନ୍ତପୁର |
| ୦୬୫୬୮ | ବିଜୟପୁରା | ୧୯:୦୦ | ମହୀଶୂର |
| ୦୬୨୩୫ | ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁ | ୨୩:୦୦ | ଦାନାପୁର |
| ୦୩୨୪୨ | ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁ | ୨୩:୫୦ | ଦାନାପୁର |
| **କେରଳରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୬୦୪୨ | କୋଚୁଭେଲି | ୧୮:୪୦ | ମାଙ୍ଗାଲୋର୍ ଜଙ୍କସନ୍ |
| **ମହାରାଷ୍ଟ୍ରରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୯୦୪୩ | ବାନ୍ଦ୍ରା ଟର୍ମିନସ୍ | ୦୦:୦୫ | ଗୋରଖପୁର |
| ୦୪୮୦୮ | ପୁଣେ | ୦୦:୩୦ | ଯୋଧପୁର |
| ୦୯୬୩୯ | ମୁମ୍ବାଇ ଦାଦର ଜଙ୍କସନ୍ | ୦୪:୩୦ | ରୋହତକ |
| ୦୨୫୮୮ | ଲୋକମାନ୍ୟ ତିଲକ ଟର୍ମିନାଲ୍ | ୦୬:୧୫ | ଗୋରଖପୁର |
| ୦୧୪୧୫ | ପୁଣେ | ୦୬:୫୦ | ଗୋରଖପୁର |
| ୦୭୬୦୬ | ଅକୋଲା | ୦୮:୨୦ | ତିରୁପତି |
| ୦୯୦୫୫ | ବାନ୍ଦ୍ରା ଟର୍ମିନସ୍ | ୦୯:୫୦ | ଉଧ୍‌ନା |
| ୦୧୧୪୩ | ଲୋକମାନ୍ୟ ତିଲକ ଟର୍ମିନାଲ୍ | ୧୦:୩୦ | ଦାନାପୁର |
| ୦୯୧୮୫ | ମୁମ୍ବାଇ ସେଣ୍ଟ୍ରାଲ | ୧୧:୦୫ | କାନପୁର ଅନୱରଗଞ୍ଜ |
| ୦୧୧୨୩ | ଲୋକମାନ୍ୟ ତିଲକ ଟର୍ମିନାଲ୍ | ୧୨:୧୫ | ଗୋରଖପୁର |
| ୦୭୬୮୬ | ପନଭେଲ | ୧୨:୪୫ | ହଜୁର ସାହିବ ନାନ୍ଦେଡ଼ ରେଳ ଷ୍ଟେଶନ |
| ୦୭୧୯୮ | ଦାଦର | ୧୩:୨୫ | କାଜିପେଟ ଜଙ୍କସନ୍ |
| ୦୧୦୨୭ | ଦାଦର | ୧୪:୦୫ | ଗୋରଖପୁର |
| ୦୯୬୫୪ | ମୁମ୍ବାଇ ବାନ୍ଦ୍ରା ଟର୍ମିନସ୍ | ୧୪:୩୦ | ଅଜମେର |
| ୦୧୨୦୫ | ପୁଣେ | ୧୫:୫୦ | ଦାନାପୁର |
| ୦୧୨୧୦ | ପୁଣେ | ୧୫:୫୦ | ନାଗପୁର |
| ୦୫୫୮୬ | ଲୋକମାନ୍ୟ ତିଲକ ଟର୍ମିନାଲ୍ | ୧୬:୩୫ | ରକ୍ସୌଲ |
| ୦୧୯୨୩ | ହଡପସର | ୧୯:୧୦ | ବିଜିଏଲ୍ ଝାନ୍‌ସୀ |
| ୦୪୭୧୬ | ସାଇନଗର ଶିରିଡ଼ି | ୧୯:୩୫ | ବିକାନେର |
| ୦୧୪୮୧ | ପୁଣେ | ୧୯:୫୫ | ଦାନାପୁର |
| ୦୯୦୯୭ | ବାନ୍ଦ୍ରା ଟର୍ମିନସ୍ | ୨୧:୫୦ | ଶ୍ରୀ ମାତା ବୈଷ୍ଣୋ ଦେବୀ କଟଡା |
| ୦୩୪୨୬ | ପୁଣେ | ୨୨:୦୦ | ମାଲଦା ଟାଉନ୍ ରେଳ ଷ୍ଟେଶନ |
| ୦୧୦୭୯ | ଛତ୍ରପତି ଶିବାଜୀ ଟର୍ମିନାଲ୍ | ୨୨:୩୦ | ଗୋରଖପୁର |
| ୦୫୦୭୦ | ପନଭେଲ | ୨୩:୨୦ | ଛପରା |
| **ମଧ୍ୟପ୍ରଦେଶରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୯୩୧୪ | ଭୋପାଳ | ୦୨:୧୦ | ଉଜ୍ଜୈନ |
| ୦୯୩୦୯ | ଇନ୍ଦୋର | ୧୭:୦୦ | ହଜରତ ନିଜାମୁଦ୍ଦିନ |
| ୦୯୩୧୩ | ଉଜ୍ଜୈନ | ୨୧:୦୦ | ଭୋପାଳ |
| **ଓଡ଼ିଶାରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୮୪୧୯ | ପୁରୀ | ୧୩:୩୦ | ଜୟନଗର |
| ୦୭୪୩୨ | ବ୍ରହ୍ମପୁର | ୧୬:୪୫ | ହଜୁର ସାହିବ ନାନ୍ଦେଡ଼ ରେଳ ଷ୍ଟେଶନ |
| ୦୨୮୩୨ | ଭୁବନେଶ୍ୱର | ୨୦:୫୫ | ଧାନବାଦ |
| ୦୮୫୩୫ | ଭୁବନେଶ୍ୱର | ୨୨:୩୦ | ବିଶାଖାପାଟଣା |
| **ପଞ୍ଜାବ ଓ ଚଣ୍ଡିଗଡ଼ରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୪୬୫୬ | ଲୁଧିଆନା | ୦୬:୩୦ | କୋଲକାତା ଚିତପୁର |
| ୦୪୨୧୨ | ଚଣ୍ଡିଗଡ଼ | ୦୯:୩୦ | ବାରାଣସୀ |
| ୦୪୬୬୧ | ଅମୃତସର | ୨୦:୧୦ | ସହର୍ସା |
| ୦୪୫୫୪ | ଅମ୍ବାଲା କ୍ୟାଣ୍ଟ | ୨୦:୨୦ | ସହାରନପୁର |
| **ରାଜସ୍ଥାନରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୯୭୨୧ | ଜୟପୁର | ୦୬:୧୫ | ଉଦୟପୁର |
| ୦୯୬୨୧ | ଅଜମେର | ୦୬:୩୫ | ମୁମ୍ବାଇ ବାନ୍ଦ୍ରା ଟର୍ମିନସ୍ |
| ୦୯୭୩୩ | ଜୟପୁର | ୦୭:୦୦ | ଭିୱାନୀ |
| ୦୪୭୦୬ | ଜୟପୁର | ୧୩:୦୫ | ଶ୍ରୀ ଗଙ୍ଗାନଗର |
| ୦୫୬୩୫ | ଶ୍ରୀ ଗଙ୍ଗାନଗର | ୧୩:୨୦ | ଗୁଆହାଟୀ |
| ୦୯୬୧୯ | ମଦାର ଜଙ୍କସନ୍ | ୧୩:୫୦ | ରାଞ୍ଚି |
| ୦୯୭୨୨ | ଉଦୟପୁର | ୧୫:୦୫ | ଜୟପୁର |
| ୦୭୧୧୬ | ଜୟପୁର | ୧୫:୨୦ | ହାଇଦ୍ରାବାଦ |
| ୦୪୮୧୫ | ଯୋଧପୁର | ୧୭:୩୦ | ମଉ |
| ୦୬୧୮୨ | ଭଗତ କି କୋଠୀ | ୧୯:୦୦ | କୋଏମ୍ବାଟୁର |
| ୦୯୮୦୩ | କୋଟା | ୨୧:୨୫ | ଦାନାପୁର |
| ୦୫୫୩୮ | ଦୌରାଇ | ୨୩:୪୫ | ଦରଭଙ୍ଗା |
| ୦୫୨୭୪ | ଦୌରାଇ | ୨୩:୪୫ | ଦରଭଙ୍ଗା |
| ୦୪୭୦୫ | ଶ୍ରୀ ଗଙ୍ଗାନଗର | ୨୩:୪୫ | ଜୟପୁର |
| **ତାମିଲନାଡୁରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୭୪୩୬ | ନାଗରକୋଇଲ | ୦୦:୩୦ | କାଚେଗୁଡ଼ା |
| ୦୭୧୯୦ | ଇରୋଡ | ୦୫:୧୫ | ହଜୁର ସାହିବ ନାନ୍ଦେଡ଼ ରେଳ ଷ୍ଟେଶନ |
| ୦୯୪୨୦ | ତିରୁଚିରାପଲ୍ଲୀ | ୦୫:୪୦ | ଅହମ୍ମଦାବାଦ |
| ୦୮୫୫୮ | ଚେନ୍ନାଇ ଏଗମୋର | ୧୦:୦୦ | ବିଶାଖାପାଟଣା |
| ୦୬୨୧୦ | ଚେନ୍ନାଇ ସେଣ୍ଟ୍ରାଲ | ୧୬:୦୦ | କ୍ରାନ୍ତିବୀର ସଂଗୋଲ୍ଲି ରାୟାଣ୍ଣ |
| ୦୬୦୩୦ | ତିରୁନେଲଭେଲି | ୧୯:୦୦ | ମେଟ୍ଟୁପଲାୟମ୍ |
| ୦୬୦୧୨ | ନାଗରକୋଇଲ | ୨୩:୧୫ | ତାମ୍ବରମ୍ |
| **ତ୍ରିପୁରାରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୧୦୬୬ | ଅଗରତାଲା | ୧୫:୧୦ | ଛତ୍ରପତି ଶିବାଜୀ ଟର୍ମିନାଲ୍ |
| **ତେଲଙ୍ଗାନାରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୩୨୨୬ | ସିକନ୍ଦରାବାଦ | ୧୦:୦୦ | ଦାନାପୁର |
| ୦୭୩୩୬ | ମନ୍ନୁଗୁରୁ | ୧୫:୪୦ | ବେଲଗାଭି |
| ୦୭୦୯୭ | ସିକନ୍ଦରାବାଦ | ୧୬:୩୫ | ବିଶାଖାପାଟଣା |
| ୦୭୦୩୧ | ସିକନ୍ଦରାବାଦ | ୨୦:୪୫ | ହଜରତ ନିଜାମୁଦ୍ଦିନ୍ |
| ୦୭୬୯୧ | କାଚେଗୁଡ଼ା | ୨୨:୦୦ | ଡିବ୍ରୁଗଡ଼ |
| ୦୫୩୦୪ | ମହବୁବନଗର | ୨୨:୧୦ | ଗୋରଖପୁର |
| **ଉତ୍ତରାଖଣ୍ଡରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୪୩୭୨ | ଡେରାଡୁନ୍ | ୧୮:୧୫ | ଲକ୍ଷ୍ନୌ |
| **ଉତ୍ତରପ୍ରଦେଶରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୩୧୦୮ | ଲକ୍ଷ୍ନୌ | ୦୧:୨୫ | ସିଆଲଦା |
| ୦୪୫୫୩ | ସାହାରନପୁର | ୦୪:୪୦ | ଅମ୍ବାଲା କ୍ୟାଣ୍ଟ |
| ୦୪୨୧୭ | ବାରାଣସୀ | ୦୬:୨୫ | ଲକ୍ଷ୍ନୌ |
| ୦୨୫୭୬ | ଗୋରଖପୁର | ୦୮:୩୦ | ହାଇଦ୍ରାବାଦ |
| ୦୩୫୦୮ | ନୌତନୱା | ୦୮:୪୦ | ଆସାନସୋଲ |
| ୦୩୧୩୨ | ଗୋରଖପୁର | ୧୧:୩୦ | ସିଆଲଦା |
| ୦୨୨୭୫ | ପ୍ରୟାଗରାଜ | ୧୩:୦୦ | ନୂଆଦିଲ୍ଲୀ |
| ୦୫୦୪୫ | ଲାଲ୍ କୁଆଁ | ୧୩:୧୦ | ରାଜକୋଟ |
| ୦୪୩୭୧ | ଲକ୍ଷ୍ନୌ | ୧୩:୧୦ | ଡେରାଡୁନ୍ |
| ୦୨୨୭୦ | ଲକ୍ଷ୍ନୌ | ୧୪:୧୫ | ଛପରା |
| ୦୧୦୮୦ | ଗୋରଖପୁର | ୧୪:୩୦ | ଛତ୍ରପତି ଶିବାଜୀ ଟର୍ମିନାଲ୍ |
| ୦୪୧୨୩ | ପ୍ରୟାଗରାଜ | ୧୪:୩୦ | ହଜରତ ନିଜାମୁଦ୍ଦିନ୍ |
| ୦୧୦୨୬ | ବରୌନୀ | ୧୫:୧୫ | ଦାଦର |
| ୦୪୨୧୮ | ଲକ୍ଷ୍ନୌ | ୧୬:୩୦ | ବାରାଣସୀ |
| ୦୪୦୪୩ | ଗୋରଖପୁର | ୧୭:୨୫ | ଆନନ୍ଦ ବିହାର |
| ୦୧୪୧୬ | ଗୋରଖପୁର | ୧୭:୩୦ | ପୁଣେ |
| ୦୪୦୭୯ | ବାରାଣସୀ | ୧୮:୨୦ | ଦିଲ୍ଲୀ |
| ୦୯୬୫୮ | ବରହାନୀ | ୧୯:୧୫ | ଦୌରାଇ |
| ୦୫୦୦୧ | ଗୋରଖପୁର | ୧୯:୩୦ | ନୂଆଦିଲ୍ଲୀ |
| ୦୫୦୨୩ | ଗୋରଖପୁର | ୨୧:୧୫ | ଆନନ୍ଦ ବିହାର |
| ୦୯୧୯୬ | ମଉ | ୨୩:୧୫ | ଭଦୋଦରା |
| ୦୪୧୩୧ | ପ୍ରୟାଗରାଜ | ୨୩:୩୦ | ଏସ୍‌ଏମ୍‌ଭିଟି, ବେଙ୍ଗାଲୁରୁ |
| **ଗୋଆରୁ ସ୍ୱତନ୍ତ୍ର ଟ୍ରେନ୍** | | | |
| ୦୧୧୪୦ | ମଡଗାଓଁ ଜଙ୍କସନ୍ | ୧୯:୦୦ | ନାଗପୁର |

ଭାରତୀୟ ରେଳ
www.indianrailways.gov.in
ଆମକୁ ଫଲୋ କରନ୍ତୁ /RailMinindia

ଧରିତ୍ରୀ
DHARITRI
ଧରିତ୍ରୀ 50 Years



# ଦନ୍ତାକୁ ୧୦୦ ମିଟର ଘୋଷାରିନେଲା ଟ୍ରେନ୍

## ହାତୀ କରିଡରରେ ରେଳ ଚଳାଚଳ ନିୟମକୁ ଅଣଦେଖା

**ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ସଦର ରେଞ୍ଜର ମେରାମଣ୍ଡଳି ରେଳଷ୍ଟେଶନ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ମାଲବାହୀ ଟ୍ରେନ୍ ଧକ୍କାରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ହାତୀ କରିଡର ଅଞ୍ଚଳରେ ସନ୍ଧ୍ୟା ୬ରୁ ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ଟ୍ରେନ୍ ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଯିବା କଥା। ଏଥିପାଇଁ ଏକ କସନ୍ ମେସେଜ୍ ଦିଆଯାଇଥାଏ। କିନ୍ତୁ ତାହାକୁ ଚାଳକ ନ ମାନି ଦ୍ରୁତଗତିରେ ଟ୍ରେନ ଚଳାଇଥିଲେ। ଫଳରେ ରେଳଧାରଣା ପାର ହେଉଥିବା ଦନ୍ତାହାତୀକୁ ଟ୍ରେନ୍‌ଟି ଧକ୍କାଦେଇ ପ୍ରାୟ ୧୦୦ ମିଟର ଘୋଷାରି ନେଇଥିଲା ବୋଲି ସେହି ରାତିରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ କହୁଛନ୍ତି।**

**ଢେଙ୍କାନାଳ,୨।୧୧(ରତନ ନାୟାର)**



ଜେସିବି ଲଗାଇ ମୃତ ଦନ୍ତାହାତୀକୁ ଉଠାଯାଉଛି।

ହାତୀଙ୍କ ସୁରକ୍ଷିତ ଚଳପ୍ରଚଳକୁ ଗୁରୁତ୍ୱ ଦିଆଯାଇ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଚଲାପଥ (ହାତୀ କରିଡର) ଚିହ୍ନଟ ହୋଇଛି। ଏହି କରଡର ଅଞ୍ଚଳରେ ପ୍ରତ୍ୟହ ସନ୍ଧ୍ୟା ୬ରୁ ସକାଳ ୬ଟା ଟ୍ରେନଗୁଡ଼ିକ ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଯିବା ନିୟମ ରହିଛି। ବନ କର୍ମଚାରୀଙ୍କ ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ୪୯ଟି ହାତୀ ମେରାମଣ୍ଡଳି ରେଳଷ୍ଟେଶନ ନିକଟରେ ରେଳଧାରଣା ପାର୍ ହେଉଥିଲେ। ୧୨ରୁ ୧୫ ବର୍ଷର ଦନ୍ତା ହାତୀଟି ପଛରେ ପାର୍‌ହେବା ସମୟରେ ତାଳଚେର ଆଡୁ ଦ୍ରୁତଗତିରେ କୋଇଲା ବୋଝେଇ କରି ଆସୁଥିବା ମାଲବାହୀ ଟ୍ରେନ୍‌ଟି ଧକ୍କା ଦେଇଥିଲା। ନିୟମ ଅନୁଯାୟୀ ବେଗ ରହିଥିଲେ ହାତୀକୁ ଦେଖି ଟ୍ରେନ ଅଟକି ପାରିଥାନ୍ତା। କିନ୍ତୁ ଦ୍ରୁତଗତି ଯୋଗୁ ଟ୍ରେନ୍‌ଟି ଧକ୍କାଦେଇ ଘୋଷାରି ନେବାରୁ ହାତୀର ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟିହୋଇ ଘଟଣାସ୍ଥଳରେ ତା'ର ମୃତ୍ୟୁ ଘଟିଥିଲା।

ଖବରପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଖୋରା, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ବନ ବିଭାଗର ଅଧିକାରୀ ଓ ମୋଟଙ୍ଗା ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ଦୁର୍ଘଟଣା ପରେ ଉକ୍ତ ରେଳ ଧାରଣା ଦେଇ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ମୃତ ହାତୀକୁ ଜେସିବି ଲଗାଇ ରେଳଧାରଣାରୁ ଉଠାଇବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ହାତୀଟିକୁ ଜେସିବିରେ ଉଠାଉଥିବା ବେଳେ ଆଉ ଏକ ଦନ୍ତାହାତୀ ହଠାତ୍ ରେଳଧାରଣା ପାରହେବା ସମସ୍ତଙ୍କୁ ଚକିତ କରିଦେଇଥିଲା। ପ୍ରାଣୀ ଚିକିତ୍ସକମାନଙ୍କ ସହଯୋଗରେ ହାତୀର ମୃତଦେହ ବ୍ୟବଚ୍ଛେଦ କରାଯାଇ ଘଟଣାସ୍ଥଳ ନିକଟରେ ପୋତି ☞ପୃଷ୍ଠା-୨

## ବିଦ୍ୟୁତ୍ ଫାଶରେ ହାତୀ ମୃତ୍ୟୁ

**ପାଟଣାଗଡ଼,୨।୧୧(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ରେଞ୍ଜ ଲରମ୍ବା ସେକ୍ସନ ଅଧୀନ ଗଡ଼ିଆଜୋର ଗାଁ ମହାଦାସାନି ପାହଡ଼ ପାଦଦେଶରେ ଥିବା ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ରାତିରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଶିକାରୀମାନେ ବାର୍‌ହା ଶିକାର ପାଇଁ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ☞ପୃଷ୍ଠା-୨



## ଟ୍ରେଲରକୁ ଭ୍ୟାନ୍ ଧକ୍କା: ୫ ମୃତ



ଟ୍ରେଲରକୁ ପଛରୁ ଭ୍ୟାନ୍ ଧକ୍କାଦେଇ ଚୂରମାର ହୋଇଛି।

**ସୁନ୍ଦରଗଡ଼/ହେମଗିର,୨।୧୧**
**(ଜୟନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ବିଲେଇମୁଣ୍ଡା ଓ ଟପରିଆ ପୂର୍ତ୍ତ ବିଭାଗ ରାସ୍ତାର କନ୍ଧାଧୁଡ଼ା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇଥିବା ଏକ ଟ୍ରେଲରକୁ ପଛରୁ ଭ୍ୟାନ୍ ଧକ୍କାଦେବାରୁ ୫ଜଣଙ୍କ ଜୀବନ ଯାଇଛି। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିବା ଫଳରେ ରାତି ପର୍ଯ୍ୟନ୍ତ ବିଲେଇମୁଣ୍ଡା ଓ ଟପରିଆ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ମୃତକମାନେ ହେଲେ କନ୍ଧାଧୁଡ଼ା ଗ୍ରାମର ଭୋଟ ପ୍ରଧାନ, ଯୋଗେଶ୍ୱର କିଷାନ, ଜନୈକ ମାଝି, ସମରପିଣ୍ଡା ଗ୍ରାମର ପାଲେଶ୍ୱର ସା ଓ ଚକାବାହାଲ ଗ୍ରାମର ଡୁଲାମଣି ସିଦାର। ଏମାନଙ୍କ ମଧ୍ୟରେ ଡୁଲାମଣି ଉକ୍ତ ଭ୍ୟାନ୍‌ର ଡ୍ରାଇଭର। କନ୍ଧାଧୁଡ଼ା ଓ ଯୋଗେଶ୍ୱର ଗ୍ରାମର ୯ଜଣ ପଡ଼ୋଶୀ ଛତିଶଗଡ଼ର ଚକାବାହାଲକୁ ସଂକୀର୍ତ୍ତନ ପରିବେଷଣ ଲାଗି ମାରୁତି ଭ୍ୟାନ୍ ଭଡ଼ାକରି ଯାଇଥିଲେ। ଶୁକ୍ରବାର ରାତିରେ ଉକ୍ତ ଭ୍ୟାନ୍ ଓଡି ୧୭ଇ ୪୮୪୩ରେ ନିଜ ଗ୍ରାମକୁ ଫେରୁଥିଲେ। କନ୍ଧାଧୁଡ଼ା ନିକଟରେ ରାସ୍ତାରେ ଛିଡ଼ାହୋଇଥିବା ଟ୍ରେଲର ଓଡି ୧୬ଏଲ୍ ୧୫୫୧ର ପଛରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଭ୍ୟାନ୍ ଚୂରମାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟମାନଙ୍କୁ ଉଦ୍ଧାର କରାଯାଇ ହେମଗିର ଓ ଛତିଶଗଡ଼ର ରାୟଗଡ଼ ଡାକ୍ତରଖାନା ନିଆଯାଇଥିଲା। ହେମଗିରରେ ୩ଜଣ ଓ ରାୟଗଡ଼ରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ୫ଜଣ ଗୁରୁତରଙ୍କୁ ହେମଗିରରୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଦୁର୍ଘଟଣାସ୍ଥଳରେ ହେମଗିର ପୋଲିସ ଓ ସୁନ୍ଦରଗଡ଼ ଏସ୍‌ଡିପିଓ ହିମାଂଶୁ ବେହେରା ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ଲୋକେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲକ୍ଷ୍ମୀ ବଜାର ବ୍ୟବସାୟ ସଂଘ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଲକ୍ଷ୍ମୀ ମଣ୍ଡପ, ଏଟିଏମ୍ ଛକ, ନୀଳାଦ୍ରି ବିହାର, ସମୟ: ସକାଳ ୯ଟା।
- ଗୋଦାବରୀଶ ସାହିତ୍ୟ ସଂସଦର ୬୭ତମ ବାର୍ଷିକ ଉତ୍ସବ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୮ତମ ଜୟନ୍ତୀ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲେଖିକା ସଂସଦର ସାହିତ୍ୟାଲୋଚନା, ସ୍ଥାନ: ରାଜଧାନୀ କଳା ସଂସଦ, ୟୁନିଟ୍-୩, ସମୟ: ଅପରାହ୍ନ ୪ଟା।
- ରାଜ୍ୟ ଯୋଗାଣ ଅଧିକାରୀଙ୍କ ବାର୍ଷିକ ସାଧାରଣ ସଭା, ସ୍ଥାନ: ଇଞ୍ଜିନିୟର୍ସ ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଲାୟନ୍ସ କ୍ଲବର ଗୀତ ପ୍ରତିଯୋଗିତା, ସ୍ଥାନ: ଗୁରୁ କେଲୁଚରଣ ଡ୍ୟାନ୍ସ ଏକାଡେମୀ, ସମୟ: ଅପରାହ୍ନ ୫ଟା।
- ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ କୃଷ୍ଣକଥା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୪୫।
- ୨୭ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ନିକୁଞ୍ଜ ବିହାରୀ ମନ୍ଦିର ପରିସର, ବାଲିଅନ୍ତା, ସମୟ: ରାତି ୭ଟା।

## ପୁରୀ

- ଲିଟଲଷ୍ଟାର ଗ୍ରୁପ ପକ୍ଷରୁ ୨୩ତମ ଶିଶୁ ପ୍ରତିଭା ଉତ୍ସବ ଓ ବନ୍ଧୁମିଳନ ସମାରୋହ, ସ୍ଥାନ: ବାବା ଲୋକନାଥଙ୍କ ପୀଠ, ପାଟପୁର, ନିମାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଅଁଳା ନବମୀ ଅବସରରେ ଶ୍ରୀମଦ୍‌ଭାଗବତ କଥା, ସ୍ଥାନ: ହରିହରାନନ୍ଦ ଗୁରୁକୁଳମ୍, ବାଲିଘାଇ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ଶିବଶକ୍ତି ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ସମାରୋହ, ସ୍ଥାନ: ବାଉଁଶଗଡ଼ିଆ ମିନି ଷ୍ଟାଡ଼ିୟମ୍, ଖଇରା, ସମୟ: ଅପରାହ୍ନ ୩ଟା।
- ସାପ୍ତାହିକ କବିତା ପାଠ ଉତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମା' ଭଦ୍ରକାଳୀଙ୍କ ସିଂହବାହିନୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- କବି ବସନ୍ତ ମୁଦୁଲିଙ୍କ ୩୭ତମ ସ୍ମୃତି ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ ଜଳସୁଆଁ, ଆନନ୍ଦପୁର, ସମୟ: ସକାଳ ୭ ଟା।
- ରବି ଗ୍ରହଙ୍କ ମନ୍ଦିରରେ ପୂଜା ଏବଂ ହୋମ, ସ୍ଥାନ:ଡ଼ଅଁର,ହାଟଡିହୀ, ସମୟ:ସକାଳ ୭ ଟା।
- ମହାବୀର ସେବା ସଂଗଠନ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା, ସ୍ଥାନ: କେନ୍ଦୁଖୁଣ୍ଟା, ତରୁଆଁ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଶିବ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ:ହାବଳେଶ୍ୱର, ହାଟଡିହୀ, ସମୟ:ସନ୍ଧ୍ୟା ୬ ଟା।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଅଧାତ୍ମିକ ଆଲୋଚନା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ:କଳିଙ୍ଗା, ହାଟଡିହୀ, ସମୟ:ସନ୍ଧ୍ୟା ୬ଟା।
- ବାଦିପାଲା ଅନୁଷ୍ଠିତ, ସ୍ଥାନ: ନାଉକଣା ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୮ ଟା।
- ଶ୍ୟାମାକାଳୀଙ୍କ ପୂଜା ପାଇଁ ସମ୍ପର୍କ ମ୍ୟୁଜିକ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ବେଲବାହାଲି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଆନ୍ତଃରାଜ୍ୟ ଶିମିଳିପାଳ ଫୁଟବଲ କପ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ଭୋଳାଗଡ଼ିଆ, ଖୁଣ୍ଟା, ସମୟ: ପୂର୍ବାହ୍ନ ୧୦ ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଭାଗବତ ସପ୍ତାହ ପାଳନ ଉପଲକ୍ଷେ ଶୁଭାଧିବାସ, ସ୍ଥାନ: ବୁଗୁଡ଼ା କଦମ୍ବ ମଠ, ସମୟ: ସକାଳ ୭ଟା।
- ଶ୍ରୀମଦ ଭାଗବତ କଥା ଅବସରରେ କଳସ ଯାତ୍ରା, ସ୍ଥାନ: ପାତ୍ର କଲୋନୀ, ନୂଆଗାଁ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ

- ସତ୍ୟବାଦୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ, ସ୍ଥାନ:ହାଇସ୍କୁଲ ପରିସର, ମଙ୍ଗଳପୁର, ସଦର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଛେଣ୍ଡିପଦା ଖଇରବେରେଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ରାଇପାଳ), ସମୟ: ପୂର୍ବାହ୍ନ ୧୦ଟା।
- ଏକବିଂଶତମ ଶ୍ରୀମଦ୍‌ଭାଗବତ ପାରାୟଣ ସପ୍ତାହ, ସ୍ଥାନ: ଛେଣ୍ଡିପଦା ବ୍ଲକ ବାଗଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଶିବ ମନ୍ଦିରରେ ରତ୍ନମୁଦାଦି କର୍ମ ପାଇଁ ଶୁଭ ସ୍ଥାପନ ପୂଜା, ସ୍ଥାନ: ବାଲୁଙ୍କେଶ୍ୱର ମହାଦେବଙ୍କ ନବ ନିର୍ମିତ ମନ୍ଦିର ପରିସର, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମେଘମଲ୍ଲାର ଅନୁଷ୍ଠାନ ପକ୍ଷରୁ ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୩ଟା।
- ଜୁହାର ପରିବାର ପାରାଦୀପ ପକ୍ଷରୁ ନୁଆଁଖାଇ ଭେଟ୍‌ଘାଟ, ସ୍ଥାନ: ଇଫ୍‌କୋ ଅଡିଟୋରିୟମ, ପାରାଦୀପ, ସମୟ: ଅପରାହ୍ନ ୫ଟା।
- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସାଂସ୍କୃତିକ ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ,ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ବନ୍ଦର ସାଂସ୍କୃତିକ ମହୋତ୍ସବରେ ପାରାଦୀପ ପୌର ପରିଷଦ ପକ୍ଷରୁ ପ୍ରଯୋଜିତ ନାଟକ ମଞ୍ଚସ୍ଥ, ସ୍ଥାନ: ଜୟଦେବ ଭବନ,ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଧୂମାତ, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ଜଗରିଜୋର ଜନକଲ୍ୟାଣ ହାଟ ଓ ବ୍ୟବସାୟୀ କମିଟି ପକ୍ଷରୁ ମା' ଦକ୍ଷିଣ ଶ୍ୟାମାକାଳୀ ପୂଜା ଉପଲକ୍ଷେ ନୃତ୍ୟ, ସଙ୍ଗୀତ, କ୍ରିକେଟ, ଭଲି, କବାଡ଼ି ପ୍ରତିଯୋଗିତା, ସ୍ଥାନ: ଜଗରିଜୋର, ରାଜନଗର, ସମୟ: ଅପରାହ୍ନ ୩ଟା।
- ମା'ଶ୍ୟାମାକାଳୀଙ୍କ ପୂଜାତ୍ସୋବ, ସ୍ଥାନ:ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ପ୍ରଭାକରପୁର ବଜାର କମିଟି ପକ୍ଷରୁ ମା'ଶ୍ୟାମାକାଳୀଙ୍କ ପୂଜା, ସ୍ଥାନ: ପ୍ରଭାକରପୁର, ବଉଳକଣୀ, ମହାକାଳପଡ଼ା, ସମୟ:ରାତି ୮ଟା।

## ଯାଜପୁର

- ସମ୍ଭବ ସାହିତ୍ୟ ପତ୍ରିକାର ସ୍ୱନକ୍ଷତ୍ର ଉତ୍ସବ ଓ ପତ୍ରିକା ଉନ୍ମୋଚନ, ସ୍ଥାନ: ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଭାରତ ବିକାଶ ପରିଷଦର ନୟାଗଡ଼ ଶାଖା ଆନୁକୂଲ୍ୟରେ ପ୍ରାନ୍ତସ୍ତରୀୟ ଭାରତକୁ ଜାଣ ପ୍ରତିଯୋଗିତା , ସ୍ଥାନ:ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ୧୩ ତମ ଦିବସ ଈଶାନ ରୟାଲସ୍ ବନାମ ସ୍ୱୀକରାଶ ହରିଅରସ୍ ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍ ମ୍ୟାଚର ୧୩ତମ ଦିବସ ଦିପୁ କିଙ୍ଗ ବନାମ ରୟାଲ କିଙ୍ଗସ୍, ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଗିରି ଗୋର୍ଦ୍ଧନ ପୂଜା, ସ୍ଥାନ:ଖଣ୍ଡପଡ଼ା ବ୍ଲକର ପଥର ଦ୍ୱାର ପୂର୍ଣ୍ଣମାସୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ସମ୍ବଲପୁର

- ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମିଷ୍ଟର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥ କଲୋନୀସ୍ଥିତ ସାଇ ଶିକ୍ଷା ପରିଷଦ ସଭାକକ୍ଷ, ସମୟ : ସକାଳ ୮ଟା।
- ବୁର୍ଲା ସରକାରୀ ହାଇସ୍କୁଲର ପ୍ଲାଟିନମ ଜୁବୁଲି ଉପଲକ୍ଷେ ବିବିଧ ପ୍ରତିଯୋଗିତା, ସ୍ଥାନ : ସ୍କୁଲ ସଭା କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ବୈଠକ, ସ୍ଥାନ : ପଦ୍ମ ସମ୍ଭବ ମନ୍ଦିର, ସମୟ : ଅପରାହ୍ନ ୪ଟା।
- ମୁଦିପଡା ଗୁରୁଦ୍ୱାରା ପ୍ରବନ୍ଧକ କମିଟି ପକ୍ଷରୁ କିର୍ତ୍ତନ ସମାଗମ, ସ୍ଥାନ : ଗୁରୁନାନକ ପବ୍ଲିକ ସ୍କୁଲ ପ୍ରାଙ୍ଗଣ, ସମୟ : ଅପରାହ୍ନ ୫ଟା।

- ଆନ୍ତଃ କ୍ଲବ କବାଡ଼ି ଟୁର୍ନାମେଣ୍ଟ, ସ୍ଥାନ : ଜଗନ୍ନାଥ କଲୋନୀ ପାର୍କ, ସମୟ : ଅପରାହ୍ନ ୫ଟା ।
- ଅନ୍ନକୋଟ କାର୍ଯ୍ୟକ୍ରମ, ସ୍ଥାନ : ଗୋବିନ୍ଦତୋଲା ସ୍ଥିତ ରାଣୀସତୀ ମନ୍ଦିର, ସମୟ : ସନ୍ଧ୍ୟା ୭ଟା ୩୦ ।

## ସୁବର୍ଣ୍ଣପୁର

- ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ପ୍ରସ୍ତୁତି ବୈଠକ ଓ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ: ସକାଳ ୮ ଟା।
- ସୋନପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ମାସବ୍ୟାପୀ ଅଖଣ୍ଡ ନାମଯଜ୍ଞର ଷୋଡଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତାହ ପାରାୟଣର ଉଦ୍‌ଯାପନୀ, ସ୍ଥାନ: ମୟୂରକଟା ମଠ, ସାହାଜଲଥା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ସ୍ତରୀୟ ମା' ପଟ୍ଟେଇ ବୁଢ଼ୀ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଦିବସ, ସ୍ଥାନ: ଲାଡୁରପେଟ ଖେଳ ପଡିଆ,ବୀରମହାରାଜପୁର ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ବିନିକା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଳୀପୂଜାର ଭସାଣି ସ୍ଥାନ: ଉଫୁଲା,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ତ୍ରିପୁରାସୁର ରାଜର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ବଡ଼ଖମାର,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼

- ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବଗେଇବିରା, ବରଗଡ଼, ସମୟ: ସକାଳ ୮ଟା।
- ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ, ସମୟ: ସକାଳ ୮ଟା।
- ଲକ୍ଷ୍ମୀପୂଜା ଅବସରରେ ରାମଲୀଳା, ସ୍ଥାନ: ବସଷ୍ଟାଣ୍ଡ ପରିସର, ଗାଇସିଲେଟ, ସମୟ: ରାତି ୯ଟା।

## ରାଉରକେଲା

- ବିଜୟ କୁମାର ତାଣ୍ଡିଆ ଫୁଟବଲ ମେମୋରିଆଲ ଟୁର୍ନାମେଣ୍ଟ, ସ୍ଥାନ: ସେକ୍ଟର-୧୪, ରାଉରକେଲା, ସମୟ: ସକାଳ ୯ଟା ୩୦।
- ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଛେଣ୍ଡ ପ୍ରେସକିପ୍ସନ୍ ପଏଣ୍ଟ, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ ମେଳା, ସ୍ଥାନ ସେକ୍ଟର-୧୪, ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- କାଳି ମା'ଙ୍କ ପ୍ରାତଃହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳିପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଦେବଗଡ଼ ପ୍ରିମିୟର ଲିଗ ସିଜିନ ୨ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ, ସ୍ଥାନ: ନିକ୍ରିମାଳ ସିଦ୍ଧେଶ୍ୱର ମନ୍ଦିର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡ଼ି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ତିଲେଇବଣି ବ୍ଲକ କଂସର ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଧରଣୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ତାଳବାହାଲୀ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ତାଳ ବାହାଲୀ ଗ୍ରାମ, ସମୟ: ଅପରାହ୍ନ ୩ଟା।
- କାଳୀ ମା'ଙ୍କ ଦିବ୍ୟ ସନ୍ଧ୍ୟା ଆଳତୀ, ସ୍ଥାନ: ବାରକୋଟ କାଳିପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- କାଳୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ କଳା ପରିବେଷଣ, ଇସ୍ପାତ କଳା ପରିଷଦ, ରାଉରକେଲା, ସ୍ଥାନ: ପୂଜା ମଣ୍ଡପ ମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଖଡିଆଳ ଫୁଟ୍‌ବଲ ମହାକୁମ୍ଭ ପଞ୍ଚଦଶ ଦିବସ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଗିରି ଗୋବର୍ଦ୍ଧନ ପୂଜା, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ, ସମୟ: ସକାଳ ୮ଟା ୧୦।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ଗଉଡ ବାଡି ଖେଳ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଧୁମାଭଟା ଗାଁ, ସମୟ: ଅପରାହ୍ନ ୪ଟା ୩୦।
- ସୌର ସାହିତ୍ୟ ସଂସ୍କୃତି ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳ ପାଟଣା କ୍ଷତ୍ରୀୟ ଭବନ ମୁକ୍ତାପୁର, ସମୟ: ଅପରାହ୍ନ ୩ଟା।
- ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ମନୋରଞ୍ଜନ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ବଡମହେଶ୍ୱର ଗାଁ, ସମୟ: ରାତ୍ର ୧୦ଟା।

## ବୌଦ୍ଧ

- କରଞ୍ଜକଟାରେ ମା' କାଳୀଙ୍କ ଭସାଣି ଉତ୍ସବ, ସ୍ଥାନ: କରଞ୍ଜକଟା, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିଜା ନକ୍ଷତ୍ର କର୍ମାରମ୍ଭ ସକାଶେ ଯୋଜନା କରିବେ। ପାରିବାରିକ ସମସ୍ୟା ସମାଧାନ ଲାଗି ଜଣେ ପ୍ରିୟ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ଆବଶ୍ୟକତା ପୂରଣ ସକାଶେ କରଜ କରି କାମ ଚଳାଇ ନେବାର ଚେଷ୍ଟା କରିବେ। ପରିବହନ, ବ୍ୟବସାୟ ବାଣିଜ୍ୟ, ହୋଟେଲ, ରେଷ୍ଟୁରାଣ୍ଟ କ୍ଷେତ୍ରରେ ବିଶେଷ ସୁଫଳ ପ୍ରାପ୍ତି ହୋଇପାରେ।

**ବୃଷ** ପ୍ରତ୍ୟୁଷ ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ଗ୍ରହସ୍ଥିତି ବାଧକ ସାଜିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲ ରହିବା ସହ କର୍ମକ୍ଷେତ୍ରରେ ସ୍ଥଗିତ କାମ ଶେଷ କରିବେ। ପରିବାର ସମସ୍ୟା ଭିତରେ ଗତି କଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ। ମୃଗଶିରା ନକ୍ଷତ୍ର ମୂଲ୍ୟବାନ୍ ଜିନିଷ କ୍ରୟ ପାଇଁ ମନ ବଳାଇ ପାରନ୍ତି।

**ମିଥୁନ** ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିପାରେ। ଆରଦ୍ରା ନକ୍ଷତ୍ର ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାଧାରଣ କଥାକୁ ନେଇ ରାଗ ପଡ଼ିଥିବା ଅବୁଝା ବନ୍ଧୁଙ୍କୁ ବୁଝାଇ ମନାଇବା କଷ୍ଟକର ହୋଇପଡ଼ିବ।

**କର୍କଟ** ଆଜି ପ୍ରତ୍ୟେକ କାମ ସମାହିତ ହୋଇପାରିବ, କିନ୍ତୁ ପାରିବାରିକ ବିଷୟ ନେଇ ଡିପ୍ରେସନ ସୃଷ୍ଟି ହେବ। ଆପଣଙ୍କ ବିନୟ ବଚନ ପ୍ରଭାବରୁ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ପୁଷ୍ୟା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ବନ୍ଧୁ ଗହଣରେ ଆଲୋଚନାକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି।

**ସିଂହ** ଫେରନ୍ତା ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ବିଚଳିତ ହେବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସକାଶେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ମାନସିକ ସ୍ଥିତିକୁ ବିପନ୍ନ କରିପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**କନ୍ୟା** ପାରିବାରିକ ସହଯୋଗରେ ଚେଷ୍ଟା କରୁଥିବା କାମ ପାଇଁ ଖୋରାକି ମିଳିଯିବ। ଧର୍ମଚର୍ଚ୍ଚା, କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଲିପାରେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଧନ୍ୟ ମଣିବେ। ହସ୍ତା ନକ୍ଷତ୍ର ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହୋଇପାରନ୍ତି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ମନର ଅସନ୍ତୋଷକୁ ପରିପ୍ରକାଶ କରି ବନ୍ଧୁଙ୍କ ସହ ସମ୍ପର୍କ କ୍ଷୁଣ୍ଣ କରାଇବ। ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ଶିଳ୍ପ, ବାଣିଜ୍ୟ, ପରିବହନ ଓ କର୍ମାରମ୍ଭ କ୍ଷେତ୍ରରେ ସଫଳତା ମିଳିବ। ସ୍ୱାତୀ ନକ୍ଷତ୍ର ରଚନାତ୍ମକ କାମରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା** ମନ ଅନୁଯାୟୀ କାର୍ଯ୍ୟହାସଲ ନ ହେବା କାରଣରୁ ମନରେ ଅସ୍ଥିରତା ସୃଷ୍ଟି ହେବ। ଅନୁରାଧା ନକ୍ଷତ୍ର ଅର୍ଥନୈତିକ ଉନ୍ନତି, ସାମାଜିକ ପ୍ରଗତି, ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ହେତୁକ ଖୁସିରେ ରହିବେ। ବନ୍ଧୁମିଳନ, ନୂତନ ସମ୍ପର୍କ, ପ୍ରୀତିପ୍ରଦ ଆଲୋଚନାର ସୁଯୋଗ ପାଇବେ। ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜିବେ।

**ଧନୁ** ବିଗତ ଦିନର ଘଟଣାକୁ କେନ୍ଦ୍ରକରି ମନୋବଳ ହ୍ରାସ ପାଇବ। ଆଲୋଚନା ପରିସରରେ, ସଭାରେ, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ। ମୂଳା ନକ୍ଷତ୍ର ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବିବାଦୀୟ ଘଟଣାରେ ହସ୍ତକ୍ଷେପ କରିବା ଠିକ୍ ହେବ ନାହିଁ।

**ମକର** ଆଜି ଯେତେ ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବରେ ସମ୍ପନ୍ନ ହେବ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ, ଯାହାକି ଆପଣଙ୍କ ସମସ୍ୟାକୁ କମାଇ ଦେବ। ବନ୍ଧୁ ଠିକ୍ ସମୟରେ ନ ଫେରିବାରୁ ବ୍ୟସ୍ତ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ର ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିଯିବାରୁ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ସତ, ପ୍ରତିବଦଳରେ ଓଲଟା ଫଳ ପାଇବେ। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଘରୋଇ ବ୍ୟାପାର ନେଇ ଅଶାନ୍ତ ହେବେ। ପୂର୍ବଭାଦ୍ର ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଆନୁଷ୍ଠାନିକ କାର୍ଯ୍ୟ, ଜମିଜମା ବିବାଦରେ ଉପକୃତ ହେବେ।

**ମୀନ** ରେବତୀ ନକ୍ଷତ୍ର ପାଇଁ ଆଜିର ଯାତ୍ରା, ବ୍ୟବସାୟ, ପ୍ରତିଯୋଗିତା ଏବଂ ପ୍ରଶାସନିକ ଆଲୋଚନା ସମସ୍ୟା ମୁକ୍ତ ରହିବ। ପରିବାରରେ ବିଭିନ୍ନ ସମସ୍ୟାକୁ ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ।

ଆଜି ନଭେମ୍ବର ୩ ତାରିଖ, କାର୍ତ୍ତିକ ଶୁକ୍ଳପକ୍ଷର ଯମଦ୍ୱିତୀୟା ରବିବାର, ରାଶିନକ୍ଷତ୍ର-ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୩୭ ଗତେ ଘ.୦୮।୫୨ ମଧ୍ୟେ, ୧୨।୫୪ ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୩ ଗତେ ଘ.୦୫।୦୭ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ବିକାଶର ଅସମାନତା...

ଗତିଶୀଳ କରିବ। ଏହାପରେ ମୁଖ୍ୟମନ୍ତ୍ରୀ ୩୦୦ କୋଟିରୁ ଅଧିକ ଟଙ୍କା ପ୍ରକଳ୍ପ ମୂଲ୍ୟରେ ବେଲପଡ଼ା ବ୍ଲକ୍‌ର ଅପର ଲାନ୍ଥ ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ଯେଉଁ ବ୍ଲକ୍‌ରେ ଜଳସେଚନ ହାର କମ୍ ଅଛି ସେ ସବୁ ବ୍ଲକ୍‌ରେ ଅଧିକରୁ ଅଧିକ ଜଳସେଚନ ସୁବିଧା ସୃଷ୍ଟି କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଅପର ଲାନ୍ଥ ପ୍ରକଳ୍ପ ଏହି ପଦକ୍ଷେପର ଅଂଶବିଶେଷ। ଆଜିଠାରୁ ଆରମ୍ଭ ହେଲା ବଲାଙ୍ଗୀର ବିକାଶର ଧାରା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲା ପରେ ଉଭୟ ଖରିଫ ଏବଂ ରବି ଋତୁରେ ୧୫ ହଜାର ଏକରରୁ ଅଧିକ ଜମି ଜଳସେଚିତ ହେବ ଏବଂ ଏହାଦ୍ୱାରା ବେଲପଡ଼ା ବ୍ଲକ୍‌ର ୨୫ଟି ଗାଁର ୩୮ ହଜାରରୁ ଅଧିକ ଚାଷୀ ଉପକୃତ ହେବେ। କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଏଣିକି ଚାଷୀମାନେ ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ଟଙ୍କା ପାଇବେ। ଧାନ ବିକ୍ରିରେ କଟ୍‌ନୀ ଛଟ୍‌ନୀ ରହିବ ନାହିଁ। ବେଲପଡ଼ା ବ୍ଲକ୍ ତଥା ବଲାଙ୍ଗୀର ଜିଲାର ପାଣି ସମସ୍ୟାର ସମାଧାନ ଲାଗି ଉଦ୍ଦିଷ୍ଟ ପାନୀୟ ଜଳ ପ୍ରକଳ୍ପ ଗୋଟିଏ ବଳିଷ୍ଠ ପଦକ୍ଷେପ। ଏହାକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରାଯିବ। ଲୋୟର ସୁକତେଲ ପ୍ରକଳ୍ପର ଟଙ୍କା ବାଟମାରଣା ଭଳି ଭୁଲ୍ ଆମ ସରକାରରେ ହେବ ନାହିଁ। ଅପର ଲାନ୍ଥ ଜଳସେଚନ ପ୍ରକଳ୍ପ ବେଲପଡ଼ା ତଥା ବଲାଙ୍ଗୀର ଜିଲାରେ ସେଚ ବିପ୍ଳବ ଆଣିବ। ଲାନ୍ଥ ନଦୀ ଉପରେ ୨୪୯୫ ମିଟର ଲମ୍ବ ଡ୍ୟାମ୍‌ରେ ଜଳ ବିଦ୍ୟୁତ୍ ଶକ୍ତି ୟୁନିଟ୍ ଦ୍ୱାରା ୨୧୦ କିଲୋୱାଟ୍ ବିଜୁଳି ଉତ୍ପାଦନ ପାଇଁ ବ୍ୟବସ୍ଥା ମଧ୍ୟ ହେବ। ଏହି ପ୍ରକଳ୍ପ ପାଇଁ ଅର୍ଥର ଅଭାବ ରହିବ ନାହିଁ। ବଲାଙ୍ଗୀର ଜିଲା ହେଉଛି ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର। ଗତ ୭୫ ବର୍ଷରେ ହୋଇଥିବା ଅନ୍ୟାୟ ଓ ବିକାଶର ଅସମାନତାକୁ ଦୂର କରିବା ପାଇଁ ଆମ ସରକାର ବଦ୍ଧପରିକର। ମୁଖ୍ୟମନ୍ତ୍ରୀ ଜିଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପାଟଣାଗଡ଼ ଉପଖଣ୍ଡ ମେଡିକାଲ ଓ ଡାଏଲିସିସ୍ କେନ୍ଦ୍ର ଏବଂ ଟିଟିଲାଗଡ଼ରେ ଏକ ଡାଏଲିସିସ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏଥିସହିତ ପାଟଣାଗଡ଼ର ବହୁ ପ୍ରତୀକ୍ଷିତ ବାଇପାସ୍ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୧୮ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ବାଇପାସ୍ ରୋଡ୍‌ରେ ୪ଲେନ୍ ବିଶିଷ୍ଟ ରାସ୍ତା, ସୁବର୍ଣ୍ଣରେଖା ଓ ମାୟାବତୀ ନାଳ ଉପରେ ଦୁଇଟା ସେତୁ, ୨୮ଟି ନ୍ୟୁ ବକ୍ସ ସେଲ୍ କଲଭର୍ଟ ନିର୍ମାଣ ହେବ। ଏହି ବାଇପାସ ରୋଡ୍ ଦ୍ୱାରା ପାଟଣାଗଡ଼ର ଟ୍ରାଫିକ୍ ସମସ୍ୟା ଦୂର ହେବ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଏହି ରେଳ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ବେଗରେ ଆଗେଇ ଚାଲିଛି। ଉଭୟ ପଟୁ ୧୫୨ କିଲୋମିଟରରୁ ଅଧିକ କାମ ସରିଯାଇଛି। ଖୁବ୍‌ଶୀଘ୍ର ସୋନପୁରରୁ ପୁରୁଣା କଟକ ପର୍ଯ୍ୟନ୍ତ ୭୩ କିଲୋମିଟର ରେଳ ଲାଇନ୍ କାମ ସମ୍ପୂର୍ଣ୍ଣ ହେବ ଏବଂ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ମଧ୍ୟରେ ରେଳ ଚାଲିବ। ଏବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବାରୁ ବଲାଙ୍ଗୀର ଜିଲାରେ ବିକାଶର ଗତି ଏକ୍ସପ୍ରେସ୍ ସ୍ପିଡ଼ରେ ଚାଲିଛି। ରାଜ୍ୟରେ ଡବଲ ଇଞ୍ଜିନ ଓ ବଲାଙ୍ଗୀରରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। କାରଣ ଏହି ଜିଲାର ୨ଜଣ ଜନପ୍ରତିନିଧି ଓଡ଼ିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏଥିସହିତ ଅନେକ ଏମ୍‌ପି ଓ ବିଧାୟକ ମଧ୍ୟ ଜିଲାରୁ ସରକାରୀ ଦଳକୁ ପ୍ରତିନିଧିତ୍ୱ କରୁଛନ୍ତି। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ବିକାଶର ନୂଆ ଇତିହାସ ଲେଖିବା ପାଇଁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ପ୍ରସ୍ତୁତ ହେବାକୁ ଥିବା ଭିଜନ ଡକ୍ୟୁମେଣ୍ଟ ପାଇଁ ନିଜର ସୁଚିନ୍ତିତ ମତାମତ ଦେବା ପାଇଁ ଅନୁରୋଧ କରିଛନ୍ତି। ବଲାଙ୍ଗୀରରେ ୮ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ନୂତନ ସର୍କିଟ ହାଉସକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ କହିଛନ୍ତି, ଏହି ଅପର ଲାନ୍ଥ ପ୍ରକଳ୍ପ କାମ ଖୁବ୍‌ଶୀଘ୍ର ସମ୍ପନ୍ନ ହେବ। ଆମ ସରକାର କ୍ଷମତାକୁ ଆସିବା ପରେ ଏହି ସବୁ ପ୍ରକଳ୍ପର ଶୁଭାରମ୍ଭ ହୋଇଛି ଏବଂ ଏଗୁଡ଼ିକର ଉଦ୍‌ଘାଟନ ମଧ୍ୟ ଆମ ସରକାର କରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏବଂ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲବାର ପ୍ରମୁଖ ଉପସ୍ଥିତ ଥିଲେ।

## 'ରୂପା' ଗର୍ଭରୁ...

ପରେ ନନ୍ଦନକାନନ କର୍ତ୍ତୃପକ୍ଷ ସଜାଗ ହୋଇଯାଇଥିଲେ। ଉପନିର୍ଦ୍ଦେଶକ ସନତ କୁମାର ନାରାୟଣଙ୍କ ନିର୍ଦ୍ଦେଶ ମୁତାବକ, ପ୍ରାଣୀ ବିଭାଗ ଓ ଚିକିତ୍ସକମାନେ ରୂପା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ। ସେ ରହୁଥିବା ଖୁଆଡ଼ରେ ସିସି କ୍ୟାମେରା ଲଗାଇ ତା'ର ଗତିବିଧି ଉପରେ ନଜର ରଖାଯାଇଥିଲା। ଶେଷରେ ସେ ଶନିବାର ୪ ଶାବକକୁ ଜନ୍ମ ଦେଇଛି। ମା' ଓ ଛୁଆମାନଙ୍କ ଗତିବିଧିର ତଦାରଖ ପାଇଁ କର୍ମଚାରୀ ସିସିଟିଭି ଜରିଆରେ ନଜର ରଖିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରୂପା ପ୍ରଥମ ଥର ରାଜେଶ ସହ ମିଶି ମା' ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ୨୦୨୨ ମାର୍ଚ୍ଚ ୧୧ରେ ସେ ତା'ର ପ୍ରଥମ ୩ ଛୁଆଙ୍କୁ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ମାସେ ମଧ୍ୟରେ ୨ ଛୁଆଙ୍କ ମୃତ୍ୟୁ ଘଟିଥିଲା। ବଞ୍ଚି ରହିଥିବା ଧଳା ବାଘୁଣୀ 'ହିମାଂଶୀ'କୁ ଲାଳନପାଳନ କେନ୍ଦ୍ରରେ ରଖାଯାଇ ବଡ଼ କରାଯାଇଥିଲା। ପରେ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ହିମାଂଶୀକୁ ୨୦୨୪ ଜୁଲାଇ ୯ରେ ଭଗବାନ୍ ବିର୍ସା ଜୈବଉଦ୍ୟାନକୁ ପଠାଯାଇଥିଲା। ପୁଣି ଦ୍ୱିତୀୟଥର ରାଜେଶ ସହ ମିଶି ରୂପା ୨୦୨୩ ଜାନୁଆରୀ ୬ରେ ମା' ହୋଇଥିଲା। ଦ୍ୱିତୀୟ ଥର ସାଧାରଣ ବାଘ 'ଅମୃତା' ଏବଂ 'ଶିବ' ନାମକ ଧଳାବାଘକୁ ଜନ୍ମ ଦେଇଥିଲା। ଏହି ୨ ଛୁଆ ଏବେ ନନ୍ଦନକାନନରେ ସୁସ୍ଥ ଅଛନ୍ତି।

## କାନାଡା କୂଟନୀତିଜ୍ଞଙ୍କୁ ...

ଜାଣିଶୁଣି ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଏଭଳି ଭିତ୍ତିହୀନ ଅଭିଯୋଗ କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଭାରତକୁ ବଦନାମ କରିବା ପାଇଁ ଏହା କାନାଡାର ଅଭିଜ୍ଞ ରଣନୀତି। ଦ୍ୱିପାକ୍ଷିକ ସମ୍ପର୍କରେ ଏଭଳି ଦାୟିତ୍ୱହୀନ କାର୍ଯ୍ୟର ପରିଣତି ଭୟଙ୍କର ହେବ ବୋଲି ଜୟସ୍ୱାଲ ଗଣମାଧ୍ୟମକୁ କହିଛନ୍ତି।

## ନଭେମ୍ବର ଶେଷସୁଦ୍ଧା ...

ହୋଇଛି। ସେହି କମିଟି ଏହାର ଯାଞ୍ଚ କରିବ। ଯେଉଁମାନଙ୍କର ୫ ଏକର ଜମିରୁ ଅଧିକ ରହିଛି, ସେମାନଙ୍କ ଆବେଦନ ଖାରଜ ହୋଇଛି। ସେହି ଜାଗାରେ ତହସିଲଦାରମାନେ ଆର୍‌ଆଇଙ୍କୁ ଧରି ଯାଞ୍ଚ କରିବେ। ଗୋଟିଏ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡ଼ିବେ ନାହିଁ। ଯାଞ୍ଚ ବେଳେ ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନକାରୀଙ୍କ ମଧ୍ୟରୁ କିଛି ଯୋଗ୍ୟ ହିତାଧିକାରୀ ବାହାରିବେ। ସେମାନେ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଖାରଜ ହୋଇଥିବା ଆବେଦନ ମଧ୍ୟରୁ ଜମି ଆଧାରରେ ଖାରଜ ସଂଖ୍ୟା ଅଧିକ ରହିଛି। ଆଉ କିଛି ଜଣଙ୍କର ସରକାରୀ ଚାକିରି ଥିବା ହେତୁ ସେମାନଙ୍କର ଖାରଜ ହୋଇଛି। ଆଉ କେତେଜଣଙ୍କର ବ୍ୟାଙ୍କ ସହ ଲିଙ୍କ୍ ନ ଥିବା ଯୋଗୁ ଖାରଜ ହୋଇଛି। ଏଥିସହ ଅଙ୍ଗନଓ୍ୱାଡି କର୍ମୀମାନଙ୍କର ମଧ୍ୟ କଟିଯାଇଛି। ସମସ୍ତଙ୍କର ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ। ଯେଉଁମାନଙ୍କର ଖାରଜ ହୋଇଛି ଅଙ୍ଗନଓ୍ୱାଡି କର୍ମୀମାନଙ୍କ ଦ୍ୱାରା ନୋଟିସ କରାଯିବ। ଯଦି କାହାର ଜମି ପାଇଁ ସୁଭଦ୍ରା ଖାରଜ ହୋଇଥାଏ, ଏହାର ତହସିଲଦାର ଓ ଆର୍‌ଆଇ ଯାଞ୍ଚ କରିବେ। ବ୍ୟାଙ୍କ ଲିଙ୍କ୍ ପାଇଁ କଟିଥିଲେ ବ୍ୟାଙ୍କକୁ ରେଫର କରାଯିବ। ତାହାକୁ ବ୍ୟାଙ୍କ ଯାଞ୍ଚ କରିବ। ଲୋକମାନଙ୍କ ପାଖରେ ସହଜରେ ସୁଭଦ୍ରା ଟଙ୍କା ପହଞ୍ଚାଇବା ପାଇଁ ୩ ଜଣିଆ କମିଟି ଗଠନ କରାଯାଇଛି। ଡିସେମ୍ବର ଶେଷସୁଦ୍ଧା ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଜୈବ ବିବିଧତା: ୯୦% ...

ଆବଶ୍ୟକ, ସେଗୁଡ଼ିକୁ ଚିହ୍ନଟ କରିବାକୁ ହେବ। ସେହିପରି ଉକ୍ତ କାର୍ଯ୍ୟଗୁଡ଼ିକ ପାଇଁ କେଉଁ ଗୋଷ୍ଠୀ ବା ସଂଗଠନଗୁଡ଼ିକ ଦାୟୀ ଏବଂ ସେମାନଙ୍କ ଚୟନକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକୁ ଖୋଜି ବାହାର କରିବାକୁ ହେବ ବୋଲି ଗବେଷକମାନେ କହିଛନ୍ତି। ଆଚରଣ ବିଜ୍ଞାନ ଏବଂ ବ୍ୟବହାର ପରିବର୍ତ୍ତନ ରୂପରେଖର ଅନ୍ତର୍ଦୃଷ୍ଟିଗୁଡ଼ିକୁ ଯୋଡ଼ି ବାୟୋଡାଇଭର୍ସିଟି ରଣନୀତିକୁ ସୁଦୃଢ଼ କରିଯିବାର ଆବଶ୍ୟକତା ରହିଛି। ୨୦୨୦ରେ କୌଣସି ଗୋଟିଏ ମଧ୍ୟ ଜୈବ ବିବିଧତା ଲକ୍ଷ୍ୟ ପୂରଣ ହୋଇପାରି ନ ଥିଲା। ୨୦୩୦ ସୁଦ୍ଧା କୌଣସି ଜୈବ ବିବିଧତା ଲକ୍ଷ୍ୟ ହାସଲ କରିବାକୁ ହେଲେ ତୁରନ୍ତ ନୀତିରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ମାର୍ସେଲେ କହିଛନ୍ତି।

## ଟ୍ରେଲରକୁ ଭ୍ୟାନ୍ ...

ରୁଣ୍ଡହୋଇଥିଲେ। ବିଲେଇମୁଣ୍ଡା ଓ ଟପରିଆ ରାସ୍ତାରେ ଛତିଶଗଡ଼କୁ କୋଇଲା ପରିବହନ ହେଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ଖଣିରୁ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର କୋଲ୍ କରିଡର ନିର୍ମାଣ ଓ ମୃତାହତଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଥିଲା। ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ, ବିସ୍ଥାପିତ ନେତା ରାଜେନ୍ଦ୍ର ନାୟକ, ହେମଗିର ତହସିଲଦାର ଲବଣେନ୍ଦୁ ମହାନ୍ତି, ବିଡିଓ ବିଶ୍ୱନାଥ ସାହୁ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଥିଲେ ମଧ୍ୟ ରାତି ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲୁରହିଛି।

## ବିଦ୍ୟୁତ୍ ଫାଶରେ...

ହାତୀର ମୃତ୍ୟୁ ଘଟିଥିବା ଅଞ୍ଚଳବାସୀ କହିଛନ୍ତି। ମୃତ ହାତୀର ଦାନ୍ତ କାଟିନେବାକୁ ଶିକାରୀମାନେ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରିନାହାନ୍ତି। ଏ ସମ୍ପର୍କରେ ସେକ୍ସନ ଫରେଷ୍ଟର, ରେଞ୍ଜର ଓ ବନବିଭାଗ କର୍ମଚାରୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରୁଥିବା ବେଳେ ଖବରଲେଖା ହେବା ପର୍ଯ୍ୟନ୍ତ ବନ ବିଭାଗର ଏସିଏଫ୍ ଏବଂ ଡିଏଫ୍‌ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପାଟଣାଗଡ ଅଞ୍ଚଳର କେତେଜଣ ଶିକାରୀ ଅଧିକାଂଶ ସମୟରେ ବାରହ୍ମା ଶିକାର କରିବା ପାଇଁ ଫାଶ ଓ ବିଦ୍ୟୁତ୍‌ର ସହାୟତା ନେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଏହି ସଂରକ୍ଷିତ ଜଙ୍ଗଲ ଭିତରେ ଶିକାରୀମାନେ ବାରହ୍ମା ଶିକାର ପାଇଁ ଫାଶ ବଦଳରେ ବିଦ୍ୟୁତ୍ ତାର ବିଛାଇଥିଲେ। ସେହି ରାସ୍ତାଦେଇ ଏକ ହାତୀ ବିଳମ୍ବିତ ରାତିରେ ଯାଉଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା। ହାତୀ ଗର୍ଜନ ଶୁଣି ଶିକାରୀମାନେ ଉକ୍ତ ସ୍ଥାନରେ ପହଞ୍ଚିବା ବେଳକୁ ତା'ର ମୃତ୍ୟୁ ଘଟିଯାଇଥିଲା। ଏହାପରେ ଶିକାରୀମାନେ ହାତୀର ଦାନ୍ତକୁ କଟର ସାହାଯ୍ୟରେ କାଟିବା ଉଦ୍ୟମ କରୁଥିଲେ। ଏହି ସମୟରେ ଏକ ଚାରିଚକିଆ ଗାଡ଼ିର ଶବ୍ଦ ଶୁଣି ଶିକାରୀମାନେ ଧରାପଡିଯିବା ଭୟରେ ଘଟଣାସ୍ଥଳରୁ ଫେରାର ମାରିଥିଲେ। ପରେ ସେହି ବାଟ ଦେଇ ଏକ ନମ୍ବରବିହୀନ ପିକ୍‌ଅପ୍‌ରେ କିଛି କେନ୍ଦୁ କାଠଗଣ୍ଡି ଯାଉଥିବା ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ବିଦ୍ୟୁତ୍ ବିଭାଗ, ବନବିଭାଗର କିଛି ଅସାଧୁ କର୍ମଚାରୀଙ୍କ ସହ ଶିକାରୀମାନଙ୍କ ମଧ୍ୟରେ ସମ୍ପର୍କ ଥିବା ଯୋଗୁ ଜଙ୍ଗଲରେ ଏଭଳି ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଲରମ୍ବା ସେକ୍ସନ ଅଧୀନ ଠେଲକୋଛାପର ସଂରକ୍ଷିତ ଜଙ୍ଗଲ ଭିତରେ ଗତ ଏପ୍ରିଲ ୨୦ରେ ଏକ ଅଣ୍ଡିରା ଭାଲୁକୁ ଶିକାରୀମାନେ ଫାଶ ପକାଇ ଶିକାର କରିଥିଲେ। ଶିକାରୀମାନେ ଭାଲୁର ବିଭିନ୍ନ ଅଙ୍ଗ ଓ ଚମଡ଼ା ଆଦି ବିକ୍ରି କରିଦେଇ ବନ ବିଭାଗର ଜନୈକ କର୍ମଚାରୀଙ୍କ ଉପସ୍ଥିତିରେ ଭାଲୁକୁ ପୋଡ଼ି ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଗତ ଏପ୍ରିଲ ୨୩ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ।

## ଦନ୍ତାକୁ ୧୦୦ ମିଟର ...

ଦିଆଯାଇଥିଲା। ସୂଚନାଯୋଗ୍ୟ, ୨୦୧୫ ପରେ ଢେଙ୍କାନାଳ ଜିଲାରେ ଟ୍ରେନ୍ ଧକ୍କାରେ କୌଣସି ହାତୀ ମୃତାହତ ହୋଇ ନ ଥିଲା । ଅନୁଗୋଳସ୍ଥିତ ଆଞ୍ଚଳିକ ବନ ସଂରକ୍ଷକ ଖୋରା କହିଛନ୍ତି, ଏହି ଘଟଣା ଆମ ପାଇଁ ଦୁର୍ଭାଗ୍ୟଜନକ। ଏହି ଟ୍ରାକ୍ ଏକ ସମ୍ବେଦନଶୀଳ ଟ୍ରାକ୍। ଉକ୍ତ ଅଞ୍ଚଳରେ ହାତୀଙ୍କ ସମାଗମ ହେଉଥିବାରୁ ବନ ବିଭାଗ ପକ୍ଷରୁ ପ୍ରତ୍ୟେକ ଦିନ ବେଗ କମାଇବା ପାଇଁ ରେଳ ବିଭାଗକୁ କସନ୍ ଅର୍ଡର ଜାରି କରାଯାଏ। ରାତିରେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ବନ କର୍ମଚାରୀ ଏବଂ ସୁରକ୍ଷା କର୍ମଚାରୀଙ୍କ କହିବା ମୁତାବକ ଟ୍ରେନ୍‌ର ବେଗ ଅଧିକ ଥିଲା। ତେଣୁ ବନ ବିଭାଗର ଭୁଲ୍ କି ରେଳ ବିଭାଗର ଭୁଲ୍ ତାହା ତଦନ୍ତ ହେଉଛି। ଯାହାର ଭୁଲ୍ ଥିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ବନ ସଂରକ୍ଷକ କହିଛନ୍ତି। ସେହିପରି ୫୫ନଂ. ଜାତୀୟ ରାଜପଥରେ ହାତୀ ଚଲାପଥର ତୁରନ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ଆମେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛୁ। ରେଲୱେ କର୍ତ୍ତୃପକ୍ଷଙ୍କ ସହ ନିୟମିତ ଆଲୋଚନା ହେଉଛି। ଜାତୀୟ ରାଜପଥରେ ହାତୀ ଚଲାପଥ ନିର୍ମାଣ ଯେତେଶୀଘ୍ର ସରିବ, ସମସ୍ୟାର ସମାଧାନ ସେତେଶୀଘ୍ର ହେବ ବୋଲି ଖୋରା କହିଛନ୍ତି।

## ଓଡ଼ିଶାର ସବୁଜ ସ୍ୱର



ବିଜୟଲକ୍ଷ୍ମୀ ଦାଶ, ଅଭିନେତ୍ରୀ



ଡିସ୍କୋ ରେଡ୍ଡୀ, ଅଭିନେତା



ଅମିତ ନାୟକ, କୋରିଓଗ୍ରାଫର



ଇଲିଆନା ପଣ୍ଡା, ଶିଶୁ କଳାକାର

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

## ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ମହର୍ଷି କଲେଜ ଅଫ୍ ନାଚୁରାଲ ଲ', ଭୁବନେଶ୍ୱର



ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ, ଢେଙ୍କାନାଳ



ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡ଼ା



ଡେରାବିଶ ମହାବିଦ୍ୟାଳୟ, ଡେରାବିଶ

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



# ତଦନ୍ତ କରି ପଦକ୍ଷେପ ନେବାକୁ ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ

## ବିପଦରେ ଅଲିଭ୍ ରିଡ୍‌ଲେ

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଏକ୍ସରେ ଟୁଇଟ୍ କରିଥିଲେ ପରିବେଶ କର୍ମୀ ସୌମ୍ୟରଞ୍ଜନ

ଅସ୍ତରଙ୍ଗ,୨।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅଲିଭ୍ ରିଡ୍‌ଲେଙ୍କ ପାଇଁ ସ୍ୱର୍ଗ ପାଲଟିଥିବା ଓଡ଼ିଶା ଉପକୂଳ ଆଉ ନିରାପଦ ହୋଇ ନାହିଁ। ନିଷିଦ୍ଧାଞ୍ଚଳରେ ଅବାଧ ଟ୍ରଲର ଯାତାୟାତ ଯୋଗୁ ରକ୍ତାକ୍ତ ହୋଇ ବେଳାଭୂମିକୁ ପଳାଇ ଆସୁଥିବାର ଦେଖିବାକୁ ମିଳୁଛି। ଏବେ ଆଗମନ ସମୟ ଆରମ୍ଭ ହୋଇଥିବାରୁ ମିଳନ ବେଳେ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ଅଣ୍ଡାଦାନ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ କଟକଣା ହୋଇଥିବା ବେଳେ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ବେଆଇନ ଟ୍ରଲର୍ ଚଳାଚଳ ବଢ଼ିଚାଲିଛି। ପ୍ରଥମ ଦିନରୁ ଦେବୀ ନଦୀ ମୁହାଣ ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ଟ୍ରଲର୍ କୂଳଠାରୁ ୨ କି.ମି. ଭିତରେ ଚଳାଚଳ କରି ମାଛ ମାରୁଥିବା ଦେଖାଯାଇଛି। ଏହାକୁ ରୋକାଯିବା ସହ ଅଲିଭ୍ ରିଡ୍‌ଲେଙ୍କୁ ସୁରକ୍ଷା ପାଇଁ ଶନିବାର ପରିବେଶ କର୍ମୀ ସୌମ୍ୟରଞ୍ଜନ ବିଶ୍ୱାଳ 'ଏକ୍ସ' ଆକାଉଣ୍ଟ ଜରିଆରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବନବିଭାଗକୁ ଜଣାଇଥିଲେ। ଏହାର କିଛି ସମୟ ମଧ୍ୟରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଅତିରିକ୍ତ ଶାସନ ସଚିବ ଦେବେନ୍ କୁମାର ପ୍ରଧାନ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ତୁରନ୍ତ ଦୃଷ୍ଟି ଦେବାକୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ(ପିସିସିଏଫ୍)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ସୌମ୍ୟରଞ୍ଜନଙ୍କ ଅଲିଭ୍ ରିଡ୍‌ଲେ ସୁରକ୍ଷା ସମ୍ପର୍କିତ ନିବେଦନକୁ ଗ୍ରହଣ କରିବା ସହ ଏହାର ସବିଶେଷ ତଦନ୍ତ କରି ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି।

ରାଜ୍ୟର ଏକ ପ୍ରମୁଖ ଗଣ ଅଣ୍ଡାଦାନସ୍ଥଳୀ ଦେବୀନାସିଠାରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ସମୁଦ୍ର କୂଳରୁ ୨୦ କି.ମି. ମାଛଧରା ଉପରେ ରୋକ୍ ଲାଗିବା ସହିତ ଟ୍ରଲର୍ ଚାଳନା ସମ୍ପୂର୍ଣ୍ଣ ବାରଣ କରାଯାଇଛି। ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ କଟକଣା ହୋଇଥିବା ବେଳେ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳରେ ବେଆଇନ ଟ୍ରଲର୍ ଚଳାଚଳ ବଢ଼ିଚାଲିଛି। କଇଁଛଙ୍କ ଆଗମନ ଓ ପ୍ରଜନନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ନିୟମ କରାଯାଇଥିଲେ ମଧ୍ୟ ଏହାକୁ ଟ୍ରଲର କର୍ମଚାରୀ ମାନୁନାହାନ୍ତି। ଫଳରେ ବହୁ ଅଲିଭ୍ ରିଡ୍‌ଲେ ଟ୍ରଲର ମାଡ଼ରେ ମୃତ୍ୟୁବରଣ କରୁଛନ୍ତି। ବିଶେଷକରି ଓଡ଼ିଶାର ଦୁର୍ବଳ ମେରାଇନି ଫିସିଂ ରେଗୁଲେଶନ ଆକ୍ଟ (ଓମ୍ଫ୍ରା) ପାଇଁ ନିଷିଦ୍ଧାଞ୍ଚଳରେ ମାଛ ଧରିବାକୁ ଯାଉଥିବା ଟ୍ରଲର୍ ଧରାପଡ଼ିଲେ ମଧ୍ୟ ସହଜରେ ଖସି ଯାଉଛନ୍ତି। ଅଲିଭ୍ ରିଡ୍‌ଲେଙ୍କ ପରିସଂସ୍ଥାକୁ ସୁରକ୍ଷା କରିବା ପାଇଁ ଯେଉଁଭଳି କଡ଼ାକଡ଼ି କଟକଣା ରହିବା କଥା ତାହା ଦେଖିବାକୁ ମିଳୁନି। ଏ ନେଇ ସୌମ୍ୟରଞ୍ଜନ ରାଜ୍ୟ ବନ୍ୟପ୍ରାଣୀ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି, ଗତ ୨୦ ବର୍ଷର ଅବହେଳା ପ୍ରସଙ୍ଗକୁ ଉଲ୍ଲେଖ କରି ଚଳିତ ବର୍ଷ ଏଥିରେ ସୁଧାର ଆଣିବାକୁ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଦେବୀନାସିରୁ କେଳୁଣୀ ମୁହାଣ ପର୍ଯ୍ୟନ୍ତ ପାଟ୍ରୋଲିଂ ସମ୍ପୂର୍ଣ୍ଣ ଜିଲା ସମ୍ପର୍କରେ ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି। କଇଁଛଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହିତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ପରିବେଶ କର୍ମୀ ସୌମ୍ୟରଞ୍ଜନ ଦାବି କରିଛନ୍ତି।

# ଗ୍ୟାସ୍ ଟାଙ୍କି ଫାଟି ଘର ଭୁଶୁଡ଼ିଲା

ପରଜଙ୍ଗ,୨।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗାଁରେ ଶନିବାର ରୋଷେଇ ବେଳେ ଗ୍ୟାସ୍ ଟାଙ୍କି ଫାଟି ଜଣେ ଜିଆରଏସ୍‌ଙ୍କ ରୋଷେଇ ଘର ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଘରେ ଥିବା ୪ଜଣ ସଦସ୍ୟ। କଙ୍କଡାହାଡ଼ ବ୍ଲକ ଦଶିପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ ମମତା ସାହୁ (ମହାପାତ୍ର)ଙ୍କ ଘରେ ଘଟିଛି ଅଘଟଣ। ପରିବାରର ସଦସ୍ୟା ଶକୁନ୍ତଳା ମହାପାତ୍ର ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା। ତେବେ ପରିବାର ଲୋକେ ବିପଦ ଆଶଙ୍କା କରି ଘର ବାହାରକୁ ପଳାଇ ଆସିଥିଲେ। ଏହି ସମୟରେ ଟାଙ୍କିଟି ଫାଟିଯାଇଥିଲା।



ଫଳରେ ଛାତ ଘରକୁ ଲାଗି ରହିଥିବା ଆଜବେଷ୍ଟସ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଖବର ପାଇ ପରଜଙ୍ଗ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏଥିସହିତ ଏକ ବଡ଼ ବିପତ୍ତିରୁ ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ତେବେ କିପରି ଏବଂ କାହିଁକି ଗ୍ୟାସ୍ ଟାଙ୍କି ଫାଟିଲା ତାହା ସ୍ପଷ୍ଟ ହୋଇନାହିଁ।




## ଶିବଲିଙ୍ଗ ଭଙ୍ଗା ଘଟଣା

# ଚମ୍ପୁଆ ବନ୍ଦ, ସୀମାନ୍ତରେ ଉତ୍ତେଜନା

ଚମ୍ପୁଆ/କେନ୍ଦୁଝର,୨।୧୧(ମହେଶ୍ୱର ଦାସ/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ଓ ଝାଡ଼ଖଣ୍ଡ ମଧ୍ୟରେ ଲାଇଫ୍‌ଲାଇନ ସାଜିଥିବା ବୈତରଣୀ କୂଳରେ ଅବସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରର ଶିବଲିଙ୍ଗକୁ ଶୁକ୍ରବାର ଦୁର୍ବୃତ୍ତ ଭାଙ୍ଗିଦେଇଛନ୍ତି। ଘଟଣାକୁ ନେଇ ରାତିଠାରୁ ଝାଡ଼ଖଣ୍ଡ ଅଞ୍ଚଳ ଜୟନ୍ତିଗଡ଼ଠାରେ ଉତ୍ତେଜନା ଲାଗି ରହିଛି। ହିନ୍ଦୁବାଦୀମାନେ ଘଟଣାକୁ ଦୃଢ଼ ବିରୋଧକରି ପ୍ରତିବାଦ କରୁଛନ୍ତି। ଏହାର ପ୍ରଭାବ ଚମ୍ପୁଆରେ ପଡ଼ିଛି। ଲୋକେ ଶନିବାର ଚମ୍ପୁଆ ବନ୍ଦ କରିବା ସହ ଟାୟାର ଜାଳି ଜାତୀୟ ରାଜପଥ ଅବରୋଧ କରିଛନ୍ତି।


ଟାୟାର ଜାଳି ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଚମ୍ପୁଆ ନିକଟବର୍ତ୍ତୀ କଙ୍ଗିରା ମୁହାଣଠାରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରେ ମୟୂରଭଞ୍ଜ, ଝାଡ଼ଖଣ୍ଡ ଓ ଚମ୍ପୁଆ ଅଞ୍ଚଳର ଲୋକମାନେ ପୂଜାର୍ଚ୍ଚନା କରିଆସୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଜୟନ୍ତିଗଡ଼ ଅଞ୍ଚଳର ଶ୍ରଦ୍ଧାଳୁ କାଳୀପୂଜା ଅବସରରେ ଦୀପ ପ୍ରଦାନ କରିବାକୁ ଯାଇଥିଲେ। ପ୍ରାଚୀନ ଶିବଲିଙ୍ଗଟି ଭଗ୍ନ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଖବର ପ୍ରଚାରହେବା ପରେ ହିନ୍ଦୁବାଦୀମାନେ ଝାଡ଼ଖଣ୍ଡର ଜୟନ୍ତିଗଡ଼ଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇ ଖଣିଜ ପରିବହନ କରୁଥିବା ଯାନବାହନ ଚଳାଚଳକୁ ସ୍ୱାଭାବିକ କରାଯାଇଥିଲା। ଶନିବାର ମଧ୍ୟ ଜୟନ୍ତିଗଡ଼ଠାରେ ରାସ୍ତାରୋକୋ କରାଯାଇଥିବା ବେଳେ ଚମ୍ପୁଆରେ ସମରୂପ ଟାୟାର ଜାଳି ରାସ୍ତାରୋକୋ କରାଯାଇଥିଲା। ବ୍ୟବସାୟୀ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦକରି ଚମ୍ପୁଆ ବନ୍ଦ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସମ୍ବେଦନଶୀଳ ଘଟଣାକୁ ନେଇ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯିବା ସହ ସମସ୍ତ ଛକରେ ପୋଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି। ଭାରପ୍ରାପ୍ତ ଆଇଆଇସି ଦେବକୀ ନାଏକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ରାସ୍ତା ଅବରୋଧ ସ୍ଥାନରେ ଫୋର୍ସ ସଜାଗ ରହିଛନ୍ତି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଉଭୟ ରାଜ୍ୟ ପୋଲିସ ସଜାଗ ରହିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭକରି ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ପ୍ରତିଶ୍ରୁତି ପାଳନରେ ପଛୁଆ



**ଆକାର ପଟେଲ**

ଜାତିସଂଘ ସୁରକ୍ଷା ପରିଷଦରେ ୧୫ ଜଣ ସଦସ୍ୟ ଅଛନ୍ତି। ସେଥିରେ ପାଞ୍ଚଜଣ ସ୍ଥାୟୀ ଏବଂ ୧୦ ଜଣ ନିର୍ବାଚିତ ସଦସ୍ୟ। ଭାରତ ଆଠଥର ୟୁଏନ୍‌ଏସ୍‌ସିର ଅସ୍ଥାୟୀ ସଦସ୍ୟ ରହିଆସିଛି। ଏବେ ୨୦୨୮–୨୦୨୯ ଅବଧି ପାଇଁ ସଦସ୍ୟତା ଲାଗି ଚେଷ୍ଟା କରିବ। ତେବେ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତର ସ୍ୱରକୁ ବୈଶ୍ୱିକ ସଂଗଠନରେ ଶୁଣାଯିବା ଦରକାର। ୨୦୨୧ରେ ତତ୍କାଳୀନ ଜାତିସଂଘ ମାନବ ଅଧିକାର କମିଶନର ମିଚେଲ ବାଚଲେଟ୍ କହିଥିଲେ, ମାନବ ଅଧିକାରର ପ୍ରୋତ୍ସାହନ ତଥା ସୁରକ୍ଷା ହେଉଛି ଜାତିସଂଘ ମାନବ ଅଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)ର ପ୍ରାଥମିକ ଦାୟିତ୍ୱ। ତଥାପି ଜାତିସଂଘ ସୁରକ୍ଷା ପରିଷଦ ପାଇଁ ଅନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ବଜାୟ ରଖିବାରେ ମାନବ ଅଧିକାର ସୁରକ୍ଷା ହେଉଛି ସର୍ବୋତ୍ତମ ଉପାୟ। ଏହି ଦୃଷ୍ଟିରୁ ଆସନ୍ତୁ ଗତ କିଛିବର୍ଷ ମଧ୍ୟରେ ଜାତିସଂଘ ମାନବ ଅଧିକାର ବ୍ୟବସ୍ଥା ସହିତ ଭାରତର ଯୋଗଦାନକୁ ଦେଖିବା। ପ୍ରକୃତ କଥା ହେଉଛି, ଭାରତ ୟୁଏନ୍‌ଏଚ୍‌ଆର୍‌ସିରେ ଏକ ଶକ୍ତିଶାଳୀ ନେତୃତ୍ୱ ଭାବେ ଉଭା ହୋଇନାହିଁ କି ଏହା ପରିଷଦର ବ୍ୟବସ୍ଥାରେ ଗଠନମୂଳକ କାର୍ଯ୍ୟ କରିନାହିଁ। ପରିଷଦର ୧୮ ବର୍ଷ ମଧ୍ୟରେ ୧୬ ବର୍ଷ ପାଇଁ ଭାରତ ମିଳିତ ଜାତିସଂଘ ମାନବ ଅଧିକାର ପରିଷଦର ସଦସ୍ୟ ରହିଆସିଛି। ଏବେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ରହିଛି। ପ୍ରସ୍ତାବନା ସଂଖ୍ୟା ୬୦/୨୫୧ ବଳରେ ୟୁଏନ୍‌ଏଚ୍‌ଆର୍‌ସି ଗଠନ ହୋଇଛି। ଏଥିରେ କୁହାଯାଇଛି, ପରିଷଦକୁ ନିର୍ବାଚିତ ସଦସ୍ୟମାନେ ମାନବ ଅଧିକାରର ପ୍ରୋତ୍ସାହନ ଏବଂ ସୁରକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ମାନ ଧାରଣ କରିବା ସହ ପରିଷଦ ସହିତ ସମ୍ପୂର୍ଣ୍ଣ ସହଯୋଗ କରିବା ଦରକାର ଏବଂ ସଦସ୍ୟତା କାଳରେ ୟୁନିଭର୍ସିଆଲ ପିରିୟଡ଼ିକ ରିଭ୍ୟୁ (ୟୁପିଆର୍) ପଦ୍ଧତିରେ ସେମାନଙ୍କ କାର୍ଯ୍ୟ ଉପରେ ଅନୁଧ୍ୟାନ କରାଯିବା ଆବଶ୍ୟକ।

ଜାତିସଂଘର ମାନବ ଅଧିକାର ବିଶେଷଜ୍ଞ ତଥା ଅଫିସ ଅଫ୍ ଦି ହାଇ କମିଶନର ଫର ହ୍ୟୁମାନ ରାଇଟ୍ସ (ଓଏଚ୍‌ସିଏଚ୍‌ଆର୍) ଭାରତ ଉପରେ ୨୦୧୯ରୁ ୨୫ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛି। ସଦସ୍ୟତାର ଶେଷ ଦୁଇ ଅବଧି ମଧ୍ୟରେ ଏହାର ଆଭ୍ୟନ୍ତରୀଣ ମାନବ ଅଧିକାର ତଥା ଅନ୍ତର୍ଜାତୀୟ ମାନବ ଅଧିକାରକୁ ଅନୁପାଳନ ନ କରିବା ଉଦ୍‌ବେଗର ବିଷୟ ବୋଲି କୁହାଯାଇଛି। ୟୁଏନ୍ ସ୍ପେଶିଆଲ ପ୍ରୋସିଡିୟୋର୍ସ (ୟୁଏନ୍‌ଏସ୍‌ପି) ସ୍ୱାଧୀନ ବିଶେଷଜ୍ଞଙ୍କୁ ନେଇ ଏଚ୍‌ଆର୍‌ସି ଦ୍ୱାରା ଗଠନ କରାଯାଇଛି। ଏହା ସାରା ବିଶ୍ୱରେ ମାନବ ଅଧିକାର ସମ୍ପର୍କରେ ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିଥାଏ। ୨୪ ଜାନୁଆରୀ ୨୦୧୧ରୁ ୨୪ ସେପ୍ଟେମ୍ବର ୨୦୨୪ ମଧ୍ୟରେ ଭାରତ ସରକାର ଏଚ୍‌ଆର୍‌ସିରୁ ୨୦୦ରୁ ଅଧିକ ଚିଠି ପାଇଥିଲେ। ହେଲେ ଏକତୃତୀୟାଂଶରୁ କମ୍ ଉପରେ ଉତ୍ତର ଦେଇଛନ୍ତି। ୨୦୧୪ ପରେ ଭାରତ ଆସି ସମୀକ୍ଷା ଶେଷ କରିବା ପାଇଁ ୟୁଏନ୍‌ଏସ୍‌ପି କେବଳ ଦୁଇଥର ସୁଯୋଗ ପାଇଛି। ଏବେସୁଦ୍ଧା ୧୯ଟି ଗସ୍ତର ଅନୁରୋଧ ଉପରେ ନିଷ୍ପତ୍ତି ନିଆଯାଇନାହିଁ। ଏପରି କି ୧୯୯୯ରୁ କେତୋଟି ଉପରେ ଉତ୍ତର ଦିଆଯାଇନାହିଁ। ଶେଷ ୟୁନିଭର୍ସିଆଲ ପିରିୟଡ଼ିକ ରିଭ୍ୟୁ ଦ୍ୱାରା ପ୍ରତ୍ୟେକ ଦେଶର ମାନବ ଅଧିକାର ରେକର୍ଡର ଅନୁଧ୍ୟାନ କରାଯାଇ ସେଥିରେ ଉନ୍ନତି ଆଣିବା ଲାଗି ସୁପାରିସ କରାଯାଇଛି। ଏହି ସମୀକ୍ଷାରେ ୨୧ଟି ଦେଶ ଭାରତ ଧର୍ମୀୟ ସ୍ୱାଧୀନତା ଏବଂ ଧର୍ମୀୟ ସଂଖ୍ୟାଲଘୁଙ୍କ ଅଧିକାର ସୁରକ୍ଷାରେ ଉନ୍ନତି ଆଣିବା ଦରକାର ବୋଲି ପରାମର୍ଶ ଦେଇଥିଲେ। ଭାରତରେ ହିଂସା ଏବଂ ଘୃଣା ବକ୍ତବ୍ୟ ବୃଦ୍ଧି ତଥା ସରକାର ଧର୍ମାନ୍ତରୀକରଣ ବିରୋଧୀ ଆଇନ ଭଳି ଭେଦଭାବ ନୀତି ଗ୍ରହଣ କରୁଥିବାରୁ ଅନେକ ଦେଶ ପାଇଁ ତାହା ଚିନ୍ତାର ବିଷୟ ହୋଇଛି। ୧୯ଟି ଦେଶ କହିଛନ୍ତି, ନିର୍ଯାତନା ବିରୋଧରେ ମିଳିତ ଜାତିସଂଘର ଚୁକ୍ତିକୁ ଭାରତ ସ୍ୱୀକାର କରିବା ଉଚିତ। ଏଥିରେ ଆମେ ୧୯୯୭ରେ ସ୍ୱାକ୍ଷର କରିଥିଲେ ବି ତାହାକୁ ସ୍ୱୀକାର କରିନାହୁଁ। ଉଭୟ ୨୦୧୨ ଏବଂ ୨୦୧୭ ୟୁପିଆର୍‌ରେ ଭାରତ କହିଛି, ଏହି ଚୁକ୍ତିନାମାକୁ ସ୍ୱୀକାର କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ। କିନ୍ତୁ ଏହି ପ୍ରତିଶ୍ରୁତି ପୂରଣ କରିନାହିଁ। ନଅଟି ମୁଖ୍ୟ ମାନବ ଅଧିକାର ଚୁକ୍ତି ମଧ୍ୟରୁ କେବଳ ୬ଟିରେ ଭାରତ ସ୍ୱାକ୍ଷର କରିଛି।

୨୦୧୮ ଏବଂ ୨୦୧୯ରେ କଶ୍ମୀରରେ ମାନବିକ ଅଧିକାରର ସ୍ଥିତି ଉପରେ ମାନବ ଅଧିକାର କମିଶନରଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ଦୁଇଟି ରିପୋର୍ଟରେ ସାମ୍ବାଦିକଙ୍କ ଉପରେ କଟକଣା ଏବଂ ଜନସାଧାରଣଙ୍କ ଜୀବନ ଉପରେ ପ୍ରଭାବ ପକାଉଥିବା ସବୁପ୍ରକାର କଟକଣା ହଟାଇ ନେବା ଲାଗି କୁହାଯାଇଛି। ପ୍ରତିଶୋଧାତ୍ମକ ଆଚରଣକୁ ନେଇ ଜାତିସଂଘର ମହାସଚିବଙ୍କ ରିପୋର୍ଟରେ ଭାରତ କ୍ରମାଗତ ଭାବେ ରହିଆସିଛି। ୨୦୨୦ ରିପୋର୍ଟରେ ମହାସଚିବ କହିଥିଲେ ଯେ ଦେଶରେ ଜାରି ରହିଥିବା ଧମକ ଏବଂ ପ୍ରତିଶୋଧ ତଥା ଦଣ୍ଡର ଭୟ ଯୋଗୁ କେତେଜଣ ନାଗରିକ ସମାଜର ପ୍ରତିନିଧି ମିଳିତ ଜାତିସଂଘ ସହ ସହଯୋଗ କରିବାରୁ ଦୂରେଇ ରହିଥିଲେ। ତେବେ ଭାରତ ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟତା ପାଇବାରେ ୟୁଏନ୍‌ଏଚ୍‌ଆର୍‌ସି ସହିତ ବିଶ୍ୱସନୀୟ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ଏହା ସ୍ପଷ୍ଟ ଯେ, ଭାରତ ତାହାର ଆଭ୍ୟନ୍ତରୀଣ ତଥା ଅନ୍ତର୍ଜାତୀୟ ମାନବ ଅଧିକାରର କର୍ତ୍ତବ୍ୟକୁ ଠିକ୍ ଭାବେ ପାଳନ କରୁନାହିଁ। ଏହା ସହ ସଦସ୍ୟ ଭାବରେ ଦେଇଥିବା ପ୍ରତିଶ୍ରୁତି ପାଳନ ଏବଂ ଜାତିସଂଘର ବିଭିନ୍ନ ସଂସ୍ଥା ତଥା ବ୍ୟବସ୍ଥାଗୁଡ଼ିକ ସହିତ ସହଯୋଗଭିତ୍ତିକ କାର୍ଯ୍ୟ କରୁନାହିଁ। ସୁରକ୍ଷା ପରିଷଦର ସଂସ୍କାର ଉପରେ ଚୁକ୍ତି ଶୀଘ୍ର ଶେଷ ହୋଇ ନ ପାରେ, କିନ୍ତୁ ଯଦି ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟ ହେବାକୁ ଭାରତ ଗମ୍ଭୀରତା ପ୍ରକାଶ କରିଛି, ତେବେ ଦର୍ଶାଇବାକୁ ପଡ଼ିବ ଯେ ଏହା ୟୁଏନ୍‌ଏଚ୍‌ଆର୍‌ସି ସମେତ ଜାତିସଂଘର ମାନବିକ ଅଧିକାର ସଂସ୍ଥାଗୁଡ଼ିକ ସହ ଜଡ଼ିତ ହେବ। ଏହା ନିଶ୍ଚିତ ଭାବରେ ୟୁଏନ୍‌ଏଚ୍‌ଆର୍‌ସିର ସଦସ୍ୟତା ମାନଦଣ୍ଡକୁ ଲଗାତର ଏବଂ ନୀତିଗତ ଢଙ୍ଗରେ ପାଳନ କରିବା ଆବଶ୍ୟକ। ମିଳିତ ଜାତିସଂଘର ମାନବ ଅଧିକାର ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ମାନବ ଅଧିକାରର ପ୍ରୋତ୍ସାହନ ତଥା ସୁରକ୍ଷା କ୍ଷେତ୍ରରେ ଏହା ସର୍ବୋଚ୍ଚ ମାନଦଣ୍ଡ ରକ୍ଷା କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ। ଯେତେବେଳେ ଆମେ ଜାଣିଶୁଣି ଠିକ୍ କାର୍ଯ୍ୟ ନ କରିବା ତେବେ ସୁଯୋଗ ହରାଇବା।

Email:aakar.patel@gmail.com

# ଭୋଗରେ ଧର୍ମୀୟ ଭାବନା



**ସହଦେବ ସାହୁ**

ସେପ୍ଟେମ୍ବର ୧୮(୨୦୨୪)ରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଲେ, ତିରୁପତି ତିରୁମାଲା ମନ୍ଦିରରେ ଲଡୁ ପ୍ରସାଦ ତିଆରିରେ ଗାଈଘିଅ ସାଙ୍ଗରେ ଗୋରୁ ଓ ଘୁଷୁରିର ତରଳ ଚର୍ବି ବ୍ୟବହାର ହେବା ଆରମ୍ଭ ହୋଇଛି ତାଙ୍କ ପୂର୍ବବର୍ତ୍ତୀ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡିଙ୍କ ସମୟରୁ। ସୁପ୍ରିମକୋର୍ଟ ୩୦ ତାରିଖରେ ତାଗିଦକଲେ ନାଇଡୁ ଧର୍ମକୁ ରାଜନୀତିର ଊର୍ଦ୍ଧ୍ୱରେ ରଖନ୍ତୁ। ଇତିମଧ୍ୟରେ ମନ୍ଦିରର ଶୋଧନ ସହ ଘିଅକୁଣ୍ଡ, ଭଣ୍ଡାରଘର, ରୋଷେଇଶାଳା ତଥା ବାସନକୁସନ ଆଦିର ଶୁଦ୍ଧୀକରଣ କରାଯାଇଛି। ଧର୍ମରେ ବ୍ୟବସାୟ ପଶିଲେ ଧନ ଆଗରେ ଭକ୍ତି ମାଡ଼ ଖାଇଯାଏ। ବସ୍ତୁ ଓ ମନ ଭିତରେ ଅପମିଶ୍ରଣ ପଶେ, ଭଗବାନ୍ ଓ ଭକ୍ତଙ୍କ ଭିତରେ ପୂଜକ ଏବଂ ବ୍ୟବସାୟୀ ଏପରି ପରିସ୍ଥିତି ଆଣନ୍ତି। ସବୁ କାଳେ ମଧ୍ୟସ୍ଥ ନିଜର ଧନଲାଭକୁ ସର୍ବୋଚ୍ଚ ସ୍ତରରେ ରଖେ।

ଶ୍ରୀମଦ୍ ଭଗବଦ୍ ଗୀତା ରଚନା ସମୟରେ ଭାରତ ଭୂଖଣ୍ଡରେ 'କୁଳଧର୍ମାଃ ସନାତନାଃ' (ଅଧ୍ୟାୟ ୧, ଶ୍ଳୋକ ୪୦: ସଂକ୍ଷେପରେ ୧.୪୦) ଛଡ଼ା ଆଉ କୌଣସି ଧର୍ମ ନ ଥିଲା। ଯେଉଁ ଯୁଦ୍ଧରେ ବଂଶର ଗୁରୁଜନମାନଙ୍କୁ ହତ୍ୟାକରିବାକୁ ପଡ଼ିବ ଓ ସେମାନଙ୍କ ଅବର୍ତ୍ତମାନରେ କୁଳଧର୍ମ ଉଚ୍ଛନ୍ନ ହେଲେ ନରକବାସ ନିଶ୍ଚିତ (୧.୪୪) ବୋଲି କହି ଅର୍ଜୁନ ଅସ୍ତ୍ର ତ୍ୟାଗ କରିବାରୁ ଶ୍ରୀକୃଷ୍ଣ ତାଙ୍କୁ ଯାହା ସବୁ ବୁଝାଇଥିଲେ ତାହା ହିଁ ଗୀତାରେ ବର୍ଣ୍ଣିତ ହୋଇଛି। ସେହି କ୍ରମରେ ୯ମ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି, ତାଙ୍କୁ କ'ଣ ଦେଇ ପୂଜା କରିବ। ଭକ୍ତି ସହକାରେ ପତ୍ର, ପୁଷ୍ପ, ଫଳ ତଥା ଜଳ ଅର୍ପଣ କଲେ ସେ ଗ୍ରହଣ କରିବେ। ''ପତ୍ରଂ ପୁଷ୍ପଂ ଫଳଂ ତୋୟଂ ୟୋ ମେ ଭକ୍ତ୍ୟା ପ୍ରୟଚ୍ଛତି: ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ।'' ୯.୨୬। ଯାହା କିଛି କରୁଛ, ଯାହା କିଛି ଖାଉଛ, ଯାହା କିଛି ଦେଉଛ ସେସବୁ ତାଙ୍କଠାରେ ଅର୍ପଣକର (୯.୨୭), ତା' ହେଲେ ଉପାସକ ଉପରେ ଅଶୁଭ ଫଳ ପଡ଼ିବ ନାହିଁ (୯.୨୮)। (ରକ୍ଷଣଶୀଳ ପରିବାରରେ ବୟସ୍କମାନେ ବଢ଼ାହୋଇଥିବା ଖାଦ୍ୟଥାଳି ଚାରିପଟେ ପାଣି ଛଡ଼ାଇ ଠାକୁରଙ୍କୁ ଅର୍ପଣକରନ୍ତି, ପରେ ହିଁ ପାଟିକୁ ନିଅନ୍ତି।) ଯିଏ ତାଙ୍କୁ ଭକ୍ତି ନ କରେ ତା' ଉପରେ ରାଗନ୍ତି ନାହିଁ, ସର୍ବଭୂତାନି (ସବୁ ଲୋକଙ୍କୁ) ସେ ସମଦୃଷ୍ଟିରେ ଦେଖନ୍ତି, ଭକ୍ତ ବୋଲି ତାହାକୁ ବେଶି ଅନୁଗ୍ରହ ଦେଖାନ୍ତି ନାହିଁ। (୯.୨୯); ଅଧର୍ମୀ ବି ତାଙ୍କର ପ୍ରିୟ। (ଗୀତା ରଚନା ସମୟରେ ଗୀତା ରଚୟିତା ଭାରତରେ ଦୁଇ ରକମର ମଣିଷ ଦେଖିଛନ୍ତି, ଭଗବାନ୍‌ଙ୍କ ଠାରେ ସମର୍ପିତ ଲୋକ ଓ ଭଗବାନ୍‌ଙ୍କୁ ବିଶ୍ୱାସ କରୁ ନ ଥିବା ଲୋକ। ଏହି କାରଣରୁ ସନାତନ ଧର୍ମ ଅନ୍ୟ ଧର୍ମ ପ୍ରତି ଅସୂୟା ଭାବ ରଖେ ନାହିଁ, ଭକ୍ତ ଓ ଅଭକ୍ତ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖେ, ଭୋଗ କି ପ୍ରକାର ହେବ ତା' ଉପରେ ଜୋର୍ ନ ଦେଇ ଅର୍ପଣ କରୁଥିବା ଲୋକର ଭକ୍ତି ଉପରେ ଜୋର୍ ଦିଏ।



ଭୋଗ ଦେଉଥିବା ଲୋକଙ୍କୁ ଭଲପାଇବେ ଆଉ ଭୋଗରାଗ ନ ଦେଉଥିବା ଲୋକଙ୍କୁ ଘୃଣା କରିବେ ବା ସେମାନଙ୍କ ଉପରେ ଶ୍ରୀକୃଷ୍ଣ ରାଗିବେ ଏ କଥା ଭାବିବା ଭୁଲ୍। ହୃଦୟ ବା ମନ ଯାହା କହୁଛି ତା' ଦେଲେ, ବଦଳରେ କିଛି ଆଶା କରୁ ନ ଥିଲେ, ଭଗବାନ୍ ତା' ଗ୍ରହଣ କରନ୍ତି। ଏତେ ସବୁ ବୁଝାଇ ସାରିଲା ପରେ ଶ୍ରୀକୃଷ୍ଣ କହିନାହାନ୍ତି, ମୋତେ କେବଳ ପୂଜା କର। ଯଥେଚ୍ଛାସି ତଥା କୁରୁ, ତୁମେ କ'ଣ କରିବ ଠିକ୍ କର। (୧୮.୬୩)। ଯେଉଁମାନେ ଅନ୍ୟ ଦେବଦେବୀଙ୍କୁ ପୂଜା କରନ୍ତି ସେମାନେ ପ୍ରକୃତରେ ଭଗବାନ୍‌ଙ୍କୁ ପୂଜା କରନ୍ତି, କିନ୍ତୁ ଭୁଲ୍ ବାଟରେ, ଅବିଧିପୂର୍ବକଂ (୯.୨୩) ବୋଲି ସେ କହିଛନ୍ତି।

ଘର ଅପେକ୍ଷା ମନ୍ଦିରରେ ପୂଜାକରିବା ବେଶି ଫଳ ଦିଏ ବୋଲି ଲୋକବିଶ୍ୱାସ ଆସିଯାଇଛି କାହିଁକି? ସବୁବେଳେ ପୂଜାପାଠ ଚାଲିଥାଏ ବୋଲି ମନ୍ଦିର ବେଶି ପବିତ୍ର ଲାଗେ। ଘର ଭିତରେ ଥିବା ମନ୍ଦିର ଭଳି ସ୍ଥାନରେ ସଦାସର୍ବଦା ପୂଜାପାଠ ହୁଏ ନାହିଁ, ତେଣୁ ମନ୍ଦିରଠାରୁ ଅଳ୍ପ ଶାନ୍ତ ପରିବେଶ। ପୂଜାପୂଜି ଏକ ସାମ୍ପ୍ରଦାୟିକ – ସାମୂହିକ ପଙ୍‌କ୍ତି ଭିତରେ – ହେଉଥିବାରୁ ବାତାବରଣ ତ୍ୟାଗ ଓ ପବିତ୍ରତା ଆଣିଦିଏ। କିନ୍ତୁ ପୂଜକମାନେ ସେହି ବାତାବରଣକୁ ଏକ ପାରିବାରିକ ବ୍ୟବସାୟ ରୂପେ ଗ୍ରହଣ କରିନେଇଛନ୍ତି। ସେମାନଙ୍କ ପାଖରେ ଗ୍ରାହକର ଧର୍ମଭାବ ତୁଚ୍ଛ। ଧର୍ମରେ ଭଗବତ୍ ପ୍ରାପ୍ତି, ବ୍ୟବସାୟରେ ଧନ ପ୍ରାପ୍ତି – ତେଣୁ ବିପରୀତ ଦିଗରେ ମଣିଷର ଆଚରଣ! ପୁରୀ ଶ୍ରୀମନ୍ଦିରରେ ୫୦ରୁ ୬୦ହଜାର ଲୋକଙ୍କ ପାଇଁ ମହାପ୍ରସାଦ ରାନ୍ଧିବାରେ ଓ ଦୀପ ଜାଳିବାରେ ହାରାହାରି ୪୦୦ରୁ ୫୦୦ ପନ୍ଦରକିଲିଆ ଘିଅ ଟିଣ କିଣାଯାଏ। ତିରୁପତି ତିରୁମାଲାରେ ପ୍ରତିଦିନ ପ୍ରାୟ ଲକ୍ଷେ ଲଡୁ ତିଆରି କରିବା ପାଇଁ (୪ରୁ ୬ ଲଡୁ କିଲେ ଘିଅ ଖାଏ) ୨୫ ହଜାର କିଲୋ ଗାଈଘିଅ ଦରକାର। ପ୍ରାୟ ୫ ଲିଟର କ୍ଷୀରରୁ କିଲେ ଘିଅ ବାହାରେ, ଦୁଧିଆଳି ଗାଈଟିଏ ୧୦ ଲିଟର କ୍ଷୀର ଦେଉଥିଲେ, ଘିଅ ବରାଦ ନେଇଥିବା ଠିକାଦାର ୧୨,୫୦୦ ଦୁଧିଆଳି ଗାଈଙ୍କୁ ଖୋଜିବ, ତା' ଅସମ୍ଭବ ହେଲେ ଅଭାବକୁ ଅପମିଶ୍ରଣ ଦ୍ୱାରା ପୂରଣ କରିବ, ନ ହେଲେ ତା' ବ୍ୟବସାୟ ଭୁଶୁଡ଼ି ପଡ଼ିବ। (ପୁଣି ଦୀପ ଜାଳିବାର ଘିଅ କଥା ଅଛି।) ପ୍ରସାଦର ଗୁଣ ପରୀକ୍ଷା କରିବା ଅଧିକାରୀମାନେ ଏ ସତ୍ୟର ସାମ୍ନା କରିବେ। ଟଙ୍କା ଯେ ସମସ୍ତଙ୍କର ମୁହଁ ବଙ୍କା କରିପାରେ! (ମନ୍ଦିରାଧିକାରୀଙ୍କ, ତେଣୁ ପୂଜକର ବି!)

ଯଦି ଈଶ୍ୱର ନିରାକାର ତେବେ ଜମିବାଡ଼ି ନଷ୍ଟକରି ମନ୍ଦିର, ମସ୍‌ଜିଦ, ଗିର୍ଜା ତିଆରି କରିବା କ'ଣ ଦରକାର? ଆଲ୍ଲା ବା ମେସିହା ଦେବଦୂତ ବା ଆଞ୍ଜେଲ କାହିଁକି ତିଆରି କଲେ, ସେମାନଙ୍କୁ ତ ଭଗବାନ୍ ଯାହା ବତାଇଥିବେ ସେମାନେ ସେଇୟା କରିବେ, ସେମାନଙ୍କ ଇଚ୍ଛା ନାହିଁ କି ଭୋକ ନାହିଁ। ଯଦି ଭଗବାନ୍ ମଣିଷକୁ ଜନ୍ମକଲେ କେବଳ ତାଙ୍କୁ ପୂଜା କରିବା ପାଇଁ, ତେବେ ମଣିଷ ତ ଗୋଟିଏ ରୋବଟ୍ ହୋଇଗଲା, ତା'ର ବୁଦ୍ଧି କାହିଁକି ଦରକାର? ଲୋକେ ଆରତି ଥାଳିରେ ଟଙ୍କା ପଇସା ପକାନ୍ତି ପୂଜକ ନେବା ପାଇଁ, ହୁଣ୍ଡିରେ ବହୁ ମୂଲ୍ୟବାନ୍ ଜିନିଷ ପକାନ୍ତି, ତାହା ତ ଭଗବାନ ନେବେ ନାହିଁ। ସୁନା ରୁପା ଟଙ୍କା ଭୋଗ ଥାଳିରେ ପକାଇ ପୂଜା କରିବାକୁ ଦିଆଯାଏ ଜାଣିଶୁଣି ଯେ କେବଳ ଭୋଗଟା ଫେରିଆସିବ ପ୍ରସାଦ ହୋଇ; ଯାହାକୁ ଯିଏ ଦେଇଥିଲା ସିଏ ବା ତା' ପରିବାର ଲୋକେ ଓ ପଡ଼ିଶାମାନେ ଖାଇବେ। ଭକ୍ତମାନେ ଲଡୁ ଦେଇ ନ ଥାନ୍ତି, ପୂଜକମାନେ ଦେଇଥାନ୍ତି, ସେପରି ସାମଗ୍ରୀ କିପରି ପ୍ରସାଦ ହେବ! ଭକ୍ତ ତ ଲଡୁ ଅର୍ପଣ କରିନାହିଁ! ପୂଜକମାନେ ଅଜଣା ଲୋକମାନଙ୍କ ପାଇଁ ଲଡୁ କାହିଁକି ତିଆରି କରନ୍ତି – ବ୍ୟବସାୟ ପାଇଁ ଓ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ, ପୂଜକମାନେ ବଂଶାନୁକ୍ରମେ ରୋଜଗାର ପାଇ ପାରିବେ ବୋଲି। ବେଶି ପଇସା ମିଳିଲେ କମ୍ପାନୀ (କର୍ପୋରେଟ୍ ହାଉସ୍) ଭଳି ମନ୍ଦିରର ପରିଚାଳନା ହେବ, ଲୋକଙ୍କ ଦାନ ମ୍ୟୁଚୁଆଲ ଫଣ୍ଡ ଭଳି ମିଶି ମିଶି ବହୁ କୋଟି ଟଙ୍କା ହେବ, ମନ୍ଦିରର ପରିଚାଳକମାନେ ମ୍ୟୁଚୁଆଲ ଫଣ୍ଡର ମ୍ୟାନେଜର ଭଳି ବଡ଼ ବଡ଼ ପ୍ରକଳ୍ପରେ ସେ ଟଙ୍କା ଲଗାଇବେ। ବେଶିରୁ ବେଶି ଲଡୁ କଲେ ଉପାଦାନଗୁଡ଼ିକର ଅଭାବ ହେବ ହିଁ ହେବ, ଅପମିଶ୍ରଣ ନ କଲେ ଯଥେଷ୍ଟ ଯୋଗାଇ ହେବନାହିଁ। ନିଜ ରୂପରେ ଗଢ଼ିଥିବା ମଣିଷକୁ ଈଶ୍ୱର ହିଁ ତ ଏ ବୁଦ୍ଧି ଦେଇଛନ୍ତି, ସେ ମାନବୀୟ ଲୀଳା କରୁଥିଲେ ଅପମିଶ୍ରିତ ଲଡୁ ସବୁକୁ ମନ୍ଦିର ଭିତରେ ପ୍ରବେଶ ପୂର୍ବରୁ ଫୋପାଡ଼ିଦିଅନ୍ତେ!

sahadevas@yahoo.com
ମୋ: ୯୩୩୭୧୦୩୫୪୨

# ଅଦୃଶ୍ୟ ସୈନିକ



**ଅନନ୍ତ ଚରଣ ସ୍ୱାଇଁ**

ରଙ୍ଗବେରଙ୍ଗ ଫୁଲରେ ଭରିଯାଇଥିଲା ବଗିଚା। ପ୍ରଜାପତି ଓ ମହୁମାଛିମାନଙ୍କ ଗୁଣୁଗୁଣୁ ସଙ୍ଗୀତ ପରିବେଶକୁ ଅଧିକ ମଡୁଆଲା କରୁଥିଲା।

ସେ ବାଟ ଦେଇ ଯାଉଥିବା ପଥିକମାନେ ମଧ୍ୟ ବଗିଚାର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରନ୍ତି, ବଗିଚାର ଯତ୍ନ ନେଉଥିବା ବୃଦ୍ଧାଙ୍କର କରନ୍ତି ଭୂୟସୀ ପ୍ରଶଂସା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବଗିଚାରେ କାମ କରନ୍ତି ବୃଦ୍ଧା। ପ୍ରତ୍ୟେକ ଗଛର ଯତ୍ନ ନିଅନ୍ତି। ଥରେ ବୃଦ୍ଧାଙ୍କୁ ଜ୍ୱର ହେଲା। ଜ୍ୱରହେବା ସତ୍ତ୍ୱେ ସେ ବଗିଚାରେ ଦିନତମାମ କାମରେ ଲାଗି ଥାଆନ୍ତି। ମା'ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ତାଙ୍କ ପୁଅ କହିଲା, ''ମା! ଜ୍ୱରରେ କାମ କଲେ ତମ ଦେହ ବହୁତ ଖରାପ ହୋଇଯିବ, କିଛି ଦିନ ମାମୁ ଘରକୁ ଯାଇ ବିଶ୍ରାମ କର, ଦେହ ଭଲ ହେବା ପରେ ବଗିଚାକୁ ଫେରି ଗଛଗୁଡ଼ିକର ଯତ୍ନ ନେବ। ମୁଁ ତମକୁ କଥା ଦେଉଛି, ତମ ଅନୁପସ୍ଥିତିରେ ମୁଁ ଗଛଗୁଡ଼ିକର ଯତ୍ନ ନେବି। ଟିକିଏବି ଅବହେଳା କରିବି ନାହିଁ।''

ପୁଅର କଥା ରଖି ବୃଦ୍ଧା ଜଣଙ୍କ କିଛିଦିନ ବିଶ୍ରାମ ପାଇଁ ନିଜ ମା'ଙ୍କ ଘରକୁ ଚାଲିଗଲେ। ପୁଅ ଉପରେ ବୃଦ୍ଧାଙ୍କର ବିଶ୍ୱାସ ଓ ଭରସା ଥିଲା। ପୁଅ ମଧ୍ୟ ସକାଳୁ ସଞ୍ଜଯାଏ ବଗିଚାରେ କାମ କରେ। ସମସ୍ତ ଯତ୍ନ ସତ୍ତ୍ୱେ ଗଛର ପତ୍ର ଫୁଲ ସବୁ ମଉଳିଗଲା। ଖୁବ୍ ଶୀଘ୍ର ଶ୍ରୀହୀନ ହୋଇଗଲା ବଗିଚା।

ମାସକ ପରେ ଫେରିଆସିଲେ ବୃଦ୍ଧା। ବଗିଚାକୁ ଦେଖି ଦୁଃଖରେ ଭାଙ୍ଗିପଡ଼ିଲେ ସେ। ନ ଥିଲା ଗଛରେ ସବୁଜିମା, ନଥିଲା ରଙ୍ଗ ବେରଙ୍ଗର ଫୁଲ, ବଗିଚାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଇଥିଲା। ବଗିଚାର ଏପରି ଅବସ୍ଥା ଦେଖି ବୃଦ୍ଧାଙ୍କ ପୁଅ କାନ୍ଦି କାନ୍ଦି କହିଲା, ''ମା! ସତ କହୁଛି ଗଛଗୁଡ଼ିକ ଯତ୍ନ ନେବାରେ ମୁଁ ଟିଳେହେଲେ ଅବହେଳା କରିନି। ସକାଳୁ ସଞ୍ଜ ପର୍ଯ୍ୟନ୍ତ ବଗିଚାରେ କାମ କରେ। ଗଛର ପତ୍ରରେ ପଡ଼ିଥିବା ଧୂଳିକୁ ପୋଛି ପରିଷ୍କାର କରେ। ଝଡ଼ିପଡ଼ିଥିବା ପତ୍ରସବୁକୁ ଝାଡୁମାରି ସଫା କରେ। ସମସ୍ତ ଯତ୍ନ ସତ୍ତ୍ୱେ ଗଛଗୁଡ଼ିକରୁ ସବୁଜିମା ହଜିଗଲା। ସୌନ୍ଦର୍ଯ୍ୟ ହରାଇଲା ବଗିଚା। ଏହାର କାରଣ ମୁଁ ବୁଝିପାରୁନି ମା।''

ଶାନ୍ତ୍ୱନା ଦେଇ ବୃଦ୍ଧା କହିଲେ, ପୁଅରେ! ମନେରଖ, ଗଛର ଜୀବନ ତାହାର ପତ୍ରରେ ନ ଥାଏ। ଜୀବନ ଥାଏ ଗଛ ଚେରରେ। ଚେର ଆମକୁ ଦୃଶ୍ୟ ହୁଏ ନାହିଁ। ଚେର ମାଟିରୁ ସଂଗ୍ରହ କରେ ଖାଦ୍ୟ ଓ ପାଣି। ଚେର ବିନା ଗଛର ଅସ୍ତିତ୍ୱ ନାହିଁ। ତୁ ଯଦି ପତ୍ରର ଯତ୍ନ ବଦଳରେ ଚେରର ଯତ୍ନ ନେଇ ଥାଆନ୍ତୁ, ଗଛ ମୂଳରେ ପାଣି, ସାର, ଖତ ଆଦି ଦେଇ ଥାଆନ୍ତୁ, ତେବେ ଗଛଗୁଡ଼ିକ ଅବସ୍ଥା ଏପରି ଦୟନୀୟ ହୋଇ ନଥାନ୍ତା। ବଗିଚାର ସୌନ୍ଦର୍ଯ୍ୟ ଅତୁଟ ଥାଅନ୍ତା।

କାହାଣୀଟି ବର୍ଣ୍ଣନା କଲା ପରେ ଶିକ୍ଷକ କହିଲେ, ''ପିଲେମାନେ! ଆମ ଚାରିପଟେ ଅନେକ ଅଦୃଶ୍ୟ ଶକ୍ତି ଅଛନ୍ତି। ସେମାନେ ଆମ ସୁଖ, ସାହାଯ୍ୟ ପାଇଁ ଦିନ ରାତି ଲାଗିଛନ୍ତି। ଆମେ ସେମାନଙ୍କୁ ଦେଖି ପାରୁନେ। କିନ୍ତୁ ସେମାନଙ୍କର ସେବାକୁ ଉପଭୋଗ କରୁଛେ। ସେମାନଙ୍କ ପାଇଁ ଆମ ଜୀବନ ସୁଖରେ କଟୁଛି। କେହି କେବେ ସେହି ଅଦୃଶ୍ୟ ସୈନିକଙ୍କ କଥା ଭାବିଛ? ସେମାନେ ଭଲରେ ରହିଲେ ଆମେ ଭଲରେ ରହିବା'' ସେମାନେ କାମ ନ କଲେ ଆମ ଜୀବନ ଦୁର୍ବିଷହ ହୋଇଯିବ।



ସାମୂହିକ ପ୍ରଚେଷ୍ଟା ବିନା ଆର୍ଥିକ ଶିକ୍ଷାର ପ୍ରଚାର, ପ୍ରସାର ଓ ବ୍ୟବହାର ଆର୍ଥିକ ଅନଗ୍ରସର ବ୍ୟକ୍ତିମାନଙ୍କ ପାଖରେ ପହଞ୍ଚି ପାରିବ ନାହିଁ। ମହିଳା ସଶକ୍ତୀକରଣ ପାଇଁ ଆମ ରାଜ୍ୟରେ ମିଶନ ଶକ୍ତି କ୍ରିୟାଶୀଳ। ପ୍ରାୟ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ୭୫ ଲକ୍ଷ ସଦସ୍ୟଙ୍କୁ ଅନ୍ୟାନ୍ୟ ପ୍ରଶିକ୍ଷଣ ସହ ଆର୍ଥିକ ଶିକ୍ଷା ପ୍ରଦାନ କରିପାରିଲେ ଆର୍ଥିକ ସାକ୍ଷରତା ହାରରେ ବୃଦ୍ଧି ହେବ। ସେହିପରି ସ୍କୁଲ ଓ କଲେଜ ପର୍ଯ୍ୟାୟକ୍ରମରେ ଆର୍ଥିକ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିପାରିଲେ ଅନ୍ତତଃ ପିଲାମାନେ ଛୋଟବେଳରୁ ଆର୍ଥିକ ଦୃଷ୍ଟିରୁ ଶୃଙ୍ଖଳିତ ହୋଇପାରିବେ। ଡାକଘର ଓ ବ୍ୟବସାୟିକ ବ୍ୟାଙ୍କ ଶାଖାଗୁଡ଼ିକରେ ସାମାଜିକ ସୁରକ୍ଷା, ସ୍ୱଳ୍ପ ସଞ୍ଚୟ ଯୋଜନା, ବିଭିନ୍ନ ବୀମା ସଂକ୍ରାନ୍ତୀୟ ତଥ୍ୟର ପୋଷ୍ଟର କିମ୍ବା ଲିଫ୍‌ଲେଟ ମାଧ୍ୟମରେ ଗ୍ରାହକଙ୍କୁ ସେଥିରେ ଥିବା ସୁବିଧା ବିଷୟରେ ଅବଗତ କରାଇବା। ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକମାନଙ୍କ ପାଇଁ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ; ରେଳ ଷ୍ଟେଶନ, ଟ୍ୟାକ୍ସି ଷ୍ଟାଣ୍ଡ, ବସ୍ ଷ୍ଟାଣ୍ଡ, ଅଟୋ ରିକ୍ସା ଷ୍ଟାଣ୍ଡ, ପାର୍କ ଆଦି ସ୍ଥାନରେ ସାମାଜିକ ସୁରକ୍ଷା, ସଞ୍ଚୟ ଓ ବୀମା ବିଷୟରେ ଲୋକଙ୍କୁ ସଚେତନ କରାଇବା; ପଥପ୍ରାନ୍ତ ନାଟକ ମାଧ୍ୟମରେ ଆର୍ଥିକ ଶିକ୍ଷାର ପ୍ରସାର। ସମାଜର ପ୍ରତ୍ୟେକ ଶିକ୍ଷିତ ଓ ସଚେତନ ବ୍ୟକ୍ତି ଦୈନନ୍ଦିନ ସଂସ୍ପର୍ଶରେ ଆସୁଥିବା ଗରିବ ଲୋକଙ୍କର ସଞ୍ଚୟ, ସାମାଜିକ ସୁରକ୍ଷା କରେଇବାର ଦାୟିତ୍ୱ ନେଇପାରିଲେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ପରିଚାଳନାରେ ଦ୍ରୁତ ଅଗ୍ରଗତି ହେବ।

ଜଣେ ଶିକ୍ଷିତ ବ୍ୟକ୍ତି ହୁଏତ ଗୋଟିଏ ଜିଲା ଗୋଟିଏ ରାଜ୍ୟ କିମ୍ବା ଗୋଟିଏ ଦେଶକୁ ପରିବର୍ତ୍ତନ କରିବାରେ ସଫଳ ହୋଇ ନ ପାରେ। କିନ୍ତୁ ସେ ଚାହିଁଲେ ଅତି କମ୍‌ରେ ଜଣେ ଗରିବ ଲୋକକୁ ପରିବର୍ତ୍ତନ କରାଇପାରିବ। ପରିବର୍ତ୍ତନ ଯଦି ଗରିବ ଲୋକର ଦାରିଦ୍ର୍ୟ ଦୂର କରିବାର ପଥ ପରିଷ୍କାର କରେ ଏବଂ ସେହି ଗରିବ ଲୋକର ମୁହଁରେ ଟିକେ ହସ ଫୁଟାଇ ପାରେ, ତେବେ ତାହା ହେଉଛି ସବୁଠୁ ବଡ଼ ମହତ କାମ। ମିଶିକରି ଆସ ସମସ୍ତେ ଏକ ନୂଆ ସଂକଳ୍ପ ନେବା। ଆମ ସଂସ୍ପର୍ଶରେ ଆସୁଥିବା ଗରିବ, ନିଷ୍ପେଷିତ ସେହି ଅଦୃଶ୍ୟ ସୈନିକମାନଙ୍କୁ ଆର୍ଥିକ ସାକ୍ଷର କରାଇବା ସହ ସେମାନଙ୍କ ଆର୍ଥିକ ଉନ୍ନତିରେ ସହାୟତା କରିବା। ସେମାନଙ୍କ ମୁହଁରେ ଆଣିବା ଆନନ୍ଦର ହସ। ସେମାନଙ୍କ ଜୀବନକୁ କରିବା ସରସ ସୁନ୍ଦର। ଏହାହିଁ ହେବ ସମାଜ, ରାଜ୍ୟ, ଦେଶ ଓ ବିଶ୍ୱ ପାଇଁ ସର୍ବୋତ୍ତମ ସେବା।

ମୋ: ୭୩୮୧୦୪୬୪୭୭

## ଏଇ ଭାରତରେ

କୃଷି ପାଇଁ ରସିକ ନାକୌମଙ୍କୁ ଶିକ୍ଷକ ଚାକିରି ଛାଡ଼ିବାକୁ ପଡ଼ିଛି। ସେ ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ(ହାଇଡ୍ରୋପୋନିକ) ପଦ୍ଧତିରେ ଚାଷ କରିବା ସହ ଗତ ୫ ବର୍ଷ ମଧ୍ୟରେ ୫୦୦୦ ଲୋକଙ୍କୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ସେ ଏହି ପ୍ରଶିକ୍ଷଣ ବିନା ଦେୟରେ ଜାରି ରଖିଛନ୍ତି। ରସିକ ରାଜକୋଟରେ ସପରିବାର ରହୁଛନ୍ତି। ତାଙ୍କ ପରିବାରର ମୁଖ୍ୟ ଆୟର ଉତ୍ସ ହେଉଛି କୃଷି। ଏଣୁ ସେ ସରକାରୀ ଶିକ୍ଷକ ଭାବେ ଚାକିରି ଛାଡ଼ି କୃଷି କ୍ଷେତ୍ରକୁ ଆସିଛନ୍ତି ବୋଲି କୁହନ୍ତି ରସିକ। ଅନେକଙ୍କ ପାଖରେ ଜମି ନ ଥିଲେ ବି ସେମାନେ କିଭଳି କମ୍ ଜାଗାରେ ଚାଷ କରି ଅଧିକ ଆୟ କରିପାରିବେ ସେହି ଲକ୍ଷ୍ୟରେ ରସିକ ପ୍ରଶିକ୍ଷଣ ଦେଉଛନ୍ତି। ଏପରି କି ଗୁଜରାଟର ବିଭିନ୍ନ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ସେ କୃଷକ ଓ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ମାରୁତି ନନ୍ଦନ ଚାରିଟେବଲ ଟ୍ରଷ୍ଟ ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ତାଙ୍କ ଅଗଣାରେ ହାଇଡ୍ରୋପୋନିକ ପଦ୍ଧତିରେ ପୋଇ, ଧନିଆ, ଲଙ୍କା, ବାଇଗଣ, ଷ୍ଟ୍ରବେରି ଆଦି ୨୫ରୁ ଅଧିକ ପ୍ରକାର ପରିବା ଉତ୍ପାଦନ କରୁଛନ୍ତି। ରସିକଙ୍କର ଏହି ହାଇଡ୍ରୋପୋନିକ ଫାର୍ମକୁ ବହୁ କୃଷି ବିଜ୍ଞାନୀ ଓ ଚାଷୀମାନେ ଦେଖିବାକୁ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ନଭେମ୍ବର ୧୯୭୫**

- ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଅର୍ଥନୈତିକ, ଶିଳ୍ପ, କୃଷି ଓ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ଏକ ରାଜିନାମା ସ୍ୱାକ୍ଷରିତ।
- କଂଗ୍ରେସ ସଭାପତି ଶ୍ରୀ ଦେବକାନ୍ତ ବରୁଆ, ଗୁଜରାଟ ପ୍ରଦେଶ କଂଗ୍ରେସ କମିଟିର ନୂତନ ସଭାପତି ରୂପେ ରାଜ୍ୟର ଜନୈକ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ହିତେନ୍ଦ୍ର ଦେଶାଇଙ୍କୁ ନିଯୁକ୍ତ କରିଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 5 | | 4 | 2 | | 1 | | | |
| | 1 | | | | | | 3 | |
| | | 5 | | 7 | | | | 1 |
| 4 | 6 | | | | 9 | 8 | | |
| | | 9 | | | 4 | | 2 | |
| | | 1 | | | | | | |
| | 7 | | | | | 5 | | |
| 2 | 4 | | | 9 | 8 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 8 | 7 | 2 | 6 | 5 | 1 | 3 |
| 6 | 3 | 5 | 1 | 8 | 9 | 2 | 7 | 4 |
| 7 | 1 | 2 | 4 | 5 | 3 | 6 | 9 | 8 |
| 8 | 5 | 6 | 9 | 1 | 4 | 3 | 2 | 7 |
| 9 | 4 | 1 | 3 | 7 | 2 | 8 | 5 | 6 |
| 2 | 7 | 3 | 8 | 6 | 5 | 9 | 4 | 1 |
| 1 | 2 | 9 | 6 | 3 | 7 | 4 | 8 | 5 |
| 3 | 8 | 4 | 5 | 9 | 1 | 7 | 6 | 2 |
| 5 | 6 | 7 | 2 | 4 | 8 | 1 | 3 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପୋଲିସ ଜ୍ଞାତସାରରେ ସବୁ ଚାଲିଛି

ମହାଶୟ,

ମଦ, ଗଞ୍ଜେଇ, ଅଫିମ ପରି ମାଦକ ଦ୍ରବ୍ୟ ଉଭୟ ଲାଇସେନ୍ସପ୍ରାପ୍ତ ଦୋକାନ ଓ ଚୋରା ବେପାରୀଙ୍କ ମାଧ୍ୟମରେ ରାଜ୍ୟର ସର୍ବତ୍ର ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ ଚରସ, ହେରୋଇନ,କୋକେନ ଓ ବ୍ରାଉନ ସୁଗାର ପରି ମାରାତ୍ମକ ନିଶାଦ୍ରବ୍ୟର ମଧ୍ୟ ଚୋରା କାରବାର ଚାଲିଛି। ପାନ ଦୋକାନ, ମିଠା ଦୋକାନ, ପରିବା ଦୋକାନ ତଥା ହୋଟେଲ, ଢାବା ଓ ରେଷ୍ଟୁରାଣ୍ଟରେ ଏସବୁ ମିଳୁଛି। ପର୍ବପର୍ବାଣି ଓ ଯାନିଯାତ୍ରାରେ ନିଷିଦ୍ଧ ଜୁଆଖେଳ ଚାଲୁଛି। ହେଲେ ଅତ୍ୟନ୍ତ ଉଦ୍‌ବେଗର ବିଷୟ ହେଉଛି ସଂପୃକ୍ତ ଅଞ୍ଚଳର ଥାନା ଓ ଫାଣ୍ଡିର ପୋଲିସଙ୍କ ଜ୍ଞାତସାରରେ ଏସବୁ ଚାଲିଛି। ସଂପୃକ୍ତ ଚୋରା ବ୍ୟବସାୟୀଗଣ ପୋଲିସକୁ ନିୟମିତ ଲାଞ୍ଚ ଦେବା ଖବର ପ୍ରକାଶ ପାଉଛି। ସେହିପରି ପୂଜା କମିଟିଠାରୁ ଜୁଆଖେଳ ବାବଦକୁ ଲାଞ୍ଚଖୋର ପୋଲିସ ୪୦/୫୦ ହଜାର ଟଙ୍କା ନେଇ ଧୃତରାଷ୍ଟ୍ର ସାଜୁଛି। ଏଥିପାଇଁ ଉଭୟ ଗାଁ–ଗହଳି ଓ ସହରାଞ୍ଚଳର ଅନେକ ଲୋକ ବିପଥଗାମୀ ହେଉଛନ୍ତି। ମଦ ଖାଇ ଓ ଜୁଆ ଖେଳି ହଜାର ହଜାର ଟଙ୍କା ଉଡାଇ ଦେଉଛନ୍ତି। ହଣାକଟା, ଚୋରି ଡକାୟତି, ବଳାତ୍କାର ଓ ରାହାଜାନି ପରି ଫୌଜଦାରି ଘଟଣା ଘଟୁଛି। ଫେରାର ଅପରାଧୀଙ୍କୁ ପୋଲିସ ଧରୁନାହିଁ। ଶାସକ ଦଳର ଦୁର୍ନୀତିଖୋର କୁଜିନେତାଙ୍କଠାରୁ ମୋଟା ଅଙ୍କର ଉତ୍କୋଚ ନେଇ ଅଭିନୟ କରୁଛି। ସୁତରାଂ, ଏଭଳି କେତେକ ଲାଞ୍ଚଖୋର ପୋଲିସଙ୍କୁ ସରକାର ଚାକିରିରୁ ବହିଷ୍କାର କରିବା ଉଚିତ। ନଚେତ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହିତ ସାମାଜିକ ଜନଜୀବନ ବିଷାକ୍ତ ହୋଇଯିବ।

**– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସଖିରେ ସେହି ମତି
ବରଷା କରେ ରତି
ଧରାରେ ଉପୁଜାଇ ପୁଲକ
ତନୁରେ ତନୁ ମିଶି
ନ ମାନେ ଦିବା ନିଶି
ନ ପଡ଼େ ତିଳେ କାହା ପଲକ।
(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସୁନୀଲ



@ ଦିଭେସ



@ ସୁରେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପରିବହନ ସେବା ଯୋଜନାର ବର୍ଷ ପୂର୍ତ୍ତି ସମାରୋହ

ଭବାନୀପାଟଣା,୨।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗ୍ରାମାଞ୍ଚଳ ପରିବହନ ସେବା (ଜିପିଏସ୍) ପ୍ରଚଳନକୁ ଏକ ବର୍ଷ ବିତିଛି। ଏହି ବସ୍ ସେବା ଗ୍ରାମାଞ୍ଚଳରେ ବେଶ ପ୍ରଭାବ ପକାଇଛି। ପ୍ରତିଦିନ ବସ୍ ଯାତ୍ରା ପାଇଁ ଲୋକଙ୍କ ଅପେକ୍ଷା ରହୁଛି। ସୁଲଭ ମୂଲ୍ୟରେ ଯାତ୍ରା ମନରେ ଅଫୁରନ୍ତ ଆନନ୍ଦ ଦେଇଛି। ଶୁକ୍ରବାର ଭବାନୀପାଟଣାସ୍ଥିତ ନୂଆ ବସ୍ ଟର୍ମିନାଲ ସଭାଗୃହଠାରେ ବର୍ଷ ପୂର୍ତ୍ତି ସମାରୋହ ଅନୁଷ୍ଠିତ ହୋଇଛି। ଜିପିଏସ୍ ବସ୍ ଜିଲା ପରିଚାଳକ ସ୍ୱଦେଶ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନୋଡାଲ ଅଫିସର ତଥା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଡେପୁଟି କଲେକ୍ଟର ତଥା ଡିସିଓ ବିବେକାନନ୍ଦ ମହାନନ୍ଦ, ଓଏସ୍ଆର୍ଟିସି ସହକାରୀ ପରିଚାଳକ ଶାଶ୍ୱତ ପ୍ରଧାନ ଅତିଥି ରୂପେ ଯୋଗଦେଇଥିଲେ। ବର୍ତ୍ତମାନ ଜିପିଏସ୍‌ର ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଛି।



ଏକ ବର୍ଷ ପୂର୍ତ୍ତି ସମାରୋହରେ ଅତିଥିଗଣ।

### କଳାହାଣ୍ଡି ଜିଲା

ପ୍ରତ୍ୟହ ୧୦ହଜାର, ଏପରି କି କେଉଁ ଦିନ ୧୪ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ଯାତ୍ରା କରୁଥିବା କୁହାଯାଇଛି। ଆଗାମୀ ଦିନରେ ଯାତ୍ରୀ ସଂଖ୍ୟା କିଭଳି ବୃଦ୍ଧି ପାଇବ ସେଥିପାଇଁ ସମସ୍ତେ ନିଜ ଦାୟିତ୍ୱ ସମ୍ପାଦନ କରିବା ଉଚିତ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ଶ୍ରେଷ୍ଠ ବ୍ଲକ ସୁପରଭାଇଜର ଅରବିନ୍ଦ ସାହା, ଗିରିଧାରୀ ବାଗ ଓ ପାର୍ବନ ମଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଡ୍ରାଇଭର ଓ ଶ୍ରେଷ୍ଠ କଣ୍ଡକ୍ଟର ଭାବେ ସତ୍ୟବାନ ତାଣ୍ଡି ଓ ମଦନପୁର ରାମପୁର ବ୍ଲକର ମିଶନ ଶକ୍ତି କଣ୍ଡକ୍ଟର ସସ୍ମିତା ନାୟକ ଓ ଶ୍ରେଷ୍ଠ ଏନ୍‌ଫୋର୍ସମେଣ୍ଟ ଷ୍ଟାଫ୍ ରୂପେ ଶୁଭେନ୍ଦୁ ପୁରୋହିତଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଉତ୍ସବରେ ସମସ୍ତ ୧୩ ବ୍ଲକର ସୁପରଭାଇଜର ଉପସ୍ଥିତ ଥିଲେ। ଶେଷରେ ସାର୍ଥକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ନର୍ଲା,୨।୧୧(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ନର୍ଲା ଥାନା ରୁପ୍ରା ଗ୍ରାମର ପୁରୁଣା ମଦଭାଟି ନିକଟରେ ଶନିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତୁଲାପଡ଼ା ପଞ୍ଚାୟତ ସାଡ଼ିଙ୍ଗତରା ଗ୍ରାମର କୁବେର ପଧାନ (୩୫)। ସୂଚନାକ୍ରମେ କୁବେର ଓ ତାଙ୍କର ଜଣେ ସମ୍ପର୍କୀୟ ବାଇକ୍ (ଓଡି୦୮କ୍ୟୁ୨୪୮୦) ଯୋଗେ ରୁପ୍ରା ଗାଆଁ ଦେଇ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଥିରେ କୁବେରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସମ୍ପର୍କୀୟ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ କେସିଙ୍ଗା ଡାକ୍ତରଖାନା ଓ ପରେ ବଲାଙ୍ଗୀର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଶିଶୁ ମହୋତ୍ସବ ସୁରଭି

ଖଡ଼ିଆଳ,୨।୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ସରକାରୀ ଆଶ୍ରମ ବିଦ୍ୟାଳୟ ଚନାବେଡ଼ାଠାରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୀତବାସ ଜଗତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚାରଣ ନାଏକ, ଏବିଇଓ ଜୟଦେବ ପଣ୍ଡା, ସମାଜସେବୀ ଅକ୍ଷୟ ନନ୍ଦ, ସରପଞ୍ଚ ମଥାମଣି ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଏବିଇଓ ମୋତିଲାଲ ବେହେରା ଧନ୍ୟବାଦ ଦେଇଥିଲେ। ବ୍ଲକ୍ ଅନ୍ତର୍ଗତ ୧୭ କ୍ଲଷ୍ଟରର ୧୭ ସାଂସ୍କୃତିକ ଦଳ ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

# ରେଗଡ଼ାରେ କ୍ଷେତ୍ର ପରିଦର୍ଶନ ଓ ତାଲିମ ଶିବିର

କର୍ଲାମୁଣ୍ଡା,୨।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡ଼ାଠାରେ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ତଥା ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ କଳାହାଣ୍ଡି ସମେତ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ଚାଷୀଙ୍କୁ ନେଇ ଧାଡ଼ି ବୁଣା ଧାନକ୍ଷେତ୍ର ପରିଦର୍ଶନ ସହ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଏସ୍ଆର୍ ପ୍ରକଳ୍ପ ମୁଖ୍ୟ ଡ. ଅଶୋକ କୁମାର ଯାଦବ, ଅଗ୍ରଣୀ ସଫଳ ଚାଷୀ ଅରବିନ୍ଦ ଚୌଧୁରୀ, ପୁରୀ ଜିଲାର ସଫଳ ଚାଷୀ ଦିଲୀପ କୁମାର ବରାଳ,ମହିଳା ଚାଷୀ ପ୍ରମିଳା ବାରିକ, ଭୂପିନ୍ଦର ଚୌଧୁରୀ ପ୍ରମୁଖ ଯୋଗଦେଇ ଯନ୍ତ୍ର ସାହାଯ୍ୟରେ ଧାଡ଼ିରେ ଧାନବୁଣାର ଉପକାରିତା ସମ୍ପର୍କରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କୁଳଦୀପ ସିଙ୍ଗ ସଂଯୋଜନା କରିଥିଲେ। ଏଥିରେ କଳାହାଣ୍ଡି, ପୁରୀ, ମୟୂରଭଞ୍ଜ, ବରଗଡ଼, ଗଞ୍ଜାମ ଜିଲାର ୨ ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ।

# ଲଡୁଗାଁ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

କୋକସରା,୨।୧୧ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଲଡୁଗାଁ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜିଛି। ଏ ନେଇ ଶୁକ୍ରବାର ୱାର୍ଡମେମ୍ବରମାନେ କୋକସରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ହେବ ଲଡୁଗାଁ ସରପଞ୍ଚଙ୍କ ଦେହ ଅସୁସ୍ଥ ରହିଥିବା ଯୋଗୁ ପଞ୍ଚାୟତର ସମସ୍ତ କାର୍ଯ୍ୟରେ ଅସୁବିଧା ହେଉଛି। ଏଥିଯୋଗୁ ଜନ ସାଧାରଣ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ୱାର୍ଡ ସଭ୍ୟ ରୁଦ୍ରପ୍ରସାଦ ଦାସ, ରାଜେଶ କୁମାର ସାହୁ, ପଦ୍ମ ମହକ ଧଙ୍ଗଡ଼ାମାଝି, ପ୍ରକାଶ ପୂଜାରୀ, ରୁକ୍‌ମନ ଦାସ, ଶୋଭାଙ୍ଗିନୀ ହଂସ, ଅଷ୍ଟମୀ ଦଣ୍ଡସେନା, ରୁକ ଶବର, ବାସନ୍ତୀ ସୋରି, ଜାନକୀ ପାନ, କୁନ୍ତଳା ମଙ୍ଗରାଜ, ସୁଭାଷିନୀ ନିଆଲ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର କୋକସରା ବିଡିଓ ବିଶ୍ୱନାଥ ରାଉତଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ପୂର୍ବରୁ ଥିବା ପିଇଓ ବର୍ତ୍ତମାନର ପିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିବା ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ବିଡିଓ ରାଉତ ଅଭିଯୋଗ ଉପରେ ଆଲୋଚନା କରାଯିବ ଓ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।



ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ୱାର୍ଡମେମ୍ବର।

### ବିଡିଓଙ୍କୁ ଦାବିପତ୍ର ଦେଲେ ୱାର୍ଡମେମ୍ବର

# ଜିଲା ଗଠନ ଦିବସରେ ଆଲୋଚନା ସଭା

ଭବାନୀପାଟଣା,୨।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଗଠନ ଦିବସ ଉପଲକ୍ଷେ ଶୁକ୍ରବାର କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ସୁଧାଂଶୁ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ମୁଣ୍ଡ, ଗାଜିନ୍ଦ୍ର ପ୍ରସାଦ ପାଢ଼ୀ, ଅନୁପ କୁମାର ଜେନା ପ୍ରମୁଖ ଯୋଗଦେଇ କଳାହାଣ୍ଡିର ଐତିହ୍ୟ, ସଂସ୍କୃତି, ଜିଲା ଗଠନ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ବର୍ତ୍ତମାନ କଳାହାଣ୍ଡି ଦେଶର ଦ୍ୱିତୀୟ ବୃହତ୍ତମ ଶସ୍ୟ ଉତ୍ପାଦନ ଜିଲା ଭାବରେ ସ୍ୱୀକୃତିପ୍ରାପ୍ତ ହୋଇଛି। କପା ଉତ୍ପାଦନରେ ମଧ କଳାହାଣ୍ଡି ଅଗ୍ରଣୀ ଜିଲା ଭାବରେ ମାନ୍ୟତା ପାଇଥିବା ନେଇ ଆଲୋଚନା କରାଯାଇଥିଲା। ଦିବ୍ୟଶଙ୍କର ବହିଦାର, ସନ୍ତୋଷ କୁମାର ମୁଣ୍ଡଙ୍କ ସମେତ ବହୁ ଆଇନଜୀବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓକିଲ ସଂଘ ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସଂଘର ସହ ସମ୍ପାଦକ ସୁଧାଂଶୁ ନାଏକ, କୋଷାଧ୍ୟକ୍ଷ ମହେଶ ମହାପାତ୍ର, ସଭ୍ୟ ମନୋଜ କୁମାର ତାଣ୍ଡି, ସାରଣୀ ବେମାଲ, ସଭ୍ୟା କୁମାରୀ ଯଶୋବନ୍ତୀ ଦେଇ, ଆଇନଜୀବୀ ଆଶା ମିଶ୍ର ସହଯୋଗ କରିଥିଲେ।

# ସର୍ବ ଯାଦବ ସମାଜ ପାଳିଲା ଗିରି ଗୋବର୍ଦ୍ଧନ ପୂଜା




ଶୋଭାଯାତ୍ରାରେ ସାମିଲ ଯାଦବ ସମାଜ କର୍ମକର୍ତ୍ତା।

ବେହେରା,୨।୧୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ଗୋରୁବଜାର ପରିସରରେ ଦଣ୍ଡପାଟ ସର୍ବଯାଦବ ସମାଜ ଦ୍ୱାରା ଗିରିଗୋବର୍ଦ୍ଧନ ପୂଜା ପାଳନ କରାଯାଉଛି। ଜ୍ୟୋତିର୍ବିଦ ଭୂପେଶ ତିୱାରୀ ପୂଜକ ଓ କର୍ତ୍ତା ରୂପରେ ଡିଷ୍ଟିକ ବାଣୁଆ ଓ ତାଙ୍କ ପତ୍ନୀ ଉପାସି ବାଣୁଆ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଥିବା ଦେଖାଯାଇଛି। ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ଶ୍ରୀକୃଷ୍ଣଙ୍କ ସହିତ ଗିରିଗୋବର୍ଦ୍ଧନଙ୍କ ପୂଜା କରାଯାଇଥିଲା। ପରେ ଦଣ୍ଡପାଟ ଅଞ୍ଚଳର ଯାଦବମାନେ ମଶାଲ ଯାତ୍ରାରେ ବାହାରିଥିଲେ। ଦେବୀ ଦନ୍ତେଶ୍ୱରୀଙ୍କ ମନ୍ଦିରରେ ପୂଜନ ପୂର୍ବକ ମଶାଲକୁ ଗ୍ରାମ୍ୟ ପରିକ୍ରମା କରାଇ ଗୋବର୍ଦ୍ଧନ ପୂଜା ମଣ୍ଡପରେ ପହଞ୍ଚିଥିଲେ। ପରେ ଅନୁଷ୍ଠିତ ସଭାରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷି ମୁଖ୍ୟ ଅତିଥି, ଧର୍ମଗଡ ପଞ୍ଚାୟତ ଡିଗ୍ରୀ କଲେଜ ଅଧାପକ ମାଧବ ଲହଜଲ ମୁଖ୍ୟ ବକ୍ତା, କଳାହାଣ୍ଡି ଜିଲା ଯାଦବ ସଭାପତି ନୃପରାଜ ଯାଦବ ସ୍ୱତନ୍ତ୍ର ଅତିଥି ଓ ଚରିଗଡ କୋଷଲିଆ ଯାଦବ ସମାଜ ପ୍ରବକ୍ତା ଭୁବନେଶ୍ୱର ରାଉତ, ନୂଆପଡ଼ା ଜିଲା ସଭାନେତ୍ରୀ କୋଷାଲିଆ ଯାଦବ ସମାଜ ପାରେଶ୍ୱରି ସିନ୍ଦୂର, ସମ୍ପାଦକ ତୁଳସୀ ରାମ ରାଉତ, ସଭାପତି କୁମର ମଣି ରାଉତ, ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଧାପିକା ସରିତା ବାଗ, କଳାହାଣ୍ଡି ଜିଲା ଯାଦବ ସମାଜ ସଭାନେତ୍ରୀ ରଶ୍ମିରେଖା ରାଉତ,ଧର୍ମଗଡ ବ୍ଲକ ସଭାପତି ଶଙ୍କର ଯୁଏଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ ମଙ୍ଗଳ ପାଇଁ ଯେପରି କୃଷ୍ଣ ଗୋବର୍ଦ୍ଧନକୁ ଟେକିଥିଲେ ବର୍ତ୍ତମାନ ଯୁବକମାନଙ୍କୁ ସେଭଳି କରିବାକୁ ପଡିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ରବିବାର ପୂର୍ଣ୍ଣାହୁତି ହୋଇ ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ ହେବ। ସଭାପତି ତୁଳସିରାମ ବାରିକ, ଉପସଭାପତି ଚନ୍ଦନ ବାଣୁଆ, ସମ୍ପାଦକ ହେମନ୍ତ ନାଗ, ସହ ସମ୍ପାଦକ ନିରାକାର ଗୋପାଲ, କୋଷାଧ୍ୟକ୍ଷ ଗୌରବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SCADA-TATA/JKPR/437, ତା.25.10.2024ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଡିପୋଜିଟ୍ ସ୍କିମରେ ଜଖପୁରାରୁ ବାହାରୁଥିବା ମେସର୍ସ ଟାଟା ସାଇଡିଂ ଭିତରେ ପ୍ରସ୍ତାବିତ ଟ୍ରାକ୍ସନ୍ ସବ୍ ଷ୍ଟେସନ୍ (TSS) ଏବଂ ସୁଇଚିଂ ପୋଷ୍ଟରେ SCADA ର ପ୍ରାବଧାନ।

ଟେଣ୍ଡର ମୂଲ୍ୟ : ₹60,61,107.36, EMD : ₹1,21,200/-

ବିଡ୍ ଆରମ୍ଭ ହେବା ତାରିଖ : ତା.04.11.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.11.2024ରିଖ 1100 ଘଣ୍ଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-689/P/24-25



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-225

କାର୍ଯ୍ୟର ନାମ : ''ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି, ମୁନିଗୁଡ଼ା, ଟିଟିଲାଗଡ଼ ଏବଂ ବଲାଙ୍ଗୀର ଷ୍ଟେସନରେ OH ଟାଙ୍କି ଏବଂ ପାଇପ୍ ଲାଇନ୍ ସଂଯୋଗ ସହିତ 100 KLD କ୍ଷମତାର ପରିମଳ ବିଶୋଧନାଗାର ପ୍ଲାଣ୍ଟର ସଂସ୍ଥାପନ'' ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ୍ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 14,48,392.02, EMD : ₹ 29,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.11.2024ରିଖ 1530 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର

PR-685/P/24-25



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/74, ତା.25.10.2024ରିଖ

ଟେଣ୍ଡର ସଂ.e-Tender-BRIDGEKUR-227-24 ତା.23.10.2024ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ - ବୌଦପୁର ସେକ୍ସନ ମଧ୍ୟରେ ବ୍ରିଜ୍ ନଂ362 DN, ଇଚ୍ଛାପୁର - ଝାରପୁଟ୍ରି ସେକ୍ସନ ମଧ୍ୟରେ ବ୍ରିଜ୍ ନଂ1046 UP, ନିର୍ଗୁଣ୍ଡୀ - କେନ୍ଦ୍ରାପଡ଼ା ରୋଡ୍ ସେକ୍ସନ ମଧ୍ୟରେ 539 DN ଏବଂ ଜଖପୁର - ଜେନାପୁର ସେକ୍ସନ ମଧ୍ୟରେ 449 DN ର ଏକ ଅଂଶର ହେଲ୍‌ଥ ଇନଷ୍ଟ୍ରୁମେଣ୍ଟେସନ ଓ ସ୍ଥିତିର ତତ୍ତ୍ୱାବଧାନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 193.80 ଲକ୍ଷ, EMD : ₹ 2,46,900/-, ଶେଷ ହେବା ଅବଧି : 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.11.2024ରିଖ 1500 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍

PR-684/P/24-25



**ODISHA HYDRO POWER CORPORATION LTD.**

OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E. PROJECT, AT/PO : BARINIPUT, DISTRICT : KORAPUT, PIN - 764 006,
PHONE : 06854 242001, FAX : 06854 242038
REGD. OFFICE : ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR - 751022, TELEPHONE : 0674-2542802, 3542826, 2545536, FAX : 0674 2542102
CIN : U40101OR1995SGC003963

**NOTICE INVITING TENDER NO. 23/24-25 DATE 29.10.2024**

No.CAD-1502 : Sealed Tenders are invited in Single PART bid sealed envelopes from the manufacturers/authorized dealers of KIRLOSKAR make for "Supply of one number new KBL make firefighting Make-up Pump set with accessories and spares of UKHEP, Bariniput, Dist : Koraput, Odisha".

| Sl. No. | Description | Cost of tender paper (Rs) | EMD |
|---|---|---|---|
| 1 | Supply of one number new KBL make firefighting Make-up Pump set with accessories and spares of UKHEP, Bariniput, Dist : Koraput, Odisha". | Rs. 2360.00 (Rs. 2000/- + GST @ 18%) | Rs. 4,000/- |

Sale of tender paper : From 06.11.2024 to 11:00 Hrs. of 21.11.2024
Last date of submission of tender : Up to 12:00 Hrs. of 21.11.2024
Date & Time of opening of tender : At 12:30 Hrs. of 21.11.2024
For details of the tender documents, terms and conditions please visit our website www.ohpcltd.com

OIPR-04002/11/0040/2425 Sd./- C & P Head, UKHEP, Bariniput



See Career Appointment on every Wednesday & Saturday



GOVERNMENT OF ODISHA No. O-516

**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**

E.Mail- rw_sundargarh@yahoo.co.in

**E-PROCUREMENT NOTICE**

BID IDENTIFICATION NO. ONLINE-SESNG-10 of 2024-25

1. Name of the Work : Building Works
2. Total No. of Works : 32 Nos. Building
3. Estimated Cost : Rs.1.68 lakhs to Rs.4.20 lakhs
4. Class of Contractor : 'C' & 'D'
5. Period of Completion : 01 Calendar Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-10 of 2024-25 | 06.11.2024 11.00 A.M. | 16.11.2024 05.30 P.M. |

Further details can be seen from the website www.tendersorissa.gov.in.

OIPR-25046/11/0012/2425 Sd./- Superintending Engineer Rural Works Division, Sundargarh



**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR** No. O-490

Phone: 0680-2291405, E-Mail: eerw_gm1@yahoo.co.in

Government of Odisha, e-Procurement Notice

Bid Identification No. Online Tender // 05 // SERWDG-I / 2024-25

Letter No. 4317//RWDG-I//BAM// Date: 21.10.2024

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.50.55 to Rs.67.23 Lakhs |
| 3 | Period of Completion | : | 09 (Nine) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 07.11.2024 at 11.00 A.M. to 25.11.2024 upto 6.00 P.M. |
| 5 | Last Date/Time for Receipt of Bids in the Portal | : | 25.11.2024 upto 6.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

OIPR-25085/11/0005/2425 Sd./- Additional Chief Engineer R.W. Division-I, Ganjam, Berhampur



**OFFICE OF THE REGULATED MARKET COMMITTEE, KUCHINDA**

At/- Kundaposi, PO - Kuchinda, Near-Fire Station,
In Front of Forest Park, Sambalpur,
Pin - 768222, Tele Phone No. (06642) 221066, Email ID - rmc.kuchinda@gmail.com

No. - 08 Date - 02.11.2024

RMC/MKTY-2024-25

**TENDER CALL NOTICE**

The Sub-Collector-cum-Chairman, RMC Kuchinda invites sealed Tenders/Quotations from the reputed manufacturer or their authorised dealers for supply, installation and commissioning of grading Equipments as mention below with technical specification for the use in different PPCs under RMC Kuchinda.

The details of short tender call notice can be seen in the Sambalpur district website : http://sambalpur.odisha.gov.in.

The bidder shall have to submit their bid in double cover system (Cover-I : Technical Bid & Cover-II : Price Bid) and super-scribe in the covers separately.

The sealed bid should be reached to the Secretary RMC, Kuchinda by Regd Post / by hand on or before 11.11.2024 up to 5.00 P.M. The bid should be send in the name of Secretary RMC, Kuchinda, At - Kundaposi (Infront of forest park) Kuchinda, Sambalpur, Pin - 768222. The bid should be opened on dt. 12.11.2024 at 12.00 P.M. in the Office of the RMC, Kuchinda in presence of the Sub-Collector-cum-Chairman RMC, Kuchinda along with the Technical/evaluation committee and the bidder or their authorised representative.

By Order of Chairman
Sd./- Secretary
RMC, Kuchinda



**GOVERNMENT OF ODISHA** No.B-551

**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.V, BHUBANESWAR**

Mail i.d eernb5bbsr@gmail.com

**INVITATION OF BIDS**

E-procurement Tender Call Notice No. 09 of 2024-25

No. 6329 Bhubaneswar the 30 October-2024

The Superintending Engineer, Bhubaneswar (R&B) Division No.V, Bhubaneswar on behalf of the Governor of Odisha invites percentage rate bids for one number composite work to be received in online bidding, double cover system for construction work as detailed in : https://tendersorissa.gov.in. The details of bid document will be available in the above website from **05:00 P.M. of 05.11.2024 to 5.00 P.M. of 12.11.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.30 A.M. of 13.11.2024** in the Office of the Superintending Engineer, Bhubaneswar (R&B) Division No.V, Bhubaneswar. Further details can be seen from the e-procurement portal www.tendersorissa.gov.in. Addendum / Corrigendum, if required, will be available only in the Website.

| Sl. No. | Name of the work | Approximate Estimated cost put to Tender | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **"Repair & Renovation for Development of Community Centre at OUAT, Bhubaneswar for the year 2023-24" Composite Tender** | Rs. 88.39 Lakhs | Rs. 88,500.00 Online | Rs. 10,000.00 Online | B Class | 3 (Three) Calendar Months |

Sd./-Superintending Engineer
Bhubaneswar (R&B) Division No. V, Bhubaneswar

OIPR-34178/11/0006/2425

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସୁନୀଲ



@ ଦିଭେସ



@ ସୁରେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୃଷି ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

**ବଘିଆପଡା,୨।୧୧( ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ବଘିଆପଡା ପାଲଝାର କୃଷି ବିଜ୍ଞାନ କେନ୍ଦ୍ରଠାରେ ଶନିବାର ଦିନ ୨୧ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୃଷି ଯୁଗ୍ମ ନିର୍ଦ୍ଦେଶକ ଡ. ଶର୍ବଣୀ ଦାସ ଅଧ୍ୟକ୍ଷତା କରି ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଆଭାସୀ ଜରିଆରେ ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରସନ୍ନଜିତ ମିଶ୍ର, ବୈଜ୍ଞାନିକ ଡ. ପାର୍ଥ ପ୍ରତିମ ପାଲ,ଡ. ଗୋବିନ୍ଦ ଆଚାର୍ଯ୍ୟ, ଉଦ୍ୟାନ କୃଷି ଗବେଷଣା କେନ୍ଦ୍ରର ଡ. ପ୍ରମୋଦ ପଣ୍ଡା, ଡ. ସଂଯୁକ୍ତା ମହାପାତ୍ର, ବ୍ଲକ କୃଷି ଅଧିକାରୀ ସବ୍ୟସାଚୀ ମହାପାତ୍ର, ମିଶନଶକ୍ତି ଡିପିସି ରଶ୍ମିରଞ୍ଜନ ସେଠୀ, ଜିଲା ପ୍ରାଣୀ ସଂପଦ ଅଧିକାରୀ ଡ. ରାମାରାଓ ପାଲୋ, ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ଏଲକେବିକେର ସୀତାକାନ୍ତ ସାହୁଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ତାପସ କୁମାର ଦାସ ବିଗତ ରବି ଋତୁର କାର୍ଯ୍ୟକ୍ରମ ଓ ଚଳିତ ଖରିଫ ଋତୁର କାର୍ଯ୍ୟକ୍ରମ ଉପରେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପାଲ, ଡ. ମୟୁରୀ ସିଂ ସରଦାର , ଉଦ୍ୟାନ ବିଭାଗର ଡ. ସମାଣିକା ଦଳାଇ, ଫାର୍ମ ପରିଚାଳକ ହରପ୍ରିୟା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ବୈଜ୍ଞାନିକ ।

# ମହାନଦୀରେ ବୁଡ଼ି ବାଳକ ମୃତ

**ସୋନପୁର/ବିନିକା,୨।୧୧(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଚଢେଇପଙ୍କସ୍ଥିତ ମହାନଦୀର ଡଙ୍ଗା ଘାଟରେ ଗାଧୋଇବା ସମୟରେ ଗୋଡ ଖସିଯିବାରୁ ଜଣେ ବାଳକର ମୃତ୍ୟୁ ହୋଇଛି । ମୃତକଙ୍କ ନାମ ଆରୁଷ ନାଏକ(୮)। ବୀରମହାରାଜପୁର ଥାନା ରାଣୀପୁର ଗ୍ରାମର ଆରୁଷ ମାମୁଘର ଚଢେଇପଙ୍କର ଘାସିପଡାକୁ ଆସିଥିଲେ। ଶନିବାର ପୂର୍ବାହ୍ନରେ ଆଈ ପ୍ରଭାତୀ ବାଗ ଓ ଭଉଣୀ ଆରୋହୀଙ୍କ ସହ ମହାନଦୀ ଡଙ୍ଗା ଘାଟକୁ ସେ ଗାଧୋଇବାକୁ ଯାଇଥିଲେ। ତେବେ ଗୋଡ ଖସିଯିବାରୁ ପ୍ରଭାତୀଙ୍କ ଆଖିସାମ୍ନାରେ ନାତି ଆରୁଷ ଓ ନାତୁଣୀ ଆରୋହୀ ନଦୀଗର୍ଭକୁ ଚାଲିଯାଇଥିଲା। ସୂଚନାପାଇ ବିନିକା ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀଗର୍ଭରୁ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତେବେ ଆରୁଷର କୌଣସି ପତ୍ତା ମିଳି ନ ଥିଲା। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ଆରୁଷଙ୍କୁ ଉଦ୍ଧାର କରାଯାଇଥିଲା। ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ ରାଣୀପୁର ଗାଁରୁ ମୃତ ଶିଶୁଙ୍କ ମା', ବାପା ଓ ଭଉଣୀ ଚଢେଇପଙ୍କକୁ ଗିରି ଗୋବର୍ଦ୍ଧନ ପୂଜା ଦେଖିବାକୁ ଆସିଥିଲେ।

# ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସମାରୋହ

**ବୌଦ୍ଧ,୨।୧୧(ଅଜିତ କୁମାର ବାରିକ)**

ବୌଦ୍ଧରେ ଶନିବାର ଦିନ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ସଚେତନତା ଓ ଶପଥ ପାଠ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ପଞ୍ଚମ ଆଇଆରବି କମାଣ୍ଡାଣ୍ଟ ମନୋରଞ୍ଜନ ବିଶ୍ୱାଳ, ଡେପୁଟି କମାଣ୍ଡାଣ୍ଟ ଏ.କେ. ଧାରୁଆ ଯୋଗଦେଇ ନିଜ ମାନସିକତାର ପରିବର୍ତ୍ତନ ଫଳରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ଏବଂ ଅନ୍ୟକୁ ସାହାଯ୍ୟ କଲେ ଆତ୍ମତୃପ୍ତି ମିଳେ ବୋଲି କହିଥିଲେ।

ସାହିତ୍ୟିକ ନୀଳଲୋହିତ ମହାପାତ୍ର ଉଦାହରଣ ମାଧ୍ୟମରେ ଦୁର୍ନୀତିର ମୂଳୋତ୍ପାଟନ କଷ୍ଟକର ହେଲେ ମଧ୍ୟ ତାକୁ ପ୍ରତିହିତ କରାଯାଇପାରିବ ବୋଲି କହିଥିଲେ । ଉପ ନିବନ୍ଧକ ସମବାୟ ସମିତି ସମୂହ ହାଡିବନ୍ଧୁ ମହାକୁଡ ଦାୟିତ୍ୱବାନ ଏବଂ ସତ୍ୟନିଷ୍ଠ ହେବା ପାଇଁ କାହାଣୀ ମାଧ୍ୟମରେ ସଚେତନ କରାଇଥିଲେ । ଭିଜିଲାନ୍ସ ଉପ ଆରକ୍ଷୀ ଅଧୀକ୍ଷକ ସୁରେଶ କୁମାର କହଁର ବିଭାଗ ପକ୍ଷରୁ ଦୁର୍ନୀତି ବିରୋଧରେ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ମାନସିକତାର ପରିବର୍ତ୍ତନ, ଆତ୍ମସମୀକ୍ଷା ଓ ସାଧୁତା ବଳରେ ଏକ ସତ୍ୟନିଷ୍ଠ ସମାଜ ଗଠନ ହୋଇପାରିବ ବୋଲି ମତ ରଖିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ଲକ କଳା ସଂସ୍କୃତି ସଂଘ ବୌଦ୍ଧର ଉପସଭାପତି ସ୍ୱାଧୀନ ପରିଡା ଓ ସାଥୀ ଦୁର୍ନୀତି ବିରୋଧରେ ଏକ ସଚେତନତା ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଇନ୍ସପେକ୍ଟର ଜଗବନ୍ଧୁ ଅଙ୍ଗାରିଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିନିକାରେ ଗିରି ଗୋବର୍ଦ୍ଧନ ପୂଜା

ବିନିକା, ୨।୧୧(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା କଂସାରୀ ପଡାରେ ଶନିବାର ଗିରିଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି। ସକାଳ ୭ଟାରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ଶ୍ରଦ୍ଧାଳୁମାନେ ଭଜନ କୀର୍ତ୍ତନ, ଘଣ୍ଟଶଙ୍ଖ ବାଜା ସହିତ ସହର ପରିକ୍ରମା କରି ଯୋଗେଶ୍ୱର ମନ୍ଦିର ନିକଟସ୍ଥ ବନଦୁର୍ଗା ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୁଣି ଭଜନ କୀର୍ତ୍ତନ କରି କଂସାରୀ ସାହିକୁ ଫେରିଥିଲେ। ସଭାପତି ସୀତାରାମ ଦାସ, ସମ୍ପାଦକ ସଞ୍ଜୟ ଦାସ, ଗାୟକ ରଘୁନାଥ ମାହାଣା, ଜୟନାରାୟଣ ସାହୁ ଏଥିରେ ସାମିଲ ହୋଇଥିଲେ।



ବିନିକା କଂସାରୀପଡା ଗିରି ଗୋବର୍ଦ୍ଧନ ପୂଜାରେ ଶ୍ରଦ୍ଧାଳୁ।

# ସରକାରୀ କର୍ମଚାରୀ, ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ସୁରକ୍ଷା ମିଳୁ

**ସୋନପୁର,୨।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଅଫିସ ପ୍ରକୋଷ୍ଠରେ ମାଡ ମରାଗଲା। ବିଡିଓ ଆଲୋଚନା କରୁଥିବା ସମୟରେ ଧୀରେନ୍ଦ୍ର ଦାନୀ ନାମକ ଯୁବକ ତାଙ୍କୁ ମାଡ ମାରିଲେ। ଏହି ଘଟଣାରେ ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଏହି ଘଟଣାକୁ ନେଇ ବ୍ଲକରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଓ ପଞ୍ଚାୟତିରାଜ ଲୋକପ୍ରତିନିଧିମାନେ ନିଜକୁ ଅସୁରକ୍ଷିତ ମନେ କରିଛନ୍ତି। ସେମାନେ ପୃଥକଭାବେ ଜିଲାପାଳ ଅନ୍ୟା ଦାସ ଓ ଏସ୍‌ପି ରାମପ୍ରସାଦ ସାହୁଙ୍କୁ ସାକ୍ଷାତ୍ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସୁରକ୍ଷା ଯୋଗାଇ ଦେବାକୁ ଦାବି କରିଛନ୍ତି। ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଓ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ଶତପଥୀଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ସରପଞ୍ଚ, ସମିତି ସଭ୍ୟମାନେ ଜିଲାପାଳ ଓ ଏସପିଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଏବିଡିଓ ଶଶୀଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଏପିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିପିସି ଓ ବିଆରସି ପ୍ରମୁଖ ଜିଲାପାଳ ଓ ଏସ୍‌ପିଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଖବରଦାତାଙ୍କୁ ରାତିଅଧରେ କୋର୍ଟଚାଲାଣକୁ ନିନ୍ଦା

**ସୋନପୁର,୨।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଧୀରେନ୍ଦ୍ର ଦାନୀଙ୍କୁ ସୋନପୁର ଥାନା ପୋଲିସ ଶୁକ୍ରବାର ରାତି ୨ଟା ପରେ କୋର୍ଟଚାଲାଣ କରିଛି। ଏହି ଘଟଣାକୁ ନେଇ ସୁବର୍ଣ୍ଣପୁର ଜିଲାରେ କାର୍ଯ୍ୟରତ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆକ୍ରମଣର ଶିକାର ହୋଇ ଲହୁଲୁହାଣ ହୋଇଥିବା ଜଣେ ଗଣମାଧ୍ୟମର ପ୍ରତିନିଧିଙ୍କୁ ତରବରିଆ ଭାବେ ଗିରଫ କରି ରାତି ଅଧରେ କୋର୍ଟଚାଲାଣ କରାଯିବା ଘଟଣାକୁ ଗଣମାଧ୍ୟମର ପ୍ରତିନିଧି ମାନେ ନିନ୍ଦା କରିଛନ୍ତି। ପ୍ରତିବାଦରେ ଜିଲାରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନେ ଶନିବାର ଏସ୍‌ପି ରାମପ୍ରସାଦ ସାହୁଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସେହିପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ପିଙ୍କ ଜରିଆରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ଖବରଦାତା ଗଣପତି ବାଘ, ବେଣୁଧର ପ୍ରଧାନ, ମନୋଜ ମିଶ୍ର, ସନ୍ତୋଷ ମିଶ୍ର, ନରୋତ୍ତମ ମଲ୍ଲିକ, ଧରଣୀଧର ମିଶ୍ର, ସରୋଜ ପଧାନ, ସହଦେବ ମେହେର, ସୁଶାନ୍ତ ପଣ୍ଡା, ମଣ୍ଟୁ ମନ୍ତ୍ରୀ ଓ ସୁଶାନ୍ତ ସାହୁ ପ୍ରମୁଖ ଏସ୍‌ପିଙ୍କ ସହିତ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଖବରଦାତାଙ୍କୁ ସର୍ତ୍ତମୂଳକ ଜାମିନ୍

**ସୋନପୁର,୨।୧୧(ମୃତ୍ୟୁଞ୍ଜୟ ଶତପଥୀ)**

**ବ୍ଲକ ଅଫିସ୍‌ରେ ବିଡିଓ-ଖବରଦାତା ମାର୍‌ପିଟ୍ ଘଟଣା**

ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ମାଡ ମାରି ହାଜତରେ ଥିବା ଖବରଦାତା ଧୀରେନ୍ଦ୍ର ଦାନୀଙ୍କୁ ଶନିବାର ସନ୍ଧ୍ୟାରେ ଜାମିନ୍ ମିଳିଛି। ସୋନପୁର ଏସ୍‌ଡିଜେଏମ୍ ସୁଦେଷ୍ଣା ପଟ୍ଟନାୟକ ଦାନୀଙ୍କୁ ସର୍ତ୍ତମୂଳକ ଜାମିନ୍ ପ୍ରଦାନ କରିଛନ୍ତି। ଏକ ବୈଦ୍ୟୁତିକ ଗଣମାଧ୍ୟମର ଜିଲା ପ୍ରତିନିଧିଭାବେ କାର୍ଯ୍ୟରତ ଦାନୀ ଶୁକ୍ରବାର ସନ୍ଧ୍ୟାରେ କୌଣସି କାମରେ ସୋନପୁର ବିଡିଓଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ଉଚ୍ଚବାଚ ପରେ ଖବରଦାତା ଦାନୀ ଓ ବିଡିଓ ସ୍ୱାଇଁଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଥିଲା। ଏପରିକି ମୁଥ ମରାମରି ଯୋଗୁ ଉଭୟଙ୍କ ମୁହଁ ଫାଟିଥିଲା। ଏ ସଂକ୍ରାନ୍ତରେ ବିଡିଓ ସ୍ୱାଇଁ ଅଭିଯୋଗ କରିଥିଲେ ଯେ, ସେ ଅଫିସ ପ୍ରକୋଷ୍ଠରେ ବସି କାମ କରୁଥିବା ବେଳେ ଦାନୀ ହଠାତ୍ ଭିତରକୁ ପ୍ରବେଶ କରି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ସେ ତାଙ୍କୁ ମାଡ ମାରିଥିଲେ। ଏପରିକି ବେକରେ ପିନ୍ଧିଥିବା ସୁନା ଚେନ୍‌କୁ ଦାନୀ ଛିଣ୍ଡାଇ ଦେଇଛନ୍ତି। ଏଥିଯୋଗୁଁ ତାଙ୍କ ମୁହଁ ଫାଟି ରକ୍ତସ୍ରାବ ହେଉଛି। ସେହିପରି ଖବରଦାତା ଦାନୀ ଅଭିଯୋଗ କରିଥିଲେ ଯେ, ସୂଚନା ଅଧିକାର ଆଇନ ବଳରେ ବ୍ଲକର ୫-ଟି ହାଇସ୍କୁଲ କାମରେ ଅନିୟମିତତା ନେଇ ସେ ତଥ୍ୟ ମାଗିଥିଲେ। ସେହି ବିଷୟରେ ବିଡିଓଙ୍କ ସହ କଥା ହେବା ପାଇଁ ସେ ଯାଇଥିଲେ। ତେବେ ବିଡିଓ ତାଙ୍କୁ କୁଆଡେ ଆଗ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିଯୋଗୁ ତାଙ୍କ ସୁନାଚେନ୍ ଛିଣ୍ଡିଥିବା ବେଳେ ମୁହଁ ଫାଟିଛି। ପୋଲିସ ଉଭୟଙ୍କ ଲିଖିତ ଅଭିଯୋଗ ଆଧାରରେ ପୃଥକ ଭାବେ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ପରେ ପୋଲିସ ଦାନୀଙ୍କୁ ଗିରଫ କରିବା ସହ ବିଳମ୍ବିତ ରାତିରେ କୋର୍ଟଚାଲାଣ କରିଥିଲେ। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ସୋନପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

**ODISHA HYDRO POWER CORPORATION LTD.**
OHPC
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E. PROJECT, AT/PO : BARINIPUT, DISTRICT : KORAPUT, PIN - 764 006,
PHONE : 06854 242001, FAX : 06854 242038
REGD. OFFICE : ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR - 751022, TELEPHONE : 0674-2542802, 3542826, 2545536, FAX : 0674 2542102
CIN : U40101OR1995SGC003963
**NOTICE INVITING TENDER NO. 23/24-25 DATE 29.10.2024**
**No.CAD-1502** : Sealed Tenders are invited in Single PART bid sealed envelopes from the manufacturers/authorized dealers of KIRLOSKAR make for "Supply of one number new KBL make firefighting Make-up Pump set with accessories and spares of UKHEP, Bariniput, Dist : Koraput, Odisha".

| Sl. No. | Description | Cost of tender paper (Rs) | EMD |
|---|---|---|---|
| 1 | Supply of one number new KBL make firefighting Make-up Pump set with accessories and spares of UKHEP, Bariniput, Dist : Koraput, Odisha". | Rs. 2360.00 (Rs. 2000/- + GST @ 18%) | Rs. 4,000/- |

Sale of tender paper : From 06.11.2024 to 11:00 Hrs. of 21.11.2024
Last date of submission of tender : Up to 12:00 Hrs. of 21.11.2024
Date & Time of opening of tender : At 12:30 Hrs. of 21.11.2024
For details of the tender documents, terms and conditions please visit our website www.ohpcltd.com
OIPR-04002/11/0040/2425 Sd./- C & P Head, UKHEP, Bariniput

See Career Appointment on every Wednesday & Saturday

GOVERNMENT OF ODISHA No. O-516
**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**
E.Mail- rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-10 of 2024-25**
1. Name of the Work : Building Works
2. Total No. of Works : 32 Nos. Building
3. Estimated Cost : Rs.1.68 lakhs to Rs.4.20 lakhs
4. Class of Contractor : 'C' & 'D'
5. Period of Completion : 01 Calendar Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-10 of 2024-25 | 06.11.2024 11.00 A.M. | 16.11.2024 05.30 P.M. |

Further details can be seen from the website **www.tendersorissa.gov.in.**
Sd./- Superintending Engineer
OIPR-25046/11/0012/2425 Rural Works Division, Sundargarh

**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR** No. O-490
Phone: 0680-2291405, E-Mail: eerw_gm1@yahoo.co.in
**Government of Odisha, e-Procurement Notice**
Bid Identification No. Online Tender // 05 // SERWDG-I / 2024-25
Letter No. 4317//RWDG-I//BAM// Date: 21.10.2024

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.50.55 to Rs.67.23 Lakhs |
| 3 | Period of Completion | : | 09 (Nine) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 07.11.2024 at 11.00 A.M. to 25.11.2024 upto 6.00 P.M. |
| 5 | Last Date/Time for Receipt of Bids in the Portal | : | 25.11.2024 upto 6.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.
Sd./- Additional Chief Engineer
OIPR-25085/11/0005/2425 R.W. Division-I, Ganjam, Berhampur

**OFFICE OF THE REGULATED MARKET COMMITTEE, KUCHINDA**
At/- Kundaposi, PO - Kuchinda, Near-Fire Station,
In Front of Forest Park, Sambalpur,
Pin - 768222, Tele Phone No. (06642) 221066, Email ID - rmc.kuchinda@gmail.com
No. - 08 Date - 02.11.2024
RMC/MKTY-2024-25
**TENDER CALL NOTICE**
The Sub-Collector-cum-Chairman, RMC Kuchinda invites sealed Tenders/Quotations from the reputed manufacturer or their authorised dealers for supply, installation and commissioning of grading Equipments as mention below with technical specification for the use in different PPCs under RMC Kuchinda.
The details of short tender call notice can be seen in the Sambalpur district website : **http://sambalpur.odisha.gov.in.**
The bidder shall have to submit their bid in double cover system **(Cover-I : Technical Bid & Cover-II : Price Bid)** and super-scribe in the covers separately.
The sealed bid should be reached to the Secretary RMC, Kuchinda by Regd Post / by hand on or before 11.11.2024 up to 5.00 P.M. The bid should be send in the name of Secretary RMC, Kuchinda, At - Kundaposi (Infront of forest park) Kuchinda, Sambalpur, Pin - 768222. The bid should be opened on dt. 12.11.2024 at 12.00 P.M. in the Office of the RMC, Kuchinda in presence of the Sub-Collector-cum-Chairman RMC, Kuchinda along with the Technical/evaluation committee and the bidder or their authorised representative.
By Order of Chairman
Sd./- Secretary
RMC, Kuchinda

**GOVERNMENT OF ODISHA** No.B-551
**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.V, BHUBANESWAR**
Mail i.d eernb5bbsr@gmail.com
**INVITATION OF BIDS**
**E-procurement Tender Call Notice No. 09 of 2024-25**
**No. 6329 Bhubaneswar the 30 October-2024**
The Superintending Engineer, Bhubaneswar (R&B) Division No.V, Bhubaneswar on behalf of the Governor of Odisha invites percentage rate bids for one number composite work to be received in online bidding, double cover system for construction work as detailed in : https://tendersorissa.gov.in. The details of bid document will be available in the above website from **05:00 P.M. of 05.11.2024 to 5.00 P.M. of 12.11.2024.** The bidders must possess compatible Digital Signature Certificate of Class II or III. Bids received online shall be opened at **11.30 A.M. of 13.11.2024** in the Office of the Superintending Engineer, Bhubaneswar (R&B) Division No.V, Bhubaneswar. Further details can be seen from the e-procurement portal www.tendersorissa.gov.in. Addendum / Corrigendum, if required, will be available only in the Website.

| Sl. No. | Name of the work | Approximate Estimated cost put to Tender | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **"Repair & Renovation for Development of Community Centre at OUAT, Bhubaneswar for the year 2023-24" Composite Tender** | Rs. 88.39 Lakhs | Rs. 88,500.00 Online | Rs. 10,000.00 Online | B Class | 3 (Three) Calendar Months |

Sd./-Superintending Engineer
Bhubaneswar (R&B) Division No. V,
OIPR-34178/11/0006/2425 Bhubaneswar

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SCADA-TATA/JKPR/437, ତା.25.10.2024ରିଖ
**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଡିପୋଜିଟ୍ ସ୍କିମରେ ଜଖପୁରାରୁ ବାହାରୁଥିବା ମେସର୍ସ ଟାଟା ସାଇଡିଂ ଭିତରେ ପ୍ରସ୍ତାବିତ ଟ୍ରାକ୍ସନ୍ ସବ୍ ଷ୍ଟେସନ୍ (TSS) ଏବଂ ସୁଇଚିଂ ପୋଷ୍ଟରେ SCADA ର ପ୍ରାବଧାନ ।
**ଟେଣ୍ଡର ମୂଲ୍ୟ :** ₹ 60,61,107.36, EMD : ₹ 1,21,200/-
ବିଡ୍ ଆରମ୍ଭ ହେବା ତାରିଖ : ତା.04.11.2024ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.11.2024ରିଖ 1100 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-689/P/24-25

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-225
**କାର୍ଯ୍ୟର ନାମ :** "ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି, ମୁନିଗୁଡ଼ା, ଟିଟିଲାଗଡ଼ ଏବଂ ବଲାଙ୍ଗୀର ଷ୍ଟେସନରେ OH ଟାଙ୍କି ଏବଂ ପାଇପ୍ ଲାଇନ୍ ସଂଯୋଗ ସହିତ 100 KLD କ୍ଷମତାର ପରିମଳ ବିଶୋଧନାଗାର ପ୍ଲାଣ୍ଟର ସଂସ୍ଥାପନ" ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ୍ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 14,48,392.02, EMD : ₹ 29,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.11.2024ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-685/P/24-25

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/24-25/E-Tender/74, ତା.25.10.2024ରିଖ
ଟେଣ୍ଡର ସଂ.e-Tender-BRIDGEKUR-227-24 ତା.23.10.2024ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ - ବୈତରଣୀ ରୋଡ୍ ସେକ୍ସନ ମଧ୍ୟରେ ବ୍ରିଜ୍ ନଂ362 DN, ଇଛାପୁର - ଖାତୁଣ୍ଡି ସେକ୍ସନ ମଧ୍ୟରେ ବ୍ରିଜ୍ ନଂ1046 UP, ନିର୍ଗୁଣ୍ଡୀ - କେନ୍ଦ୍ରାପଡ଼ା ରୋଡ୍ ସେକ୍ସନ ମଧ୍ୟରେ 539 DN ଏବଂ ଜଖପୁର - ଜେନାପୁର ସେକ୍ସନ ମଧ୍ୟରେ 449 DN ର ଏକ ଅଂଶର ହେଲଥ ଇନଷ୍ଟ୍ରୁମେଣ୍ଟେସନ ଓ ସ୍ଥିତିର ତତ୍ତ୍ୱାବଧାନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 193.80 ଲକ୍ଷ, EMD : ₹ 2,46,900/-, ଶେଷ ହେବା ଅବଧି : 12 (ବାର) ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2024ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ୍
PR-684/P/24-25

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସୁନୀଲ



@ ଦିଭେଶ



@ ସୁରେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୩ ପ୍ରତିଯୋଗୀଙ୍କୁ ଜାତୀୟ ଯୋଗ୍ୟତା

**କଟକ,୨।୧୧ (କାର୍ତ୍ତିକ ସାହୁ)**

ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଡିଏଭି ପବ୍ଲିକ ସ୍କୁଲ ଜୋନ୍‌ସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଏଲ୍‌ଆର ଡିଏଭି ଆନୁକୂଲ୍ୟରେ ଏହି ଜୋନ୍‌ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କଟକ, ଭୁବନେଶ୍ୱର, ପୁରୀ, ଜଗତ୍‌ସିଂହପୁର, ଗଞ୍ଜାମ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ ପ୍ରଭୃତି ଜିଲାରୁ ଉଭୟ ବାଳିକା ଓ ବାଳକ (୧୪,୧୭,୧୯) ବର୍ଗରେ ୩୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବୃତ୍ତାନ୍ତ ଫଳାଫଳ ଅନୁଯାୟୀ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଆଇଟିପିଏସ୍ ବନହରପାଲ୍ଲୀ ଡିଏଭି ପବ୍ଲିକ ସ୍କୁଲ (ଝାରସୁଗୁଡ଼ା) ଚାମ୍ପିୟନ୍ ହୋଇଥିଲା ବେଳେ ପୁରୀ ଡିଏଭି ଓ ଏମ୍‌ସିଏଲ୍ ବୁର୍ଲା ଡିଏଭି ଯୁଗ୍ମ ରନରଅପ ହୋଇଥିଲେ। ସେହିପରି ୧୪ ବର୍ଷରୁ କମ୍ ବାଳକ ବର୍ଗରେ ପୁରୀ ଡିଏଭି ଚାମ୍ପିୟନ୍ ହୋଇଥିଲାବେଳେ ଡିଆର୍ ଏଏନ୍‌କେ ଡିଏଭି ରାଉରକେଲା ଓ ଆଇଟିପିଏସ୍ ବନହରପାଲ୍ଲୀ ଝାରସୁଗୁଡା ଯୁଗ୍ମ ରନରଅପ୍ ହୋଇଥିଲା। ୧୭ ବର୍ଷରୁ କମ୍ ବାଳିକା ବର୍ଗରେ କଟକ ଏସ୍‌ସିବି ଡିଏଭି ସ୍କୁଲ ଚାମ୍ପିୟନ୍ ଓ ଚନ୍ଦ୍ରଶେଖରପୁର ଡିଏଭି ରନରଅପ ହୋଇଥିଲା। ୧୭ ବର୍ଷରୁ କମ୍ ବାଳକ ବର୍ଗରେ କଟକ ଏଲ୍‌ଆର ଡିଏଭି ଚାମ୍ପିୟନ୍ ହୋଇଥିଲା ବେଳେ ଡିଆର୍ ଏଏନ୍‌କେ ଡିଏଭି ରାଉରକେଲା ରନରଅପ ହୋଇଥିଲା। ସମୁଦାୟ ୨୩ ଜଣ ପ୍ରତିଯୋଗୀ ଜାତୀୟ ସ୍ତରକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୧୪ ବର୍ଷରୁ କମ୍ ବାଳିକା ବର୍ଗରେ କୀର୍ତ୍ତିମୟୀ ସାହୁ, ସିମ୍ରନ୍ ପଣ୍ଡିତ, ମୁସ୍କାନ୍ ସରାଫ୍, ସ୍ମୃତି ସୁବୁଦ୍ଧି, କୋମଲ କ୍ରିଷ୍ଣା, ଅର୍ଣ୍ଣଭା ପାତ୍ର, ତୁଳିକା ମିଶ୍ର ଓ ଆରାଧ୍ୟା ପ୍ରଧାନ। ସେହିପରି ୧୪ ବର୍ଷରୁ କମ୍ ବାଳକ ବର୍ଗରେ କ୍ରିଷ୍ଣା ଛତର୍, ଅଭିନବ କୁମାର ପଣ୍ଡିତ, ଅସ୍ମିତ ଗୁପ୍ତା, ସାର୍ଥକ ଦେବାଙ୍ଗନ, ଦେବେଶ ଖର୍ବ, ଅଭିଜ୍ଞାନ ଜେନା, ଓମ୍ ପ୍ରକାଶ ଦାଶ ଏବଂ ଆୟୁଷ ଚକ୍ରବର୍ତ୍ତୀ ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବର୍ଗରେ ଶ୍ରୀ ଜେନା, କୁଶାଳୀ ନାୟକ, ୧୯ ବର୍ଷରୁ କମ୍ ବାଳକ ବର୍ଗରେ ଅରୋଜ୍ୟୋତି ଚମ୍ପତି ରାୟ, ସମରଜିତ୍ ଚେଲ୍, ମନଜିତ୍ ରାୟ, ଆଦିତ୍ୟ ପାଣିଗ୍ରାହୀ ଏବଂ ବାଳିକା ବର୍ଗରେ ଅକ୍ଷିତା ରଥ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ, ଏଲ୍‌ଆର ଡିଏଭିର ଅଧକ୍ଷା ନୀହାରିକା ଗନ୍ତାୟତ ଏବଂ ସନ୍ତରଣ ପ୍ରଶିକ୍ଷକ ଭୀମ ଛେତ୍ରୀ ପ୍ରମୁଖ ଯୋଗ ଦେଇ ପ୍ରତି ଯୋଗୀଙ୍କୁ ଉତ୍ସାହିତ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଡିଏଭି ଜୋନ୍‌ସ୍ତରୀୟ ସନ୍ତରଣ ପ୍ରତିଯୋଗିତା**

## ବାଣଫୁଟାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ, ୧୦ ଆହତ

**ସମ୍ବଲପୁର,୨।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ବିହାରିପଡ଼ାରେ ଶୁକ୍ରବାର ରାତିରେ ବାଣଫୁଟାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ବାଦଲ ତାଣ୍ଡି ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାରେ ଭର୍ତ୍ତି କରାଯାଇଛି। ଏଥିସହିତ ଉଭୟ ଗୋଷ୍ଠୀର ୧୦ରୁ ଅଧିକ ଯୁବକ ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ କ୍ଷେତରାଜପୁର ପୋଲିସ ୫ ଜଣଙ୍କୁ ଅଟକ ରଖି ପଚାରଉଚରା କରୁଛି।

ଷ୍ଟେଶନପଡ଼ାର ବୃନ୍ଦାବତୀ ମହାନନ୍ଦଙ୍କ ଅଭିଯୋଗ ଅନୁସାରେ ତାଙ୍କ ଭାଇ ପ୍ରମୋଦ ମହାନନ୍ଦ, ବାଦଲ ତାଣ୍ଡି ଓ ରାହୁଲ ମୁଗୁରୀଙ୍କ ସହ ଏକ ବାଇକ୍‌ରେ ବିହାରିପଡ଼ା ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ସେଠାରେ ବାଣ ଫୁଟାଉଥିବା ଯୁବକମାନଙ୍କୁ ଟିକେ ଅପେକ୍ଷା କରିବାକୁ କହିଥିଲେ। ମାତ୍ର ବାଣ ଫୁଟାଉଥିବା ଯୁବକମାନେ ସେମାନଙ୍କ କଥାକୁ ଶୁଣି ନ ଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହୋଇ ପରବର୍ତ୍ତୀକାଳରେ ଗୋଷ୍ଠୀ ସଂଘର୍ଷ ରୂପ ଧାରଣ କରିଥିଲା। ବୃନ୍ଦାବତୀଙ୍କ ଏତଲା ଆଧାରରେ କ୍ଷେତରାଜପୁର ଥାନାରେ ଏକ ମାମଲା (ନଂ.୨୪୭/୨୪)ରୁଜୁ ହୋଇଥିବା ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

# କୁଟୁରାଚୁଆଁ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ

**କୁଚିଣ୍ଡା,୨।୧୧(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତ ୨ କଲେଜରେ ଶନିବାର ଦୁର୍ନୀତିନିବାରଣ ସପ୍ତାହ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ଯୋଗଦେଇ ଦୁର୍ନୀତିସମାଜ ଓ ଦେଶକୁକିଭଳିନଷ୍ଟ କରିଥାଏ କହିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରେଡକ୍ରସ ଦାୟିତ୍ୱରେ ଥିବା ଅଧ୍ୟାପକ ସତ୍ୟନାରାରଣ ପଟେଲ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ରଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ଶପଥପାଠ କରାଇଥିଲେ। ଶେଷରେ ଶିକ୍ଷା ଡେମୋନଷ୍ଟେଟର ପ୍ରତିମା କୁମାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡିଇଓ ସମିର ରଞ୍ଜନ ନାଏକ, କର୍ମଚାରୀ ଭେଷଜ ଗରଡିଆ, ଜୟଦେବ ରାଉତ, ଅସିମ କୁମାର ପରୁଆ ସହଯୋଗ କରିଥିଲେ।



ଅଧ୍ୟାପକ ସତ୍ୟନାରାୟଣ ପଟେଲ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଉଛନ୍ତି।

# ସାପ କାମୁଡ଼ାରେ ନାବାଳିକା ମୃତ

**ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଥାନା ତିଲେଇବଣି ପୋଲିସ ଫାଣ୍ଡି ଅନ୍ତର୍ଗତ ଗୋଗୁଆ -ପ୍ରଭାସୁଣୀ ଗ୍ରାମରେ ବିଷାକ୍ତ ଚିତି ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକା ଜଣକ ଈଶ୍ୱର ଚନ୍ଦ୍ର ସାହୁଙ୍କ ଝିଅ ଦୀପାଲି (୧୪) ବୋଲି ଜଣାପଡିଛି। ଦୀପାଲି ଅନ୍ୟଦିନମାନଙ୍କ ଭଳି ଶୁକ୍ରବାର ରାତିରେ ମଧ୍ୟ ମା'ଙ୍କ ସହ ଘରେ ଶୋଇଥିବାବେଳେ ଏକ ବିଷାକ୍ତ ଚିତି ସାପ ତାଙ୍କ ହାତରେ କାମୁଡି ଦେଇଥିଲା। ମାତ୍ର ସେନିଦରେ ଥିବାରୁ ଏକଥା ଜାଣିପାରି ନ ଥିଲେ। ତେବେ ରାତି ପ୍ରାୟ ୧୨ଟାରେ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ଏହାର କାରଣ ଜାଣିପାରି ନ ଥିବାବେଳେ ସେ ଶୋଇଥିବା ସ୍ଥାନରେ ଏକ ବିଷାକ୍ତ ଚିତି ସାପ ରହିଥିବା ଦେଖିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ତିଲେଇବଣି ଫାଣ୍ଡି ପୋଲିସ ଅଧିକାରୀ ମଦନ ମୋହନ ପ୍ରଧାନ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମାଜିଷ୍ଟ୍ରେଟ ରାଜୀବ ଲୋଚନ ନାୟକଙ୍କ ଉପସ୍ଥିତିରେ ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

# ଶ୍ରଦ୍ଧାଳୁଙ୍କ ଅଯୋଧ୍ୟା ଯାତ୍ରା: ୭୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ

**ସମ୍ବଲପୁର,୨।୧୧(ପ୍ରମୋଦ ବହିଦାର)**

ସେବା ଭାରତୀ ଓଡ଼ିଶା ଅନୁଷ୍ଠାନ ସମ୍ବଲପୁରର ସହଯୋଗରେ ଭାଲୁପାଲି, ସଙ୍କର୍ମା ସ୍ଥିତ ଶ୍ରୀରାମ ସତ୍‌ସଙ୍ଗର ୭୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶନିବାର ଶ୍ରୀରାମ ଜନ୍ମଭୂମି, ଅଯୋଧ୍ୟା ଯାତ୍ରାରେ ବାହାରିଛନ୍ତି। କ୍ଷେତରାଜପୁର ରେଳ ଷ୍ଟେଶନରୁ ଟ୍ରେନ ଯୋଗେ ଶ୍ରଦ୍ଧାଳୁମାନେ ଯାତ୍ରା କରିଛନ୍ତି। ବରିଷ୍ଠ ସଭ୍ୟ ତଥା ଅନୁଷ୍ଠାନର ସମ୍ପାଦକ ରାଜ କୁମାର ଶର୍ମା, ଡା. ସଞ୍ଜୀବ କୁମାର ମିଶ୍ର, ବିଶ୍ୱ ରଞ୍ଜନ ଜେନା, ରାଜବୀର ସିଂ, ସଞ୍ଜୟ ଷଡ଼ଙ୍ଗୀ, ଅନୀଲ ପାଣିଗ୍ରାହୀ ଉକ୍ତ ଶ୍ରଦ୍ଧାଳୁମାନଙ୍କୁ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇ ସମ୍ବଲପୁର ରେଳ ଷ୍ଟେଶନରେ ବିଦାୟ ଦେଇଥିଲେ। ସେବା ଭାରତୀ ଓଡ଼ିଶା, ପଶ୍ଚିମର ସଙ୍ଗଠନ ମନ୍ତ୍ରୀ ହୃଷୀକେଶ ନାଗ ନିଜେ ଶ୍ରଦ୍ଧାଳୁଙ୍କ ସହ ଯାତ୍ରା କରିଛନ୍ତି।

# ସମ୍ବଲପୁରର ବିଭିନ୍ନ ସ୍ଥାନରେ ଗିରି ଗୋବର୍ଦ୍ଧନ ପୂଜା



ସିକ୍ରାପାଲି ଗିରି ଗୋବର୍ଦ୍ଧନ ପୂଜା ଅବସରରେ ପୂଜାର୍ଚ୍ଚନା କରାଯାଉଛି।

**ସମ୍ବଲପୁର,୨।୧୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କୁକୁଡାପାଲି ପଞ୍ଚାୟତର ସିକ୍ରାପାଲିଠାରେ ଶନିବାର ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ସତ୍ୟସାଚୀ ପାଢ଼ୀ ଓ ତାଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ପାଢ଼ୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜାରେ ମନ୍ତ୍ରୀ ରବି ନାଏକ, ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ମହାପାତ୍ର, ପ୍ରମୋଦ ରଥ, ଗୋବିନ୍ଦ ଅଗ୍ରୱାଲ ଯୋଗଦେଇ ଗିରି ଗୋବର୍ଦ୍ଧନଙ୍କ ଆଶୀର୍ବାଦ ଲାଭ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ କମିଟି ସଭ୍ୟ କପିଳେଶ୍ୱର ମାଝୀ, ଚିନ୍ମୟ ନାୟକ, ଅଜିତ କୁମାର ସାହୁ, ପ୍ରସାନ୍ତ ଦେହୁରୀ, କୁଞ୍ଜ ବିଶ୍ୱାଳ, ସଞ୍ଜିବ ତନସନା, ବୀରେନ୍ଦ୍ର ମାଝୀ ପ୍ରମୁଖ ସହଯୋଗ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହିପରି ମାନେଶ୍ୱର ବ୍ଲକ ସାହସପୁରଠାରେ ଗିରି ଗୋବର୍ଦ୍ଧନ ପୂଜା ୯୬ବର୍ଷରେ ପଦାର୍ପଣ କରିଛି। ସାହସପୁର ଡୁଙ୍ଗୁରୀରେ ଥିବା ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଯୋଗଦେଇଥିଲେ। ସେହିପରି ମାନେଶ୍ୱର ବ୍ଲକ ସର୍ଗୀପାଲିରେ ଦୁଇ ଦିନିଆ ଗିରିଗୋବର୍ଦ୍ଧନ ମହୋତ୍ସବ ଆୟୋଜନ କରାଯାଉଛି। ଆସାମର ବିହୁ ନୃତ୍ୟ ମୁଖ୍ୟ ଆକର୍ଷଣ ରହିଥିଲା।


**ODISHA HYDRO POWER CORPORATION LTD.**

OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB H.E. PROJECT, AT/PO : BARINIPUT, DISTRICT : KORAPUT, PIN - 764 006,
PHONE : 06854 242001, FAX : 06854 242038
REGD. OFFICE : ODISHA HYDRO POWER CORPORATION LTD
JANPATH, BHOINAGAR, BHUBANESWAR - 751022, TELEPHONE : 0674-2542802, 3542826, 2545536, FAX : 0674 2542102
CIN : U40101OR1995SGC003963

**NOTICE INVITING TENDER NO. 23/24-25 DATE 29.10.2024**

**No.CAD-1502** : Sealed Tenders are invited in Single PART bid sealed envelopes from the manufacturers/authorized dealers of KIRLOSKAR make for "Supply of one number new KBL make firefighting Make-up Pump set with accessories and spares of UKHEP, Bariniput, Dist : Koraput, Odisha".

| Sl. No. | Description | Cost of tender paper (Rs) | EMD |
|---|---|---|---|
| 1 | Supply of one number new KBL make firefighting Make-up Pump set with accessories and spares of UKHEP, Bariniput, Dist : Koraput, Odisha". | Rs. 2360.00 (Rs. 2000/- + GST @ 18%) | Rs. 4,000/- |

Sale of tender paper : From 06.11.2024 to 11:00 Hrs. of 21.11.2024
Last date of submission of tender : Up to 12:00 Hrs. of 21.11.2024
Date & Time of opening of tender : At 12:30 Hrs. of 21.11.2024
For details of the tender documents, terms and conditions please visit our website www.ohpcltd.com

OIPR-04002/11/0040/2425 Sd./- C & P Head, UKHEP, Bariniput


See Career Appointment on every Wednesday & Saturday


GOVERNMENT OF ODISHA No. O-516

**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**

E.Mail- rw_sundargarh@yahoo.co.in

**E-PROCUREMENT NOTICE**

BID IDENTIFICATION NO. ONLINE-SESNG-10 of 2024-25

1. Name of the Work : Building Works
2. Total No. of Works : 32 Nos. Building
3. Estimated Cost : Rs.1.68 lakhs to Rs.4.20 lakhs
4. Class of Contractor : 'C' & 'D'
5. Period of Completion : 01 Calendar Month
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-10 of 2024-25 | 06.11.2024 11.00 A.M. | 16.11.2024 05.30 P.M. |

Further details can be seen from the website www.tendersorissa.gov.in.

Sd./- Superintending Engineer
OIPR-25046/11/0012/2425 Rural Works Division, Sundargarh



**OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR** No. O-490

Phone: 0680-2291405, E-Mail: eerw_gm1@yahoo.co.in

Government of Odisha, e-Procurement Notice

Bid Identification No. Online Tender // 05 // SERWDG-I / 2024-25

Letter No. 4317//RWDG-I//BAM// Date: 21.10.2024

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.50.55 to Rs.67.23 Lakhs |
| 3 | Period of Completion | : | 09 (Nine) Calendar Months as shown in Column No. 06 of Annexure |
| 4 | Date & Time of Availability of Bid Documents in the Portal | : | From 07.11.2024 at 11.00 A.M. to 25.11.2024 upto 6.00 P.M. |
| 5 | Last Date/Time for Receipt of Bids in the Portal | : | 25.11.2024 upto 6.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Additional Chief Engineer
OIPR-25085/11/0005/2425 R.W. Division-I, Ganjam, Berhampur



**OFFICE OF THE REGULATED MARKET COMMITTEE, KUCHINDA**

At/- Kundaposi, PO - Kuchinda, Near-Fire Station,
In Front of Forest Park, Sambalpur,
Pin - 768222, Tele Phone No. (06642) 221066, Email ID - rmc.kuchinda@gmail.com

No. - 08 Date - 02.11.2024
RMC/MKTY-2024-25

**TENDER CALL NOTICE**

The Sub-Collector-cum-Chairman, RMC Kuchinda invites sealed Tenders/Quotations from the reputed manufacturer or their authorised dealers for supply, installation and commissioning of grading Equipments as mention below with technical specification for the use in different PPCs under RMC Kuchinda.

The details of short tender call notice can be seen in the Sambalpur district website : **http://sambalpur.odisha.gov.in**.

The bidder shall have to submit their bid in double cover system **(Cover-I : Technical Bid & Cover-II : Price Bid)** and super-scribe in the covers separately.

The sealed bid should be reached to the Secretary RMC, Kuchinda by Regd Post / by hand on or before 11.11.2024 up to 5.00 P.M. The bid should be send in the name of Secretary RMC, Kuchinda, At - Kundaposi (Infront of forest park) Kuchinda, Sambalpur, Pin - 768222. The bid should be opened on dt. 12.11.2024 at 12.00 P.M. in the Office of the RMC, Kuchinda in presence of the Sub-Collector-cum-Chairman RMC, Kuchinda along with the Technical/evaluation committee and the bidder or their authorised representative.

By Order of Chairman
Sd./- Secretary
RMC, Kuchinda



**GOVERNMENT OF ODISHA** No.B-551

**OFFICE OF THE SUPERINTENDING ENGINEER, BHUBANESWAR (R&B) DIVISION NO.V, BHUBANESWAR**

Mail i.d eernb5bbsr@gmail.com

**INVITATION OF BIDS**

E-procurement Tender Call Notice No. 09 of 2024-25
No. 6329 Bhubaneswar the 30 October-2024

The Superintending Engineer, Bhubaneswar (R&B) Division No.V, Bhubaneswar on behalf of the Governor of Odisha invites percentage rate bids for one number composite work to be received in online bidding, double cover system for construction work as detailed in : https://tendersorissa.gov.in. The details of bid document will be available in the above website from **05:00 P.M. of 05.11.2024 to 5.00 P.M. of 12.11.2024**. The bidders must possess compatible Digital Signature Certificate of Class II or III. Bids received online shall be opened at **11.30 A.M. of 13.11.2024** in the Office of the Superintending Engineer, Bhubaneswar (R&B) Division No.V, Bhubaneswar. Further details can be seen from the e-procurement portal www.tendersorissa.gov.in. Addendum / Corrigendum, if required, will be available only in the Website.

| Sl. No. | Name of the work | Approximate Estimated cost put to Tender | EMD/Bid Security | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **"Repair & Renovation for Development of Community Centre at OUAT, Bhubaneswar for the year 2023-24" Composite Tender** | Rs. 88.39 Lakhs | Rs. 88,500.00 Online | Rs. 10,000.00 Online | B Class | 3 (Three) Calendar Months |

Sd./-Superintending Engineer
Bhubaneswar (R&B) Division No. V,
OIPR-34178/11/0006/2425 Bhubaneswar



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SCADA-TATA/JKPR/437, ତା.25.10.2024ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଡିପୋଜିଟ୍ ସ୍କିମରେ ଜଖପୁରାରୁ ବାହାରୁଥିବା ମେସର୍ସ ଟାଟା ସାଇଡିଂ ଭିତରେ ପ୍ରସ୍ତାବିତ ଟ୍ରାକ୍ସନ୍ ସବ୍ ଷ୍ଟେସନ୍ (TSS) ଏବଂ ସୁଇଚିଂ ପୋଷ୍ଟରେ SCADA ର ପ୍ରାବଧାନ।

**ଟେଣ୍ଡର ମୂଲ୍ୟ :** ₹60,61,107.36, EMD : ₹1,21,200/-

ବିଡ୍ ଆରମ୍ଭ ହେବା ତାରିଖ : ତା.04.11.2024ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.11.2024ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-689/P/24-25



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2024-T-225

**କାର୍ଯ୍ୟର ନାମ :** ''ସମ୍ବଲପୁର ମଣ୍ଡଳର କଣ୍ଟାବାଞ୍ଜି, ମୁନିଗୁଡ଼ା, ଟିଟିଲାଗଡ଼ ଏବଂ ବଲାଙ୍ଗୀର ଷ୍ଟେସନରେ OH ଟାଙ୍କି ଏବଂ ପାଇପ୍ ଲାଇନ୍ ସଂଯୋଗ ସହିତ 100 KLD କ୍ଷମତାର ପରିମଳ ବିଶୋଧନାଗାର ପ୍ଲାଣ୍ଟର ସଂସ୍ଥାପନ'' ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ୍ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 14,48,392.02, EMD : ₹ 29,000/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ ଛଅ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.11.2024ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-685/P/24-25



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/24-25/ E-Tender/74, ତା.25.10.2024ରିଖ

ଟେଣ୍ଡର ସଂ.e-Tender-BRIDGEKUR-227-24 ତା.23.10.2024ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଭଦ୍ରକ - ବୌଦପୁର ସେକ୍ସନ ମଧ୍ୟରେ ବ୍ରିଜ୍ ନଂ362 DN, ଇଛାପୁର - ଖାଡୁପୁଡ଼ି ସେକ୍ସନ ମଧ୍ୟରେ ବ୍ରିଜ୍ ନଂ1046 UP, ନିର୍ଗୁଣ୍ଡି - କେନ୍ଦ୍ରାପଡ଼ା ରୋଡ୍ ସେକ୍ସନ ମଧ୍ୟରେ 539 DN ଏବଂ ଜଖପୁର - କେନାପୁର ସେକ୍ସନ ମଧ୍ୟରେ 449 DN ର ଏକ ଅଂଶର ହେଲ୍‌ଥ ଇନଷ୍ଟ୍ରୁମେଣ୍ଟେସନ ଓ ସ୍ଥିତିର ତତ୍ତ୍ୱାବଧାନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 193.80 ଲକ୍ଷ, EMD : ₹ 2,46,900/-, ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.14.11.2024ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ)/ ଖୋର୍ଦ୍ଧା ରୋଡ୍
PR-684/P/24-25

# ମାଟି ତଳେ ଥିଲା ଶ୍ରମିକଙ୍କ ହାତଗୋଡ଼ ବନ୍ଧା ମୃତଦେହ

**ଏନ୍‌ଆଇଏନ୍‌ଏଲ୍ କାରଖାନାରେ ଶ୍ରମିକ ନିଖୋଜ ଘଟଣା**

**ଦୁର୍ନୀତି ଟଙ୍କା ଭାଗବଣ୍ଟାରୁ ହତ୍ୟାକାଣ୍ଡ, ୪ ଠିକାସଂସ୍ଥା କର୍ମଚାରୀ ଗିରଫ**

ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨।୧୧



ମାଟି ଖୋଳାଯାଇ ମୃତଦେହ ଉଦ୍ଧାର କରାଯାଉଛି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ଷ୍ଟିଲ୍ ଦ୍ୱାରା ପରିଚାଳିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍(ଏନ୍‌ଆଇଏନ୍‌ଏଲ୍)ର ବ୍ୟାଚିଂ ପ୍ଲାଣ୍ଟ ନିକଟରେ ମାଟି ତଳୁ ନିଖୋଜ ଶ୍ରମିକ ସିଲୁ ପ୍ରଧାନ(୨୨)ଙ୍କ ମୃତଦେହକୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଶନିବାର ସକାଳେ କଢ଼ାଯାଇଛି। ଏଥିରୁ ସିଲୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଣଓଡ଼ିଆ ଠିକାସଂସ୍ଥା ସତ୍ୟମ ଏଣ୍ଟରପ୍ରାଇଜେସ୍ ଅଧୀନରେ କାର୍ଯ୍ୟରତ ଅପରେଟର ସନସାଇଲୋ ଗ୍ରାମର ଜଗଦୀଶ ମହନ୍ତ, ଯୋରନ୍ଦା ଗ୍ରାମର ସୁପରଭାଇଜର ତାରିଣୀପ୍ରସାଦ ମହନ୍ତ, ହରିଚନ୍ଦନପୁର ଅଞ୍ଚଳର ମିଲର ଡ୍ରାଇଭର ପଦ୍ମଲୋଚନ ମହନ୍ତ ଓ ଆକାଉଣ୍ଟାଣ୍ଟ ଆଲୋକ ପାତ୍ରଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। କଳିଙ୍ଗନଗର ଥାନାରେ ଏନେଇ ୨୮୬/୨୦୨୪ରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ବ୍ୟାଚିଂ ପ୍ଲାଣ୍ଟରେ ବିଭିନ୍ନ ଦୁର୍ନୀତି ଟଙ୍କା ଭାଗବଣ୍ଟାରେ ବିବାଦ କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ଅଣଓଡ଼ିଆ ଠିକାସଂସ୍ଥା ଜରିଆରେ ଏନ୍‌ଆଇଏନ୍‌ଏଲ୍‌ର ବ୍ୟାଚିଂ ପ୍ଲାଣ୍ଟ ପରିଚାଳିତ ହେଉଥିଲା। ବ୍ୟାଚିଂ ପ୍ଲାଣ୍ଟରେ ବ୍ୟବହୃତ ତେଲ, ଚିପ୍ସ, ସିମେଣ୍ଟ ଇତ୍ୟାଦି ସାମଗ୍ରୀ ବାହାରେ ବିକ୍ରି କରି ଠିକାସଂସ୍ଥାର କେତେଜଣ କର୍ମଚାରୀ ବେଶ୍ ମୁନାଫା ଅର୍ଜନ କରୁଥିଲେ। କିନ୍ତୁ ଘଟଣା ଘଟିବାର ୨/୩ ଦିନ ପୂର୍ବରୁ ଏହି କର୍ମଚାରୀମାନଙ୍କ ମଧ୍ୟରେ ଟଙ୍କା ଭାଗବଣ୍ଟାକୁ ନେଇ ବଚସା ହୋଇଥିଲା। ଏହାପରେ ଉପରୋକ୍ତ ୪ ଜଣ ଅଭିଯୁକ୍ତ ମିଳିମିଶି ହେଲ୍‌ପର ସିଲୁଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ଯୋଜନା ଅନୁସାରେ, ୩୦ ତାରିଖ ସନ୍ଧ୍ୟାରେ ସିଲୁ ବ୍ୟାଚିଂ ପ୍ଲାଣ୍ଟର ମେଶିନ ଯାଞ୍ଚ କରୁଥିବା ସମୟରେ ଅନ୍ୟ ୪ ଜଣ ତାହାର ସୁଇଚ୍‌କୁ ଅନ୍ କରି ଦେଇଥିଲେ। ଫଳରେ ସେଥିରେ ସିଲୁ ଚାପି ହୋଇ ପ୍ରାଣ ହରାଇଥିଲେ। ଏହାପରେ ୪ ଅଭିଯୁକ୍ତ ପ୍ଲାଣ୍ଟ ନିକଟରେ ଜେସିବି ମେଶିନରେ ପ୍ରାୟ ୧୫ ଫୁଟ ଗାତ ଖୋଳି ସିଲୁଙ୍କୁ ଏକ ପଲିଥିନରେ ବାନ୍ଧି କୌଣସି ଏକ କେମିକାଲ ମିଶାଇ ପୋତି ଦେଇଥିଲେ। ଏପରିକି ପୋଲିସକୁ ଭୁଆଁ ବୁଲାଇବାକୁ ସିଲୁଙ୍କ ମୋବାଇଲ ଫୋନ୍‌କୁ ପାଣିକୋଇଲି ପର୍ଯ୍ୟନ୍ତ ନେଇ ଯାଇଥିଲେ। ସେହି ମୋବାଇଲ ଫୋନ୍ ଏଯାଏ ମିଳିପାରିନାହିଁ। ଏହାପରେ ୪ ଅଭିଯୁକ୍ତ ସେହିଦିନ ରାତି ୧୧ଟାରେ ଏକାସାଙ୍ଗେ ବାହାରକୁ ବାହାରିଥିଲେ। କିନ୍ତୁ ସିଲୁ ସେମାନଙ୍କ ସହିତ ନ ଥିଲେ। କଳିଙ୍ଗନଗର ଥାନା ପୋଲିସ ଏହାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ୪ ଜଣଙ୍କୁ ଅଟକାଇ ଜେରା କରିଥିଲା। ଏହାପରେ ହତ୍ୟାକାଣ୍ଡର ସତ୍ୟ ସେମାନଙ୍କ ମୁହଁରୁ ଜଣାପଡ଼ିଥିଲା। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ବିକ୍ରି କରିବା ପାଇଁ ସେହି ସବୁ ସାମଗ୍ରୀ କିପରି କାରଖାନା ବାହାରକୁ ବାହାରୁଥିଲା। ଏଥିରୁ ସେଫ୍‌ଟି ଅଫିସର, ସିକ୍ୟୁରିଟି ଅଫିସର, ବ୍ୟାଚିଂ ପ୍ଲାଣ୍ଟର ଅଧିକାରୀ ପ୍ରମୁଖ ଏହି ଦୁର୍ନୀତିରେ ସାମିଲ ଥିବା ନେଇ ସନ୍ଦେହ ହେଉଛି। ଏଭଳି ମିଳିମିଶି ଦୁର୍ନୀତି କରାଯିବା କାରଣରୁ ଜଣେ ଶ୍ରମିକଙ୍କ ଜୀବନ ଗଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ଏବଂ ଦୁର୍ନୀତିର ପର୍ଦ୍ଦାଫାଶ୍ ପାଇଁ ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି ଆଇଏନ୍‌ଟିୟୁସିର ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତି ଦାବି କରିଛନ୍ତି।

# ଦୁର୍ନୀତିଖୋର ଅଧିକାରୀଙ୍କ ତାଲିକା ଇଡିକୁ ଦେଲା ଭିଜିଲାନ୍ସ



ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆଙ୍କୁ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା ସମ୍ମାନିତ କରୁଛନ୍ତି।

ଭୁବନେଶ୍ୱର,୨।୧୧(ସୂର୍ଯ୍ୟକାନ୍ତ ବେହେରା)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ହେଉ କିମ୍ବା ଲାଞ୍ଚ ମାମଲାରେ ଭିଜିଲାନ୍ସ ଜାଲରେ ଧରାପଡ଼ିଥିବା ସରକାରୀ ଅଧିକାରୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିବ। ବିପୁଳ ପରିମାଣର ଗଚ୍ଛିତ ସମ୍ପତ୍ତିର ତଥ୍ୟ ଖୋଜି ବାହାର କରିବ। ଏନେଇ ଧରାପଡ଼ିଥିବା ସମସ୍ତ ଅଧିକାରୀଙ୍କ ତାଲିକା ବିଭିନ୍ନ ଏଜେନ୍ସି ତଥା ଇଡି, ଇନ୍‌କମ ଟାକ୍ସକୁ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଦିଆଯାଇଛି। ଶନିବାର ରାଜ୍ୟ ଭିଜିଲାନ୍ସ ଏକାଡେମୀ ଭୁବନେଶ୍ୱରରେ ମୁଖ୍ୟ ଭିଜିଲାନ୍ସ ଅଧିକାରୀଙ୍କ ସମ୍ମିଳନୀ ପରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା ଏହା କହିଛନ୍ତି। ତେଣୁ ଖୁବ୍‌ଶୀଘ୍ର ଯନ୍ତ୍ରୀଙ୍କୁ ସମନ କରି ଇଡି ତଥ୍ୟ ଓକାଳିବ ବୋଲି ସୂଚନା ମିଳିଛି। ଏହି ସମ୍ମିଳନୀରେ ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଦୁର୍ନୀତି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ବିଭାଗ ଅନୁସାରେ ହେଉଥିବା କାର୍ଯ୍ୟାନୁଷ୍ଠାନ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସେହିଭଳି ଭିଜିଲାନ୍ସ ସଚେତନତା ସପ୍ତାହରେ ପ୍ରବନ୍ଧ, ବିତର୍କ ଏବଂ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ସୂଚନାନୁସାରେ, ଗତ ଜୁନ ୧୨ତାରିଖରୁ ଅକ୍ଟୋବର ୨୬ ମଧ୍ୟରେ ୧୨୩ ଜଣଙ୍କ ବିରୋଧରେ ୮୮ଟି ଆପରାଧିକ ମାମଲା ରୁଜୁ ହୋଇଛି। ଏଥିମଧ୍ୟରେ ଅଛନ୍ତି ୨୪ଜଣ ପ୍ରଥମ ଶ୍ରେଣୀ ଅଫିସର, ୧୨ ଜଣ ଦ୍ୱିତୀୟ ଶ୍ରେଣୀ ଅଫିସର, ୫୪ଜଣ ତୃତୀୟ ଶ୍ରେଣୀ କର୍ମଚାରୀ। ଏହାସହ ୭ ଜଣ ଅନ୍ୟାନ୍ୟ ସରକାରୀ କର୍ମଚାରୀ ରହିଥିବାବେଳେ ଅନ୍ୟ ୨୬ଜଣଙ୍କ ବିରୋଧରେ ବି ମାମଲା ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୯ଜଣ ସରକାରୀ କର୍ମଚାରୀ ଓ ଅନ୍ୟ ୧୭ଜଣ ବ୍ୟକ୍ତିଙ୍କ ବିରୋଧରେ ୨୬ଟି ମାମଲା ରୁଜୁ ହୋଇଛି। ଏମାନଙ୍କ ମଧ୍ୟରେ ୧୫ଜଣ ପ୍ରଥମ ଶ୍ରେଣୀ ଅଫିସର, ୬ଜଣ ଦ୍ୱିତୀୟ ଶ୍ରେଣୀ ଅଫିସର ଓ ୬ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ଓ ଅନ୍ୟ୨ ଜଣ ରହିଛନ୍ତି। ରୁଜୁ ହୋଇଥିବା ୨୬ ମାମଲାରେ ମୋଟ ୭୭ କୋଟି ୨୮ଲକ୍ଷ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଏମାନଙ୍କ ମଧ୍ୟରେ ଓବିସିସିର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥ, ଜଳସେଚନ ବିଭାଜନର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ(ଭଞ୍ଜନଗର), ପୂର୍ବତନ ମୁଖ୍ୟ ଯନ୍ତ୍ରୀ ତାରାପ୍ରସାଦ ମିଶ୍ର, ବାଲେଶ୍ୱର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନ, ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ, ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକ, ତାଳଚେର ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭି. ହରିହର ରାଓ, କୈଳାସ ଚନ୍ଦ୍ର ସାହୁ ମୁଖ୍ୟ ଯନ୍ତ୍ରୀ, କେନ୍ଦୁଝର, ଅବକାରୀ ଯୁଗ୍ମ କମିଶନର ରାମଚନ୍ଦ୍ର ମିଶ୍ର, ଆଠଗଡ଼ର ପୂର୍ବତନ ବିଡିଓ ପ୍ରଦୀପ କୁମାର ସାହୁ ରହିଛନ୍ତି। ଏହି ଅଧିକାରୀମାନଙ୍କଠାରୁ ବହୁ ସମ୍ପତ୍ତି ଠାବ ହୋଇଥିବାରୁ ଏମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଡାକି ଇଡି ଜେରା କରିବ ବୋଲି ସୂଚନା ମିଳିଛି।

# ପାଣି ମଡ଼ାଇବାକୁ କେନ୍ଦ୍ରକରି ହତ୍ୟାକାଣ୍ଡ

**ସ୍ୱାମୀଙ୍କୁ ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ**

ଧରାକୋଟ,୨।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗାଁ କୋଠ ଜମିରେ ପାଣି ମଡ଼ାଇବାକୁ କେନ୍ଦ୍ରକରି ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ କୁସରାବ ଗ୍ରାମରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ । ଯୁଧିଷ୍ଠିର ଗୌଡ଼ଙ୍କ ପୁଅ ପଞ୍ଚାନନ ଓରଫ୍ ପଞ୍ଚୁ (୫୨)ଙ୍କୁ ତାଙ୍କ ଗ୍ରାମର ସନ୍ତୋଷ ଗୌଡ଼, ଶିବ ଗୌଡ଼ ଓ ଶଙ୍କର ଗୌଡ଼ ହତ୍ୟା କରିଥିବା ନେଇ ପଞ୍ଚାନନଙ୍କ ସ୍ତ୍ରୀ ବୁଲି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କୁସରାବ ଗାଁ କୋଠ ଜମିକୁ ପାଣି ମଡ଼ାଇବାକୁ ନେଇ କିଛିଦିନ ଧରି ମୃତ ପଞ୍ଚାନନ ଓ ଅନ୍ୟମାନଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଶୁକ୍ରବାର ସନ୍ଧ୍ୟାରେ ଗାଁ ନିକଟରେ ଥିବା କାନ୍ଦୁଲ ଘାଇ ପାହାଡ଼ ନିକଟରେ ଥିବା କୋଠ ବିଲକୁ ପାଣି ଦେଖିବା ପାଇଁ ଆସିଥିବା ପଞ୍ଚାନନ ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଫେରିବାରୁ ବଡ଼ ଭାଇ ମନୁ ଗୌଡ଼, ସାନ ଭାଇ ପାଣ୍ଡବ ଗୌଡ଼ ବହୁ ଖୋଜାଖୋଜି କରି ତାଙ୍କର ପତ୍ତା ପାଇ ନ ଥିଲେ । ଭୋର ସମୟରେ ଖୋଜାଖୋଜି ବେଳେ କୋଠ ବିଲ ଅପେଶା ନିକଟରେ ପଞ୍ଚାନନଙ୍କ ମୃତଦେହ ପଡ଼ିଥିବା ଦେଖି ଧରାକୋଟ ପୋଲିସକୁ ଖବର ଦେଇଥିଲେ। ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମହାପାତ୍ର, ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ, ଏଏସ୍‌ଆଇ ଅଭିମନ୍ୟୁ ପାଣ୍ଡେ, ଅନିଲ ଶବର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଧରାକୋଟ ଥାନାରେ ୩୫୭/୨୪ ଅନୁଯାୟୀ ମାମଲା ରୁଜୁ ହୋଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପରିଦର୍ଶନକରି ଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରହିଛି।

# ମାଓବାଦୀ କ୍ୟାମ୍ପ୍ ଠାବ, ବିସ୍ଫୋରକ ସାମଗ୍ରୀ ଜବତ

ନୂଆପଡ଼ା,୨।୧୧(ମକାରୁ ବେମାଲ)

ନୂଆପଡ଼ା ପୋଲିସ ଓ ଏସ୍‌ଓଜି ଯବାନଙ୍କ ମିଳିତ କୋମ୍ବିଂ ବେଳେ ଶନିବାର ଏକ ମାଓବାଦୀ କ୍ୟାମ୍ପ୍ ଠାବ କରାଯାଇଛି। ଏହି ସମୟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବାବେଳେ ପୋଲିସ ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏ ସମ୍ପର୍କରେ ନୂଆପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ଜିଆର୍ ରାଘବେନ୍ଦ୍ର ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ, କିଛିଦିନ ତଳେ ଛତିଶଗଡ଼ରେ ୩୬ ଜଣ ମାଓବାଦୀ ନିପାତ ହେବାପରେ ମାଓବାଦୀ ଗତିବିଧି ଉପରେ ନୂଆପଡ଼ା ପୋଲିସ ତୀକ୍ଷ୍ଣ ନଜର ରଖିଥିଲା। ମାଓବାଦୀମାନେ ଜିଲାରେ କିଛି ଅଘଟଣ ଘଟାଇବା ପାଇଁ ଉଦ୍ୟମ କରୁଥିବା ଗୋଇନ୍ଦା ସୂତ୍ରରୁ ଖବର ମିଳିଥିଲା। ତଦନୁଯାୟୀ ପୋଲିସ ଓ ଏସ୍‌ଓଜି ଯବାନ ପକ୍ଷରୁ ଜିଲାର ବୋଡେନ ବ୍ଲକ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ବୋଡେନ ବ୍ଲକ ପାଟଦରା ଜଙ୍ଗଲର ଭଇଶମୁଣ୍ଡି ନିକଟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଥିଲା। ଏହା ଜାଣିପାରି ମାଓବାଦୀମାନେ କ୍ୟାମ୍ପ ଛାଡି ଚାଲିଯାଇଥିଲେ। କିନ୍ତୁ ସେଠାରୁ ପୋଲିସ ୫୦୦ଟି ଇଲେକ୍ଟ୍ରିକ ଡେଟୋନେଟର, ୫ଟି ସେଫ୍‌ଟି ଫ୍ୟୁଜ, ୫ଟି ଇମ୍ପ୍ରୋଭାଇଜର ଆଇଇଡି ସୁଇଚ୍, ଗୋଟିଏ ଜିଲୋଟିନ ଷ୍ଟିକ୍ ଓ କିଛି ମାଓବାଦୀ ପୁସ୍ତିକା ଜବତ କରିଛି। ପୋଲିସ ସଜାଗ ରହି କୋମ୍ବିଂ ଅପରେଶନକୁ ଜୋର୍‌ଦାର କରିଛି ବୋଲି ଏସ୍‌ପି ରାଘବେନ୍ଦ୍ର କହିଥିଲେ।



ମାଓବାଦୀ କ୍ୟାମ୍ପ୍‌ରୁ ଜବତ ବିସ୍ଫୋରକ ସାମଗ୍ରୀ।

# ଦୋଷୀ ବଡ଼ଭାଇଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

**ସାନଭାଇଙ୍କୁ ହତ୍ୟା ମାମଲା**

ବାଲେଶ୍ୱର, ୨।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଶନିବାର ଏକ ହତ୍ୟା ମାମଲାର ଶୁଣାଣି କରିଛନ୍ତି। ଛୁରି ଭୁସି ସାନଭାଇଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ବଡ଼ଭାଇଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନାର ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି।

ଖନ୍ତାପଡ଼ା ଥାନା ଅଧୀନ ନୂଆପୁର ଗ୍ରାମର ଶଶୀକାନ୍ତ ମଳିକ ଘରର ଶିଡ଼ି ପାହାଚକୁ କେନ୍ଦ୍ରକରି ୨୦୨୦ ସେପ୍ଟେମ୍ବର ୨୧ରେ ତାଙ୍କ ସାନଭାଇ ରତିକାନ୍ତ ମଳିକଙ୍କ ପେଟକୁ ଛୁରି ଭୁସିବା ସହ ମୁଣ୍ଡକୁ ଆଘାତ କରିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ତାଙ୍କ ଶଳା ଓ ଶ୍ୱଶୁର ଉଦ୍ଧାର କରି ଗୋପାଳପୁର ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା (ନଂ. ୩୦୫/୨୦୨୦) ରୁଜୁକରି ପୋଲିସ ଅଭିଯୁକ୍ତ ବଡ଼ଭାଇଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ଶନିବାର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ମୋଟ୍ ୧୫ଜଣ ସାକ୍ଷ୍ୟ, ୨୭ ଦସ୍ତାବିଜ ଏବଂ ୧୧ ମ୍ୟାଟେରିଆଲ ଅବଜେକ୍ଟକୁ ଆଧାର କରି ଅଭିଯୁକ୍ତ ବଡ଼ଭାଇଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରହ୍ଲାଦ ପତି ମାମଲା ପରିଚାଳନା କରୁଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହିଲେ କୁଳ କୁଟୁମ୍ବକୁ ଲାଜ,**
**ନ କହିଲେ କୁଳ ଭାସି ଯାଉଛି ।**

ମଣିଷ ବେଳେବେଳେ ଏମିତି ଅବସ୍ଥାରେ ପହଞ୍ଚେ, ଯାହାର ସମ୍ମୁଖୀନ ହେଲେ ଅସୁବିଧାରେ ପଡ଼ିଥାଏ ଏବଂ ନ ହେଲେ ମଧ୍ୟ ଅପଦସ୍ଥ ହୋଇଥାଏ। ପରିବାରର ମଙ୍ଗଳ ପାଇଁ କୌଣସି ଲଜ୍ଜାକର ଘଟଣା ପ୍ରକାଶ କରିବାକୁ ବାଧ୍ୟ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଉ କୋଇଲି ଏକ ବର୍ଣ୍ଣ,**
**ରା ବେଳେ ଭିନ୍ନଭିନ୍ନ।**

କାଉ ଓ କୋଇଲି ଉଭୟେ ଦେଖିବାକୁ ଏକା ଭଳି। ହେଲେ ତାଙ୍କ ସ୍ୱର ବା ରାବର ଭିନ୍ନତା ହିଁ ଦୁହିଁଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ଆଣିଦେଇଥାଏ। ପରୋକ୍ଷରେ ବ୍ୟକ୍ତି ନିଜ ରୂପ ପାଇଁ ନୁହେଁ ଗୁଣ ଲାଗି ନିନ୍ଦିତ ବା ପ୍ରଶଂସିତ ହୋଇଥାଏ। ରୂପଠାରୁ ଗୁଣ ଶ୍ରେଷ୍ଠତର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ସବ୍‌ଜେଲରେ ୱାର୍ଡେନଙ୍କ ମୃତଦେହ ଜବତ ଘଟଣା**

କେନ୍ଦ୍ରାପଡା/ ଡେରାବିଶ,୨।୧୧
(ଜଗନ୍ନାଥ ଧଳ/ ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ସଦର ଥାନା ଅନ୍ତର୍ଗତ ବାରିମୂଳସ୍ଥ ସବ୍‌ଜେଲ ବାରାକରେ ୱାର୍ଡେନ ବିଜୟ ପରିଡ଼ାଙ୍କ ମୃତ୍ୟୁ ଶନିବାର ନୂଆ ରୂପ ନେଇଛି । ମୃତକ ବିଜୟଙ୍କ ଦାଦା ତଥା ଆଠଗଡ଼ ଗୁରୁଡିଝାଟିଆର ଶିବରାମ ପରିଡ଼ା ଓ ଭାଇ ଜିତେନ୍ଦ୍ର ପରିଡ଼ା ସଦର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । ପୋଲିସ ଜେଲର ବାବୁଲି ବାରିକ ଓ ଶିବରାମଙ୍କ ଅଭିଯୋଗକୁ ଭିତ୍ତି କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହର ବ୍ୟବଚ୍ଛେଦ କରାଇଛି । ଶୁକ୍ରବାର ସନ୍ଧ୍ୟାରେ ବିଜୟଙ୍କ ମୃତଦେହ ବାରାକରେ ଥିବା ବାସଭବନରେ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ଜବତ କରାଯାଇଥିଲା । ଏହି ଖବର ଜାଣିବା ପରେ ଗୁରୁଡିଝାଟିଆରୁ ତାଙ୍କ ପରିବାର ସଦସ୍ୟମାନେ ଆସି ଥାନାରେ ପହଞ୍ଚି ହତ୍ୟା ଅଭିଯୋଗ ଆଣିଛନ୍ତି ।

ଏସମ୍ପର୍କରେ ଶିବରାମ ଓ ଜିତେନ୍ଦ୍ରଙ୍କ କହିବା ଅନୁଯାୟୀ, ଏହା ପ୍ରେମଜନିତ ହତ୍ୟାକାଣ୍ଡ । ବିଜୟ ବିବାହିତ । ତାଙ୍କର ୩ ବର୍ଷର ଝିଅ ଅଛି । ତେବେ ବିବାହ ପୂର୍ବରୁ ଜଣେ ଝିଅଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା । ବିବାହ ପରେ ସେହି ପ୍ରେମିକା ବିଭିନ୍ନ ସମୟରେ ତାଙ୍କୁ ବ୍ଲାକ୍‌ମେଲ କରିବା ସହିତ ମାନସିକ ନିର୍ଯାତନା ଦେଉଥିଲେ । ଏପରି କି ସଂପୃକ୍ତ ପ୍ରେମିକା ବାରମୂଳସ୍ଥ ଜେଲକୁ ଆସି ବିଜୟଙ୍କୁ ମାଡ଼ ମାରିଥିଲେ । ଜେଲ୍‌ର ବାରିକ କହିଛନ୍ତି, ବିଜୟ ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ । ଗୁରୁବାର ସକାଳରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ନିଜର ଦାୟିତ୍ୱ ସୂଚାରୁ ରୂପେ ତୁଲାଇଛନ୍ତି । ତେବେ ସନ୍ଧ୍ୟାରେ ବାରାକରେ ଥିବା ବାସଭବନରେ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ଉଦ୍ଧାର ହୋଇଥିଲା । ଜେଲ ନିକଟରେ ତାଙ୍କ ପ୍ରେମିକାଙ୍କ ଉପସ୍ଥିତ ମୋ ନଜରକୁ କେବେ ଆସିନାହିଁ ବୋଲି ସେ କହିଛନ୍ତି । ସଦର ଥାନା ଅଧିକାରୀ ବିମଳ ମଲିକ କହିଛନ୍ତି, ଏହି ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ ହୋଇଛି । ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନିଆଯାଇଛି । ଏଥିସହିତ ମୃତ୍ୟୁ ସମ୍ପର୍କରେ ତଦନ୍ତକୁ ବିଭିନ୍ନ ଦିଗରୁ ଆକଳନ କରାଯାଉଛି । ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ଆସିଲେ ତଦନ୍ତ ଅଗ୍ରଗତି କରିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବୃଦ୍ଧ ମା'ବାପାଙ୍କୁ ଆକ୍ରମଣ କଲେ ପୁଅ, ବୋହୂ

ସାଲେପୁର,୨।୧୧(ଅରବିନ୍ଦ ଭୂୟାଁ)- ବୃଦ୍ଧ ମା'ବାପାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଅ, ବୋହୂ, ସମୁଦି ଓ ସମୁଦୁଣୀଙ୍କ ନାମରେ କଟକ ଜିଲା ସାଲେପୁର ଥାନାରେ ଶନିବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ. ୪୩୦/୨୪) ରୁଜୁ କରିଛି। ସାଲେପୁର ଥାନା ଅନ୍ତର୍ଗତ ସୁନାଖଣ୍ଡି ଗ୍ରାମର ବୃଦ୍ଧ ହେମନ୍ତ ମହାରଣା ଓ ତାଙ୍କ ସ୍ତ୍ରୀ ରେଣୁବାଳା ନିଜ ଘର ଛାଡ଼ି ବାହାରେ ରୁହନ୍ତି। ଶୁକ୍ରବାର ବଡ଼ବହୁଆ ଡାକିବାକୁ ବୃଦ୍ଧ ଦମ୍ପତି ଘରକୁ ଆସିଥିବାବେଳେ ପୁଅ ପଦ୍ମଚରଣ ଓ ବୋହୂ ସ୍ୱର୍ଣ୍ଣଲତା କାହିଁକି ଆସିଛ ବୋଲି କହି ଅଶ୍ଳୀଳ ଭାଷାରେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଗାଁ ରାସ୍ତାରେ ଉଭୟଙ୍କୁ ମାରଧର କରିଥିଲେ। ହେମନ୍ତଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ପଦ୍ମଚରଣ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଶ୍ୱଶୁର ଖଗେଶ୍ୱର ସୂତାର ଓ ଶାଶୁ କାମିନୀ ସୂତାର ମଧ୍ୟ ସାମିଲ ଥିଲେ ବୋଲି ରେଣୁବାଳା ଅଭିଯୋଗରେ ଦର୍ଶାଇଛନ୍ତି।

# ଯୁବକଙ୍କୁ ଗଛରେ ବାନ୍ଧି ପିଟିଲେ

**ଭିଡିଓ ଭାଇରାଲ ପରେ ଜଣେ ଅଟକ**

ନୟାଗଡ଼/ଭାପୁର,୨।୧୧ (ଲୋକନାଥ ମିଶ୍ର/ ଭରତ କୁମାର ବେହେରା)

ନୟାଗଡ଼ ପୋଲିସ ଜିଲା ଫତେଗଡ଼ ଥାନା ବଡସହରା ଗାଁରେ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଇଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓ ଭାଇରାଲ ପରେ ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ବଡସହରା ଗାଁର ଅରୁଣ ମୂଳିଙ୍କୁ ଗଛରେ ବାନ୍ଧି ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଁର ୨ ଜଣ ମହିଳା ଓ ୪ରୁ ୫ଜଣ ବ୍ୟକ୍ତି ଏଭଳି କାଣ୍ଡ କରି ଅରୁଣଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଅରୁଣଙ୍କୁ ଉଦ୍ଧାର କରାଯାଇ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଏନେଇ ବଡସହରା ଗାଁର କେତେଜଣ ଲୋକଙ୍କ କହିବା ଅନୁଯାୟୀ, ଅରୁଣ ନିଶାସକ୍ତ ଅବସ୍ଥାରେ ଅଧିକାଂଶ ସମୟରେ ଗାଁରେ ପାଟିତୁଣ୍ଡ କରିବା ସହ ଅଶାନ୍ତି ସୃଷ୍ଟି କରନ୍ତି। ଗାଁରେ ଗଣ୍ଡଗୋଳ, ମାରପିଟ୍ ଓ ଗାଳିଗୁଲଜ କରିବା ତାଙ୍କ ପାଇଁ ସାଧାରଣ କଥା। ପ୍ରତିଦିନ ଅରୁଣଙ୍କ ବିରୋଧରେ ଅଭିଯୋଗ ବଢ଼ିବାରୁ ଗାଁ ସଭା ବସି ତାଗିଦ କରାଯାଇଥିଲା। ନିଜକୁ ପରିବର୍ତ୍ତନ ନ କଲେ ଗାଁ ମନା ବୋଲି ଗ୍ରାମସଭାରେ କୁହାଯାଇଥିଲା। ଏଭଳି ସ୍ଥଳେ ଅରୁଣ ନିଶା ଛାଡି ନ ପାରି ଭୁବନେଶ୍ୱରରେ ରହୁଥିଲେ। ତେବେ ୪/୫ଦିନ ତଳେ ଅରୁଣ ଗାଁକୁ ଆସି ପୁଣି ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ, ଗଣ୍ଡଗୋଳ, ମାରପିଟ୍ କରିଥିଲେ। ଏପରି କି ବିଭିନ୍ନ ଲୋକଙ୍କୁ ହତ୍ୟା ଧମକ ଦେଇଥିଲେ। ସେଥିପାଇଁ କେତେଜଣ ଲୋକ ଉତ୍ତେଜିତ ହୋଇ ତାଙ୍କୁ ଗଛରେ ବାନ୍ଧି ପିଟିଥିଲେ। ଯଦିଓ ଆଇନ ଅନୁସାରେ ଗଛରେ ବାନ୍ଧିବା ଓ ପିଟିବା ଠିକ୍ ନୁହେଁ ତେବେ ଗାଁର ପିଲାଙ୍କୁ ଠିକ ବାଟକୁ ଆଣିବାକୁ ଗ୍ରାମବାସୀ ଏଭଳି ଉଦ୍ୟମ କରିଥିଲେ। ସେହି ଭିଡିଓକୁ ଭାଇରାଲ କରି ଗାଁରେ ଅଶାନ୍ତି ସୃଷ୍ଟି କରାଯିବାକୁ ଉଦ୍ୟମ ଚାଲିଛି। ଏହାକୁ ରାଜନୀତିର ରୂପ ଦେବାକୁ ଉଦ୍ୟମ କରାଯାଉଛି ବୋଲି ଗ୍ରାମବାସୀ କହିଛନ୍ତି।

ଫତେଗଡ଼ ଥାନା ଆଇଆଇସି ପଞ୍ଚାନନ ପରିଡ଼ାଙ୍କ ସୂଚନା ଅନୁସାରେ ଗଛରେ ବାନ୍ଧି ଯୁବକଙ୍କୁ ମାରପିଟ୍ ଅଭିଯୋଗ ପରେ ଏକ ମାମଲା(ନଂ.୨୮୨/୨୪) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ଏନେଇ ଜଣଙ୍କୁ ଅଟକ ରଖାଯାଇଛି। ଅରୁଣଙ୍କ ବିରୋଧରେ ଚୋରି, ମାରପିଟ୍ ପରି ୨ଟି ମାମଲା ରହିଛି। ଉଭୟ ଘଟଣାରେ ସେ ଜେଲ ଯାଇଛନ୍ତି ବୋଲି ଥାନା ଆଇଆଇସି କହିଛନ୍ତି।



## ସଂକ୍ଷେପରେ

### ମୁଖିଗୁଡାରେ କାଳୀପୂଜା ଓ ଦୀପାବଳି ପାଳନ

**ଜୟପାଟଣା,୨।୧୧(ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡାରେ ଆଲୋକର ପର୍ବ ଦୀପାବଳି ଓ ମା' ଶ୍ୟାମାକାଳୀଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୫ବର୍ଷ ଧରି ଏଠାରେ ଏହି ପର୍ବ ପାଳନ ହେଉଛି। ଗତ ଗୁରୁବାର ରାତିରୁ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ କାଳୀପୂଜା କମିଟି ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ଜିଲା ପରିଷଦ ଉପାଧ୍ୟକ୍ଷାଙ୍କ ଏସ୍‌ପିଙ୍କୁ ଅଭିଯୋଗ

**ଭବାନୀପାଟଣା,୨।୧୦ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ଶନିବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଅଭିଯୋଗରେ ରାଜନୈତିକ ଆକ୍ରୋଶ ରଖି ଭାଜପା ବିଧାୟକ ପ୍ରାର୍ଥୀ ତାଙ୍କୁ ଓ ତାଙ୍କ ପରିବାରକୁ ନିର୍ଯାତନା ଦେଉଥିବାରୁ ଜୀବନ ପ୍ରତି ବିପଦ ଥିବା ଦର୍ଶାଇଛନ୍ତି। ଏହି ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ନିବେଦନ କରିଛନ୍ତି। ଏହାର ଏକକିତା ନକଲ କଳାହାଣ୍ଡି ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

### ଧାନ ଫସଲରେ ରୋଗପୋକ

**ଖଡ଼ିଆଳ,୨।୧୧ (ସୁଜିତ କୁମାର ପ୍ରଧାନ):** ଧାନଫସଲରେ ରୋଗପୋକ ଖଡ଼ିଆଳ ବ୍ଲକ ମହୁଲଝରଣ ଗାଁର ଚାଷୀଙ୍କୁ ଚିନ୍ତାରେ ପକାଇଛି। ଆଖି ଆଗରେ ଧାନଗଛ ମରି ଯାଉଥିବା ବେଳେ ଚାଷୀ କିଛି କରିପାରୁନି। ଯେଉଁଠି ଧାନ ଫଳିଥିଲା ତାହା ଅଗାଡି ହୋଇଗଲାଣି। ଅନେକ ଆଶା ନେଇ ଧାନ ଚାଷ କରିଥିବା ଚାଷୀ ମୁଣ୍ଡରେ ଏବେ ଚଡକ ପଡିଛି। ଧାନ କେଣ୍ଡା ଧରି ଆସିବା ବେଳକୁ ରୋଗପୋକ ଲାଗି ଫସଲ ନଷ୍ଟ ହୋଇଯାଉଛି। ଯେତେ ପ୍ରକାର ଔଷଧ ଦେଲେ ମଧ୍ୟ ସୁଫଳ ମିଳୁନାହିଁ। ଏବେ ସରକାରୀ ସହଯୋଗ ହିଁ ଏକମାତ୍ର ଭରସା। ବିଶେଷ କରି ବିପିଏଚ୍, ଚକଡା ଓ କାଣ୍ଡ ବିନ୍ଧା ରୋଗ ଲାଗିବାରୁ ଧାନ ଗଛ ସବୁ ମରିଯାଉଛି। ଏବର୍ଷ ଭଲ ବର୍ଷା ହେବାରୁ ଭଲ ଅମଳ ଆଶା ରଖିଥିଲେ ଚାଷୀ। କିନ୍ତୁ ରୋଗ ପୋକ ତାଙ୍କ ଆଶାରେ ପାଣି ଭରିଦେଇଛି। ବ୍ଲକର ଅନେକ ଗାଆଁରେ ଏହି ଅବସ୍ଥା ଦେଖିବାକୁ ମିଳୁଛି। ଧାର କରଜ ଓ ବ୍ୟାଙ୍କ ଋଣ କରି ଚାଷୀମାନେ ଏବେ ଚିନ୍ତାରେ। ବିଭାଗ ପକ୍ଷରୁ ଅତିଶୀଘ୍ର ରୋଗ ପୋକ ନିୟନ୍ତ୍ରଣ ବ୍ୟବସ୍ଥା କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଖଡ଼ିଆଳ ବ୍ଲକ କୃଷି ଅଧିକାରୀ ତୁଷାର ପତିଙ୍କୁ ପଚାରିବାରୁ ଚାଷୀଙ୍କୁ ସବ୍‌ସିଡିରେ ଔଷଧ ଯୋଗାଇ ଦିଆଯାଉଛି। ବୀମା କରିଥିଲେ କ୍ରପ କଟିଂ ପରେ ବୀମା ରାଶି ପାଇପାରିବେ ବୋଲି କହିଥିଲେ।

### ଶିଶୁ ମହୋତ୍ସବ ସୁରଭି

**କୋକସରା,୨।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ କଳା ଉତ୍ସବ ଶନିବାର କୋକସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ରଶ୍ମିତା ନେତମଙ୍କ ସଭାପତିତ୍ୱରେ ଅଧ୍ୟାପକ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି ଓ ବିଆର୍‌ସିସି ତୋଫାନ ମାଝି, ଏବିଇଓ ଆଲୋରାଣୀ ହଲଦାର, ଶିକ୍ଷକ ସଞ୍ଜୀବ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ସୁରଭି ପ୍ରସ୍ଫୁଟିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ।

# ତରଭୁଜରେ ନିଆରା ଚିତ୍ରକଳା ପ୍ରଦର୍ଶନ

**ଭବାନୀପାଟଣା, ୨।୧୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ହିଲ ଟାଉନସ୍ଥିତ ଏକ ନୂତନ ରେଷ୍ଟୁରାଣ୍ଟରେ ଫ୍ରୁଟ କାର୍ଭିଂ ବା ଫଳ ଖୋଦେଇ ଚିତ୍ର କଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏଥିରେ ବେଙ୍ଗାଲୁରୁର ହୋଟେଲ କ୍ଲାର୍କସ ଇନରେ ମୁଖ୍ୟ ସେଫ ଭାବରେ କାର୍ଯ୍ୟରତ ଓଡ଼ିଆ ପୁଅ ସେଫ୍ ସପନ ନାୟକ ଯୋଗଦେଇ ତରଭୁଜ ଜରିଆରେ ଜୀବନ୍ତ ଚିତ୍ରକଳା ପ୍ରଦର୍ଶନ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉତ୍କଳମଣୀ ଗୋପବନ୍ଧୁ ଦାସ, ରତନ ଟାଟା, ନେତାଜୀ ସୁବାସ ଚନ୍ଦ୍ର ବୋଷ, ସଚିନ ତେନ୍ଦୁଲକର, ବିରାଟ କୋହଲି, ଚଳଚ୍ଚିତ୍ର ତାରକା ଅକ୍ଷୟ କୁମାର, ହର ପଟ୍ଟନାୟକ, ବିଜୟ ମହାନ୍ତିଙ୍କ ସମେତ କଳାହାଣ୍ଡିର ପ୍ରଥମ ଇଞ୍ଜିନିୟର ପ୍ରଫେସର ଭୁବନେଶ୍ୱର ବେହେରା ଓ ବିଶିଷ୍ଟ ସମାଜସେବୀ କିଶନ ପଟ୍ଟନାୟକଙ୍କ ଅବିକଳ ମୂର୍ତ୍ତିକୁ ସପନ ନାୟକ ତରଭୁଜରେ ଖୋଦିତ କରି ପ୍ରଦର୍ଶିତ କରିଥିଲେ। ସେହିଭଳି



ତରଭୁଜରେ ସପନଙ୍କ ନିଆରା ଚିତ୍ରକଳା ପ୍ରଦର୍ଶନ।

### କପାଳ ଦେଖାଇଲେ ସେଫ୍ ସପନ ନାୟକ

ପ୍ରିନ୍ସ ହଙ୍ଗର୍ ଗ୍ୟାରେଜର ପରିଚାଳନା ନିର୍ଦ୍ଦେଶକଙ୍କ ଝିଅ ପ୍ରିନ୍ସ ଠାକୁରଙ୍କ ତରଭୁଜରେ ଖୋଦିତ ଫଟୋଚିତ୍ର ପ୍ରଦର୍ଶନୀରେ ରଖାଯାଇଥିଲା। ଫଳ ଚିତ୍ରକଳା ବା ଫ୍ରୁଟ କାର୍ଭିଂ ପ୍ରଦର୍ଶନୀ କଳାହାଣ୍ଡିରେ ପ୍ରଥମ କରି ପ୍ରିନ୍ସ ହଙ୍ଗର୍ ଗ୍ୟାରେଜ ତରଫରୁ ଆୟୋଜନ କରାଯାଇଛି। ଏହା ଦେଖିବାକୁ ପ୍ରିନ୍ସ ହଙ୍ଗର୍ ଗ୍ୟାରେଜ ରେଷ୍ଟୁରାଣ୍ଟରେ ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମିବା ସହ ଏହି ନିଆରା ପ୍ରଦର୍ଶନୀକୁ ଲୋକେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରିନ୍ସ ହଙ୍ଗର୍ ଗ୍ୟାରେଜ ରେଷ୍ଟୁରାଣ୍ଟ ର ପରିଚାଳନା ନିର୍ଦ୍ଦେଶକ ଅବିନାଶ ଠାକୁର ଓ ପ୍ରିତମ ପ୍ରିୟଦର୍ଶନ ନନ୍ଦ ପରିଚାଳନା କରିଥିଲେ।

# କାଳୀପୂଜା ପାଇଁ ଚଳଚଞ୍ଚଳ କେଗାଁ



କେଗାଁରେ ପୂଜା ପାଉଥିବା ମା' ଶ୍ୟାମାକାଳୀ।

**ଗୋଲାମୁଣ୍ଡା/କେଗାଁ, ୨।୧୧ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)**

କଳାହାଣ୍ଡି ଜିଲା କେଗାଁ ଗ୍ରାମରେ ସାର୍ବଜନୀନ ଶ୍ୟାମାକାଳୀ ପୂଜା ଚଳିତବର୍ଷ ୫୭ବର୍ଷରେ ପହଞ୍ଚିଛି। ୬ ଦିନ ଧରି ହେଉଥିବା ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି କେଗାଁ ଗ୍ରାମ। ପୂଜା କମିଟି ତରଫରୁ ସଭାପତି ସୋମେଶ୍ୱର ମୁନୀ, କାର୍ଯ୍ୟକାରୀ ସଭାପତି ଗୌରଚନ୍ଦ୍ର ପୁଟେଲ, ସମ୍ପାଦକ ମନୋଜ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ଦଳେଇଙ୍କୁ ଚୟନକରି ବୁଧବାର କଳସ ଶୋଭାଯାତ୍ରା କରାଯାଇଥିଲା। ମହିଳା ଓ ଯୁବତୀମାନେ ଗ୍ରାମର ଉଦନ୍ତି ନଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାମଣ୍ଡପରେ ସ୍ଥାପନ କଲାପରେ ପୂଜା ଆରମ୍ଭ ହୋଇଥିଲା। ଗ୍ରାମବାସୀ ପ୍ରତ୍ୟହ ସକାଳୁ ପୂଜା ଓ ଚଣ୍ଡୀପାଠ କରୁଛନ୍ତି। ପୂଜକ ତପନ କୁମାର ପଣ୍ଡା, ବାସୁଦେବ ପଣ୍ଡା ପୂଜାକାର୍ଯ୍ୟ କରୁଥିବାବେଳେ କର୍ତ୍ତା ଭାବେ କବିର ପୁଟେଲ ଓ ତାଙ୍କ ଧର୍ମପତ୍ନୀ କାଞ୍ଚନ ପୁଟେଲ କାର୍ଯ୍ୟ ତୁଲାଉଛନ୍ତି। ଦର୍ଶକଙ୍କ ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମିନାବଜାର, ଦଣ୍ଡନୃତ୍ୟ ଆୟୋଜନ କରାଯାଇଛି। ଏହାକୁ ଦେଖିବା ପାଇଁ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ବହୁ ସଂଖ୍ୟକ ଦର୍ଶକଙ୍କ ସମାଗମ ହେଉଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ନୂଆପଡ଼ା,୨।୧୧ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବର୍ଗରେ ମୋଟ ୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ମୁଖ୍ୟ ଅତିଥି, ଲୋହିତ ଶବର, ହୀରାଲାଲ ପଟେଲ, ସଂକୀର୍ତ୍ତନ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଲଳିତ ଚନ୍ଦ୍ରକାର, ଦେଓ କୁମାର ସତନାମୀ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଶିକ୍ଷକ କିଶୋର କୁମାର ପରିଡା ମଞ୍ଚ ପରିଚାଳନା କରିଥିଲେ। ଦୁଃଖିଶ୍ୟାମ ନାୟକ, ଡଙ୍ଗର ଶବର, ରୋହିତ ବେହେରା, ମନୋଜ ବରିହା, ଲିଳାବାଈ ଶବର, ନନ୍ତା ମାଝି, ଛବିଲ ନିଆଲ ପ୍ରମୁଖ ସହଯୋଗ କରିଥିବାବେଳେ ରବି ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଞ୍ଜିଗଡ଼ରେ ଶେଷହେଲା ମା' ଶ୍ୟାମାକାଳୀ ପୂଜା

**ଲାଞ୍ଜିଗଡ଼,୨।୧୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଆଶ୍ରମପଡ଼ାଠାରେ ମା' ଶ୍ୟାମାକାଳୀ ପୂଜା ଶନିବାର ଉଦ୍‌ଯାପିତ ହୋଇଛି। ଯୁବଶକ୍ତି ସେବାକେନ୍ଦ୍ର ଆନୁକୂଲ୍ୟରେ ଏହି ପୂଜା ଆୟୋଜିତ ହୋଇଥିଲା। ପୂଜାରେ କର୍ତ୍ତା ଭାବେ ଗୋବିନ୍ଦ ରଣା ଓ ତାଙ୍କ ଧର୍ମପତ୍ନୀ ସବିତା ରଣା, ପୂଜକ ଭାବେ ପ୍ରଭାକର ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ଦିବସରେ ଜିଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ପ୍ରେସକ୍ଲବ କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେଶନିଆ, ସମାଜସେବୀ ଶ୍ରୀମୁଖ ଅଗସ୍ତି, ରାଜେନ୍ଦ୍ର ମାଳି, ଜନ ଜାଗରଣ ଯୁବକ ସଂଘ ସଭାପତି ସୁଦର୍ଶନ ଗରଡ଼ିଆ, ଲାଞ୍ଜିଗଡ଼ ପଞ୍ଚାୟତ ବିଜେଡ଼ି ସଭାପତି ଜୟନ୍ତ ମହାଖୁଡ, ଲାଞ୍ଜିଗଡ଼ ପ୍ରେସକ୍ଲବ ଉପସଭାପତି କ୍ଷମାନିଧି ମହାଖୁଡ, କୋଷାଧ୍ୟକ୍ଷ ପରେଶ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରବିବାର ମା'ଙ୍କ ଭସାଣି ଉତ୍ସବ ହେବ ବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି ।

# ବ୍ଲକସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଗୋଲାମୁଣ୍ଡା, ୨।୧୧(ବଟ କୃଷ୍ଣ ପଣ୍ଡା)**

ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୮ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପଳନ କରାଯାଉଛି। କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କଲେଜର ଛାତ୍ରୀଛାତ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଶ୍ରୀଧର ପଣ୍ଡା, ଭିଜିଲାନ୍ସ ଇନ୍ସପେକ୍ଟର ସୁଶାନ୍ତ ମହାପାତ୍ର, ଜିପିଇଓ ରମିତ ପ୍ରଧାନ, ବିଆର୍‌ସିସି ଲବଣି ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଆୟୋଜିତ ସଭାରେ ବିଡ଼ିଓ ପଣ୍ଡା ଯୋଗଦେଇ ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଲାଞ୍ଜିଗଡ଼ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ଲାଞ୍ଜିଗଡ଼,୨।୧୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁଢଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଭାରତଭୂଷଣ ସାହୁ, ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଲୋଚନ ସୁନା, ବିଶ୍ୱନାଥପୁର ସରପଞ୍ଚ ସୁରଥ ମାଝି ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ କ୍ଲଷ୍ଟର ସଂଯୋଜକ ତପନ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟଅତିଥି ଓ ହରିଶଙ୍କର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ନଗେନ୍ଦ୍ର ପଟ୍ଟନାୟକଙ୍କ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ମା'ମହାକାଳୀ, ଭୈରବ ଦେବଙ୍କ ଝାମୁଯାତ୍ରା

**ଥୁଆମୂଳ ରାମପୁର, ୨।୧୧(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ତାଲବନ୍ଦପଡ଼ାରେ ପବିତ୍ର ଦୀପାବଳି ପର୍ବରେ ମା' ମହାକାଳୀ ଓ ଭୈରବ ଦେବଙ୍କ ଝାମୁଯାତ୍ରା ପାଳିତ ହୋଇଯାଇଛି। ଗୁରୁବାର ସକାଳେ ଘଣ୍ଟତାଳ, ହୁଳହୁଳି ଓ ବାଜା ସହ ପୂଜାର୍ଚ୍ଚନାକରି ପୂର୍ବରୁ ଯୋଗାଡ଼ କରାଯାଇଥିବା କାଠରେ ଅଗ୍ନି ସଂଯୋଗ କରାଯାଇଥିଲା। ସନ୍ଧ୍ୟାରେ ବାବା ଭୈରବ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶତାଧିକ ଭକ୍ତଙ୍କ ଭିଡ଼ଲାଗିଥିଲା। ମନ୍ଦିରରେ ପୂଜକଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେବକ ଓ ଭକ୍ତଙ୍କ ଗହଣରେ ପୂଜାର୍ଚ୍ଚନା ପରେ ଅଗ୍ନିକୁଣ୍ଡରେ ଭୈରବ ଦେବ ପ୍ରବେଶକରି ପୁଣି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ରାତିରେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ଏକ ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ପୂଜା କମିଟି ସଭାପତି ମାଣିକ୍ୟ ଚନ୍ଦ୍ର ନାଏକ, ଉପସଭାପତି ଗୁଣନିଧି ନାଏକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ନାଏକ, ସହ ସମ୍ପାଦକ କୈଳାସ ଛତ୍ରିଆ, କୋଷାଧ୍ୟକ୍ଷ ଗଣେଶ୍ୱର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଡା.ସମ୍ବିତ ବିଶ୍ୱାଳ ମୁଖ୍ୟ ଅତିଥି, ମା'ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ମୁଖ୍ୟ ବକ୍ତା ଓ ଥାନା ଏଏସ୍‌ଆଇ ରଶ୍ମିରଞ୍ଜନ ବାଗ, ବିଜେଡି ବ୍ଲକ୍ ସଭାପତି କପିଳାସ ନାଏକ, ଆଇନଜୀବୀ ମନୋରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୁକ୍ରବାର ସକାଳୁ ପୂଜକଙ୍କ ଦ୍ୱାରା ଜେନାମରା କାର୍ଯ୍ୟକ୍ରମ ସହ ବିଭିନ୍ନ କଳାକାରଙ୍କ ଦ୍ୱାରା ପାରମ୍ପରିକ ବିଚିତ୍ରା, ବେଶଭୂଷା ଅନୁଷ୍ଠିତ ହୋଇଥିଲା।

# ସରପଞ୍ଚଙ୍କ ସପକ୍ଷରେ ଜିଲାପାଳଙ୍କୁ ଶ୍ରମିକଙ୍କ ଦାବିପତ୍ର

### ହିତାଧିକାରୀଙ୍କ ନାମରେ ଜବ୍‌କାର୍ଡ କରି ଟଙ୍କା ହଡ଼ପ ଘଟଣା

**ଭବାନୀପାଟଣା,୨।୧୧(ଉତ୍ତମ କୁମାର ଦାଶ)**



କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଟେଗୁଡା ପଞ୍ଚାୟତର କେତେଜଣ ହିତାଧିକାରୀଙ୍କ ନାମରେ ଜବ୍‌କାର୍ଡ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ନେଇ ଗତ ୨୪ ତାରିଖ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସ୍ଥାନୀୟ ସରପଞ୍ଚ, ଜିଲା ପରିଷଦ ଉପାଧ୍ୟକ୍ଷା ଓ ତତ୍କାଳୀନ ପଞ୍ଚାୟତର କେତେଜଣ ଶ୍ରମିକ ଏହି ଘଟଣାକୁ ମିଥ୍ୟା, ଭିତ୍ତିହୀନ ବୋଲି କହିବା ସହ ସରପଞ୍ଚଙ୍କୁ ଅପମାନିତ କରିବା ପାଇଁ ରାଜନୀତି ଆକ୍ରୋଶ ରଖି ଏଭଳି କାର୍ଯ୍ୟ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ଶନିବାର ଶ୍ରମିକ ମାନେ ସରପଞ୍ଚଙ୍କ ସପକ୍ଷରେ ବାହାରି ଜିଲାପାଳଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚଙ୍କ ନେତୃତ୍ୱରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟକରି ସେମାନେ ରୋଜଗାର କ୍ଷମ ହେବା ସହ ଠିକ ସମୟରେ ପ୍ରାପ୍ୟ ମିଳୁଥିବା ନେଇ ପତ୍ରରେ ଉଲ୍ଲେଖ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶ୍ରମିକଙ୍କ ସହ ସ୍ଥାନୀୟ ସରପଞ୍ଚ ପରମେଶ୍ୱର ମେହେର ଓ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ମଧ୍ୟ ଉପସ୍ଥିତ ଥିଲେ।

इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ସମ୍ବଲପୁର**
ସା: ଶ୍ୟାମ ଆର୍କେଡ଼, କ୍ଷେତରାଜପୁର, ସମ୍ବଲପୁର - ୭୬୮୦୦୩

ପରିଶିଷ୍ଟ-୪ [ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ, ଅନୁଗୁଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଅନୁଗୁଳ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମିନତୀ ଫର୍ଣ୍ଣିଚର ଆଣ୍ଡ୍ ଇଣ୍ଟରିଅର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମିନତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଧନେଶ୍ୱର ପ୍ରଧାନ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଧନେଶ୍ୱର ପ୍ରଧାନ,** ପିତା: ଇନ୍ଦ୍ରମଣୀ ପ୍ରଧାନ, **୨) ଶ୍ରୀ ସତ୍ୟବ୍ରତ ପ୍ରଧାନ,** ପିତା: ଶ୍ରୀ ଧନେଶ୍ୱର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ଗୀତାଗ୍ରାମ, ପିଟିସି, ଅନୁଗୁଳ, ଓଡିଶା-୭୫୯୧୨୨ | ୦୬.୦୮.୨୦୨୪ ସୁଦ୍ଧା ଟ.୨୧,୨୭,୩୬୮/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୦୭.୦୮.୨୦୨୪ / ୨୮.୧୦.୨୦୨୪ | **ଶ୍ରୀମତୀ ମିନତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଧନେଶ୍ୱର ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଗୀତାଗ୍ରାମ, ପିଟିସି, ଅନୁଗୁଳ, ଓଡ଼ିଶା-୭୫୯୧୨୨, ପ୍ଲଟ୍ ନଂ.: ୧/୭୬୫, ଖାତା ନଂ.: ୧୬୮/୬୯୩, କ୍ଷେତ୍ର: ଏକର୦.୦୯ ଡିସିମିଲି, ମୌଜା: ତୁରଙ୍ଗ ଜଙ୍ଗଲ, ଥାନା/ତହସିଲ: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ହାଡିବନ୍ଧୁ ଦାସ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ରତାପ ଚନ୍ଦ୍ର ଦାସଙ୍କ ପ୍ଲଟ୍, ପଶ୍ଚିମ: ରାସ୍ତା |

ସ୍ଥାନ: ସମ୍ବଲପୁର
ତାରିଖ : ୦୨.୧୧.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଆପେଣ୍ଡିକ୍ସ-୪-ଏ (ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ)

**ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ,** ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି। ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠାନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଜାମିନ୍‌ଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନ୍‌କମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ପଟିଆ ଶାଖା (ମୋ.: ୯୪୩୭୯୬୫୮୪୧)** (୧)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୨)ଶ୍ରୀ ପ୍ରିତମ କୁମାର ଦାସ (ସତ୍ତ୍ୱାଧିକାରୀ), ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, (୩)ଶ୍ରୀ ପ୍ରଶାନ୍ତ କୁମାର ଦାସ (ଜାମିନ୍‌ଦାର/ବନ୍ଧକଦାତା), (୪) ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାସ (ଜାମିନ୍‌ଦାର), ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨। | ସମ୍ପତ୍ତିର ମାଲିକ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ଲିଜ୍ ହୋଲ୍ଡର: ଶ୍ରୀ ପ୍ରିତମ କୁମାର ଦାସ । ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୨୫୭/୧୧୯, ପ୍ଲଟ ନଂ.୫୨୮/୬୪୨, ଅନୁରୂପ ଖାତା ନଂ.୧୧୦, ମୌଜା: ବଳଭଦ୍ରପୁର, ଥାନା: ବେଗୁନିଆ, ନଂ.୫୮, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୪୬୦ ଡିସିମିଲି, ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ନାଳ, ଦକ୍ଷିଣ- ପ୍ଲଟ ନଂ.୫୨୮/ପ୍ରଶାନ୍ତ କୁମାର ଦାସ, ପୂର୍ବ- ଆକାଶ ଖୁଣ୍ଟିଆ, ପଶ୍ଚିମ- ନିମାଇ ଚରଣ ସାହୁ । | ତା.୧୫.୦୫.୨୦୨୪ରିଖ ସୁଦ୍ଧା ଟ.୧,୦୯,୯୭,୪୦୧.୮୮ ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBSANATAN / ନାହିଁ | ଟ.୧୮,୭୦,୦୦୦/- / ଟ.୧,୮୭,୦୦୦/- / ଟ.୨୫,୦୦୦/- | ୦୬.୧୨.୨୦୨୪ (ଶୁକ୍ରବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୨. | **ପଟିଆ ଶାଖା (ମୋ.: ୯୪୩୭୯୬୫୮୪୧)** (୧)ମେସର୍ସ ଜ୍ୟୋସ୍ନା ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା-ଫାର୍ମ), ପ୍ଲଟ ନଂ.୧୧୫/୧୨୭୯, ଦାଢ, ରଘୁନାଥପୁର, ନନ୍ଦନକାନନ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୪, (୨) ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାସ (ସତ୍ତ୍ୱାଧିକାରୀ), ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, (୩) ଶ୍ରୀ ପ୍ରଦୀପ କୁମାର ଦାସ (ଜାମିନ୍‌ଦାର), ପିତା: ଶ୍ରୀ ସନାତନ ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, (୪)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୫)ଶ୍ରୀ ପ୍ରିତମ କୁମାର ଦାସ (ସତ୍ତ୍ୱାଧିକାରୀ), ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, (୬)ଶ୍ରୀ ପ୍ରଶାନ୍ତ କୁମାର ଦାସ (ଜାମିନ୍‌ଦାର), (୭)ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାସ (ଜାମିନ୍‌ଦାର), ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨ । | ସମ୍ପତ୍ତିର ମାଲିକ: ଶ୍ରୀମତୀ ଜ୍ୟୋସ୍ନାରାଣୀ ଦାସ । ଜମି ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୪୬୯, ଖାତା ନଂ.୩୫୯, ମୌଜା: ବେଗୁନିଆ, ଥାନା: ବେଗୁନିଆ, ନଂ,୭୩, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୧.୦୦ ଡିସିମିଲି,ପ୍ଲଟର ଚାରିପାର୍ଶ୍ୱରେ : ଉତ୍ତର- ସରକାରୀ ଜମି, ଦକ୍ଷିଣ- ଶ୍ରୀ ପ୍ରଦୀପ କୁମାର ମହାନ୍ତି ଏବଂ ଅନ୍ୟମାନେ, ପୂର୍ବ- ସରକାରୀ ଜମି, ପଶ୍ଚିମ- ରାସ୍ତା । | ତା.୦୧.୦୫.୨୦୨୪ରିଖ ସୁଦ୍ଧା ଟ.୧,୭୪,୬୦,୯୧୨.୪୨ ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBJYOTSHNA / ନାହିଁ | ଟ.୯୯,୯୦,୦୦୦/- / ଟ.୯,୯୯,୦୦୦/- / ଟ.୨୫,୦୦୦/- | ୦୬.୧୨.୨୦୨୪ (ଶୁକ୍ରବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt Ltd. ର ୱେବସାଇଟ୍ (**https://www.ebkray.in**) ପରିଦର୍ଶନ କରନ୍ତୁ । ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt Ltd, ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ ।
**https://www.ebkray.in** ୱେବସାଇଟରେ ସମ୍ପତ୍ତି ଖୋଜୁଥିବା ବେଳେ ଉପରୋକ୍ତ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି ।

ତାରିଖ-୦୨.୧୧.୨୦୨୪, ସ୍ଥାନ-ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ




ସୁନ୍ଦରଗଡ଼ ଡେଙ୍ଗୀଭାଡ଼ି କାଳୀପୂଜା କମିଟି ପକ୍ଷରୁ ଆୟୋଜିତ କାଳୀଙ୍କ ମୂର୍ତ୍ତି ଓ ତୋରଣ।




ସୁନ୍ଦରଗଡ଼ ମହେଶତିହୀ ପୂଜା କମିଟି ପକ୍ଷରୁ ଆୟୋଜିତ ଧନଲକ୍ଷ୍ମୀ ପୂଜା ଓ ତୋରଣ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୁଆଁରମୁଣ୍ଡା,୨।୧୧(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପୁଟ୍ରିଖମନ ଗ୍ରାମର ଜଗନ ପ୍ରଧାନ(୫୫)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ନିଜ ବାଇକ ଓଡ଼ି ୧୪ ଏଫ୬୮୩୫ରେ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ଏ ନେଇ ତାଙ୍କ ଝିଅ ଲଳିତା ପ୍ରଧାନ ଶନିବାର ଖବର ପାଇ ଘଟଣାସ୍ଥଳକୁ ଯିବା ସହ କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରିବା ସହ ଶବଟିକୁ ଜବତ କରି ସ୍ଥାନୀୟ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରିଥିଲେ।ଏହା ପରେ ପରିବାର ଲୋକଙ୍କୁ ପୋଲିସ ଶବ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟ ପକ୍ଷରେ ମୃତ ଜଗନ ପୁଟ୍ରିଖମନ ପଞ୍ଚାୟତ ଅଞ୍ଚଳର ଜଣେ ଭାଜପା ନେତା ଥିଲାବେଳେ ଘଟଣା ଦିନ ସେ ସ୍ଥାନୀୟ ବାର୍ତାଘୁଟୁ ଗ୍ରାମରୁ ନିଜ ଘରକୁ ବାଇକ ଯୋଗେ ଫେରୁଥିଲେ।ଏହି ସମୟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ନେଇ ତାଙ୍କ ଝିଅ ଲଳିତା ଏତଲାରେ ଦର୍ଶାଇଛନ୍ତି।

# ବଡ଼ଗାଁ ବ୍ଲକରେ ମରୁଡ଼ି ପରିସ୍ଥିତି

## ଜିଲାପାଳଙ୍କୁ ଭେଟି ସମସ୍ୟା ଜଣାଇଲେ ଜନପ୍ରତିନିଧି

ବଡ଼ଗାଁ,୨।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ୧୫ ଗ୍ରାମ ପଞ୍ଚାୟତର ୬୯ ରାଜସ୍ୱ ଗ୍ରାମରେ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ହୋଇଥିବା ମରୁଡ଼ି ପରିସ୍ଥିତିକୁ ନେଇ ଶନିବାର ବଡ଼ଗାଁ ବ୍ଲକର ଜନପ୍ରତିନିଧିମାନେ ସୁନ୍ଦରଗଡ଼ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଅବଗତ କରାଇଛନ୍ତି। ଏହା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ବଡ଼ଗାଁ ବ୍ଲକର ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ, ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସରପଞ୍ଚ ସଂଘ ସଭାପତି ଯୋଗିନ୍ଦ୍ର କିଷାନ, ସରପଞ୍ଚ ଯୁଧିଷ୍ଠିର ବାଡ଼ା, ଗୋବର୍ଦ୍ଧନ ହାହା, ମହେଶ୍ୱର ବରିହା, ରାଜେଶ୍ୱରୀ କାଲୋ, ସୁକ୍ରୁତା ବିଶାଳ ପ୍ରମୁଖ ବହୁ ଜନ ପ୍ରତିନିଧି



ଜିଲାପାଳଙ୍କୁ ଜନପ୍ରତିନିଧିମାନେ ଦାବିପତ୍ର ଦେଇଛନ୍ତି।

ଶୁକ୍ରବାର ବଡ଼ଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଚାଷ ଜମି ପରିଦର୍ଶନ କରିଥିଲେ। ଏହା ସହ ମରୁଡ଼ି ପରିସ୍ଥିତି ଦେଖା ଦେଉଥିବା ବିଷୟରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ଶନିବାର ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ, ବଡ଼ଗାଁ ବିଡ଼ିଓ ସୁମତି ପଣ୍ଡାଙ୍କୁ ସାକ୍ଷାତ କରି ମରୁଡ଼ି ପରିସ୍ଥିତି ଉପରେ ଆଲୋଚନା କରି ଦାବିପତ୍ର ଦେଇଛନ୍ତି।ଏହା ପରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହା ସହ ଗ୍ରାମପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ସରପଞ୍ଚ ସଂଘ ପକ୍ଷରୁ ମଧ୍ୟ ଦାବି କରାଯାଇଥିବା ସଂଘ କର୍ମକର୍ତ୍ତାଙ୍କଠାରୁ ପ୍ରକାଶ।

# ସୁନ୍ଦରଗଡ଼ରେ ପ୍ରଥମ ବିହାବାଏଲ ଉଚ୍ଛବ

ସୁନ୍ଦରଗଡ଼,୨।୧୧(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସହରର ଜୀବନ ରେଖା ଭାବେ ପରିଚିତ ଇବ ନଦୀ 'ବିହି ବାଏଲ ଉଚ୍ଛବ' ପ୍ରସ୍ତୁତି ଏବେ ଚୂଡାନ୍ତ ପର୍ଯ୍ୟାୟରେ। ଚଳିତ ବର୍ଷ ପ୍ରଥମ କରି ଇବ ନଦୀ ଶଯ୍ୟାରେ ହେବ ବାଲିଯାତ୍ରା ଭଳିଆ ବିହା ବାଏଲ ଉଚ୍ଛବ।ଏହି ଉତ୍ସବ ଆୟୋଜନ ହେଉଥିବା ନେଇ ସମସ୍ତ ସହରବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ପ୍ରକାଶ ପାଇଛି। ଏହି ନଦୀ ଶଯ୍ୟାର ମଧ୍ୟ ଭାଗରେ ମୁଣ୍ଡ ଟେକି ରହିଥିଲା ସୁଉଚ୍ଚ ବିହା ବାଏଲ। ଅନେକ ଲୋକକଥା ଏହି ସ୍ଥାନ ସହିତ ଯୋଡ଼ି ହୋଇ ରହିଛି ଏବଂ ସୁନ୍ଦରଗଡ ସହରବାସୀଙ୍କ ଭାବାବେଗାତ୍ମକ ସମ୍ପର୍କ ରହି ଆସିଛି। ସମୟ ଥିଲା ସେହି ବିହା ବାଲି ପାଖରେ ତରଭୁଜ ଚାଷ ମଧ୍ୟ କରାଯାଉଥିଲା। ମାତ୍ର କାଳର କରାଳ ଗତିରେ ଅବକ୍ଷୟ ହୋଇ ଚାଲିଛି ଏହି ବିହା ବାଏଲ। ତା' ସହିତ କଳା ଓ ସଂସ୍କୃତି ମଧ୍ୟ ମାନସପଟଳରୁ ଅପସରି ଯାଉଥିଲା। ଏହି ସମୟରେ ସୁନ୍ଦରଗଡ ସହରର କିଛି ବ୍ୟକ୍ତି ଆଗେଇ ଆସନ୍ତି ଏହାର ପୁନରୁଦ୍ଧାର ପାଇଁ। ବିହା ବାଏଲ ସମ୍ବନ୍ଧୀୟ ଐତିହ୍ୟକୁ ସମାଜ ଆଗରେ ପୁଣି ଥରେ ଉଜ୍ଜୀବିତ କରିବ ପାଇଁ ପରିକଳ୍ପନା ହୋଇଛି ଏହି ବିହା ବାଏଲ ଉଚ୍ଛବ। ନଦୀ ଶଯ୍ୟାରେ ଏକ ବିରାଟ ମେଳା ଆୟୋଜନ ପାଇଁ ସ୍ଥିର ହୋଇଛି। ପ୍ରଥମେ କିଛି ଜଣକୁ ନେଇ ଆୟୋଜିତ ଏକ ସଭା ରୂପ ଦିଏ ଅନ୍ୟ ଏକ ବଡ଼ ବୈଠକକୁ ଯୋଉଥିରେ ସମ୍ମିଳିତ ହୁଅନ୍ତି ସୁନ୍ଦରଗଡର ସମସ୍ତ ବର୍ଗର ବ୍ୟକ୍ତିବିଶେଷ। ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ଭାବରେ ସୁନ୍ଦରଗଡ ରାଜମାତା ପଦ୍ମିନୀ ଶେଖର ଦେଓ ସର୍ବ ସମ୍ମତି କ୍ରମେ ଚୟନିତ ହେଲା ପରେ ତାଙ୍କ ସହିତ ଯୋଡ଼ି ହୁଅନ୍ତି ସୁନ୍ଦରଗଡର ବରିଷ୍ଠ ନାଗରିକ। ପରବର୍ତ୍ତୀ ସମୟରେ ବେଣୁ ମାଧବ ତ୍ରିପାଠୀ ସଂଯୋଜକ, ଡ଼ଃ.ଚିରବ୍ରତ ଦତ୍ତ ସଭାପତି, ସନ୍ତୋଷ ଗହିର କାର୍ଯ୍ୟକାରୀ ସଭାପତି, ତିଷ୍ଣୁ ରକ୍ସା, କୁଲଦୀପ ଶେଖର ଦେଓ ଓ ମୃତ୍ୟୁଞ୍ଜୟ ଚୌଧୁରୀ ଉପ ସଭାପତି, ସଚିନ୍ଦ୍ର ବିଶକର୍ମା ସମ୍ପାଦକ, ଅନିତା ଶର୍ମା, ନର ଦୀପ ସିଂ, ବବିତା ପେରୁଆ, ସତ୍ୟବତୀ ରକସା, ଅଜିମ ହୁସେନ ସହ ସମ୍ପାଦକ, ବିଶ୍ୱରଞ୍ଜନ ହୋତା କୋଷାଧ୍ୟକ୍ଷ, ଶିଶିର ବେହେରା ଓ ରବୀନ୍ଦ୍ର ଧଳ ସହ କୋଷାଧ୍ୟକ୍ଷ ତଥା ମାର୍ଗଦର୍ଶକ ଭାବରେ ତନୟା ମିଶ୍ର, ଲମ୍ବୋଦର ଜେନା, ଦଶରଥ ରାଉତ, ଭାସ୍କର ଡିଲା, ମନୋଜ ପୁରୋହିତ, ରାଜୁ ଷଡ଼ଙ୍ଗୀ, ରାଜୁ ଠାକୁର, ସୁରେନ୍ଦ୍ର ଦାଶ, ରାହାସ ବିହାରି ଷଣ୍ଢ, ପ୍ରଶାନ୍ତ ପଟେଲ ପ୍ରମୁଖ ମନୋନୀତ ହୋଇ କମିଟି ଗଠିତ ହୋଇଥିଲା।

### ୬ ଦିନ ହେଲା କାର୍ପେଣ୍ଟରଙ୍କ ପତ୍ତା ମିଳୁନି

ରାଉରକେଲା,୨।୧୧(ସଙ୍ଗୀତା ଜେନା)

ଛେଣ୍ଡଠାରେ ଜଣେ ଠିକାଦାରଙ୍କ ନିକଟରେ କାର୍ଯ୍ୟରତ ଜନୈକ କାର୍ପେଣ୍ଟର ୬ ଦିନ ହେଲା ନିଖୋଜ ଅଛନ୍ତି। ନିଖୋଜ କାର୍ପେଣ୍ଟର ହେଲେ ବାସନ୍ତୀ କଲୋନି ଆଇସ୍ ଫ୍ୟାକ୍ଟ୍ରି ନିବାସୀ ଛୋଟୁ ଶର୍ମା(୩୫)। ଏ ନେଇ ତାଙ୍କ ସ୍ତ୍ରୀ ସବିତା ଶର୍ମା ଉଦିତ ନଗର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୪୭/୨୪) ରୁଜୁ କରି ତଦନ୍ତ କରୁଛି। ସବିତା କହିଛନ୍ତି, ତାଙ୍କ ସ୍ୱାମୀ ଛୋଟୁ ଓ ସହଯୋଗୀ ଛେଣ୍ଡରେ ଜଣେ ଠିକାଦାରଙ୍କ ନିକଟରେ କାମ କରୁଥିଲେ। ଉକ୍ତ କାମରେ କ୍ଷତି ହେବାରୁ ଠିକାଦାର ଏମାନଙ୍କୁ ପାଉଣା ଦେଇ ନ ଥିଲେ। ଛୋଟୁଙ୍କ ସହଯୋଗୀ ପାଉଣା ନ ପାଇବାରୁ ବାରମ୍ବାର ଛୋଟୁଙ୍କୁ ଗାଳିଗୁଲଜ କରୁଥିଲେ। ସୋଶିଆଲ ମିଡ଼ିଆରେ ଧମକଚମକ ଦେଉଥିଲେ। ଗତ ୨୭ ତାରିଖ ସକାଳୁ ଛୋଟୁ ନିଖୋଜ ଅଛନ୍ତି। ବନ୍ଧୁ ପରିଜନ ଓ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳୁନାହିଁ। ଶେଷରେ ନିରାଶ ହୋଇ ଉଦିତ ନଗର ଥାନାରେ ଏତଲା ଦେଇଥିବା ସବିତା କହିଛନ୍ତି। ତାଙ୍କୁ ଖୋଜି ଆଣିବାକୁ ସେ ପୋଲିସକୁ ଗୁହାରି କରିଛନ୍ତି।

# ମଦ ବିରୋଧରେ ତାତିଲେ ଗ୍ରାମବାସୀ



ବଡ଼ଗାଁ, ୨।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଫୁଲବାରି ଗ୍ରାମ ପଞ୍ଚାୟତ, କୁରେଇବଗା ଗ୍ରାମର ମହିଳା ଓ ଗ୍ରାମବାସୀ ଗାଁରେ ମଦ ବିକ୍ରି ବନ୍ଦ କରିବା ପାଇଁ ପୋଲିସ ଓ ଅବକାରୀ କର୍ମଚାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଅବାଧରେ ବିକ୍ରି ହେଉଛି। ଗାଁରେ ମଦ ବିକ୍ରି ବନ୍ଦ ପାଇଁ ଅନେକ ଥର ବୈଠକ ଅନୁଷ୍ଠିତ ହୋଇଛି। ମଦ ବିକ୍ରେତାଙ୍କୁ ବିକ୍ରି ବନ୍ଦ କରିବାକୁ କୁହାଯାଉଥିଲେ ମଧ୍ୟ ସୁଫଳ ମିଳିନାହିଁ। ତେବେ ଶନିବାର ବହୁ ସଂଖ୍ୟକ ଗ୍ରାମବାସୀ ଥାନାକୁ ଆସି ଗ୍ରାମରେ ମଦ ବିକ୍ରି ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗ୍ରାମବାସୀ ବଡ଼ଗାଁ ଥାନାରେ ଏଏସଆଇ ଗୋପୀନାଥ ଓଝାଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଗ୍ରାମରେ ମଦ ବିକ୍ରି ବନ୍ଦ କରିବାକୁ ଦାବି କରିଛନ୍ତି। ଗ୍ରାମବାସୀମାନେ ବଡ଼ଗାଁ ଅବକାରୀ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଅବକାରୀ ଅଧିକାରୀ ସୁଧିର କୁମାର ମିଶ୍ରଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିବା ସହ ପଦକ୍ଷେପ ଦାବି କରିଛନ୍ତି। ଗ୍ରାମବାସୀ ପୋଲିସ ଓ ଅବକାରୀ ବିଭାଗଙ୍କୁ ଅବଗତ କରାଇଛନ୍ତି ଯେ ଗ୍ରାମର କେତେକ ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଏହି ବେଆଇନ ମଦ କାରବାର ଚାଲିଛି। ତେବେ ଏହି ବେଆଇନ ମଦ କାରବାରକୁ ଦେଖି ପୋଲିସ ଓ ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ଗ୍ରାମବାସୀଙ୍କ ଠାରୁ ପ୍ରକାଶ। ବଡ଼ଗାଁ ପୋଲିସ ଗ୍ରାମର ୪ ମଦ ବିକ୍ରେତାଙ୍କୁ ସନ୍ଧ୍ୟାରେ ବଡ଼ଗାଁ ଥାନାକୁ ଡକାଇ ମଦ ବିକ୍ରି ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ମାସ ମଧ୍ୟରେ ବଡ଼ଗାଁ ବ୍ଲକର କେତେକ ଗ୍ରାମରେ ମହିଳାମାନେ ଗାଁରେ ମଦ ବିକ୍ରି ବନ୍ଦ କରିବା ପାଇଁ ଆନ୍ଦୋଳନ କରି ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଅଧିକାଂଶ ଗ୍ରାମରେ ଅବାଧ ବିକ୍ରି ହେଉଛି।

# ଆନ୍ତଃ ବିଦ୍ୟାଳୟ ସହୋଦୟ କବାଡ଼ି ପ୍ରତିଯୋଗିତା

ରାଉରକେଲା,୨।୧୧(ଦିନେଶ ମିଶ୍ର)

ସେକ୍ଟର-୧୯ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ ପରିସରରେ ଆନ୍ତଃ ବିଦ୍ୟାଳୟ ସହୋଦୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲାର ୧୨ଟି ସିବିଏସ୍‌ସି ବିଦ୍ୟାଳୟରୁ ପ୍ରାୟ ୬ଶହ ଛାତ୍ରୀଛାତ୍ର ଓ ୩୦ରୁ ଅଧିକ ପିଇଟି ଶିକ୍ଷକ ଯୋଗ ଦେଇଥିଲେ। କବାଡି ପ୍ରତିଯୋଗିତାକୁ ଜାତୀୟ କବାଡି ଖେଳାଳି ଇନ୍ଦ୍ରମଣି ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ମିଡିଆ କ୍ଲବର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଓ ଏକ୍ସ ଓଡିଶା କବାଡି କୋଚ୍ ବିକ୍ରମ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ୧୬ ଜଣ ଏକେଏଫ୍‌ଆଇ ସଦସ୍ୟ ଖେଳାଳି ରେଫରି ଦାୟିତ୍ୱ ତୁଲାଇଥିଲେ। ଏହି ୨ ଦିନିଆ କବାଡି ପ୍ରତିଯୋଗିତାରେ ପ୍ରାୟ ୪୭ଟି ମ୍ୟାଚ୍ ଖେଳାଯାଇଥିଲା।



ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲରେ କବାଡି ପ୍ରତିଯୋଗିତା ଚାଲିଛି।

ପ୍ରତିଯୋଗିତା ଆରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଜଳଧର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ସ୍କୁଲର ଇଂରାଜୀ ବିଭାଗର ଶିକ୍ଷୟିତ୍ରୀ ଶୁଭ୍ରା ମିଶ୍ର ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୧୪ ବର୍ଷୀୟ ଦଳରେ ବାଳକ ଓ ବାଳିକା ବିଭାଗରେ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ୧୭ ବର୍ଷୀୟ ଦଳର ବାଳକ ବିଭାଗରେ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ ଓ ବାଳିକା ବିଭାଗରେ ସେକ୍ଟର-୧୬ ସ୍ଥିତ ଡିଏଭି ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲା। ୧୯ ବର୍ଷୀୟ ବର୍ଗରେ ବାଳକ ଓ ବାଳିକା ବିଭାଗରେ ବାସନ୍ତୀ କଲୋନୀ ଡିଏଭି ପବ୍ଲିକ୍ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଜିତ ତନ୍ତୀ ଓ ଦେବୀ ପ୍ରସାଦ ସ୍ୱାଇଁ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ସ୍କୁଲର ସମ୍ପାଦକ ସମ୍ମିତ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସ୍କୁଲର ଉପାଧ୍ୟକ୍ଷ ଲଲାଟେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


इंडियन बैंक Indian Bank इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ: ସମ୍ବଲପୁର
ସା: ଶ୍ୟାମ ଆର୍କେଡ଼, କ୍ଷେତରାଜପୁର, ସମ୍ବଲପୁର - ୭୬୮୦୦୩

ପରିଶିଷ୍ଟ-୪ [ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ, ଅନୁଗୁଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଅନୁଗୁଳ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ମିନତୀ ଫର୍ଣ୍ଣିଚର ଆଣ୍ଡ୍ ଇଣ୍ଟିରିଅର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମିନତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଧନେଶ୍ୱର ପ୍ରଧାନ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଧନେଶ୍ୱର ପ୍ରଧାନ,** ପିତା: ଇନ୍ଦ୍ରମଣୀ ପ୍ରଧାନ, **୨) ଶ୍ରୀ ସତ୍ୟବ୍ରତ ପ୍ରଧାନ,** ପିତା: ଶ୍ରୀ ଧନେଶ୍ୱର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ଗୀତାଗ୍ରାମ, ପିଟିସି, ଅନୁଗୁଳ, ଓଡିଶା-୭୫୯୧୨୨ | ୦୬.୦୮.୨୦୨୪ ସୁଦ୍ଧା ଟ.୨୧,୨୭,୩୬୮/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୦୭.୦୮.୨୦୨୪ / ୨୮.୧୦.୨୦୨୪ | **ଶ୍ରୀମତୀ ମିନତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଧନେଶ୍ୱର ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଗୀତାଗ୍ରାମ, ପିଟିସି, ଅନୁଗୁଳ, ଓଡିଶା-୭୫୯୧୨୨, ପ୍ଲଟ୍ ନଂ.: ୧/୭୬୫, ଖାତା ନଂ.: ୧୬୮/୬୯୩, କ୍ଷେତ୍ର: ଏକର୦.୦୯ ଡିସିମିଲି, ମୌଜା: ତୁରଙ୍ଗ ଜଙ୍ଗଲ, ଥାନା/ତହସିଲ: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ହାଡିବନ୍ଧୁ ଦାସ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ରତାପ ଚନ୍ଦ୍ର ଦାସଙ୍କ ପ୍ଲଟ୍, ପଶ୍ଚିମ: ରାସ୍ତା |

ସ୍ଥାନ: ସମ୍ବଲପୁର
ତାରିଖ : ୦୨.୧୧.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ



इंडियन बैंक Indian Bank इलाहाबाद ALLAHABAD

ଆଞ୍ଚଳିକ କାର୍ଯ୍ୟାଳୟ,
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ),
ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଆପେଣ୍ଡିକ୍ସ-୪-ଏ (ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ)

ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ**, ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି । ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା /ଜାମିନ୍‌ଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନ୍‌କମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
| --- | --- | --- | --- | --- | --- |
| ୧. | **ପଟିଆ ଶାଖା (ମୋ.: ୯୪୩୭୯୬୫୮୪୧)** **(୧)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୨)ଶ୍ରୀ ପ୍ରିତମ କୁମାର ଦାସ (ସତ୍ତ୍ୱାଧିକାରୀ),** ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୩)ଶ୍ରୀ ପ୍ରଶାନ୍ତ କୁମାର ଦାସ (ଜାମିନ୍‌ଦାର/ବନ୍ଧକଦାତା), (୪) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ଜାମିନ୍‌ଦାର),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨। | **ସମ୍ପତ୍ତିର ମାଲିକ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ଲିଜ୍ ହୋଲ୍ଡର: ଶ୍ରୀ ପ୍ରିତମ କୁମାର ଦାସ ।** ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୨୫୭/୧୧୯, ପ୍ଲଟ ନଂ.୫୨୮/୬୪୨, ଅନୁରୂପ ଖାତା ନଂ.୧୧୦, ମୌଜା: ବଳଭଦ୍ରପୁର, ଥାନା: ବେଗୁନିଆ, ନଂ.୫୮, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୪୬୦ ଡିସିମିଲି, ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ନାଳ, ଦକ୍ଷିଣ- ପ୍ଲଟ ନଂ.୫୨୮/ପ୍ରଶାନ୍ତ କୁମାର ଦାସ, ପୂର୍ବ- ଆକାଶ ଖୁଣ୍ଟିଆ, ପଶ୍ଚିମ- ନିମାଇ ଚରଣ ସାହୁ । | ତା.୧୫.୦୫.୨୦୨୪ରିଖ ସୁଦ୍ଧା ଟ.୧,୦୯,୯୭,୪୦୧.୮୮ ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBSANATAN / ନାହିଁ | ଟ.୧୮,୭୦,୦୦୦/- / ଟ.୧,୮୭,୦୦୦/- / ଟ.୨୫,୦୦୦/- | ୦୬.୧୨.୨୦୨୪ (ଶୁକ୍ରବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୨. | **ପଟିଆ ଶାଖା (ମୋ.: ୯୪୩୭୯୬୫୮୪୧)** **(୧)ମେସର୍ସ ଜ୍ୟୋତ୍ସ୍ନା ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା-ଫାର୍ମ),** ପ୍ଲଟ ନଂ.୧୧୫/୧୨୭୯, ଦାଢ, ରଘୁନାଥପୁର, ନନ୍ଦନକାନନ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୪, **(୨) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ସତ୍ତ୍ୱାଧିକାରୀ),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୩) ଶ୍ରୀ ପ୍ରଦୀପ କୁମାର ଦାସ (ଜାମିନ୍‌ଦାର),** ପିତା: ଶ୍ରୀ ସନାତନ ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୪)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୫)ଶ୍ରୀ ପ୍ରିତମ କୁମାର ଦାସ (ସତ୍ତ୍ୱାଧିକାରୀ),** ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୬)ଶ୍ରୀ ପ୍ରଶାନ୍ତ କୁମାର ଦାସ (ଜାମିନ୍‌ଦାର), (୭)ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ଜାମିନ୍‌ଦାର),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨ । | **ସମ୍ପତ୍ତିର ମାଲିକ: ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ ।** ଜମି ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୪୬୯, ଖାତା ନଂ.୩୫୯, ମୌଜା: ବେଗୁନିଆ, ଥାନା: ବେଗୁନିଆ, ନଂ,୭୩, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୧.୦୦ ଡିସିମିଲି,ପ୍ଲଟର ଚାରିପାର୍ଶ୍ୱରେ : ଉତ୍ତର- ସରକାରୀ ଜମି, ଦକ୍ଷିଣ- ଶ୍ରୀ ପ୍ରଦୀପ କୁମାର ମହାନ୍ତି ଏବଂ ଅନ୍ୟମାନେ, ପୂର୍ବ- ସରକାରୀ ଜମି, ପଶ୍ଚିମ- ରାସ୍ତା । | ତା.୦୧.୦୫.୨୦୨୪ରିଖ ସୁଦ୍ଧା ଟ.୧,୭୪,୬୦,୯୧୨.୪୨ ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBJYOTSHNA / ନାହିଁ | ଟ.୯୯,୯୦,୦୦୦/- / ଟ.୯,୯୯,୦୦୦/- / ଟ.୨୫,୦୦୦/- | ୦୬.୧୨.୨୦୨୪ (ଶୁକ୍ରବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt Ltd. ର ୱେବସାଇଟ୍ (**https://www.ebkray.in**) ପରିଦର୍ଶନ କରନ୍ତୁ । ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ ।
ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt Ltd, ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ ।
**https://www.ebkray.in** ୱେବସାଇଟରେ ସମ୍ପତ୍ତି ଖୋଜୁଥିବା ବେଳେ ଉପରୋକ୍ତ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି ।

ତାରିଖ-୦୨.୧୧.୨୦୨୪, ସ୍ଥାନ-ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଜାଲ୍ ନଥିପତ୍ର ଜରିଆରେ ଟଙ୍କା ଆତ୍ମସାତ୍ ଘଟଣାରେ ପୁଣି ଜଣେ ନିଲମ୍ବିତ

**ତତ୍କାଳୀନ ଜୋନ ଅଫିସର ତଥା ବର୍ତ୍ତମାନ ବାଙ୍କୀ ଆସିଷ୍ଟାଣ୍ଟ କଲେକ୍ଟର ନିଲମ୍ବିତ**

**ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଜାଲିଆତି କରି ଗୋହିରା ଡ୍ୟାମ କ୍ଷତିପୂରଣ ଟଙ୍କା ଆତ୍ମସାତ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗତମାସ ପୂର୍ବତନ କନିଷ୍ଠ ସହାୟକ ତଥା ବର୍ତ୍ତମାନ ନୂଆପଡା ଜିଲା ଖରିଆରରେ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଡମ୍ବରୁଧର ପ୍ରଧାନ, ବରିଷ୍ଠ କିରାଣି ଗିରିଜା ଭୂଷଣ ପ୍ରଧାନ, ଅମିନ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଅମିନ ଭୋଳେଶ୍ୱର ସାହୁ କାର୍ଯ୍ୟରୁ ନିଲମ୍ବିତ ହୋଇଥିଲେ। ଏ ଘଟଣାରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ପୂର୍ବତନ ଜୋନ ଅଫିସର ତଥା ବର୍ତ୍ତମାନ ବାଙ୍କି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର (ଓଆର୍ଏସ) ଭାବେ କାର୍ଯ୍ୟରତ ଧନଞ୍ଜୟ କିଷାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି । ଫଳରେ ଉପରୋକ୍ତ ଘଟଣାରେ ଇତିମଧ୍ୟରେ ନିଲମ୍ବିତଙ୍କ ସଂଖ୍ୟା ୫ରେ ପହଞ୍ଚିଛି।

ସୂଚନାଯୋଗ୍ୟ ଯେ, ଦେବଗଡ଼ ଜିଲାରେ ପ୍ରଦାନ କରାଯାଇଥିବା ଗୋହିରା ଡ୍ୟାମ ପ୍ରକଳ୍ପ କ୍ଷତିପୂରଣ ବାବଦୀୟ କୌଣସି ନଥିପତ୍ର ବିଭାଗୀୟ କାର୍ଯ୍ୟାଳୟରୁ ଉଭାନ ହୋଇଯାଇଛି। ଏ ସମ୍ବନ୍ଧୀୟ କ୍ଷତିପୂରଣ ରେଜିଷ୍ଟର/ଫର୍ମ ନଂ-୧୦(ବରକନ୍ୟା ମୌଜା) ଏବଂ ଅନ୍ୟାନ୍ୟ ନଥିପତ୍ର ଦେବଗଡସ୍ଥିତ ରେଙ୍ଗାଳି ଡ୍ୟାମ ପ୍ରକଳ୍ପ, ଜୋନ କାର୍ଯ୍ୟାଳୟ କିମ୍ବା ତାଳଚେରସ୍ଥିତ ବାଘୁଆବୁଲରେ ମଧ୍ୟ ମିଳୁନାହିଁ। ଫଳରେ ଏକ ବଡଧରଣର ଦୁର୍ନୀତି ଉଦ୍ଦେଶ୍ୟରେ କେହି ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ସ୍ଥାନାନ୍ତର କରିଥିବା କିମ୍ବା ଲୁଚାଇ ରଖିଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କର ସନ୍ଦେହ ହୋଇଥିଲା। ସେହିପରି ସ୍ୱତନ୍ତ୍ର ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟରେ ମିଥ୍ୟା କାଗଜପତ୍ର ଦାଖଲ କିମ୍ବା ଜାଲିଆତି କରି ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ କରାଯାଇଥିବା ବାଘୁଆବୁଲ(ତାଳଚେର) ସ୍ଥିତ ରେଙ୍ଗାଳି ଡ୍ୟାମ ପ୍ରକଳ୍ପ ଭୂଅର୍ଜନ ଓ ପୁନଃବସତି ଥଇଥାନ ଅଧିକାରୀ ସନ୍ଦେହ କରିଥିଲେ। ଏନେଇ ସେ ତତ୍କାଳୀନ ଜୋନ ଅଫିସର ତଥା ବର୍ତ୍ତମାନ ବାଙ୍କି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆସିଷ୍ଟାଣ୍ଟ କଲେକ୍ଟର(ଓଆର୍ଏସ)ଭାବେ କର୍ଯ୍ୟରତ ଧନଞ୍ଜୟ କିସାନ, ପୂର୍ବତନ କନିଷ୍ଠ ସହାୟକ ତଥା ବର୍ତ୍ତମାନ ନୂଆପଡା ଜିଲାର ଖରିଆରରେ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଡମ୍ବରୁଧର ପ୍ରଧାନ, ବରିଷ୍ଠ କିରାଣି ଗିରିଜା ଭୂଷଣ ପ୍ରଧାନ, ଅମିନ ପ୍ରଫୁଲ୍ଲ କୁମାର ମହାପାତ୍ର, ଅମିନ ଭୋଳେଶ୍ୱର ସାହୁ ଓ ପିଅନ ଲକ୍ଷ୍ମୀଧର ବେହେରାଙ୍କୁ ଚିଠି ନମ୍ବର-୨୪୨ଯୋଗେ ଜଣାଇବା ସହ ଚିଠି ପାଇବାର ୩ ଦିନ ମଧ୍ୟରେ କ୍ଷତିପୁରଣ ରେଜିଷ୍ଟର/ଫର୍ମ ନଂ-୧୦(ବରକନ୍ୟା ମୌଜା)ଏବଂ ଅନ୍ୟାନ୍ୟ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟଥା ସେମାନଙ୍କ ବିରୋଧରେ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହା ସତ୍ତ୍ୱେ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସେମାନେ କୌଣସି ନଥିପତ୍ର ଦାଖଲ କରିପାରି ନ ଥିଲେ।



ଫୁଟବଲ ପ୍ରତିଯୋଗିତାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ଦୁଧିଆନାଳି ଗ୍ରାମ ପଞ୍ଚାୟତର ତାଳବାହାଲି ଗ୍ରାମରେ କିଶୋର କ୍ଲବ ଆନୁକୂଲ୍ୟରେ ଦ୍ୱି ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କିଶୋର କ୍ଲବର ସଭାପତି ଅଶ୍ୱିନୀ ଗଡତିଆଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌରପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିବାସହ ଫିତାକାଟି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦୁଧିଆନାଳୀ ସେବା ସମବାୟ ସମିତିର ସଭାପତି ମହେଶ୍ୱର ପ୍ରଧାନ ଓ ଉଗ୍ରସେନ ନାୟକ ଯୋଗ ଦେଇଥିଲେ । ଶେଷରେ ସମ୍ପାଦକ ଗୋବିନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ମ୍ୟାଚ ହେଟଖମାର ଫୁଟବଲ କ୍ଲବ ଓ ଏମ୍ପି ବଏଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ରେଫରୀ ଭାବେ ପଦ୍ମଚରଣ ଗୁରୁ, ଗୋପବନ୍ଧୁ ବାରୀ ଓ ଭୂପେନ ମାଝୀ ପରିଚାଳନା କରିଥିଲେ। ପ୍ରତିଯୋଗିତା ଆୟୋଜନରେ ପ୍ରଶନ୍ନ ଗଡତିଆ, ଭାସ୍କର ପ୍ରଧାନ ଓ ଶୁଭମ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହ ଯୋଗ କରୁଥିବା ଜଣାପଡିଛି।

# ତାଳଚେର-ବିମଳାଗଡ଼ ରେଳପଥ ଭୂମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ କଂଗ୍ରେସର ଦାବି

**ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)**

ତାଳଚେର-ବିମଳାଗଡ ରେଳପଥ ନିର୍ମାଣ ନିମନ୍ତେ ବର୍ତ୍ତମାନ ପର୍ଯ୍ୟନ୍ତ ଭୂମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇନାହିଁ। ଫଳରେ ରେଳପଥ ନିର୍ମାଣରେ ଅହେତୁକ ବିଳମ୍ବତା ଦେଖାଦେଇଛି। ଏଣୁ ପ୍ରଜାମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ସହିତ ଯୁଦ୍ଧକାଳୀନ ଭିତିରେ ଭୂମି ଅଧିଗ୍ରହଣ କରିବା ସହ ଏହାକୁ ରେଳ ବିଭାଗକୁ ହସ୍ତାନ୍ତର ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି ।



ଦେବଗଡ଼ ସହର କାର୍ଗିଲ ଛକ ମହାଲକ୍ଷ୍ମୀ ପୂଜା କମିଟି ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଉଛନ୍ତି।

# ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ

**ବିନିକା,୨।୧୧(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜରେ ଶନିବାର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରେଖା ପଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅଧ୍ୟାପକ ଝସକେତନ ମେହେର, ସମ୍ମାନୀତ ଅତିଥିଭାବେ ଅଧ୍ୟାପକ ମନୀଷ ଆଚାର୍ଯ୍ୟ, ଅଧ୍ୟାପକ ନାରାୟଣ ଚୌଧୁରୀ ଯୋଗ ନିଶା ସେବନରୁ ଯୁବ ସମାଜ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଯୁବ ରେଡକ୍ରସ କାଉନସେଲର ଅଧ୍ୟାପକ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା, ଅଧ୍ୟାପକ ରୋହିତ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ନିଶାମୁକ୍ତ ଲେଖା ଥିବା ପ୍ଲା କାର୍ଡ ଧରି ସହର ପରିକ୍ରମା କରଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଆଶୀର୍ବାଦ ପଧାନ, ସପ୍ତସାଗର ପଧାନ, ଝଳକ ମିଶ୍ର, ଆଶୁତୋଷ ପୁରୋହିତ, ଦେବେଶ ଗଡ଼ନାୟକ, ବିଜୟ କୁମାର ସାହୁ, ଗରିବ ସାଲମା ଓ ମନୋଜ ନାୟକ, ସହଯୋଗ କରିଥିଲେ।

# ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ସମୀକ୍ଷା ବୈଠକ




ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

**ଦେବଗଡ଼,୨।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ବାଲିରୋଇଠାରେ ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବସ୍ ଟରମିନାଲରୁ ଏନ୍ଏଚ ୪୯କୁ ବସ ଚଳାଚଳ କରିବା ସହିତ ସଡକ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ, ରାସ୍ତାର ଆବଶ୍ୟକ ସମ୍ପ୍ରସାରଣ, ପୌରପରିଷଦ ପକ୍ଷରୁ ଦୋକାନ ଗୃହ ନିର୍ମାଣ ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଧର୍ମାନନ୍ଦ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ତହସିଲଦାର ସୂର୍ଯ୍ୟକାନ୍ତ ବରିହା, ନିର୍ବାହୀ ଯନ୍ତ୍ରୀ ଟିପିଡବ୍ଲ୍ୟୁଓ ରାଜୁ ସାହା, ସଭାପତି ଘରୋଇ ବସ ମାଲିକ ସଂଘ ସୁଜିତ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ରାଷ୍ଟ୍ରୀୟ ଏକତା ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

**ଦେବଗଡ,୨।୧୧(ଶଶାଙ୍କ ଶେଖର ଝାଙ୍କର)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଏଂ ମୋ ଯୁବା ଭାରତ ପକ୍ଷରୁ ତିଲେଇବଣୀ ବ୍ଲକ ଅନ୍ତର୍ଗତ ପାଳକୁଦର୍ ଗ୍ରାମ ପଞ୍ଚାୟତ ସଭା ଗୃହରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଳକୁଦର ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ନିର୍ଗୁଣିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, କଂସର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ପାତ୍ର, ଏମ୍‌ବିକେ ରୀନା ଦିୱେଡୀ, ସାମାଜିକ କର୍ମୀ ଉପେନ୍ଦ୍ର କୁମୁରା ପ୍ରମୁଖ ଯୋଗ ଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ପାଇଁ ଆମ ସମସ୍ତଙ୍କ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ଝରଣା ନାଏକ ପ୍ରଥମ, ମନିକା ସମର୍ଥା ଦ୍ୱିତୀୟ ଓ ଘନଶ୍ୟାମ ଅଟି ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ପାଳକୁଦର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ ଅର୍କ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ଲୁଇସ ଟପୋ,ପ୍ରଶାନ୍ତ କୁମାର ସାଥୁଆ ସହଯୋଗ କରିଥିଲେ।


इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ସମ୍ବଲପୁର**

ସା: ଶ୍ୟାମ ଆର୍କେଡ଼, କ୍ଷେତରାଜପୁର, ସମ୍ବଲପୁର - ୭୬୮୦୦୩

ପରିଶିଷ୍ଟ-୪ [ରୁଲ୍-୮(୧)]

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନ ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ, ଅନୁଗୁଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ଉପଲବ୍ଧ ଥିବା ସମୟ ମଧ୍ୟରେ ବନ୍ଧକମୁକ୍ତ କରନ୍ତୁ।**

| ଅନୁଗୁଳ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ମିନତୀ ଫର୍ଣ୍ଣିଚର ଆଣ୍ଡ୍ ଇଣ୍ଟରିଅର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମିନତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଧନେଶ୍ୱର ପ୍ରଧାନ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଧନେଶ୍ୱର ପ୍ରଧାନ,** ପିତା: ଇନ୍ଦ୍ରମଣୀ ପ୍ରଧାନ, **୨) ଶ୍ରୀ ସତ୍ୟବ୍ରତ ପ୍ରଧାନ,** ପିତା: ଶ୍ରୀ ଧନେଶ୍ୱର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ଗୀତାଗ୍ରାମ, ପିଟିସି, ଅନୁଗୁଳ, ଓଡିଶା-୭୫୯୧୨୨ | ୦୬.୦୮.୨୦୨୪ ସୁଦ୍ଧା ଟ.୨୧,୨୭,୩୬୮/- + ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ୦୭.୦୮.୨୦୨୪ / ୨୮.୧୦.୨୦୨୪ | **ଶ୍ରୀମତୀ ମିନତୀ ପ୍ରଧାନ,** ସ୍ୱାମୀ: ଶ୍ରୀ ଧନେଶ୍ୱର ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସା: ଗୀତାଗ୍ରାମ, ପିଟିସି, ଅନୁଗୁଳ, ଓଡିଶା-୭୫୯୧୨୨, ପ୍ଲଟ୍ ନଂ.: ୧/୭୬୫, ଖାତା ନଂ.: ୧୬୮/୬୯୩, କ୍ଷେତ୍ର: ଏକର୦.୦୯ ଡିସିମିଲି, ମୌଜା: ତୁରଙ୍ଗ ଜଙ୍ଗଲ, ଥାନା/ତହସିଲ: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ହାଡିବନ୍ଧୁ ଦାସ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ରତାପ ଚନ୍ଦ୍ର ଦାସଙ୍କ ପ୍ଲଟ୍, ପଶ୍ଚିମ: ରାସ୍ତା |

ସ୍ଥାନ: ସମ୍ବଲପୁର
ତାରିଖ : ୦୨.୧୧.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ



इंडियन बैंक Indian Bank इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ,**
ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ଆପେଣ୍ଡିକ୍ସ-୪-ଏ (ରୁଲ୍ ୮(୬) ବ୍ୟବସ୍ଥା ଅନୁଯାୟୀ)

**ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତା **ଇଣ୍ଡିଆନ୍ ବ୍ୟାଙ୍କ,** ନିମ୍ନଲିଖିତ ଶାଖା ନିକଟରେ ବନ୍ଧକ ରହିଛି । ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନେ ସୁରକ୍ଷିତ ଋଣଦାତା ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖା କୁ ପରିଶୋଧ କରିବାକୁ ଥିବା ବକେୟା ପରିମାଣ ଆଦାୟ ନିମନ୍ତେ ଇଣ୍ଡିଆନ୍ ବ୍ୟାଙ୍କ, ନିମ୍ନଲିଖିତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିକୁ ଭୌତିକ/ଗଠାନାତ୍ମକ (ସାଙ୍କେତିକ) ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ଇ-ନିଲାମ ମାଧ୍ୟମରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା /ଜାମିନ୍‌ଦାରଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ବକେୟା ପରିମାଣ / ସମ୍ପତ୍ତି ଆଇଡି ନଂ. / ସମ୍ପତ୍ତି ଉପରେ ଏନ୍‌କମ୍ବ୍ରାନ୍ସ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | **ପଟିଆ ଶାଖା (ମୋ.: ୯୪୩୭୯୬୫୮୪୧)** **(୧)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୨)ଶ୍ରୀ ପ୍ରିତମ କୁମାର ଦାସ (ସତ୍ୱାଧିକାରୀ),** ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୩)ଶ୍ରୀ ପ୍ରଶାନ୍ତ କୁମାର ଦାସ (ଜାମିନ୍‌ଦାର/ବନ୍ଧକଦାତା), (୪) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ଜାମିନ୍‌ଦାର),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨। | **ସମ୍ପତ୍ତିର ମାଲିକ: ଶ୍ରୀ ପ୍ରଶାନ୍ତ କୁମାର ଦାସ, ଲିଜ୍ ହୋଲ୍ଡର: ଶ୍ରୀ ପ୍ରିତମ କୁମାର ଦାସ ।** ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.୨୫୭/୧୧୯, ପ୍ଲଟ ନଂ.୫୨୮/୬୪୨, ଅନୁରୂପ ଖାତା ନଂ.୧୧୦, ମୌଜା: ବଳଭଦ୍ରପୁର, ଥାନା: ବେଗୁନିଆ, ନଂ.୫୮, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୪୬୦ ଡିସିମିଲି, ପ୍ଲଟର ଚାରିପାର୍ଶ୍ୱରେ: ଉତ୍ତର- ନାଳ, ଦକ୍ଷିଣ- ପ୍ଲଟ ନଂ.୫୨୮/ପ୍ରଶାନ୍ତ କୁମାର ଦାସ, ପୂର୍ବ- ଆକାଶ ଖୁଣ୍ଟିଆ, ପଶ୍ଚିମ- ନିମାଇ ଚରଣ ସାହୁ । | ତା.୧୫.୦୫.୨୦୨୪ରିଖ ସୁଦ୍ଧା **ଟ.୧,୦୯,୯୭,୪୦୧.୮୮** ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBSANATAN / ନାହିଁ | ଟ.୧୮,୭୦,୦୦୦/- / ଟ.୧,୮୭,୦୦୦/- / ଟ.୨୫,୦୦୦/- | ୦୬.୧୨.୨୦୨୪ (ଶୁକ୍ରବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |
| ୨. | **ପଟିଆ ଶାଖା (ମୋ.: ୯୪୩୭୯୬୫୮୪୧)** **(୧)ମେସର୍ସ ଜ୍ୟୋତ୍ସ୍ନା ଏଣ୍ଟରପ୍ରାଇଜେସ୍ (ଋଣଗ୍ରହୀତା-ଫାର୍ମ),** ପ୍ଲଟ ନଂ.୧୧୫/୧୨୭୯, ଦାଢ, ରଘୁନାଥପୁର, ନନ୍ଦନକାନନ ରୋଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୨୪, **(୨) ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ସତ୍ୱାଧିକାରୀ),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୩) ଶ୍ରୀ ପ୍ରଦୀପ କୁମାର ଦାସ (ଜାମିନ୍‌ଦାର),** ପିତା: ଶ୍ରୀ ସନାତନ ଦାସ, ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୪)ମେସର୍ସ ଶ୍ରୀ ସନାତନ ଫିଲିଙ୍ଗ୍ ଷ୍ଟେସନ (ଋଣଗ୍ରହୀତା-ଫାର୍ମ), (୫)ଶ୍ରୀ ପ୍ରିତମ କୁମାର ଦାସ (ସତ୍ୱାଧିକାରୀ),** ଉଭୟଙ୍କ ଠିକଣା: ଖାତା ନଂ.୨୫୭/୧୦୫, ପ୍ଲଟ ନଂ.୫୨୮/୬୪୨, ୫୩୧/୫୭୫/୬୪୩ ଏବଂ ୫୨୮, ସା/ପୋ.: ବେଗୁନିଆ, ତହସିଲି: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨, **(୬)ଶ୍ରୀ ପ୍ରଶାନ୍ତ କୁମାର ଦାସ (ଜାମିନ୍‌ଦାର), (୭)ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ (ଜାମିନ୍‌ଦାର),** ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ଦାସ, ଉଭୟଙ୍କ ଠିକଣା: ସା/ପୋ.: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍-୭୫୨୦୬୨ । | **ସମ୍ପତ୍ତିର ମାଲିକ: ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାସ ।** ଜମି ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୪୬୯, ଖାତା ନଂ.୩୫୯, ମୌଜା: ବେଗୁନିଆ, ଥାନା: ବେଗୁନିଆ, ନଂ,୭୩, ତହସିଲି/ସବ୍ ରେଜିଷ୍ଟ୍ରାର/ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୧.୦୦ ଡିସିମିଲି,ପ୍ଲଟର ଚାରିପାର୍ଶ୍ୱରେ : ଉତ୍ତର- ସରକାରୀ ଜମି, ଦକ୍ଷିଣ- ଶ୍ରୀ ପ୍ରଦୀପ କୁମାର ମହାନ୍ତି ଏବଂ ଅନ୍ୟମାନେ, ପୂର୍ବ- ସରକାରୀ ଜମି, ପଶ୍ଚିମ- ରାସ୍ତା । | ତା.୦୧.୦୫.୨୦୨୪ରିଖ ସୁଦ୍ଧା **ଟ.୧,୭୪,୬୦,୯୧୨.୪୨** ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ / IDIBJYOTSHNA / ନାହିଁ | ଟ.୯୯,୯୦,୦୦୦/- / ଟ.୯,୯୯,୦୦୦/- / ଟ.୨୫,୦୦୦/- | ୦୬.୧୨.୨୦୨୪ (ଶୁକ୍ରବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ |

ଅନ୍‌ଲାଇନ୍ ବିଡ୍‌ରେ ଅଂଶଗ୍ରହଣ କରିବା ନିମନ୍ତେ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt Ltd. ର ୱେବସାଇଟ୍ (**https://www.ebkray.in**) ପରିଦର୍ଶନ କରନ୍ତୁ । ବୈଷୟିକ ସହଯୋଗ ନିମନ୍ତେ ଦୟାକରି ୮୨୯୧୨୨୦୨୨୦ ରେ ଫୋନ୍ କରନ୍ତୁ । ପଞ୍ଜିକରଣ ସ୍ଥିତି ଏବଂ ଅମାନତ ଜମା ସ୍ଥିତି ନିମନ୍ତେ ଦୟାକରି support.ebkray@psballiance.com କୁ ଇମେଲ୍ କରନ୍ତୁ ।

ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ ଓ ନିଲାମ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି **https://www.ebkray.in** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସହିତ ଜଡିତ ସ୍ପଷ୍ଟିକରଣ ପାଇଁ ଦୟାକରି PSB Alliance Pvt Ltd, ଫୋନ୍ ନଂ.: ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ ।

**https://www.ebkray.in** ୱେବସାଇଟରେ ସମ୍ପତ୍ତି ଖୋଜୁଥିବା ବେଳେ ଉପରୋକ୍ତ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡ୍‌ରମାନଙ୍କୁ ପରାମର୍ଶ ଦିଆଯାଉଛି ।

**ତାରିଖ-୦୨.୧୧.୨୦୨୪, ସ୍ଥାନ-ଭୁବନେଶ୍ୱର** | **କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ**

# ବଲାଙ୍ଗୀରରୁ ଦାଦନ ହଟିବ: ମୋହନ ମାଝୀ

**ବଲାଙ୍ଗୀର/ତୁଷରା/ବେଲପଡା/ପାଟଣାଗଡ,୨।୧୧(ବୀରେନ୍ଦ୍ର କୁମାର ଝାଙ୍କର/ମନୋଜ ଜୈନ/ମନୋଜ ମିଶ୍ର/ସଚ୍ଚିଦାନନ୍ଦ ମହାକୁର)**



ବଲାଙ୍ଗୀର ଦିନ୍ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ୟ ଅତିଥିଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ବଲାଙ୍ଗୀର ଜିଲାରୁ ସବୁଦିନ ପାଇଁ ଦାଦନ ଶ୍ରମିକ ସମସ୍ୟା ହଟିବ। ଏନେଇ ସରକାର ଏକ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ କରିଛନ୍ତି। ଏହି ଜିଲାକୁ ନୂଆ ଶିଳ୍ପ ଆସିବ। ବଲାଙ୍ଗୀରକୁ ଉନ୍ନତ ଜିଲାରେ ପରିଣତ କରିବା ପାଇଁ ଆମ ସରକାର ପ୍ରାଥମିକତା ଦେଇଛି। ଏହି ଜିଲାରୁ ଦୁଇ ଦୁଇଜଣ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦ ଦିଆଯାଇଛି। ବଲାଙ୍ଗୀର ଜିଲାକୁ ଅଗ୍ରଣୀ ଜିଲା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରେ ଶନିବାର ସନ୍ଧ୍ୟାରେ ଆୟୋଜିତ ବଲାଙ୍ଗୀର ଦିନ୍ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।

ବଲାଙ୍ଗୀର ଦିନ୍ ଆୟୋଜକ କମିଟି ଅଧ୍ୟକ୍ଷ ଗୋପାଲଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ, ଟିଟିଲାଗଡ ବିଧାୟକ ନବୀନ ଜୈନ,

**■ସର୍ଭେ ସରିଛି, ନିର୍ମାଣ ହେଉନି ଫ୍ଲାଏ ଓଭର ବ୍ରିଜ**
**■ବଲାଙ୍ଗୀର ଦିନ୍ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧ୍ୟକ୍ଷ ଲିକା ସାହୁ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଏସ୍‌ପି ଋଷିକେଶ ଡାନ୍‌ଦେଓ ଖିଲାରୀ ମଞ୍ଚାସୀନ ଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ମାଝୀ ବଲାଙ୍ଗୀର ଜିଲାର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ଧରମ୍ ସିଂ ମାଝି ମାନ୍ଧାତା, ମୋହନ ମାଝି ଓ ଅନ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବଲାଙ୍ଗୀର ଜିଲାକୁ ଅନ୍ୟ ସରକାର ଅବହେଳା କରିଥିବାରୁ ବହୁ ପଛରେ ପଡିଯାଇଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଦିନ୍ ସ୍ମରଣିକା ସୁର୍‌ତା ୨୦୨୪କୁ ଉନ୍ମୋଚନ କରିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସଭାରେ ଗର୍ଜିଥିଲେ। ଯେଉଁମାନେ ଆଜି ସାଂସ୍କୃତିକ ମଞ୍ଚକୁ ଦାବି ମଞ୍ଚରେ ପରିଣତ କରିଛନ୍ତି ସେମାନେ ୨୪ ବର୍ଷ ହେଲା କ'ଣ କରୁଥିଲେ ବୋଲି ପ୍ରଶ୍ନ କରିଥିଲେ। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦିଗରେ କେହି କେମିତି କିଛି କହିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ସେ କାହାର ଧମକରେ ଡରି ଯିବା ଲୋକ ନୁହେଁ ବୋଲି ସଭାମଞ୍ଚରେ କହିଥିଲେ। ବଲାଙ୍ଗୀର ଜିଲାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାର ପ୍ରାଥମିକତା ଦେଇଛନ୍ତି ଓ ତାଙ୍କ ବିଭାଗ ମଧ୍ୟ ଅନେକ ପ୍ରକଳ୍ପ ଏହି ଜିଲା ପାଇଁ ନିଶ୍ଚିତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଆଗାମୀ ଦିନରେ ବିଏସ୍‌ସି ନର୍ସିଂ ଖୋଲିବ ବୋଲି କହିଥିଲେ। ଏହାସହିତ ଆୟୁର୍ବେଦିକ କଲେଜ ଓ ଫର୍ମାସୀର ଉନ୍ନତି କରାଯିବ ବୋଲି କହିଥିଲେ। ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ବିକାଶ ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟସଭା ଏମ୍‌ପି ବିଶି, ବିଧାୟକ ସିଂଦେଓ, ଜିଲା ପରିଷଦ ସଭାପତି ସାହୁ, ପୌରାଧ୍ୟକ୍ଷା ସାହୁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବଲାଙ୍ଗୀର ଜିଲାର ୭୫ ତମ ପ୍ରତିଷ୍ଠା ଦିବସକୁ ପାଳନ କରାଯାଉଥିବା ସଭାରେ ସୂଚନା ଦିଆଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ବିଧୁଭୂଷଣ ତ୍ରିପାଠୀ, ଲୋଟସ ଷଡଙ୍ଗୀ, ଦିନେଶ ଶର୍ମା, ସରିତା ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ମାଝୀ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ତୁଷରା ଉଡାଜାହାଜ ପଡିଆରେ ଓହ୍ଲାଇଥିଲେ। ସେଠାରେ ଏହି ଏୟାରଷ୍ଟ୍ରିପ୍‌କୁ ୨ ବି ଶ୍ରେଣୀକୁ ଉନ୍ନତ କରିବା ପାଇଁ ପ୍ରାୟ ୬୫ କୋଟି ଟଙ୍କାର ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ବେଲପଡା ଗସ୍ତରେ ଯାଇ ସେଠାରେ ୩୦୧ କୋଟିରେ ନିର୍ମିତ ହେବାକୁ ଥିବା ଅପର ଲାନ୍ତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ପାଟଣାଗଡ ଠାରେ ୧୧୮ କୋଟି ଟଙ୍କାର ବାଇପାସ୍ ରାସ୍ତା ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ସଭାରେ ପାଟଣାଗଡ ଉପଖଣ୍ଡ ମେଡିକାଲ ଓ ଡାଏଲିସିସ୍ କେନ୍ଦ୍ର ଏବଂ ଟିଟିଲାଗଡ ଡାଏଲିସିସ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ ୮ କୋଟି ୭୮ ଲକ୍ଷ ବ୍ୟୟରେ ବଲାଙ୍ଗୀର ନୂଆ ସର୍କିଟ ହାଉସ ଉଦ୍‌ଘାଟନ କରିଥିଲେ।

# ହରିଓମ ଶମ୍ଭୁ ନାରାୟଣ ଦାଶଙ୍କୁ ଭବ୍ୟ ସ୍ୱାଗତ



ସାଲେପାଲି ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଉଛି।

**ଖପ୍ରାଖୋଲ,୨।୧୧(ଅଭୟ ତ୍ରିପାଠୀ)**

**ଓଏଏସ୍ ପରୀକ୍ଷାରେ ୯୩ରାଙ୍କ ରଖି ହୋଇଛନ୍ତି ଉତ୍ତୀର୍ଣ୍ଣ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ସାଲେପାଲି ଗାଁରେ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୯୩ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ହରିଓମ୍ ଶମ୍ଭୁ ନାରାୟଣ ଦାଶଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଗ୍ରାମବାସୀ ଫୁଲ ହାର, ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଗାଁର ଶତାଧିକ ମହିଳା ପୁରୁଷ ଓ ଛୋଟ ପିଲା ଉପସ୍ଥିତ ଥିଲେ। ଏହାଛଡା ହରିଓମ୍‌ଙ୍କ ବାପା ପ୍ରମୋଦ ଦାଶ, ବଡବାପା ପ୍ରଦୀପ ଦାଶ, କାକା ଫକୀର ଦାଶ, ମାଟିଆଭଟା ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ବରିହା, ନବ ବାଗ, ଭଜମନ ବାଗଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ହରିଓମ୍ ଘରେ ରହି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ତୃତୀୟ ଥର ଉଦ୍ୟମରେ ସେ ଏହି ସଫଳତା ପାଇଛନ୍ତି। ସୂଚନାଯୋଗ୍ୟ, ଗାଁର ପ୍ରମୋଦ କୁମାର ଦାଶଙ୍କ ପୁଅ ହରିଓମ୍ ଲାଠୋର ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ।

# ଗ୍ରାମ ପଞ୍ଚାୟତ ଶ୍ରମିକ ସଂଘ ଗଠିତ

**ଲୋଇସିଂହା,୨।୧୧(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସୁଇପର,ରାତ୍ର ଜଗୁଆଳିଙ୍କୁ ନେଇ ନୂତନ ଭାବେ ନିଖିଳ ଓଡିଶା ଗ୍ରାମ ପଞ୍ଚାୟତ ଶ୍ରମିକ ସଂଘ ଗଠିତ ହୋଇଛି। ଏଥିପାଇଁ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ବିଦୁର କୁମାର ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକର ୨୦ଟି ପଞ୍ଚାୟତରେ କାର୍ଯ୍ୟରତ ସୁଇପର ଓ ରାତ୍ର ଜଗୁଆଳି ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପଞ୍ଚାୟତର ପିଅନ, ସୁଇପର ଓ ରାତ୍ର ଜଗୁଆଳିଙ୍କୁ ନେଇ ଗୋଟିଏ କମିଟି କାର୍ଯ୍ୟ କରୁଥିଲା। ହେଲେ ନିକଟରେ ଉକ୍ତ କମିଟିରୁ ସୁଇପର ଓ ରାତ୍ର ଜଗୁଆଳିଙ୍କୁ ହଟାଇ ଦିଆଯାଇଥିଲା। ଏହାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନା କରିବା ପାଇଁ ସୁଇପର ଓ ରାତ୍ର ଜଗୁଆଳି ସ୍ୱତନ୍ତ୍ର ନୂତନ କମିଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଲୋଇସିଂହା ବ୍ଲକସ୍ତରୀୟ କମିଟିରେ ଗେଥଲ କବାଟ ସଭାପତି, କିଶୋରଚନ୍ଦ୍ର ପଧାନ ସମ୍ପାଦକ ଓ ଖଗେଶ୍ୱର ନାଗ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ।

# ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଡାଏଲିସିସ୍ କେନ୍ଦ୍ର ଉଦ୍‌ଘାଟିତ

**ଟିଟିଲାଗଡ଼,୨।୧୧(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାର ପିପଲପଦରସ୍ଥିତ ନୂତନ କୋଠା ପରିସରରେ ଶନିବାର ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବହୁ ପ୍ରତୀକ୍ଷିତ ଡାଏଲିସିସ୍ କେନ୍ଦ୍ର ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟିତ ହୋଇଛି। ଏହି ପରିପ୍ରେକ୍ଷୀରେ ଡାକ୍ତରଖାନା ପରିସରରେ ବରିଷ୍ଠ ଭାଜପା ନେତା ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଉପଜିଲାପାଳ ରେହାନ ଖତ୍ରୀ ମଞ୍ଚାସୀନ ଥିଲେ। ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଥିବା ବେଳେ ଡାଏଲିସିସ୍ ସେଣ୍ଟର ନୂତନ ଆଶା ସୃଷ୍ଟି କରିଛି। ବିଶେଷ କରି ଗରିବ ତଥା ମଧ୍ୟବିତ୍ତ ପରିବାରର ରୋଗୀ ଡାଏଲିସିସ୍ ପାଇଁ ଦୂରଦୂରାନ୍ତ ସହରକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ମାଝୀ ଟିଟିଲାଗଡ଼ ଅଞ୍ଚଳବାସୀଙ୍କୁ ଡାଏଲିସିସ୍ କେନ୍ଦ୍ର ଭେଟି ଦେବା ଏକ ଐତିହାସିକ ଘଟଣା ବୋଲି ବିଧାୟକ ଜୈନ ନିଜ ବକ୍ତବ୍ୟରେ କହିଥିଲେ। ଏହାସହ ଶନିବାର ପ୍ରାୟ ୬୫କୋଟି ଟଙ୍କା ବ୍ୟୟ ଅଟକଳରେ ତୁଷୁରା ଏୟାରଷ୍ଟ୍ରିପ୍‌ର ସମ୍ପ୍ରସାରଣ ଓ ଅନ୍ୟାନ୍ୟ ଅନୁସଙ୍ଗିକ ଭିତ୍ତିଭୂମି ବିକାଶ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ ହେବା ନେଇ ବିଧାୟକ ଜୈନ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷା ମମତା ଜୈନ, ବିଡ଼ିଓ ଚନ୍ଦ୍ରମଣି ନାଗ, ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକ, ଡା. ଓମକାର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ରାଜ୍ୟ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ହରିନାରାୟଣ ମିଶ୍ର, ସଞ୍ଜୟ ତ୍ରିପାଠୀ, ଅଶ୍ୱିନୀ ସାହୁ, ଆରକେଏସ ସଦସ୍ୟ ସୁଦାମ ମହାରଣା, କେ ଭୁବନେଶ୍ୱର ରାଓ, ସଞ୍ଜୟ ବର୍ମା, ଜଗୁ ଖରସେଲ, କାଳୁ କେଡ଼ିଆ, ସଞ୍ଜୟ ବେହେରା, ରଞ୍ଜୁ ପାତ୍ର, ବୁଦ୍ଧିଆ ଆଚାର୍ଯ୍ୟ, ସୁନିତା ଦାଶ, ମନୋଜ ଜୈନ, ଯଶୋଦା ବର୍ଗର୍ତ୍ତି, ସୁମିତା ନାଗ, ସୁଧୀର ଅଗ୍ରୱାଲ, ଭୁବନେଶ୍ୱର ପଟ୍ଟନାୟକ, ଚନ୍ଦ୍ରକାନ୍ତି ନାଗ, ଭାରତୀ ଭରାସାଗର, ମାନସ ସାହୁ, ଗୋପାଳକୃଷ୍ଣ ବେହେରାଙ୍କ ସମେତ ବ୍ଲକ ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

# ଗିରି ଗୋବର୍ଦ୍ଧନ ପୂଜା ପାଳିତ



ଗିରି ଗୋବର୍ଦ୍ଧନ ପୂଜା ଅବସରରେ କଳସ ଯାତ୍ରା।

**କଣ୍ଟାବାଞ୍ଜି,୨।୧୧(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଶନିବାର ଦିନ ଗିରି ଗୋବର୍ଦ୍ଧନ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶ୍ରୀରାମ ମନ୍ଦିରରୁ ୧୦୮ କଳସ ଯାତ୍ରା ବାହାରି ପୂଜାସ୍ଥଳ ଗୋରୁବଜାରରେ ପହଞ୍ଚିଥିଲା। ପୂଜା ସ୍ଥଳରେ ଗିରି ଗୋବର୍ଦ୍ଧନଧାରୀ ଏବଂ ମାଆ ଚଣ୍ଡୀ ସମଲେଇଙ୍କ ପୂଜା ପରେ ସଭା କାର୍ଯ୍ୟ ହୋଇଥିଲା। ସଭାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବୁଦ୍ଧିଜୀବୀ ମଞ୍ଚର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଶ୍ରବଣ ଗୁପ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଯାଦବ ସଭାପତି ପରମାନନ୍ଦ ହାତୀ, ବେଦବ୍ୟାସ ନାଗ, ଘନଶ୍ୟାମ ଗହିର, ଧର୍ମାନନ୍ଦ କୁଏଡ, ଦେବରାଜ ଯାଦବ, ସଞ୍ଜୟ ପୁଞ୍ଜି, ହରିହର ବାଗ, ସତ୍ୟ ନାରାୟନ ପୁଞ୍ଜି, ଉଦ୍ଧବ ଘିବେଲା ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁ ଦୟାଲ ହଂସ ଓ ବିମଳ ହାତୀ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ମାନସ ଜଲ, କୈଳାସ ହାତୀ ଯୋଗ ଦେଇଥିଲେ। ଯାଦବ ଯୁବକମାନେ ସହଯୋଗ କରିଥିଲେ।

# ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ସାକ୍ଷାତ କଲେ ସୋନଗଡ଼ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା

**ଦେଓଗାଁ,୨।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳର ଚାଷୀଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ସୋନଗଡ ନଦୀର ସିକୁଆଁ ଓ ସିଲେଟକାନୀଠାରେ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ବଲାଙ୍ଗୀର ଗସ୍ତରେ ଆସିଥିବା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ସି.ପି, ପାଢ଼ୀଙ୍କୁ ସ୍ଥାନୀୟ ସୋନଗଡ ନଦୀ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ସାକ୍ଷାତ କରି ଆଲୋଚନା କରିଛନ୍ତି। କମିଟିର ଆବାହକ ଲକ୍ଷ୍ମଣ କୁମାର ମେହେର, ଶୈଳେନ୍ଦ୍ର କୁମାର ସାହୁ, ପ୍ରମୋଦ ସାହୁ, ଦିଜନ ସାମଲ ଓ ଭୁବନ ଗଡତ୍ୟା ପ୍ରମୁଖ ସାକ୍ଷାତ କରି ଏହି ବ୍ୟାରେଜର କାମ ଯଥାଶୀଘ୍ର ଆରମ୍ଭ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଏଥିସହ ଦେଓଗାଁର ଏମଆଇପି ପ୍ରୋଜେକ୍ଟ ଯୋଗୀସାଗର ଓ ମୁରସିଂର ଗୁଞ୍ଜିମୁଣ୍ଡା ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୫ କୋଟି ଲେଖାଏ ଅର୍ଥ ମଞ୍ଜୁର କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ତତ୍କାଳୀନ ରାଜ୍ୟ ସରକାର ସିକୁଆଁରେ ବ୍ୟାରେଜ ନିର୍ମାଣ ପାଇଁ ୪୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ହେଲେ ଅଦ୍ୟାବଧି ଉକ୍ତ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇନଥିବାରୁ ପ୍ରକଳ୍ପ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ହୋଇପାରୁନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେଲେ ଦେଓଗାଁ ସମେତ ଗୁଡଭେଲା ଓ ବଲାଙ୍ଗୀର ସଦର ବ୍ଲକର ୨୨ ଖଣ୍ଡ ଗାଁର ଚାଷୀମାନେ ଉପକୃତ ହେବା ସହ ପ୍ରାୟ ୨୧ ଶହ ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରିବ। ସେହିପରି ୨୮ ଗୋଟି ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପ ମଧ୍ୟ ଗ୍ରୀଷ୍ମ ଋତୁରେ ଠିକ ଭାବେ ପରିଚାଳିତ ହୋଇପାରିବ। ଏପରି କି ଅଞ୍ଚଳରେ ପରିବେଶ ସନ୍ତୁଳନ, ଭୂତଳ ଜଳସ୍ତର ବୃଦ୍ଧି ହେବା ସହ ଜଳ ସଙ୍କଟ ଦୂର ହୋଇପାରିବ ବୋଲି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଜରାସିଂହା କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ




ଦୁର୍ନୀତି ନିବାରଣ ସପ୍ତାହ ଅବସରରେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ଦେଓଗାଁ,୨।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ଦୁଇ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ବସନ୍ତ କୁମାର ମନହୀରା ଯୋଗଦେଇ ଦୁର୍ନୀତି ନିବାରଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ତର୍କ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ଛାତ୍ରୀ ଶୁଭଶ୍ରୀ ଥନାପତି, ଲିପସା ସା, ଲିପା ପଧାନ, ମନିଷା ପଧାନ, ଶିବାନୀ ସୁନା ଓ ଛାତ୍ର ମକରଧ୍ୱଜ ଭୂଏ ଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରାଧ୍ୟାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ, ଦୁର୍ବାଦଳ ଘିବେଲା, ଅଧ୍ୟାପିକା ଶୁଭଶ୍ରୀ ସାହୁଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।

# ଜାମଚୁଆଁରେ ଗିରି ଗୋବର୍ଦ୍ଧନ ପୂଜା



ଜମଚୁଆଁ ଗ୍ରାମରେ ଆୟୋଜିତ ୧୮ତମ ଗିରି ଗୋବର୍ଦ୍ଧନ ପୂଜା।

**ଲାଠୋର,୨।୧୧(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଜାମଚୁଆଁ ଗ୍ରାମର ବାଗ ଦୁଏର ଡୁଙ୍ଗୁରିଠାରେ ଶନିବାର ଗିରି ଗୋବର୍ଦ୍ଧନ ପୂଜା ପାଳିତ ହୋଇଯାଇଛି। କମିଟି ସଭାପତି ଜୟଦେବ ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ୧୮ତମ ଗିରି ଗୋବର୍ଦ୍ଧନ ପୂଜାରେ ପାଟଣାଗଡ ବିଧାୟକଙ୍କ ଖପ୍ରାଖୋଲ ବ୍ଲକ ନୋମିନି ପଦ୍ମ କୁମାର ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭୁଦା ପାଣିଗ୍ରାହୀ, ଶଶୀ ପୂଝାରୀ, ସୁଶାନ୍ତ ମେହେର ଯୋଗ ଦେଇଥିଲେ। ପୂଜାରେ ବଲାଙ୍ଗୀର, ବରଗଡ, ନୂଆପଡ଼ା ଜିଲା ତଥା ଛତିଶଗଡ ରାଜ୍ୟ ମହାସମୁନ୍ଦ ଏବଂ ରାୟପୁର ଅଞ୍ଚଳର ଝରିଆ ଯାଦବ ସମାଜର ଶତାଧିକ ମହିଳା ପୁରୁଷ ଯୋଗଦେଇ କୁଳ ଇଷ୍ଟ ଦେବତା ଶ୍ରୀକୃଷ୍ଣଙ୍କୁ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ଗ୍ରାମର ପଦ୍ମାବତୀ ଭଇଁସାଲ ଓ ଲମ୍ବୋଧର ଭଇଁସାଲ ଦାୟିତ୍ୱ ବହନ କରିଥିଲେ। ପୂଜକ ଭାବେ ହରିହର ପଣ୍ଡା ଏବଂ ଗୁଣଗ୍ରାହୀ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। କମିଟି ତରଫରୁ ଆୟୋଜିତ ପାରମ୍ପରିକ ବାଡି ଖେଳରେ ସମାଜର ଯୁବ ଗୋଷ୍ଠୀ ଭାଗନେଇ ବାଡି ଖେଳ ପ୍ରଦର୍ଶନ କରିଥିଲେ। ଲୋକଙ୍କ ମନୋରଞ୍ଜନ ପାଇଁ ନାମ ସଙ୍କୀର୍ତ୍ତନ ସହ ରାତିରେ ଦଣ୍ଡ ନୃତ୍ୟର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭଇଁସାଲ,କୋଷାଧ୍ୟକ୍ଷ ଟିକେଶ୍ୱର ଭଇଁସାଲ,ସଭ୍ୟ ଯୁଧିଷ୍ଠିର ଭଇଁସାଲ,ଉମାକାନ୍ତ ନାଗ, ରାମକିସନ ନାଏକ, କୁନା ସନବର୍ଶିଆ, ସତ୍ୟନାରାୟଣ ପଣ୍ଡା, ଗୌତମ ଭଇଁସାଲଙ୍କ ସହ ଅନ୍ୟାନ୍ୟ ସଭ୍ୟ ଯୋଗ ଦେଇଥିଲେ।

# ମହୋତ୍ସବ ପାରମ୍ପରିକ କଳା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରେ

**ଦେଓଗାଁ,୨।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



**ଭୀମପାହାଡ଼ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ନିକଟରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ଚାଲିଥିବା ୧୦ମ ଭୀମପାହାଡ ମହୋତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ପ୍ରମୋଦ କୁମାର ବହିଦାର ଯୋଗ ଦେଇଥିଲେ। ମହୋତ୍ସବ ପାରମ୍ପରିକ କଳା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜୀବିତ କରିଥାଏ ଏବଂ ଏକତାର ବନ୍ଧନରେ ସମସ୍ତଙ୍କୁ ବାନ୍ଧି ରଖିଥାଏ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଭୀମପାହାଡ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବା ପରେ ଅଞ୍ଚଳର ଅର୍ଥନୈତିକ ବିକାଶ ଘଟିଛି। ଏଣୁ ଆଗକୁ ଏହାର ଆହୁରି ବିକାଶ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ଅବସରରେ ମହୋତ୍ସବ କମିଟିର ଆବାହକ ଲକ୍ଷ୍ମଣ କୁମାର ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରବୀନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା କଂସ ଦରବାର ଆରମ୍ଭ ହୋଇଥିଲା। ଏହି ପରିପେକ୍ଷୀରେ ଗୌରଗୋଠ ପାଟଖଣ୍ଡା ମହୋତ୍ସବ କମିଟି କର୍ମକର୍ତ୍ତା, ଡା ଲଲାଟେନ୍ଦୁ ନାୟକ ଓ ଡା. ଆଲିଶା ମେହେରଙ୍କୁ ଭୀମପାହାଡ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଭୂଏ, ବାଲକ ପଧାନ ଓ ପୂର୍ବତନ ସମିତିସଭ୍ୟ ପଙ୍କଜ ବର୍ଗର୍ତ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ହାତିସରାର ବେନାର ମୁହୁରିଆ କଳାପରିଷଦ, ପୁଇଁନ୍ତଲାର ଘୁଙ୍ଗୁରୁ କଳାପରିଷଦ, ଟିଟିଲାଗଡ ମନିଗାଁର ଢ଼ାପନୃତ୍ୟ ତଥା ବଡବାହାଲର ସୁରଭି ଅନୁଷ୍ଠାନ ଦ୍ୱାରା ପାରମ୍ପରିକ କଳା ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟହ ରବୀନ୍ଦ୍ର ସାହୁ ଓ ସାଥୀଙ୍କ ଦ୍ୱାରା କଂସ ଦରବାର , ୨୪ ପ୍ରହର ନାମଯଜ୍ଞ ଓ ମିନାବଜାର ମୁଖ୍ୟ ଆକର୍ଷଣ ପାଲଟିଛି। କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର କର୍ମକର୍ତ୍ତା ତଥା ଗିରି ଗୋବର୍ଦ୍ଧନ ପୂଜା ପରିଚାଳନା କମିଟି ତଥା ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

# ଧାନବିକ୍ରି ଉପରେ ଆଭିମୁଖ୍ୟ ସ୍ପଷ୍ଟ କର

ବରଗଡ଼, ୨।୧୧(ପ୍ରେମାନନ୍ଦ ଖମାରୀ)



ବୈଠକରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ପ୍ରତିନିଧିବୃନ୍ଦ।

ଓଡ଼ିଶା ସରକାର ଧାନ ବିକ୍ରି ବ୍ୟବସ୍ଥା କିପରି କରିବେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ ପୂର୍ବବତ୍ କ୍ଷମତା ସମ୍ପନ୍ନ କରନ୍ତୁ। ଅତ୍ୟାବଶ୍ୟକ ବିଜୁଳି କ୍ଷେତ୍ରର ଘରୋଇକରଣ ପ୍ରକ୍ରିୟା ବନ୍ଦ କରି ପୂର୍ବଭଳି ନିଜେ ଏହାର ଦାୟିତ୍ୱ ବହନ କରନ୍ତୁ ଏବଂ ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥା ବନ୍ଦ କରନ୍ତୁ । ସେହିପରି ଜମିର ହାଇଟେକ୍ ସର୍ବେକ୍ଷଣ ବନ୍ଦ କରନ୍ତୁ। ହୀରାକୁଦ କେନାଲ ନବୀକରଣ ନାଁରେ ଡାଲୁଅ ଚାଷ ପ୍ରଭାବିତ କରନ୍ତୁ ନାହିଁ ଏବଂ ଅଣଜଳସେଚିତ ଅଞ୍ଚଳରେ ମରୁଡି ପରିସ୍ଥିତିକୁ ଆଖିଆଗରେ ରଖି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ସରକାରଙ୍କୁ ଆହ୍ୱାନ ଦେଇଛି।

ଶନିବାର ବରଗଡ଼ସ୍ଥିତ ସମତା ଭବନଠାରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆବାହକ ଲିଙ୍ଗରାଜ ଏବଂ ଅଶୋକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡା, କଳାହାଣ୍ଡି, ସୋନପୁର, ଦେବଗଡ ଏବଂ ବରଗଡ଼ ଜିଲାର ଚାଷୀମାନେ ଯୋଗଦାନ କରିଥିଲେ। ଓଡିଶା ସରକାର ଓଡ଼ିଶାରେ ଚାଷୀମାନଙ୍କୁ ପ୍ରଥମ କରି ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ୍ ଦେବାକୁ ଘୋଷଣା କରିଛନ୍ତି, କିନ୍ତୁ ଏଯାଏଁ କୌଣସି ନୀତି କିମ୍ବା ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି ବୋଲି ଚାଷୀ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ ପୂର୍ବବତ୍ କ୍ଷମତା ସମ୍ପନ୍ନ କରି ବିକେନ୍ଦ୍ରୀକରଣ ଧାନ ବିକ୍ରି ବ୍ୟବସ୍ଥା କରନ୍ତୁ ଏବଂ ଟୋକନ ଜନିତ ସମସ୍ୟାର ସମାଧାନ ଜିଲା କମିଟି

**ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆହ୍ୱାନ**

ଦ୍ୱାରା କରାଯାଉ ବୋଲି ବୈଠକରେ ଦାବି ହୋଇଛି। ବିଜୁଳି କ୍ଷେତ୍ରର ଘରୋଇକରଣ ପ୍ରକ୍ରିୟା ବନ୍ଦ କରି ଆଗଭଳି ସରକାର ନିଜେ ଏହାର ଦାୟିତ୍ୱ ବହନ କରନ୍ତୁ ଏବଂ ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବସ୍ଥା ବନ୍ଦ କରନ୍ତୁ। କୃଷି କାର୍ଯ୍ୟ ପାଇଁ ଦେୟମୁକ୍ତ ବିଜୁଳି ଏବଂ ପ୍ରତି ପରିବାରକୁ ଅନ୍ତତଃ ୩୦୦ ୟୁନିଟ ବିଜୁଳି ବିଲ୍ ଛାଡ କରାଯାଉ। ଜମିର ତ୍ରୁଟିପୂର୍ଣ୍ଣ ହାଇଟେକ ମ୍ୟାନେଜମେଣ୍ଟ ବନ୍ଦ, ଦେବଗଡ ଜିଲାରେ କରାଯାଇଥିବା ସେଟଲମେଣ୍ଟକୁ ବାତିଲ କରିବାକୁ ଦାବି ହୋଇଥିଲା। ସେହିପରି ସରକାର କେନାଲ ମରାମତି ପାଇଁ ୮୫୫ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ତି। ଏଥିରେ ମରାମତି କରିବା ଆଳରେ ଡାଲୁଅ ଚାଷକୁ ପ୍ରଭାବିତ କରା ନ ଯାଉ ଏବଂ କୃଷକମାନଙ୍କ ସହ ଆଲୋଚନା କରି କେନାଲ ନବୀକରଣ ବା ମରାମତି କାର୍ଯ୍ୟ କରାଯାଉ। ଏଥିସହ ଚଳିତ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଏହାର କ୍ଷତିପୂରଣ ଏବଂ ଜଳସେଚନର ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପାଖରେ ଦାବି କରାଯିବା ସହିତ ଜନମତ ସଂଗ୍ରହ କରି ଆନ୍ଦୋଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ସମସ୍ୟା ସହିତ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକ୍ରମେ ନଭେମ୍ବର ୨୬ରେ ହେବାକୁ ଥିବା ଦେଶବ୍ୟାପୀ କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ସମସ୍ତ ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଏମ୍‌ଏସ୍‌ପିର ଆଇନଗତ ମାନ୍ୟତା, ସ୍ୱାମୀନାଥନ୍ କମିଶନ୍ ଅନୁସାରେ ଧାନ ଦର ବୃଦ୍ଧି, ବିଜୁଳି ଆଇନକୁ ବାତିଲ ଆଦି ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଙ୍ଗଠନର ପ୍ରବକ୍ତା ସରୋଜ ମହାନ୍ତି, ବ୍ୟୋମକେଶ ଠାକୁର (ସମ୍ବଲପୁର) ସୁଶୀଲ କୁମାର ସାହୁ (ବରଗଡ଼), ଲିଙ୍ଗରାଜ ଆଜାଦ(କଳାହାଣ୍ଡି), ପ୍ରମୋଦ ଝାଙ୍କର (ଦେବଗଡ), ଦିଲୀପ ବଡେଇ (ଝାରସୁଗୁଡା), ବୈକୁଣ୍ଠ ସତପଥୀ (ସୋନପୁର)ଙ୍କ ସମେତ ହର ବଣିଆଁ, ଶିବ ପ୍ରସାଦ ପ୍ରଧାନ, ହରିଶଙ୍କର ପୁରୋହିତ, ଅରୁଣ କୁମାର ସାହୁ, ଯୋଗବିହାରୀ ପରିଡା, ଦେବେନ୍ଦ୍ର ପ୍ରଧାନ, ବିଭୂତି ଗଙ୍ଗଦେବ, ଜଗବନ୍ଧୁସା, ନରେନ୍ଦ୍ର ଆଚାର୍ଯ୍ୟ, ତୀର୍ଥ ବୁଧିଆ, ସୁରେଶ ଚନ୍ଦ୍ର ଦେହୁରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବୁରୋମୁଣ୍ଡାରେ ସ୍ୱାସ୍ଥ୍ୟ, ଚକ୍ଷୁ ପରୀକ୍ଷା ଶିବିର



ଗାଇସିଲେଟ,୨।୧୧(ଦୁର୍ଗା ପ୍ରସାଦ ତ୍ରିପାଠୀ): ବରଗଡ଼ ଜିଲା ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ଗ୍ରାମରେ ଆଇନଜୀବୀ ତଥା ଗୌନ୍ତିଆ ସୁରେନ୍ଦ୍ର କୁମାର ସାହୁଙ୍କ ତିରୋଧାନ ଦିବସ ଉପଲକ୍ଷେ ମୁରଲି କ୍ରିଷ୍ଣା ଫାଉଣ୍ଡେଶନ ପକ୍ଷରୁ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ବିଜେପୁର ବିଧାୟକ ସନତ କୁମାର ଗଡତିଆ ଫିତା କାଟି ଶିବିରର ଆରମ୍ଭ କରିଥିଲେ। ବିକାଶ ଗ୍ରୁପ୍ ଅଧ୍ୟକ୍ଷ ଡି. ମୁରଲିକ୍ରିଷ୍ଣାଙ୍କ ପୌରୋହିତ୍ୟରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସାକେତ ଶ୍ରୀଭୂଷଣ ସାହୁ, ଯାମୁଟପାଲି ସମିତି ସଭ୍ୟ ସରୋଜ ଶ୍ରୀଭୂଷଣ ସାହୁଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ। ଶିବିରରେ ମୋଟ୍ ୫୩୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବିତରଣ କରାଯାଇଥିଲା। ସେହିପରି ୧୪ ଜଣଙ୍କ ଚକ୍ଷୁ ପରୀକ୍ଷା କରି ଅସ୍ତ୍ରୋପଚାର ଲାଗି ବରଗଡ଼ ବିକାଶ ହସ୍ପିଟାଲକୁ ପଠାଯାଇଥିଲା।

## ପଦ୍ମପୁରରେ ମା' ଶ୍ୟାମାକାଳୀଙ୍କ ପୂଜନୋତ୍ସବ

ପଦ୍ମପୁର,୨।୧୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ହନୁମାନପଡ଼ାସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣ କାଳୀ ମଣ୍ଡପରେ ମା' ଶ୍ୟାମାକାଳୀଙ୍କ ପୂଜନୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଗତ ଅକ୍ଟୋବର ୩୧ ତାରିଖ ସନ୍ଧ୍ୟାରେ ମା'ଙ୍କ ଅଧିବାସ ଅବସରରେ ଖଣ୍ଡାଧୁଆ ଓ କଳସ ଯାତ୍ରା ହୋଇଥିଲା। ରାତି ୧୨ଟାରେ ମା'ଙ୍କ ଚକ୍ଷୁଦାନ ପ୍ରଦାନ ପରେ ଯଥାରୀତି ପୂଜାବିଧି ଅନୁଷ୍ଠିତ ହୋଇଥିଲା। ନଭେମ୍ବର ୧ ତାରିଖରେ ମା'ଙ୍କ ଠାରେ କାକରା ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷଣ କରାଯାଇଥିଲା ହଜାର ହଜାର ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ। ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀ ମୁଖ୍ୟପୂଜକ ଥିବା ବେଳେ ସନ୍ତୋଷ ମିଶ୍ର, ପ୍ରଦୀପ ରଥ, କୀର୍ତ୍ତିଚନ୍ଦ୍ର ମହାପାତ୍ର, ସତ୍ୟପ୍ରକାଶ ପାଣିଗ୍ରାହୀ ଓ ବୈଶାଖୁ ମହାପାତ୍ର ସହ ପୂଜକ ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଲଳିତ ମୋହନ ଶତପଥୀ ଓ ତାଙ୍କ ସ୍ତ୍ରୀ ନଳିନୀ ଶତପଥୀ କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ପୂଜା କମିଟି ସଭାପତି ଅଜିତ ଶତପଥୀ, ପ୍ରଫୁଲ୍ଲ ମିଶ୍ର, ଶ୍ୟାମଳ ଦାଶ, ସରୋଜ ମିଶ୍ର, ନରସିଂହ ପଟ୍ଟନାୟକ, ପ୍ରିୟରଞ୍ଜନ ଭୋଇ, ବିଜୟ ବହିଦାର, ରାକେଶ ଦାଶ ଓ ଅନ୍ୟ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା' ଶ୍ୟାମାକାଳୀଙ୍କ ପୂଜନୋତ୍ସବ କରାଯାଉଛି।

## ଡାକ୍ତରଙ୍କ ବିୟୋଗରେ ଶୋକସଭା

ସୋହେଲା, ୨।୧୦(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ଅଞ୍ଚଳର ଚିକିତ୍ସକ ଡାକ୍ତର ରଞ୍ଜନ କୁମାର ମହାପାତ୍ରଙ୍କ ବିୟୋଗରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଡାକ୍ତର ଶିଶିର କୁମାର ସାହୁ, ଗୋନ୍ତିଆ ଶ୍ରୀମନ୍ତ ଗୋପାଳ ନାୟକ, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ଟଙ୍କଧର ଝାଙ୍କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ ଦୁର୍ଗା ପ୍ରସାଦ ସାହୁ, ବଳବୀର ସିଂ ଠାକୁର, ପ୍ରମୋଦ ଚନ୍ଦ୍ର ଦେବତା, ଗିର୍ଜେଶ ଖାଡ଼ାଙ୍ଗା, ଆଇନଜୀବୀ ମିର୍ଜା ଆକବର ବେଗ, ଅଭାଗିନୀ ଛତର, ମାନସୀ ସାହୁ, ଇକବାଲ ଖେରାନି, ଅନିଲ ପ୍ରଧାନ, ଡ. ଉପେନ୍ଦ୍ର ମହାପାତ୍ର ପ୍ରମୁଖ ମହାପାତ୍ରଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଶ୍ୱିନୀ କୁମାର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ବରଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ମହାପାତ୍ର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଅଞ୍ଚଳ କଲେଜରେ ସତର୍କତା ସଚେତନତା ସପ୍ତାହ



ଅଞ୍ଚଳ କଲେଜରେ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

ପଦ୍ମପୁର,୨।୧୧(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ବିରଞ୍ଚି ସାହୁଙ୍କ ସଭାପତିତ୍ୱରେ ଶନିବାର ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡଃ ସରୋଜ ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାଧ୍ୟାପକ ପ୍ରମୋଦ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଶର୍ମିଳା ପଣ୍ଡା ଦୁର୍ନୀତିର କାରଣ ଉଲ୍ଲେଖ କରି ଉଦାହରଣ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବେ ମମତା ନାଏକ ଯୋଗଦେଇ ଦୁର୍ନୀତିର ଫଳାଫଳ କଣ ହୁଏ ତା ଉପରେ ବିବରଣୀ ପ୍ରଦାନ କରିଥିଲେ। ଆଡଭୋକେଟ ରାମ ରତନ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଦୁର୍ନୀତି ଇଣ୍ଡେକ୍ସରେ ଭାରତର ସ୍ଥାନ ସହ ଦୁର୍ନୀତି ମୁକ୍ତ ଦେଶ ଡେନମାର୍କକୁ ତୁଳନା କରିଥିଲେ। କିପରି ଭାରତ ବର୍ଷରେ ଦୁର୍ନୀତି ଉପରେ ରୋକ୍ ଲଗାଇ ହେବ ତାହା ଉପରେ ସେ ନିଜର ମନ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ବୁନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍‌ସିସି, ୟୁଥ୍ ରେଡକ୍ରସ୍ ଓ ଏନ୍‌ଏସ୍‌ଏର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଖଗେଶ୍ୱର ଦାସ, ତାରା ପ୍ରସାଦ ଶତପଥୀ, ପ୍ରମୋଦ କୁମାର ତ୍ରିପାଠୀ, ଡଃ ତୁଷାରକାନ୍ତ ସାହୁ, ସନ୍ତୋଷ କୁମାର ମିଶ୍ର, ସଞ୍ଜୟ ତିଗା, ଝୁନୁ ପରିଡ଼ାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଦେଶ ଗଠନରେ ଭାଗୀଦାର ହେବାକୁ ଆହ୍ୱାନ

ବରଗଡ଼,୨।୧୧(ପ୍ରେମାନନ୍ଦ ଖମାରୀ)

**ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପନୀ ସମାରୋହ**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚ୍ଚୋଟ ଏବଂ ଦାୟିତ୍ୱବାନ ନାଗରିକ ହୋଇ ଦେଶ ଗଠନରେ ଭାଗୀଦାର ହେବା ପାଇଁ ଉପସ୍ଥିତ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ସତ୍‌ମାର୍ଗରେ ସତ୍‌ଉପାର୍ଜନ କରି ବଞ୍ଚିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଜଣେ ଭାରତୀୟ ଭାବେ ନିଜର ସାମାଜିକ ଦାୟିତ୍ୱ ନିର୍ବାହ କରିବା ପାଇଁ ଗୋୟଲ କହିଥିଲେ। ଏହାସହିତ ଉପସ୍ଥିତ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ସେ ନିଜ ନିଜର ବିଭାଗକୁ ସମ୍ପୂର୍ଣ୍ଣ ରୂପେ ଦୁର୍ନୀତିମୁକ୍ତ ରଖିବା ପାଇଁ ଉତ୍ସାହିତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ନୀତି ନିବାରଣକୁ ଏକ ସାମାଜିକ କ୍ରାନ୍ତିରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ ଦୁର୍ନୀତି ନିବାରଣ ବିଭାଗ ସବ୍ ଇନ୍ସପେକ୍ଟର ସୁଷମା ତିର୍କୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଖୋସ୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

## ଫିରିଙ୍ଗିମାଲରେ ପାକ୍ସ ଉଦ୍‌ଘାଟିତ

ଗାଇସିଲେଟ,୨।୧୧(ଦୁର୍ଗା ପ୍ରସାଦ ତ୍ରିପାଠୀ)

ଗାଇସିଲେଟ ବ୍ଲକ କଠଉମାଳ ସେବା ସମବାୟ ସମିତି ପକ୍ଷରୁ ଫିରିଙ୍ଗିମାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଏକ ପାକ୍ସ ଉଦ୍‌ଘାଟିତ ହୋଇଯାଇଛି। ବିଜେପୁର ବିଧାୟକ ସନତ କୁମାର ଗଡତିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ଆଖପାଖ ଅଞ୍ଚଳର ଚାଷୀ ବିଶେଷ ଉପକୃତ ହେବେ ବୋଲି ବିଧାୟକ ଗଡତିଆ କହିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ଝସକେତନ ସାହୁ, ପ୍ରବୀଣ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ବିଧାୟକ କରାଇସଲପଦର ଗ୍ରାମପଞ୍ଚାୟତକୁ ଯାଇ ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ। ସେ ଜଳସେଚନ ଓ ପାନୀୟ ଜଳ ଉପରେ ଆଲୋଚନା କରି ପିଇବା ପାଣି ଓ ଜମିକୁ ଜଳ ନିଶ୍ଚିତ ଭାବେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ପାକ୍ସ ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

## ଜୁଇରେ ଜଳିଲା ଦମ୍ପତିଙ୍କ ଶବ, ୨ ପୁଅଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ବରଗଡ଼, ୨।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ କୁସନପୁରୀ ବିଜୟାଛକ ନିକଟରେ ଶୁକ୍ରବାର ସଂଘଟିତ ହତ୍ୟା ଓ ଆତ୍ମହତ୍ୟା ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ ଭଟଲି ପୋଲିସ ଉଭୟଙ୍କ ମୃତଦେହକୁ ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହିତ ମୃତକଙ୍କ ୨ପୁଅଙ୍କୁ ବରଗଡ଼ ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି)କୁ ପୋଲିସ ହସ୍ତାନ୍ତର କରିଛି। ପରିବାର ଲୋକେ ମୃତଦେହକୁ ସେମାନଙ୍କ ନିଜ ଗ୍ରାମ ଅମ୍ବାଭୋନା ଥାନା ଦ୍ୱାରି କାଶିପାଲିକୁ ନେଇଥିଲେ। ସେଠାରେ ଗୋଟିଏ ଜୁଇରେ ଦମ୍ପତିଙ୍କ ମୃତଦେହ ଜଳିଥିଲା। ଶିଶୁ କଲ୍ୟାଣ ସମିତି ସେମାନଙ୍କୁ ମା' ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାର ସଦସ୍ୟଙ୍କ ପାଖରେ ଛାଡ଼ିଛି। ପ୍ରକାଶ ଥାଉକି, ଶୁକ୍ରବାର ସକାଳେ ଉଭୟ ସ୍ୱାମୀ ସ୍ତ୍ରୀ ମରି ପଡ଼ିଥିବା ଖବର ପାଇ ମୃତା ମହିଳାଙ୍କ ମାଙ୍କ ଅଭିଯୋଗ କ୍ରମେ ଭଟଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ସାଇଣ୍ଟିଫିକ ଦଳ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ପରେ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଓ ସ୍ୱାମୀ ନିଜେ ଆତ୍ମହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ ହତ୍ୟା ଓ ଆତ୍ମହତ୍ୟାର ପ୍ରକୃତ କାରଣ ଠିକ୍ ଭାବେ ଜଣା ପଡ଼ି ନ ଥିବାବେଳେ ପୋଲିସର ଅଧିକ ତଦନ୍ତ ଜାରି ରହିଛି।

## ରାବଣ ବଧ ସହ ଜାମସେଠ କାଳୀପୂଜା ସରିଲା


ରାବଣ ସୈନ୍ୟଙ୍କ ସହ ନଗର ପରିକ୍ରମା କରୁଛନ୍ତି।

ପାଇକମାଲ,୨।୧୧(ବଡ଼ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ଜାମସେଠରେ ୪ଦିନ ଧରି ଚାଲିଥିବା ସାର୍ବଜନୀନ କାଳୀପୂଜା ସମ୍ପନ୍ନ ହୋଇଛି। ଶନିବାର ଅପରାହ୍ନରେ ରାବଣପୋଡ଼ି ଅନୁଷ୍ଠିତ ହୋଇଥିଲା। ଲଙ୍କାପତି ରାବଣ ସୈନ୍ୟସାମନ୍ତଙ୍କ ସହିତ ଘଣ୍ଟବାଦ୍ୟ ଆଦିବାସୀ ନୃତ୍ୟ ତାଳେ ତାଳେ ନଗର ପରିକ୍ରମା କରିଥିବା ବେଳେ ରାମ, ଲକ୍ଷ୍ମଣ ବାନରସେନାଙ୍କ ସହିତ ଶୋଭାଯାତ୍ରା କରିଥିଲେ। ରାବଣ ଦରବାରରେ ରାବଣଙ୍କୁ ବଧ କରାଯାଇଥିଲା। ରାବଣ ଭୂମିକାରେ ସୁରେନ୍ଦ୍ର ପାତ୍ର, ରାମ ରୋହିତ ପଣାୟତ, ଲକ୍ଷ୍ମଣ ରୋହିତ ରଣା, ସୀତା ତୁଡୁ ସାହାଣୀଙ୍କ ସମେତ ଗାଁର ଯୁବକମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଶନିବାର ଶେଷ ଦିନ ଥିବାରୁ ରାବଣପୋଡ଼ି, ମାଁ କାଳୀଙ୍କୁ ଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ହୋଇଥିଲା। ପୂଜା କମିଟି, ଯୁବକ ସଂଘ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଫୁଟ୍‌ବଲ: କଦଳୀପାଲି ୨-୦ ଗୋଲରେ ବିଜୟୀ

ବରଗଡ଼, ୨।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବଗେଇବିରା ଖେଳ ପଡିଆରେ ସ୍ଥାନୀୟ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଗୋବିନ୍ଦପୁର ସରପଞ୍ଚ ତଥା ବିଜେଡି ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଉଦଘାଟନୀ ମ୍ୟାଚ୍ ମୁଣ୍ଡାପଡ଼ା ଓ କଦଳୀପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଦଳୀପାଲି ମୁଣ୍ଡାପଡ଼ା ଦଳକୁ ୨-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ମ୍ୟାଚ୍ ରେଫରି ଭାବେ ନିରଞ୍ଜନ ମହାକୁଡ, ଅନିଲ ବାଗ ଓ ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ରବିବାର ଅପରାହ୍ନରେ ଏହା ଉଦଯାପନ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ପ୍ରଦାନ କରାଯାଇଛି ।


ପଡିଆରେ ମୁଖ୍ୟ ଅତିଥିଙ୍କ ସହ ଖେଳାଳିବୃନ୍ଦ।

## ୧୭ ବର୍ଷରୁ କମ୍ କ୍ରିକେଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ପାଇକମାଲ,୨।୧୧(ବଡ଼ ଶତପଥୀ)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବରଗଡ ଜିଲାସ୍ତରୀୟ ୧୭ ବର୍ଷରୁ କମ୍ ବିଦ୍ୟାଳୟ କ୍ରିକେଟ ଚାମ୍ପିୟନଶିପ୍ ଛିନ୍ଦେଇକେଲା ସ୍ଥିତ ଚନ୍ଦ୍ରଶେଖର ପଡ଼ିଆରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପାଇକମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ଅଧ୍ୟକ୍ଷତା କରିଥିଲେ। ବରଗଡ ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଉଦ୍‌ଘାଟନୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ଖାରବନ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ ପତି, ଜିଲା କ୍ରୀଡା ଶିକ୍ଷା ନିରୀକ୍ଷକ ସୁଦୀପ୍ତ ନାୟକ, ପାଇକମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ, ପାଇକମାଳ ବ୍ଲକ କ୍ରୀଡ଼ା ସମ୍ପାଦକ ସୁଦର୍ଶନ ମହାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ପରେଡ ଅଭିବାଦନ ପରେ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ କ୍ରୀଡ଼ା ପତାକା ଉତ୍ତୋଳନ କରି ଚାମ୍ପିୟନଶିପ୍‌କୁ ଆରମ୍ଭ ଘୋଷଣା କରିଥିଲେ। ପ୍ରଥମ ମ୍ୟାଚ୍ ସୋହେଲା ଓ ରାଜବୋଡାସମ୍ବର ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇ ରାଜବୋଡାସମ୍ବର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ପାଇକମାଳ ଓ ଭେଡେନ ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛିନ୍ଦେଇକେଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କ୍ରୀଡା ଶିକ୍ଷକ, ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷକଗଣ ସହଯୋଗ କରିଥିଲେ। ଏହି କ୍ରୀଡ଼ା ୩ ଦିନ ଧରି ଚାଲିବ ବୋଲି ପାଇକମାଳ ବିଇଓ ବାରିକ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ଯୁବକ ମୃତ

**ରାଉରକେଲା,୨।୧୧(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅନ୍ତର୍ଗତ ଗୋପବନ୍ଧୁ ଲାଇବ୍ରେରୀ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ କାର୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେକ୍ଟର-୩ ଥାନା ଅନ୍ତଗତ ସେକ୍ଟର-୧ ଅଞ୍ଚଳର ରଶ୍ମିରଞ୍ଜନ ଜେନା(୨୩)। ପୋଲିସ ଏକ ମାମଲା (ନଂ.୧୮୧/୨୪) ରୁଜୁ କରିଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମୃତକ ଗତ ରାତିରେ ସେକ୍ଟର-୧୯ରୁ ବାହାରି ବାଇକ୍‌ରେ ସେକ୍ଟର-୧ ଆଡକୁ ଯାଉଥିଲେ। ଅପରପାର୍ଶ୍ୱରୁ ଆସୁଥିବା ଏକ କାର୍ ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ତାଙ୍କୁ ପୋଲିସ ଏବଂ ସ୍ଥାନୀୟ ଲୋକେ ଉଦ୍ଧାର କରି ଇସ୍ପାତ ଜେନେରାଲ୍ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବୃଦ୍ଧା ଉଦ୍ଧାର, ପୋଲିସକୁ ହସ୍ତାନ୍ତର

**ରାଉରକେଲା,୨।୧୧(ଦିନେଶ ମିଶ୍ର):** ଉତ୍ତରପ୍ରଦେଶ ଅଞ୍ଚଳରୁ ଜଣେ ବୃଦ୍ଧା ନିଖୋଜ ହୋଇ ରାଉରକେଲା ସ୍ଥିତ ବାସନ୍ତୀ କଲୋନୀ ଅଞ୍ଚଳରେ ବୁଲୁଥିଲେ। ସେ ବାସନ୍ତୀ କଲୋନିର ଏଫ୍‌ଏଲ ବ୍ଲକ୍‌ରେ ଶନିବାର ବୁଲୁଥିବାବେଳେ ତାଙ୍କୁ ସ୍ଥାନୀୟ କଲୋନିବାସୀ ଅଟକାଇ ପଚରାଉଚରା କରିଥିଲେ। ବୃଦ୍ଧା ଜଣଙ୍କ ଉତ୍ତର ପ୍ରଦେଶର ବୋଲି କହିବା ପରେ ତାଙ୍କର ଏଠି କେହି ନ ଥିବା ଜାଣି କଲୋନୀବାସୀ ଉଦିତନଗର ଥାନାକୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧା ମହିଳାଙ୍କୁ ଉଦ୍ଧାର କରି ଥାନା ଅଧୀନରେ ଥିବା ଆଶ୍ରୟସ୍ଥଳୀକୁ ନେଇଥିଲା। ପୋଲିସ ନିଖୋଜ ବୃଦ୍ଧାଙ୍କ ପରିଚୟ ପାଇବା ଓ ତାଙ୍କ ଘର କେଉଁଠି ଜାଣିବା ପାଇଁ ତଦନ୍ତ ଜାରି ରଖିଥିବାବେଳେ ତାଙ୍କୁ ସୁରକ୍ଷା ଦେବା ପାଇଁ ତତ୍ପରତା ପ୍ରକାଶ କରିଛି। ତେବେ ବୃଦ୍ଧା ମହିଳା ଜଣଙ୍କ ରାତ୍ରି ଆଶ୍ରୟସ୍ଥଳୀରେ ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ବୃଦ୍ଧାଙ୍କ ସଠିକ୍ ଠିକଣା ପାଇବା ପରେ ରାଉରକେଲା ପୋଲିସ ପକ୍ଷରୁ ତାଙ୍କୁ ଉଚିତ ସ୍ଥାନରେ ପହଞ୍ଚାଇ ଦିଆଯିବ ବୋଲି ସୂଚନା ମିଳିଛି।



### ବାଣ ଫୁଟାକୁ କେନ୍ଦ୍ରକରି ମାରପିଟ, ଜଣେ ଗିରଫ

ରାଉରକେଲା,୨।୧୧(ସଙ୍ଗୀତା ଜେନା) ଲାଠିକଟା ଥାନା ଅନ୍ତର୍ଗତ ସୁଇଡିହି ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ବାଣ ଫୁଟାଇବାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଓ ମାଡ଼ପିଟ୍ ହୋଇଥିଲା। ଏଥିରେ ୨ଜଣ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ମାମଲାରେ ଜଣଙ୍କୁ ଶନିବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗଣେଶ ଲୋହାର(୩୨)। ଉଭୟ ପକ୍ଷରୁ ୨ଟି ମାମଲା (ନଂ.୧୨୦/୨୪ ଓ ନଂ.୧୨୧/୨୪) ରୁଜୁ ହୋଇଛି। ଗଣେଶଙ୍କ ଘର ଭିତରେ ତାଙ୍କ ସମ୍ପର୍କୀୟ ଭାଇ ବାଣ ଆଣି ଫୁଟାଇଥିଲେ। ଏହାକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା।

### ମାଲଗୋଦାମରେ କାଳୀପୂଜା

**ରାଉରକେଲା,୨।୧୧(ଦିନେଶ ମିଶ୍ର):** ରାଉରକେଲାର ବାସନ୍ତୀ କଲୋନୀ ମାଲଗୋଦାମ ସ୍ଥିତ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ପ୍ରାଙ୍ଗଣରେ କାଳୀପୂଜା ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପୀଠର ମୁଖ୍ୟ ପୂଜକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଆୟୋଜନ କରାଯାଇଥିଲା। ପ୍ରାତଃ ସମୟରେ ମା'ଙ୍କ ମଙ୍ଗଳ ଆଳତୀ, ନିତ୍ୟପୂଜା, ପାର୍ଶ୍ୱ ଦେବଦେବୀ ପୂଜା କରାଯାଇଥିଲା। ସନ୍ଧ୍ୟା ସମୟରେ ମା' ଶ୍ୟାମାକାଳୀଙ୍କ ଷୋଡ଼ଶ ଉପଚାର ପୂଜା ହୋଇଥିଲା। ଏହି ପୂଜାରେ ନାନା ଘଟମଣ୍ଡଳାଧି ପୂଜା, ସପ୍ତସତୀ ଚଣ୍ଡୀପାଠ, ନବାନ୍ନ ଆହୂତି ପୂର୍ବକ ବଳିଦାନ, ଆଳତୀ, ପୁଷ୍ପାଞ୍ଜଳି, ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ସଜ୍ଜନ ଶର୍ମା ଓ ଶୀଲା ଦେବୀ ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶିବ କାଳୀ ମନ୍ଦିର କମିଟି ପକ୍ଷରୁ ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ କରାଯାଇଥିଲା। ଟ୍ରଷ୍ଟି ସବିତା ରାୟଙ୍କ ସମେତ ଶିବ କାଳୀ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବ୍ଲାକ୍‌ମେଲିଂ କରି ଲୁଟ୍‌ପାଟ୍, ୮ ଗିରଫ

**ରାଉରକେଲା/ବେଦବ୍ୟାସ,୨।୧୧ (ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ)**




ବ୍ରାହ୍ମଣୀତରଙ୍ଗ ଥାନାରେ ଧରାପଡ଼ିଥିବା ୮ ଦୁର୍ବୃତ୍ତ।

ସୋଶିଆଲ ମିଡ଼ିଆ ଡେଟିଂ ଓ ମିଟିଂ ଆପ୍ ମାଧମରେ ସରଳ ଓ ନିରୀହ ଲୋକଙ୍କୁ ଟାର୍ଗେଟ କରି ସେମାନଙ୍କ ସହ ବନ୍ଧୁତା ସ୍ଥାପନ କରାଯାଉଥିଲା। ପରେ ଅନ୍ତରଙ୍ଗ କଥାବାର୍ତ୍ତା ଏବଂ ସୁଯୋଗ ପାଇ ନିକାଞ୍ଚନ ସ୍ଥାନକୁ ସେମାନଙ୍କୁ ଡାକି ବ୍ଲାକମେଲିଂ କରିବା ସହ ଧମକଚମକ ଓ ମାଡ଼ପିଟ୍ କରି ଲୁଟ୍‌ପାଟ୍ କରାଯାଉଥିଲା। ଏଭଳି ଘଟଣା ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ସେକ୍ଟର-୩, ଛେଣ୍ଡ ଓ ରଘୁନାଥପାଲୀ ଥାନା ଅଞ୍ଚଳରେ ହୋଇଥିବା ବେଳେ ଶନିବାର ସମାନ ଘଟଣାରେ ଏକ ୮ଜଣିଆ ଡକାୟତ ଗ୍ୟାଙ୍ଗକୁ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଧରିବାରେ ସଫଳ ହୋଇଛି। ଗର୍ଜନ ଅଞ୍ଚଳରେ ଜଣେ ପୀଡ଼ିତଙ୍କ ଅଭିଯୋଗକୁ ଆଧାର କରି ତଦନ୍ତ ପରେ ଏପରି ସଫଳତା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଘୁନାଥପାଲୀ ସର୍ଦ୍ଦାର ବସ୍ତିର ଅର୍ଜୁନ ଚୌଧୁରୀ(୨୪), ଲେବର ଟେନାମେଣ୍ଟର ସୁବ୍ରତ ବେହେରା(୨୧), ବାଲୁଘାଟ ଅଞ୍ଚଳର ସୋନୁ ଠାକୁର(୨୦), ବେଦବ୍ୟାସ ନଦିଆଟୋଲାର ଅଭିଷେକ ଶର୍ମା(୨୫), ଗଙ୍ଗାଧରପାଲୀର ମନୋଜ ବେହେରା(୨୨), ରାମନଗରର ଅନାଦି ଚରଣ ବେହେରା(୪୫), ବ୍ୟାସନଗରର ରାଜେଶ ରାଉତ(୨୩) ଏବଂ ଲାଠିକଟା ବୋଲାଣିର ଜୟଦେବ ପ୍ରଧାନ(୨୫)। ସେମାନଙ୍କ ନିକଟରୁ ବ୍ୟବହାର ହୋଇଥିବା ଏକ ଦେଶୀ ପିସ୍ତଲ, ନଗଦ ୯୫୬୫ ଟଙ୍କା, ୭ଟି ମୋବାଇଲ ଫୋନ୍, ଗୋଟିଏ ସ୍କୁଟି, ଗୋଟିଏ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨୮୪/୨୪) ରୁଜୁ କରିଛି। ଏ ନେଇ ଶନିବାର ମଧ୍ୟାହ୍ନରେ ଥାନା ପରିସରରେ ଏସ୍‌ଡ଼ିପିଓ ଉପାସନା ପାଢ଼ୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ଡ଼ିପିଓ ପାଢ଼ୀ କହିଥିଲେ, ଗର୍ଜନ ଅଞ୍ଚଳର ଜଣଙ୍କୁ ଏପରି ଲୁଟ୍‌ପାଟ କରାଯାଇଥିଲା। ଗ୍ରାଇଣ୍ଡର ଆପ୍ ଜରିଆରେ ନକଲି ପ୍ରୋଫାଇଲ ତିଆରି କରି ଦୁର୍ବୃତ୍ତମାନେ ନିରୀହ ଲୋକଙ୍କୁ ଫସାଉଥିଲେ। ଉକ୍ତ ପୀଡ଼ିତଙ୍କୁ ଡାକି ବ୍ଲାକମେଲିଂ କରାଯାଇଥିଲା। ବନ୍ଧୁକ ମୁନରେ ତାଙ୍କ ଠାରୁ ଫୋନ୍ ପେର ପାସୱାର୍ଡ ହାସଲ କରି ଟଙ୍କା ଟ୍ରାନ୍ସଫର୍ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସହ ଟଙ୍କା ଟ୍ରାନ୍ସଫର କରିଥିବା ବ୍ୟକ୍ତିଙ୍କ ଅର୍ଥାତ ଅପରାଧରେ ସହଯୋଗ କରିଥିବା ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ସେହିପରି ଗ୍ୟାଙ୍ଗ ଗୁଡ଼ିକ ଗ୍ରାଇଣ୍ଡର ଆପ୍ ବ୍ୟବହାରକାରୀଙ୍କୁ ନିଛାଟିଆ ସ୍ଥାନକୁ ଡାକି ଭେଟିବା ବେଳେ ପୂର୍ବରୁ ସେଠାରେ ଛକି ରହିଥିବା ୧୦/୧୨ ଜଣ ଦୁର୍ବୃତ୍ତ ମିଳିତ ଭାବେ ଲୁଟ୍‌ପାଟ୍ କରୁଥିଲେ। ତେବେ ଏହି ଘଟଣାରେ ଆଜିଯାଏ ମାତ୍ର ୩ଟି ମାମଲା ଥାନାରେ ରୁଜୁ ହୋଇଛି। ଅନେକ ଘଟଣା ଲୋକଲୋଚନକୁ ଆସିପାରୁନାହିଁ। ବାରମ୍ବାର ପୋଲିସ ପକ୍ଷରୁ ଏପରି ଠକେଇ ବାବଦରେ ସାଧାରଣ ଲୋକଙ୍କୁ ପରାମର୍ଶ ଦିଆଯାଉଛି ବୋଲି ପାଢ଼ୀ କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏପରି ମାମଲା କୋଏଲନଗର, ଶକ୍ତିନଗର ଓ ସେକ୍ଟର-୧ର ଅନ୍ଧାରୁଆ ପାହାଡ ତଳି ଅଞ୍ଚଳରେ ହୋଇଥିବା ନଜିର ରହିଛି। ପ୍ରାୟ ୬ ମାସ ତଳେ କୋଏଲନଗରର କିଛି ଯୁବକ ଏପରି ନିଛାଟିଆ ଯାଗାକୁ ଆସି ମାଡପିଟ୍ ଓ ଲୁଟ୍‌ର ଶିକାର ହୋଇଥିଲେ। ଏ ନେଇ ସେକ୍ଟର-୩ ଥାନାରେ ମୌଖିକ ଅଭିଯୋଗ ହୋଇଥିଲା। ପରେ ତାକୁ ଆପୋସ ସମାଧାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଥାନାଧିକାରୀ କ୍ଷୀତିଶ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## ବୃହତ୍ ରାଉରକେଲା ଗଠନ ଦାବି

**ରାଉରକେଲା,୨।୧୧(ବିପ୍ଲବ ରନ ଦାଶ)**

ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ବୃହତ୍ତର ରାଉରକେଲା ଗଠନ ପାଇଁ ଦାବି କରାଯାଇଛି। ଏହି ମର୍ମରେ ମଞ୍ଚ ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହ ମନ୍ତ୍ରୀ, ଆଦିବାସୀ କଲ୍ୟାଣ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଏବଂ ରଘୁନାଥପଲ୍ଲୀ ବିଧାୟକଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି।

ମଞ୍ଚ ପକ୍ଷରୁ କୁହାଯାଇଛି, ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଜିଲା ସୁନ୍ଦରଗଡ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତରେ ରହିଛି। ୧୯୯୮ରୁ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର ଲଗାତର ଭାଜପା ଅଧୀନରେ ରହିଆସୁଛି। ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ହେଉଛି ରାଉରକେଲା ସ୍ମାର୍ଟ ସିଟି। ରାଉରକେଲା ସହ ଆଖପାଖ ଅଞ୍ଚଳର ଜନସଂଖ୍ୟା ୨୬ ଲକ୍ଷରୁ ଟପିଲାଣି। ରାଉରକେଲା ଜନସଂଖ୍ୟା ବୃଦ୍ଧି ସହିତ ଜନବସତି ମଧ୍ୟ ବଢ଼ି ଚାଲିଛି। ଏଣୁ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲାରେ ଭାରତ ସରକାରଙ୍କ ସଡ଼କ ପରିଯୋଜନା କ୍ରମେ ରାଉରକେଲା-କଲୁଙ୍ଗା-କାଂସବାହାଲ-ରାଜଗାଙ୍ଗପୁର ସହିତ ଚାନ୍ଦିପୋଷ-ଜରେଇକେଲା-ନୂଆଗାଁ-ବୀରମିତ୍ରପୁର-ରାଜଗାଙ୍ଗପୁର ଆଦି କ୍ଷେତ୍ରାଞ୍ଚଳକୁ ମିଶାଇ ବୃହତର ରାଉରକେଲା ଗଠନ ହେବା ଜରୁରୀ ହୋଇପଡିଛି। ଏଭଳି ହେଲେ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଜନଜାତିମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ମଞ୍ଚ ସଭାପତି ବିମଳ ବିଶି କହିଛନ୍ତି।

## ଖଣ୍ଡା ଧରି ଆତଙ୍କ ସୃଷ୍ଟିକଲେ, ୩ ଗିରଫ

**ରାଉରକେଲା,୨।୧୧(ସଙ୍ଗୀତା ଜେନା)**

ଟାଙ୍ଗରପାଲୀ ଥାନା ଅନ୍ତର୍ଗତ ମଡର୍ନ ଇଣ୍ଡିଆ ଅଞ୍ଚଳରେ ଦୀପାବଳି ରାତିରେ ୨ ଜଣ ନାବାଳକ ଓ ୨ଜଣ ଯୁବକ ଖଣ୍ଡା ଧରି ଗାଳିଗୁଲଜ କରିବା ସହ କିଛି ଲୋକଙ୍କୁ ମାରିବାକୁ ଗୋଡାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ଉକ୍ତ ମାମଲାରେ ଶନିବାର ୨ନାବାଳକଙ୍କ ସମେତ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଶୁଭମ୍ ପରିଡ଼ା। ଅଭିଯୁକ୍ତମାନଙ୍କଠାରୁ ଖଣ୍ଡା, ଲୁହାରଡ୍ ଜବତ ହୋଇଛି। ଏହି ୪ଜଣ ଗାଳିଗୁଲଜ ଓ ଆତଙ୍କ ସୃଷ୍ଟି କରୁଥିବା ବେଳେ ଜଣେ ଯୁବକ ସୁଜିତ ସିଂହ ଏହାକୁ ବିରୋଧ କରିଥିଲେ। ଉକ୍ତ ୪ ଜଣ ସୁଜିତଙ୍କୁ ମାରିବା ପାଇଁ ଗୋଡାଇଥିଲେ।

# ଭିଜିଲାନ୍ସ ସଚେତନତା ସପ୍ତାହରେ ଗ୍ରାମସଭା

**ରାଉରକେଲା,୨।୧୧(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଭିଜିଲାନ୍ସ ବିଭାଗ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୪ ପାଳନର ଅଂଶସ୍ୱରୂପ ଲାଠିକଟା ବ୍ଲକ ଜଲଦା ଉଚ୍ଚ ବିଦ୍ୟାଳୟ ଓ କୁଆଁରମୁଣ୍ଡା ପାର୍ଶ୍ୱାଞ୍ଚଳ ବ୍ଲକ ପୁତ୍ରିଖମନ ସରକାରୀ ୟୁଜି ହାଇସ୍କୁଲରେ ଗ୍ରାମସଭା ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରାଷ୍ଟ୍ରର ସମୃଦ୍ଧି ପାଇଁ ଅଖଣ୍ଡତା, ସଂସ୍କୃତି ଉପରେ ଆଧାରିତ ଥିଲା। ଏ ନେଇ ଗୋଷ୍ଠୀ ମଧ୍ୟରେ ନୈତିକତା ଓ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଥିଲା। ଏଥିରେ ସତର୍କତା ବିଭାଗର ସିଜିଏମ୍ ତଥା ଏସିଭିଓ ସୁବ୍ରତ ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖଣ୍ଡତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ଭିଜିଲାନ୍ସ ବିଭାଗର ଜିଏମ୍ ଏମ୍. କେ ଅଗ୍ରୱାଲ, ଡିଜିଏମ୍ ସନ୍ଦୀପ ବଂଶଲ, ରାଜ୍ୟ ସରକାରଙ୍କ ସତର୍କତା ବିଭାଗୀୟ ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଏବଂ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏକ ସୁସ୍ଥ ତଥା ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନର ମୂଲ୍ୟବୋଧ ଓ ନୈତିକତା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ପରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ପଦଯାତ୍ରା କରିଥିଲେ। ପରେ ସାଗର ରିଧିମ୍ବ ଦ୍ୱାରା ସାଇବର କ୍ରାଇମ ଉପରେ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ଏହାପରେ ଛାତ୍ରୀଛାତ୍ର ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସସ୍ମିତା ପଟେଲ ଓ ସୁଶ୍ରୀ ସନ୍ଧ୍ୟା କେରକେଟା ନିଜ ନିଜର ବିଦ୍ୟାଳୟରେ ସମାବେଶକୁ ସ୍ୱାଗତ ଜଣାଇଥିଲେ। ଏ. କେ. ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ସ୍କୁଲ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଶାଳକଙ୍କ ଘରେ ଭିଣୋଇଙ୍କ ଆତ୍ମହତ୍ୟା

**ରାଉରକେଲା,୨।୧୧(ସଙ୍ଗୀତା ଜେନା):** ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର-୨୦ ଡି ବ୍ଲକ ଅଞ୍ଚଳରେ ଶୁକ୍ରବାର ରାତିରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ସେକ୍ଟର-୧୫ ଅଞ୍ଚଳର ସୁନୀଲ ନାୟକ(୪୩)। ଏ ନେଇ ପୋଲିସ ଏକ ମାମଲା (ନଂ.୨୭/୨୪) ରୁଜୁ କରିଛି। ସୂଚନା ଅନୁଯାୟୀ, ସୁନୀଲ ତାଙ୍କ ଶାଳକଙ୍କ ଘରେ ସେକ୍ଟର-୨୦ ଡି/ ୪୦୧ରେ ରହୁଥିଲେ। ଶୁକ୍ରବାର ରାତିରେ ଝରକା ରେଲିଂରେ ବେଡସିଟ୍ ଲଗାଇ ସେ କୁଆଡେ ଆତ୍ମହତ୍ୟା କରିଥିଲେ। ତାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶନିବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଉରକେଲା,୨।୧୧(ସଙ୍ଗୀତା ଜେନା):** ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର ଡି ବ୍ଲକ ନାରାୟଣ ମାର୍କେଟ ଅଞ୍ଚଳରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ରାଜେନ୍ଦ୍ର କୁମ୍ଭାର(୩୦)। ପୋଲିସ ଏକ ମାମଲା (ନଂ.୮/୨୪) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନା ନୁଯାୟୀ, ମୃତକ ତାଙ୍କ ମା'ଙ୍କ ସହ ରହୁଥିଲେ। ସେ ଠିକା ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ରାତିରେ ଘରେ ଶୋଇଥିଲେ ଏବଂ ଶନିବାର ସକାଳେ ଆଉ ନ ଉଠିବାରୁ ଲୋକେ ପୋଲିସକୁ ସୂଚନା ଦେଇଥିଲେ।

## ସ୍ଥାୟୀ ଇସ୍ପାତ ଉତ୍ପାଦନ ଉପରେ ଆଲୋଚନାଚକ୍ର




ଆରଏସ୍‌ପିରେ ଚାଲିଥିବା ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

**ରାଉରକେଲା,୨।୧୧(ବିପ୍ଲବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଇଡି (ୱାର୍କସ) ସମ୍ମିଳନୀ କକ୍ଷରେ ଶନିବାର ସ୍ଥାୟୀ ଇସ୍ପାତ ଉତ୍ପାଦନ ଉପରେ ଏକ ବୃତ୍ତିଗତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଆଲୋଚ୍ୟ ଅଧିବେଶନରେ ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓମ୍‌କାର ନାଥ ମହାନ୍ତି ଅତିଥି ବକ୍ତା ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ବିଶ୍ୱ ଇସ୍ପାତ ଦୃଶ୍ୟପଟ୍ଟର ସାଧାରଣ ସମୀକ୍ଷା ଉପସ୍ଥାପନ କରି କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା, ସବୁଜ ଇସ୍ପାତ ଉତ୍ପାଦନ ପ୍ରଯୁକ୍ତି ବିଦ୍ୟା ଗ୍ରହଣ କରିବା ଏବଂ ଶକ୍ତି ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଗବେଷଣାରେ ବୃହତ ଇସ୍ପାତ କମ୍ପାନୀ ଗୁଡିକ କିପରି ବିନିଯୋଗ କରୁଛନ୍ତି ତାହା ଉପରେ ଅତିଥି ବକ୍ତା ଆଲୋକପାତ କରିଥିଲେ। ଇସ୍ପାତ ଶିଳ୍ପର ସ୍ଥିରତା ଆଡକୁ ପରିବର୍ତ୍ତନ କରିବାରେ ସେ ବୈଷୟିକ ନବସୃଜନତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଡଭାନ୍ସ ହାଇ ଷ୍ଟେନ୍ଥ ଷ୍ଟିଲ (ଏଚ୍‌ଏସ୍‌ଏସ୍) ଏବଂ ଅଟୋଗ୍ରେଡ ଷ୍ଟିଲରେ ବିଶ୍ୱରେ ସାଧିତ ବିକାଶ ବିଷୟରେ ଆଲୋଚନା କରାଯାଇଥିଲା। ଯାହା ସେମାନଙ୍କ ବର୍ଦ୍ଧିତ ଶକ୍ତି ଓ ଓଜନ ହ୍ରାସ ଯୋଗୁ ଅଟୋମୋଇଲ କ୍ଷେତ୍ରରେ ଚାହିଦା ବୃଦ୍ଧି କରୁଛି। ପରିବେଶ ପ୍ରଭାବକୁ କମ୍ କରିବା ପାଇଁ ଏକ ସର୍କୁଲାର ଇକୋନୋମିର ସଂକଳ୍ପ ତଥା ବୃତ୍ତାକାର ଅର୍ଥନୀତି ଅନ୍ତର୍ଭୁକ୍ତ କରିବା ଧାରାକୁ ମଧ୍ୟ ଅତିଥି ମହାନ୍ତି ବର୍ଣ୍ଣନା କରିଥିଲେ। ଉପଦ୍ରବ୍ୟର ବାଣିଜ୍ୟିକ ଉପଯୋଗ ଯେପରିକି ଏଲ୍‌ଡି ସ୍ଲାଗ ଏବଂ ବ୍ଲାଷ୍ଟ ଫର୍ନେସ (ବିଏଫ) ସ୍ଲାଗ ଉପରେ ନିର୍ଦ୍ଦିଷ୍ଟ ଧ୍ୟାନ ଦିଆଯାଇଥିଲା, ଉଭୟ ସଡ଼କ ନିର୍ମାଣ, ସିମେଣ୍ଟ ଏବଂ ସାର ଉତ୍ପାଦନ କ୍ଷେତ୍ରରେ ସେମାନଙ୍କ ସାମର୍ଥ୍ୟ ପାଇଁ ବ୍ୟାପକ ଅନୁସନ୍ଧାନ କରାଯାଉଥିବା ସେ ଉଲ୍ଲେଖ କରିଥିଲେ। ଇସ୍ପାତ ଉତ୍ପାଦନରେ ନବସୃଜନର ଅଗ୍ରଭାଗରେ ରହିଥିବା ବେଳେ ଏହାର ବିଦ୍ୟମାନ ଜ୍ଞାନକୌଶଳ ଏବଂ ଭିତ୍ତିଭୂମିକୁ ଉପଯୋଗ କରି ଆର୍‌ଏସ୍‌ପି କିପରି ଏହି ବିଶ୍ୱସ୍ତରୀୟ ପ୍ରୟାସରେ ସହଯୋଗ କରିପାରିବ ତାହା ଉପରେ ଅଧିବେଶନ ହୋଇଥିଲା।

## ପୀୟୂଷ କୁଚ୍ ବିହାର ଟ୍ରଫି ପାଇଁ ମନୋନୀତ

**ରାଉରକେଲା,୨।୧୧(ଦିନେଶ ମିଶ୍ର)**

ରାଉରକେଲାର ପ୍ରଗତି ସ୍ପୋର୍ଟିଂର ଖେଳାଳି ପିୟୁଷ ପାଣିଗ୍ରାହୀ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଜାତୀୟ ସ୍ତରର କ୍ରିକେଟ ପ୍ରତିଯୋଗିତା ପାଇଁ ଓଡିଶା ଦଳରେ ଖେଳିବା ଲାଗି ମନୋନିତ ହୋଇଛନ୍ତି। ପିୟୁଷ ଓଡ଼ିଶା ଅଣ୍ଡର-୧୯ କ୍ରିକେଟ ଦଳ ପକ୍ଷରୁ ଆସନ୍ତା ୬ ତାରିଖରେ ଦିଲ୍ଲୀ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବେ। ପିୟୁଷ ମାତ୍ର ୧୨ ଓଭର ସ୍ପିନ୍ ବୋଲିଂ କରି ୩ଟି ମେଡେନ୍ ସହ ୧୬ ରନ ଦେଇ ସର୍ବାଧିକ ୭ଟି ଉଇକେଟ ନେଇଥିବାରୁ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସେ ରାଉରକେଲା ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ କଲେଜ ପଡିଆରେ ପ୍ରଗତି ସ୍ପୋର୍ଟିଂ କ୍ଲବର କୋଚ୍ ପ୍ରଶାନ୍ତ କାୟସ୍ଥଙ୍କ ନିକଟରେ ଦୀର୍ଘ ୮ ବର୍ଷ ଧରି କ୍ରିକେଟ୍ କୋଚିଂ ନେଉଛନ୍ତି। କୋଚ୍ ପ୍ରଶାନ୍ତଙ୍କ କହିବା ଅନୁଯାୟୀ, ପିୟୁଷ ଜଣେ ଲଢୁଆ ସ୍ପିନ୍‌ର। ତାଙ୍କର ଏହି ସଫଳତାର ଶ୍ରେୟ ତାଙ୍କ ପିତାମାତା, ନିଜ କୋଚ୍‌ଜିଲ୍ଲା ଆଥଲେଟିକ୍ ଆସୋସିଏଶନର ସେକ୍ରେଟାରୀ ପ୍ରଭାତ ଭୋଳ, ସାଥୀ ଖେଳାଳି ଏବଂ ଟିମ୍‌ର ବରିଷ୍ଠ ଖେଳାଳିଙ୍କୁ ଦେଇଛନ୍ତି। ପିୟୁଷଙ୍କ ପିତା ସୁଶାନ୍ତ ପାଣିଗ୍ରାହୀ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ମାତା ରଞ୍ଜନା ପାଣିଗ୍ରାହୀ ଗୃହିଣୀ ଅଟନ୍ତି। ପିୟୁଷ ସେକ୍ଟର-୫ ସ୍ଥିତ ଦୀପିକା ଇଂରାଜୀ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜାତୀୟ କ୍ରିକେଟ୍ ଏକାଡେମୀ(ଏନ୍‌ସିଏ) କ୍ୟାମ୍ପକୁ ଯିବା ଓ ଭାରତୀୟ ଅଣ୍ଡର-୧୯ ଦଳରେ ସ୍ଥାନ ପାଇବା ପାଇଁ ପିୟୁଷ ଚଳିତ ବର୍ଷ ଲକ୍ଷ୍ୟ ରଖିଥିବା କହିଛନ୍ତି।



ପୀୟୂଷ ପାଣିଗ୍ରାହୀ।

# ଯାତ୍ରୀ ଭୋଗୁଛନ୍ତି ଅସୁବିଧା

**ରାଉରକେଲା,୨।୧୧(ବିପ୍ଲବ ରଞ୍ଜନ ଦାଶ)**

**ପାନପୋଷ ରେଳଷ୍ଟେଶନ**
- ଉନ୍ନତୀକରଣ କାର୍ଯ୍ୟ ଅସମ୍ପୂର୍ଣ୍ଣ
- ଶୌଚାଳୟ, ଟିକେଟ କାଉଣ୍ଟର ଅବସ୍ଥା ଶୋଚନୀୟ



ପାନପୋଷ ରେଳ ଷ୍ଟେଶନରେ ବିପର୍ଯ୍ୟସ୍ତ ଶୌଚାଳୟ।

ରାଉରକେଲା ସହରର ସର୍ବପ୍ରାଚୀନ ପାନପୋଷ ରେଳ ଷ୍ଟେଶନର ବିକାଶମୂଳକ କାର୍ଯ୍ୟ ପାଇଁ ରେଲୱେ ପକ୍ଷରୁ କୋଟି କୋଟି ଟଙ୍କା ଅନୁଦାନ ମିଳିଛି। ମାତ୍ର ଯେଭଳି ବିକାଶ ହେବା କଥା ତାହା ଏଯାଏ ହୋଇପାରିନାହିଁ। ଫଳରେ ଉକ୍ତ ଷ୍ଟେଶନକୁ ଆସୁଥିବା ରେଳଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୨୦୨୩-୨୪ ଆର୍ଥିକ ବର୍ଷରେ ରାଉରକେଲା ଓ ପାନପୋଷ ରେଳ ଷ୍ଟେଶନକୁ ଅମୃତ ଭାରତ ଯୋଜନାରେ ସାମିଲ କରାଗଲା। ଉଭୟ ଷ୍ଟେଶନର ସର୍ବାଙ୍ଗୀନ ଉନ୍ନତି ପାଇଁ ଅମୃତ ଭାରତ ଯୋଜନାରେ ୪୦୩ କୋଟି ଟଙ୍କା ବ୍ୟୟବରାଦ ହୋଇଛି ମାତ୍ର ଯେଭଳି ଭାବେ ପାନପୋଷ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ହେବା କଥା ତାହା ହୋଇପାରିନାହିଁ। ବର୍ତ୍ତମାନ ସୁଦ୍ଧା ଉକ୍ତ ଷ୍ଟେଶନର ନୂତନ ପ୍ଲାଟଫର୍ମ ଏବଂ ଟିକେଟ ପ୍ରଦାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଅନ୍ୟପଟେ ପାନପୋଷ ବସ୍ତିକୁ ରାଉରକେଲା ସହର ସହ ଯୋଡିଥିବା ସୁଡ଼ଙ୍ଗ ପଥ ସମ୍ପ୍ରସାରଣ, ନୂତନ ସୁଡ଼ଙ୍ଗ ପଥ ନିର୍ମାଣ କାର୍ଯ୍ୟ ମଧ୍ୟ ଅସମ୍ପୂର୍ଣ୍ଣ ରହିଛି। ପାନପୋଷ ପୁରୁଣା ଟିକେଟ କେନ୍ଦ୍ରର ଶୌଚାଳୟ ଭାଙ୍ଗିରୁଜି ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ବେଳେ ତାହା ମରାମତି ହେଉନାହିଁ। ସେହିପରି ଦୀର୍ଘବର୍ଷ ହେଲା ଜେନେରାଲ ଟିକେଟ ପାଇଁ ଆଉଟସୋର୍ସିଂ ଟେଣ୍ଡର ପ୍ରକ୍ରିୟାରେ ଟିକେଟ ବିକ୍ରି ଚାଲିଥିବା ବେଳେ ୪ମାସ ତଳେ ଟେଣ୍ଡର ପାଇଥିବା ବ୍ୟକ୍ତି ଜଣଙ୍କ କାମ ଛାଡି ଦେଇଥିବାରୁ ଟିକେଟ ବିକ୍ରି ବନ୍ଦ ରହିଥିଲା। ତେବେ ଅନ୍ୟ ଜଣେ ବ୍ୟକ୍ତି ଟେଣ୍ଡର ପାଇ ଟିକେଟ ବିକ୍ରି କରୁଥିବା ବେଳେ ପୂର୍ବଭଳି ଆଉ ଟିକେଟ ବିକ୍ରି ହେଉନାହିଁ। ପୁରୁଣା ଟିକେଟ କେନ୍ଦ୍ର ଚତୁଃପାର୍ଶ୍ୱରେ ମଳମୂତ୍ର ପଡିରହୁଛି ଓ ବୁଲାକୁକୁର ଶୋଉଛନ୍ତି। ରିଜର୍ଭେଶନ (ପିଆର୍‌ଏସ୍) ଓ ଜେନେରାଲ ଟିକେଟ ନେବାକୁ ରେଳଯାତ୍ରୀ ଉକ୍ତ ଟିକେଟ କେନ୍ଦ୍ରକୁ ଆସୁଥିବା ବେଳେ ଲିଙ୍କ୍ ରହୁନାହିଁ। ଫଳରେ ପାନପୋଷ, ଛେଣ୍ଡ, ସିଭିଲ ଟାଉନଶିପ୍, ବେଦବ୍ୟାସ ଏବଂ କଲୁଙ୍ଗା ଅଞ୍ଚଳର ରେଳଯାତ୍ରୀ ଏକ୍ସପ୍ରେସ ଧରିବା ପାଇଁ ୧୫/୧୬ କିମି ଦୂର ରାଉରକେଲା ଷ୍ଟେଶନକୁ ଯାଉଛନ୍ତି। ଏଣୁ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ତୁରନ୍ତ ନ ହେଲେ ଆଗକୁ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଅଞ୍ଚଳର ରମାକାନ୍ତ ପାଣ୍ଡେ, ପବନ ଜଲାନ, ରାମା ସାହୁ, ଶୈଳେନ୍ଦ୍ର ତିୱାରୀ, ବିଜୟ ଅଗ୍ରୱାଲ, ସନ୍ତୋଷ ସାହୁ ଓ ସତ୍ୟରଞ୍ଜନ ଦାଶ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ନେଇ ପାନପୋଷ ରେଳ ଷ୍ଟେଶନ ପରିଚାଳକ ବିଭାସ ଭୂୟାଁଙ୍କୁ ପଚାରିବାରୁ ସେ କହିଲେ, ମାତ୍ର କିଛିଦିନରେ ପାନପୋଷ ଷ୍ଟେଶନର ନବୀକରଣ କାମ ସମ୍ପାଦନ ହେବା ଆଶା କରାଯାଉଛି। ଲଙ୍ଗ୍ ଇଣ୍ଟରଲଗିଂ ପାଇଁ ରାଉରକେଲା-ପାନପୋଷ ମଧ୍ୟରେ ଅଟୋମେଟିକ ସେକ୍ସନ ଗୁଡିକ ନିର୍ମାଣ ହେଉଛି। ନୂତନ ଟିକେଟ ବୁକିଂ କେନ୍ଦ୍ର ନିର୍ମାଣ କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ବୋଲି ଭୂୟାଁ କହିଥିଲେ।

# ସାମାନ୍ୟ ସଫଳତାରେ ସନ୍ତୁଷ୍ଟ ହୁଅନି

## ଜିଲାସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି ଉଦ୍‌ଯାପିତ

■ ଦଳଗତ ସାଂସ୍କୃତିକ ପ୍ରତିଯୋଗିତାରେ ବଲାରଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ

ସମ୍ବଲପୁର,୨।୧୧(ପ୍ରମୋଦ ବହିଦାର)



ଉଦ୍‌ଯାପନୀ ସମାରୋହରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ସ୍ଥାନୀୟ ତପସ୍ୱନୀ ପ୍ରେକ୍ଷାଳୟରେ ଆୟୋଜିତ ସମ୍ବଲପୁର ଜିଲାସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭି-୨୪ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳଙ୍କ ଅଧକ୍ଷତାରେ ଶନିବାର ଆୟୋଜିତ ସମାରୋହରେ ଉତ୍ତରାଞ୍ଚଳ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସମାନ୍ୟ ସଫଳତାରେ ସନ୍ତୁଷ୍ଟ ନ ହୋଇ ରାଜ୍ୟସ୍ତରରେ ସୁନାମ ଅର୍ଜନ ପାଇଁ ସର୍ବଦା ଅଧିକରୁ ଅଧିକ ପରିଶ୍ରମ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ନିଜର ସଭାପତିତ୍ୱ ଅଭିଭାଷଣରେ ଜିଲା ଶିକ୍ଷାଧିକାରୀ ମଙ୍ଗଳ ଛାତ୍ରୀଛାତ୍ରଙ୍କୁ ନିଜର ଅଧ୍ୟବସାୟ ଓ ପ୍ରଦର୍ଶନ ଦ୍ୱାରା ଅସାଧ ସାଧନ ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ମହମ୍ମଦପୁର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ମୁରଲୀଧର ବେହେରା, ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ ସୁରଭିର ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀମାନଙ୍କୁ ପରସ୍କୃତ କରାଯାଇଥିଲା। ଏଥିରେ ମାନେଶ୍ୱର ବ୍ଲକ ଅନ୍ତର୍ଗତ ପୁରୁଣା ବଲାରଙ୍ଗାର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଦଳଗତ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛି। ଶନିବାର ସକାଳ ସାଢ଼େ ୮ଟାରୁ ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲରେ ସମଗ୍ରଶିକ୍ଷା, ସମ୍ବଲପୁର ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସମ୍ବଲପୁର ସହର ତଥା ଜିଲାର ବିଭିନ୍ନ ବ୍ଲକର ଶିକ୍ଷାନୁଷ୍ଠାନର ପ୍ରାୟ ୩ ଶହ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ବର୍ଗରେ ତର୍କ, ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ଶ୍ରୁତଲିଖନ, ବକ୍ତୃତା, ସାଧାରଣ ଜ୍ଞାନ, ରୋଷେଇ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ଆଦିବାସୀ ଓ ହରିଜନ ଶିକ୍ଷା ସଂଯୋଜିକା ଅନୁପମା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସେହିପରି ଅସୀମ ପ୍ରଧାନ ଓ ଦେବସ୍ମିତା ରାଉତ ମଞ୍ଚ ପରିଚାଳନା କରିଥିଲେ।

# ପରିଣତ ବୟସରେ ନିଆରା ଉଦ୍ୟମ

ସମ୍ବଲପୁର,୨।୧୧(ଭବାନୀ ଶଙ୍କର ଭୋଇ)


ଚକ୍ରଧର ପାଣିଗ୍ରାହୀ।

ସମ୍ବଲପୁର ମହାନଗର ନିଗମ ୨୭ନମ୍ବର ୱାର୍ଡ ସହଯୋଗ ନଗର ବାସିନ୍ଦା ତଥା ମୁନିସିପାଲିଟି ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚକ୍ରଧର ପାଣିଗ୍ରାହୀ। ବୟସ ୮୧। ପରିଣତ ବୟସରେ ବି ପଡ଼ାର ଅଭାବ ଅସୁବିଧା ଦୂର କରିବାକୁ ସ୍ୱର ଉତ୍ତୋଳନ କରିଚାଲିଛନ୍ତି। ସ୍କୁଲରେ ପାଠ ପଢାଇବା ସମୟରେ ପିଲାଙ୍କୁ ସ୍ଥାନୀୟ ସମସ୍ୟା ନେଇ ଅଧିକାରୀଙ୍କୁ ଦରଖାସ୍ତ ଲେଖିବାକୁ ଶିଖାଉଥିଲେ। ଅବସର ପରେ ଅଞ୍ଚଳର ବିଭିନ୍ନ ସମସ୍ୟାଗୁଡ଼ିକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଦରଖାସ୍ତ ଲେଖୁଛନ୍ତି। ଅବସରର ୨୨ବର୍ଷ ଭିତରେ ତାଙ୍କ ନଜରକୁ ଯାହା ବି ସମସ୍ୟା ଆସେ ସେ ପ୍ରଶାସନକୁ ଦରଖାସ୍ତ ଦେଇ ଦୃଷ୍ଟି ଆକର୍ଷଣ କରନ୍ତି। ହାତରେ ବାଡି ଏବଂ ଛତା ଧରି ଚାଲି କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯାଇ ଦାବି ଉପସ୍ଥାପନ କରିଥାନ୍ତି। ଅନେକ ସରକାରୀ ବାବୁ ପରେ ଆସିବା ପାଇଁ କହି ଫେରାଇ ମଧ୍ୟ ଦେଇଛନ୍ତି। ହେଲେ ଏଥିରେ ଭାଙ୍ଗି ପଡି ନାହାନ୍ତି ଚକ୍ରଧର। କେହି ତାଙ୍କୁ ସହଯୋଗ କରୁ ନ କରୁ ବର୍ଷବର୍ଷ ଧରି ଏହି କାର୍ଯ୍ୟ ସେ କରି ଚାଲିଛନ୍ତି। କେବଳ ସ୍ଥାନୀୟ ପ୍ରଶାସନ ନୁହନ୍ତି, ସମ୍ବଲପୁର ମହାନଗର କମିଶନରଙ୍କଠାରୁ ଆରମ୍ଭ କରି ଜିଲାପାଳ, ମୁଖ୍ୟମନ୍ତ୍ରୀ ଏପରିକି ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ବି ସେ ଚିଠି ଲେଖି ଦାବି ଉପସ୍ଥାପନ କରନ୍ତି। ଗଣମାଧ୍ୟମର ଦୃଷ୍ଟି ବି ଆକର୍ଷଣ କରନ୍ତି। ଆଧୁନିକ ଜ୍ଞାନକୌଶଳ ବିଷୟରେ ତାଙ୍କର ସେତିକି ଧାରଣା ନାହିଁ। ତଥାପି ସେ ସମସ୍ୟା ଦେଖିଲେ ତାର ସମାଧାନ କଥା ଚିନ୍ତା କରନ୍ତି। ପରିଣତ ବୟସରେ ଅଞ୍ଚଳର ବିକାଶ ପାଇଁ ସ୍ୱର ଉତ୍ତୋଳନ କରୁଥିବା ଚକ୍ରଧର ପାଣିଗ୍ରାହୀଙ୍କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।

## ସଂକ୍ଷେପରେ

### ଉପମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର,୨।୧୧(ପ୍ରମୋଦ ବହିଦାର)

ରାଜ୍ୟ ଉପମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଉପସଚିବ ଡ. ଲକ୍ଷ୍ମୀ ପ୍ରସାଦ ସାହୁ ସମ୍ବଲପୁର ଗସ୍ତରେ ଆସି ଜିଲାର ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନର କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ସେ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଥ୍ ନମ୍ବର ୨୪, ୨୫, ୨୬, ୪୨, ୭୩ ଓ ୭୪ ଆଦି ପରିଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଯୋଗଦେଇ ସେ ପର୍ଯ୍ୟବେକ୍ଷକ ଓ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଓରିଏଣ୍ଟେଶନ୍ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ନଭେମ୍ବର ୨, ୧୦, ୧୬ ଓ ୨୪ ତାରିଖରେ ୪ଟି ପର୍ଯ୍ୟାୟରେ ନୂତନ ଭୋଟରଙ୍କ ନାମ ପଞ୍ଜିକରଣ ସହିତ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ କରିବାକୁ ସେ ବୁଥ ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରେଙ୍ଗାଲି ବିଡ଼ିଓ ପ୍ରୀତମ କୁମାର ତନ୍ତୀ, ରେଙ୍ଗାଲି ତହସିଲଦାର ତକ୍ଷକ ରାଜ ଭିଟ୍ରିଆ, ଡେପୁଟି କଲେକ୍ଟର ସଞ୍ଜୀବ ମେହେର, ଡେପୁଟି କଲେକ୍ଟର ଅଭିଷେକ କିଷାନ, ସହକାରୀ ଜିଲାପାଳ ସୁଶାନ୍ତ ନାୟକ ଉପସ୍ଥିତ ଥିଲେ।

### ଖବରଦାତାଙ୍କୁ ବିଡ଼ିଓଙ୍କ ଆକ୍ରମଣକୁ ନିନ୍ଦା

ସମ୍ବଲପୁର,୧।୧୦(ଭବାନୀ ଶଙ୍କର ଭୋଇ)

ସୋନପୁରର ଖବରଦାତା ଧିରେନ୍ଦ୍ର କୁମାର ଦାନୀଙ୍କୁ ସୁବର୍ଣ୍ଣପୁର ବିଡ଼ିଓ ମରଣାନ୍ତକ ଆକ୍ରମଣ ଏବଂ ପୋଲିସ ତାଙ୍କୁ ରାତି ଅଧରେ ଗିରଫ କରିବା ଘଟଣାକୁ ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ ସମ୍ବଲପୁର ଶାଖା ପକ୍ଷରୁ ନିନ୍ଦା କରାଯାଇଛି। ଶନିବାର ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର ରସନା ଭୋଇଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଖବରଦାତା ଦାନୀ ଖବର ସଂଗ୍ରହ ନିମନ୍ତେ ବିଡ଼ିଓଙ୍କ କାର୍ଯ୍ୟାଳୟ ଯାଇ ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପ୍ରଶ୍ନ କରିଥିଲେ। ଏଥିରେ ରାଗି ଯାଇ ବିଡିଓ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ପରେ ଥାନାରେ ଏତେଲା ଦେଇଥିଲେ। ଏହି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିବାକୁ ଦାନୀ ସ୍ଥାନୀୟ ଥାନାକୁ ଯାଇଥିବା ବେଳେ ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ନ କରି ଜଣେ ଅପରାଧୀଙ୍କ ପରି ଏକପାଖିଆ ଭାବେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏସୟୁଜେ ସମ୍ବଲପୁର ଶାଖା ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଧିରେନ୍ଦ୍ରଙ୍କୁ ନିଃସର୍ତ୍ତ ଖଲାସ ସହିତ ବିଡ଼ିଓ ସ୍ୱାଇଁଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଦାବିପତ୍ର ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ସ୍ୱାଇଁ, ରାଧେଶ୍ୟାମ ପଣ୍ଡା, ହରିଶଙ୍କର ମିଶ୍ର, ଦାମୋଦର ପାଣ୍ଡେ, ସୂର୍ଯ୍ୟ ପାଣିଗ୍ରହୀ ପ୍ରମୁଖ ଉପସ୍ଥିତ ଥିଲେ।



ଆୟୋଜିତ ସଚେତନା ଶୋଭାଯାତ୍ରାରେ ଛାତ୍ରୀଛାତ୍ର।

# ସତ୍ୟନିଷ୍ଠତା ସମୃଦ୍ଧ ରାଷ୍ଟ୍ର ଗଠନର ମୂଳମନ୍ତ୍ର

ସମ୍ବଲପୁର,୨।୧୧(ଭବାନୀ ଶଙ୍କର ଭୋଇ)

**ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ**

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲା ପ୍ରସାଶନ ଏବଂ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ଏସ୍.ପି ମୁକେଶ କୁମାର ଭାମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଦୁର୍ନୀତି ନିବାରଣ ବିଭାଗ ଏସ୍‌ପି ସରୋଜ କୁମାର ସାମଲ, ଅତିରିକ୍ତ ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଏହି ଅବସରରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଏସ୍‌ପି ଭାମୁ ଯୁବପିଢ଼ିର ସତ୍ୟନିଷ୍ଠତା, ସଚୋଟତା, ସାହାସିକତା ଏକ ସମୃଦ୍ଧ ଶାଳୀ ରାଷ୍ଟ୍ର ଗଠନର ମୂଳମନ୍ତ୍ର ବୋଲି କହିଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଜନ ସଚେତନତା ପାଇଁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ, ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ଏବଂ ପୋଷ୍ଟର-କମ-କ୍ୟାପସନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାଗୁଡିକର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଗରିକମାନଙ୍କୁ ଦୁର୍ନୀତି ନିବାରଣ ନିମନ୍ତେ ସଚେତନ କରାଇବା ପାଇଁ ସକାଳେ ଜିଲା ପ୍ରସାଶନ ଏବଂ ଭିଜିଲାନ୍ସ ବିଭାଗ ମିଳିତ ସହଯୋଗରେ ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲରୁ ଗୋଲବଜାର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଆୟୋଜନ କରଯାଇଥିଲା। ଏଥିରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବରିଷ୍ଠ ନାଗରିକମାନଙ୍କ ସହ ଭିଜିଲାନ୍ସ ବିଭାଗ ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ।

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର

ନାକଟିଦେଉଳ,୨।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଶନିବାର ସ୍ୱାଧୀନତା ପରବର୍ତ୍ତୀ ଓଡିଆ ସାହିତ୍ୟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ରବଣା ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଏହି ବୌଦ୍ଧିକ ସଭାରେ ଛାତ୍ର ରାଜେଶ ନାଏକ, ଛାତ୍ରୀ ଟିକେଶ୍ୱରୀ ନାୟକ, ଜୁଲି ଡଙ୍ଗି, ରଶ୍ମିତା ରଣା ଓ ପ୍ରତୀକ୍ଷା ବେହେରା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ, ଉପନ୍ୟାସ, କବିତା, ନାଟକ ଓ ପ୍ରବନ୍ଧ ସାହିତ୍ୟର ବୈଶିଷ୍ଟ୍ୟତା ସମ୍ପର୍କରେ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଏହି ସେମିନାରରେ ବିଶିଷ୍ଟ ଲେଖକ ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ, ବିଭୂତି ପଟ୍ଟନାୟକ, ସଚ୍ଚି ରାଉତରାୟ, ଜଗଦୀଶ ମହାନ୍ତି, ପ୍ରତିଭା ରାୟ, ମନୋରଞ୍ଜନ ଦାସ ଓ ବିଜୟ ମିଶ୍ରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପସ୍ଥାପିତ ପ୍ରବନ୍ଧଗୁଡିକର ସମୀକ୍ଷା କରାଯାଇଥିଲା। ଛାତ୍ରୀ ଗୀତାଞ୍ଜଳି ମିର୍ଦ୍ଧା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଛାତ୍ରୀ ସୁମିତ୍ରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ତ୍ତବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ବନବିଭାଗର କୈଫିୟତ ତଲବ


କଟାଯାଇଥିବା ମୂଲ୍ୟବାନ ଗଛ।

କୁଚିଣ୍ଡା,୨।୧୧(ବିରଞ୍ଚି ଦର୍ଶା)

**ଠିକାଦାରଙ୍କ ମୂଲ୍ୟବାନ ଗଛକଟା ପ୍ରସଙ୍ଗ**

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ରେଞ୍ଜ ଅଧିନ ବାମରା ବ୍ଲକର ଜରାବଗା-କେଶାଇବାହାଲ ରାସ୍ତା ପ୍ରଶସ୍ତିକରଣରେ ବେଆଇନ ଗଛ କଟାକୁ ନେଇ ବନବିଭାଗ ଆକ୍ସନ ମୋଡକୁ ଆସିଛି। ଏହି ଘଟଣାରେ ଠିକାସଂସ୍ଥାର ଦୁଇଜଣ ମୁନସୀଙ୍କୁ ବନବିଭାଗ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶନିବାର ପତ୍ର ସଂଖ୍ୟା- ୧୮୯୪/ ତା୨।୧୧।୨୪ରିଖରେ ସମ୍ବଲପୁର ପୂର୍ତ୍ତବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କୈଫିୟତ ତଲବ କରି ଏହାର ନକଲ ବନବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦେଇଛି। ଏହାଛଡା ଘଟଣାର ତଦନ୍ତ ପାଇଁ ରେଞ୍ଜରଙ୍କ ନେତୃତ୍ୱରେ ଏକଟିମ୍ ଗଠନ କରାଯାଇଛି। ଗିରଫ ଦୁଇଜଣଙ୍କ ବୟାନ ଆଧାରରେ ବନବିଭାଗ ପୂର୍ତ୍ତବିଭାଗ ଓ ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ରେଞ୍ଜର ଦୀପକ ମହାନନ୍ଦ କହିଛନ୍ତି। କଟାଯାଇଥିବା ଗଛର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସେ କହିଛନ୍ତି। କୁଚିଣ୍ଡା ପୂର୍ତ୍ତବିଭାଗର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଜରାବଗା-କେଶାଇବାହାଲ ରାସ୍ତା ପ୍ରଶସ୍ତିକରଣ କାମ ଚାଲିଛି। ହେଲେ ବିନା ଅନୁମତିରେ ବୁଧବାର ରାତିରେ ଠିକାସଂସ୍ଥା ଲୋକ ଲଗାଇ କଟର ଦ୍ୱାରା ରାସ୍ତା କଡରେ ଥିବା ୫୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଶାଳ, ମହୁଲ, ଅଶନ ଓ ଆମ୍ବଗଛ କାଟି ଦେଇଛି। ଖବରପାଇ ବନବିଭାଗ ଏହାର ତଦନ୍ତ କରି ୨ ଜଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

# ପିଏନ୍‌ବି ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ସମ୍ବଲପୁର,୨।୧୧(ଭବାନୀ ଶଙ୍କର ଭୋଇ)

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ(ପିଏନ୍‌ବି) ସମ୍ବଲପୁର ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ବ୍ୟାଙ୍କର ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ମାର୍ଗଦର୍ଶନରେ ଗତ ୨୮ତାରିଖ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରା ବୁଢାରାଜା ମଣ୍ଡଳ କାର୍ଯ୍ୟାଳୟରୁ ବାହାରି ଅଇଁଠାପାଲି ସିଡିଏସ୍ ଶାଖା ପର୍ଯ୍ୟନ୍ତ କରାଯାଇଥିଲା। ଏହି ପଦଯାତ୍ରା ଜରିଆରେ ସାଧାରଣ ଲୋକଙ୍କ ମଧ୍ୟରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପ୍ରେରିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ମେହେର ଚଳିତବର୍ଷର ବିଷୟବସ୍ତୁ ସତ୍ୟନିଷ୍ଠାର ସଂସ୍କୃତି କିଭଳିଭାବେ ଦେଶର ପ୍ରଗତିରେ ସହାୟକ ହୋଇଥାଏ ସେହି ବିଷୟରେ କହିଥିଲେ। ଏହାସହ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ସତ୍ୟନିଷ୍ଠ ଭାବେ କାର୍ଯ୍ୟ କରିବାକୁ ଶପଥପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ କାର୍ଯ୍ୟଳୟ ଓ ସମ୍ବଲପୁର ସହରର ପିଏନ୍‌ବିର ବିଭିନ୍ନ ଶାଖା କର୍ମଚାରୀରଣ ଯୋଗ ଦେଇଥିଲେ।



ପିଏନ୍‌ବି ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପଦଯାତ୍ରା।

# ଏସ୍‌ଏମ୍‌ସି ଆୟୁକ୍ତଙ୍କୁ ସ୍ମାରକପତ୍ର

ସମ୍ବଲପୁର,୨।୧୧(ବି.ଶଙ୍କର)

**ସମସ୍ୟା ଘେରରେ ଏସ୍‌ଏମ୍‌ସି ଅଞ୍ଚଳ**


ଭାଜପା ପ୍ରତିନିଧି ଦଳ ମହାନଗର ନିଗମ ଆୟୁକ୍ତଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅଞ୍ଚଳ ଏବଂ ସମ୍ବଲପୁର ସହର ବିବିଧ ସମସ୍ୟା ଘେରରେ ରହିଛି। ମୁଖ୍ୟତଃ ସଂସ୍କୃତି ସମ୍ପନ୍ନ ସମ୍ବଲପୁର ସହର ଆବର୍ଜନା କୁଣ୍ଡରେ ପରିଣତ ହୋଇଛି। ସହରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା କିପରି ସମାଧାନ ହୋଇପାରିବ ସେନେଇ ଭାଜପାର ଏକ ପ୍ରତିନିଧି ଦଳ ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣଙ୍କ ସହିତ ଆଲୋଚନା କରିଛନ୍ତି। ସହର ମଧ୍ୟରେ ନିୟମିତ ସଫେଇ ନ ହେବା, ବୁଲା ଓ ପାଗଳ କୁକୁରଙ୍କ ଦୌରାତ୍ମ୍ୟ, ଛକଗୁଡିକରେ ପରିଶ୍ରାଗାର, ସହର ମଧ୍ୟରେ ଯାଇଥିବା ପିଚୁଲି ରାସ୍ତାରେ ବେଆଇନ ପାର୍କିଂ ପାଇଁ ଟେଣ୍ଡର ମାଧ୍ୟମରେ ପଇସା ଅସୁଲି ପାଇଁ ଅନୁମତି ଦେବା, ପୁରୁଣା ସରକାରୀ ବସ୍‌ଷ୍ଟାଣ୍ଡରେ ପରିବା ବିକାଳିଙ୍କ ପାଇଁ ସର୍ବନିମ୍ନ ସୁବିଧା ପ୍ରଦାନ, ରାସ୍ତାର ଶୋଚନୀୟ ଅବସ୍ଥାକୁ ସୁଧାରିବା, ଫାଟକ ଓଭର ବ୍ରିଜକୁ ଚଉଡା କରିବା, ରେଳ ବିଭାଗ ସହିତ ମିଶି ଫାଟକଠାରେ ଏକ ପାଦଚଲା ବ୍ରିଜ ନିର୍ମାଣ, ପାଣି ଟାଙ୍କି ଛକରୁ ଡାକ୍ତର ଝସକେତନ ସାହୁ ସନ୍ତରଣାଗାର ଛକ ପର୍ଯ୍ୟନ୍ତ ରାସ୍ତାର ଦୁରାବସ୍ଥାକୁ ସୁଧାରିବା, ସହର ମଧ୍ୟରେ ଯାଇଥିବା ରାସ୍ତା, ନାଳର ପୁନଃରୁଦ୍ଧାର, ମହାନଗର ଅଧିନ ପରିବା ବଜାରରେ ବିକାଳି ଓ କ୍ରେତାଙ୍କ ପାଇଁ ସର୍ବନିମ୍ନ ସୁବିଧା ଯୋଗାଇ ଦେବା, ସହରକୁ ସୌନ୍ଦର୍ଯ୍ୟକରଣ କରିବା ପ୍ରଭୃତି ବିଷୟରେ ପ୍ରତିନିଧି ଦଳ ଆୟୁକ୍ତଙ୍କ ସହ ଆଲୋଚନା କରିଥିଲା। ଏଥିସହ ପ୍ରତିନିଧି ଦଳ ଆୟୁକ୍ତଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲା। ବରିଷ୍ଠ ନେତା ତଥା ବ୍ୟବସାୟୀ ପ୍ରକୋଷ୍ଠର କେନ୍ଦ୍ରୀୟ ଉପସଭାପତି ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ନେତୃତ୍ୱରେ ମହେନ୍ଦ୍ର ମିଶ୍ର, ଅଶୋକ ମିଶ୍ର, ପ୍ରଦୀପ ସୂପକାର, ସଞ୍ଜୀବ ମିଶ୍ର, ଦୁର୍ଗା ପ୍ରସାଦ ମିଶ୍ର, ରଞ୍ଜନ ହୋତା ଏହି ଅବସରରେ ଉପସ୍ଥିତ ଥିଲେ।

# ପାର୍ବଣ ପରେ କମିଲା ଦର

**■୩୦୦୦ ଖସିଲା ରୁପା ଦର**
**■ସୁନା ଉପରେ ୮୦୦ ଟଙ୍କା**



ନୂଆଦିଲ୍ଲୀ,୨।୧୧

ଚଳିତ ବର୍ଷର ପାର୍ବଣ (ଦଶହରା, ଗଜଲକ୍ଷ୍ମୀ,କାଳୀପୂଜା ଏବଂ ଧନ୍‌ତେରସ୍) ସମୟରେ ଉଭୟ ସୁନା ଓ ରୁପା ଦର ସର୍ବୋଚ୍ଚସ୍ତରରେ ପହଞ୍ଚିଥିଲା। ଏପରିକି ପାର୍ବଣ କାରବାର ପାଇଁ ସବୁ ବର୍ଗର ଅଳଙ୍କାର ପ୍ରତିଷ୍ଠାନ ଆକର୍ଷଣୀୟ ଅଫର ଓ ଉପହାରର ବ୍ୟବସ୍ଥାକରି ପାର୍ବଣ କାରବାର କରିଥିଲେ। ଅପରପକ୍ଷରେ କ୍ରମାଗତ ଭାବେ ଉଭୟ ସୁନା ଓ ରୁପା ଦର ବୃଦ୍ଧି ଯୋଗୁ ପାର୍ବଣ କାରବାର ମଧ୍ୟ ବେଶ୍ ପ୍ରଭାବିତ ହୋଇଥିଲା। ହେଲେ ପାର୍ବଣ ପରେ ଉଭୟ ସୁନା ଓ ରୁପା ଦରରେ ପରିବର୍ତ୍ତନ ହୋଇଛି।

ଉଲ୍ଲେଖଯୋଗ୍ୟ, କ୍ରମାଗତ ଭାବେ ୨ୟ ଦିନ ଲାଗି ଉଭୟ ସୁନା ଓ ରୁପା ଦର ହ୍ରାସ ପାଇଛି। ଏପରିକି ମଙ୍ଗଳବାର ନୂଆଦିଲ୍ଲୀରେ ସୁନା ଉପରେ ପ୍ରାୟ ୮୦୦ ( ୭୯୦ ଟଙ୍କା) ଟଙ୍କା ହ୍ରାସ ପାଇଥିଲାବେଳେ ୩୦୦୦ରୁ ଅଧିକ ଟଙ୍କାର ରୁପା ଦରରେ କମିଥିବା ଜଣାପଡ଼ିଛି। ଫଳରେ ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦,୭୨୩ ଟଙ୍କାରେ କାରବାର ହେଉଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୪,୦୧୩ ଟଙ୍କାରେ କାରବାର ହେଉଛି। ଏପରିକି ରୁପା କିଲୋଗ୍ରାମ ବା କେ.ଜି. ପିଛା ୩୨୦୦ ଟଙ୍କା କମି ୧,୦୦,୦୦ ଟଙ୍କାରେ ପହଞ୍ଚିଛି। ଏପରିକି ୧୮ କ୍ୟାରେଟ ସୁନା ଓ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୦ରୁ ୫୫ ହଜାର ଟଙ୍କାରେ କାରବାର ହେଉଛି।

ସେହିପରି ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୮୦,୩୨୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୩,୭୦୦ ଟଙ୍କାରେ କାରବାର ହେଉଛି। ଏପରିକି ରୁପା କେ.ଜି. ପିଛା ୩୦୦୦ ଟଙ୍କା କମି ୧,୦୬,୦୦ଟଙ୍କାରେ ପହଞ୍ଚିଛି। ଏପରିକି ୧୮କ୍ୟାରେଟ ସୁନା ଓ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୫ରୁ ୬୫ ହଜାର ଟଙ୍କାରେ କାରବାର ହେଉଛି।

## ବଜାରରେ ସୋନିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨।୧୧

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଲିଙ୍କ୍ ବଡ୍‌ସ ସିରିଜ୍‌ର ନୂତନ ଉତ୍ପାଦ ଡବ୍ଲ୍ୟୁଏଫ୍-ଏଲ୍୯୧୦ (ଲିଙ୍କ୍ ବଡ୍‌ସ ଓପନ୍) ଓୟାରଲେସ୍ ଇୟର୍‌ବଡ୍‌ସକୁ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ଆରାମ, ସଂଯୋଗ ଓ ଉତ୍କୃଷ୍ଟ ସାଉଣ୍ଡମାନ ଚାହୁଁଥିବା ଗ୍ରାହକମାନଙ୍କୁ ପ୍ରାକୃତିକ ଅଡିଓ ଅନୁଭୂତି ପ୍ରଦାନ କରିବା ଲାଗି ଏହି ଇୟରବଡ୍‌ରେ ଉନ୍ନତ ପ୍ରଯୁକ୍ତି ଓ ଏର୍ଗୋନୋମିକ୍ ଡିଜାଇନ୍ ଅନ୍ତର୍ଭୁକ୍ତ ରହିଛି। ଏହା ହାଲୁକା ଓ ଛୋଟ ହୋଇଥିବା ବେଳେ ଏଥିରେ ଏୟାର ଫିଟିଂ ସର୍ପୋଟର ସାମିଲ ରହିଛି। ଏହାକୁ ଜ୍ୟାମିତିକ ଆକାର ପ୍ରଦାନ କରାଯାଇଛି। ଯାହା କାନରେ ଭଲ ଭାବେ ଲାଗିପାରିବ ଏବଂ ଏହାକୁ ଆଇପିଏକ୍ସ୪ ଜଳ ନିରୋଧୀ ରେଟିଂ ପ୍ରଦାନ କରାଯାଇଛି।

## ଅକ୍ଟୋବରରେ ୧୦,୦୮୦ ୟୁନିଟ୍ ଗାଡ଼ି ବିକ୍ରି

ନୂଆଦିଲ୍ଲୀ,୨।୧୧

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ମାସିକ ଗାଡ଼ି ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୪ ଅକ୍ଟୋବରରେ ଏଚ୍‌ସିଆଇଏଲ୍‌ର ମୋଟ ୧୦,୦୮୦ ୟୁନିଟ୍ ଗାଡ଼ି ବିକ୍ରି ବା ପଞ୍ଜୀକରଣ ହୋଇଛି। ସେହିଭଳି ଏହି ସମୟ ମଧ୍ୟରେ ଏଚ୍‌ସିଆଇଏଲ୍‌ର ଘରୋଇ ଗାଡ଼ି ବିକ୍ରି ୫୫୪୬ ୟୁନିଟ୍ ହୋଇଥିଲାବେଳେ ରପ୍ତାନି ୪୫୩୪ ୟୁନିଟ୍ ହୋଇଥିଲା। ଏପରିକି ଗତ ବର୍ଷ ଏହି ସମୟ ମଧ୍ୟରେ ଏଚ୍‌ସିଆଇଏଲ୍‌ର ମୋଟ ଗାଡି ବିକ୍ରି ୧୩,୦୮୩ ୟୁନିଟ୍ ଥିଲାବେଳେ ଘରୋଇ ବଜାରରେ ଗାଡ଼ି ବିକ୍ରି ୯୪୦୦ ୟୁନିଟ୍ ଏବଂ ରପ୍ତାନି ୩୬୮୩ ୟୁନିଟ୍ ରହିଥିଲା। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ ( ବିକ୍ରି ଏବଂ ବିପଣନ) କୁନାଲ ବେହଲ କହିଥିଲେ, ଆମେ ଆମର ମାସିକ ଗାଡ଼ି ବିକ୍ରି ଫଳାଫଳ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଚଳିତ ବର୍ଷର ଅକ୍ଟୋବରରେ ସମସ୍ତ ପାର୍ବଣ ସମୟ ରହୁ ଥିବାରୁ ଉଭୟ ବିକ୍ରି ଓ ବଜାର ବେଶ୍ ଭଲ ରହିଥିଲାବେଳେ ପର୍ବମାସ ଓ ବର୍ଷ ଭଳି ବେଶ୍ ଉତ୍ସାହଜନକ କାରବାର ହୋଇଥିଲା ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

## ୨ୟ ତ୍ରୈମାସିକରେ ପିଏଟି ୪୬% ବୃଦ୍ଧି

ନୂଆଦିଲ୍ଲୀ,୨।୧୧

ଦେଶର ଦ୍ୱିତୀୟ ସର୍ବବୃହତ୍ ଘରୋଇ ବାଣିଜ୍ୟିକ ବନ୍ଦର ପରିଚାଳନା ସଂସ୍ଥା ତଥା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ସହାୟକ କମ୍ପାନୀ ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ବିସ୍ତୃତ ଆଲୋଚନା ସହିତ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଥିଲା। ଏପରିକି ଏହି ସମୟ ମଧ୍ୟରେ କମ୍ପାନୀ ୨୭.୫ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହା ଗତ ବର୍ଷ ତୁଳନାରେ ୧୬% ଅଧିକ ଥିଲାବେଳେ ମାଙ୍ଗାଲୋର, ପାରାଦୀପ ଓ ଏନୋର କୋଲ୍ ଟର୍ମିନାଲ୍ କ୍ଷମତାର ବର୍ଦ୍ଧିତ ଉପଯୋଗ ପାଇଁ ପଣ୍ୟ ପରିମାଣରେ ବୃଦ୍ଧି ଘଟିଛି। ସେହିଭଳି ଅଧିକ ପଣ୍ୟ ପରିଚାଳନା ଦ୍ୱାରା କମ୍ପାନୀର ମୋଟ ରାଜସ୍ୱ ପରିମାଣ ୨୨% ବୃଦ୍ଧି ପାଇ ୧୦୮୮ କୋଟି ଟଙ୍କା ହୋଇଛି। ଏପରିକି କମ୍ପାନୀର ଇବିଆଇଟିଡିଏ ୨୨% ବୃଦ୍ଧି ପାଇ ୬୦୭ କୋଟି ଟଙ୍କା ହୋଇଛି। ସେହିପରି ଏହି ସମୟ ମଧ୍ୟରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୪୬%କୁ ବୃଦ୍ଧି ପାଇ ୩୭୪ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ କମ୍ପାନୀ ମହାରାଷ୍ଟ୍ରର ମୁର୍ବେଠାରେ ଏକ ନୂତନ ବନ୍ଦର ସ୍ଥାପନ କରୁଛି। ଏହାକୁ ଏକ ସବୁଦିନିଆ ଓ ବିବିଧ ପଣ୍ୟ ବାଣିଜ୍ୟିକ ବନ୍ଦର ଭାବେ ବିକାଶ କରାଯିବ ବୋଲି କୁହାଯାଇଛି। ଜାତୀୟ ରାଜପଥ ୮ ଓ ରାଜ୍ୟ ରାଜପଥ (ବୋଇସର ସଡ଼କ) ଓ ରେଳ କରିଡର ନିକଟରେ ଏହି ପ୍ରସ୍ତାବିତ ବନ୍ଦର ଅବସ୍ଥିତ ରହିଛି। କମ୍ପାନୀ ପକ୍ଷରୁ ଜୟଗଡ଼ ଓ ଧରମତାର୍‌ରେ ବାର୍ଷିକ ୩୬ ନିୟୁତ ଟନ୍ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରୁଛି। ତାହାର ନୂଆ ବର୍ଥ ଓ ରେଳ ସାଇଡିଂ ଭଳି ଅତିରିକ୍ତ ଭିତ୍ତିଭୂମି ପାଇଁ ମେକାନିକାଲ, ସିଭିଲ, ବିଦ୍ୟୁତ୍ କାର୍ଯ୍ୟ ଲାଗି ମୋଟ ୨୩୫୯କୋଟି ଟଙ୍କାର ପୁଞ୍ଜି ବ୍ୟୟ ହେବ। ଏହି ସମ୍ପ୍ରସାରଣ ଦ୍ୱାରା ଜୟଗଡ଼ ବନ୍ଦରର ମୋଟ କ୍ଷମତା ୫୫ ଏମ୍‌ଟିପିଏରୁ ବୃଦ୍ଧି ପାଇ ୭୦ଏମ୍‌ଟିପିଏ ଏବଂ ଧରମତାର୍ ବନ୍ଦରର କ୍ଷମତା ୩୪ଏମ୍‌ଟିପିଏରୁ ବୃଦ୍ଧି ପାଇ ୫୫ ଏମ୍‌ଟିପିଏ ହେବ। ମହାରାଷ୍ଟ୍ରର ଡୋଲ୍‌ଭିଠାରେ ପ୍ରସ୍ତାବିତ ୫ଏମ୍‌ଟିପିଏ ଇସ୍ପାତ କାରଖାନା ଦ୍ୱାରା ପଣ୍ୟ ପରିବହନ ଆହୁରି ସଶକ୍ତ ହେବ। ଉଭୟ ବନ୍ଦରର ସମ୍ପ୍ରସାରଣ ଦ୍ୱାରା ଅତିରିକ୍ତ ପଣ୍ୟ ପରିମାଣ ପାଖାପାଖି ୨୭ ଏମ୍‌ଟିପିଏ ବୃଦ୍ଧି ପାଇବ।

## ଅନୁକୂଳ ପରିବେଶ ସୃଷ୍ଟିକୁ ଗୁରୁତ୍ୱ



ଭୁବନେଶ୍ୱର,୨।୧୧ (ଅଭୟ ଦାଶ)

କନଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଓଡ଼ିଶା ଶାଖା ପକ୍ଷରୁ ସିଆଇଆଇ ସ୍ୱୟଂ ସୃଜନୀ-ଓଡ଼ିଶାର ବୟନ ଶିଳ୍ପ ଓ ହସ୍ତଶିଳ୍ପ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ନାମରେ ଏକ ପ୍ରଭାବଶାଳୀ କାର୍ଯ୍ୟକ୍ରମ ମଙ୍ଗଳବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବୟନଶିଳ୍ପ ଓ ହସ୍ତଶିଳ୍ପର ସମୃଦ୍ଧ ଐତିହ୍ୟକୁ ପାଳନ କରାଯାଇଥିଲା, ଯେଉଁଥିରେ ରାଜ୍ୟର କାରିଗର ଓ ବୁଣାକାରମାନଙ୍କ ପାଇଁ ସ୍ଥାୟୀ ଅଭ୍ୟାସ ଏବଂ ସଶକ୍ତୀକରଣ ଉପରେ ବେଶ୍ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏ କ୍ଷେତ୍ରରେ ଦକ୍ଷତା ବିକାଶ, ବଜାର ସଂଯୋଗ ଏବଂ ସ୍ଥାୟିତ୍ୱ ଆଦି ସମ୍ପର୍କରେ କହିଥିଲେ। ଏପରିକି ଏ କ୍ଷେତ୍ରରେ ଉନ୍ନତି ଆଣିବା ସହ ଉଦ୍ଦେଶ୍ୟ ଓ ନୀତି ମାଧ୍ୟମରେ ଓଡ଼ିଶାର କାରିଗର ଏବଂ କାରିଗରମାନଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟିକରିବା ନିମନ୍ତେ ସରକାରଙ୍କ ପ୍ରୟାସ ବିଷୟରେ ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ସେହିଭଳି ରାଜ୍ୟରେ ଶିଳ୍ପାୟନ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ଆଲୋକପାତ କରି ସ୍ୱାଇଁ କହିଥିଲେ, ଓଡ଼ିଶା ପାରମ୍ପରିକ ଭାବେ ଖଣି ଓ ଧାତୁ ବିଜ୍ଞାନ ପାଇଁ ଜଣାଶୁଣା ଥିଲା। କିନ୍ତୁ ବର୍ତ୍ତମାନ ସରକାର ବୟନ ଶିଳ୍ପ ଓ ପୋଷାକ ଭଳି ଉଦୀୟମାନ କ୍ଷେତ୍ରର ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି କ୍ଷେତ୍ରର ଅନେକ ନାମୀଦାମୀ କମ୍ପାନୀ ରାଜ୍ୟରେ ପୁଞ୍ଜିନିବେଶ କରିଛନ୍ତି। କିନ୍ତୁ ଶିଳ୍ପ ପାଇଁ ଏକ ଇକୋସିଷ୍ଟମ ବିକଶିତ କରିବାକୁ ଚାହୁଁଛନ୍ତି। ଅନ୍‌ଲାଇନ୍ ବ୍ୟବସାୟରେ ବୟନଶିଳ୍ପ ଓ ପୋଷାକ ଶିଳ୍ପ କିପରି ସମୃଦ୍ଧ ହୋଇପାରିବ ସେଥିପ୍ରତି ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଟେକ୍ସଟାଇଲ ପାର୍କ ମଧ୍ୟ ପ୍ରତିଷ୍ଠା କରାଯାଉଛି ବୋଲି ସେ କହିଛନ୍ତି। ରାଜ୍ୟବାସୀ ଯେପରି ଚାକିରି ପରିବର୍ତ୍ତନ ନ କରି ନିଜେ ରୋଜଗାର ସୃଷ୍ଟି କରିପାରିବେ ସେଥିପାଇଁ ସରକାର ବ୍ୟବସ୍ଥା କରୁଛନ୍ତି।

ସେହିଭଳି ବିଧାୟକ ଆକାଶ ଦାସ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜିର ବିଶ୍ୱ ବଜାରରେ ପାରମ୍ପରିକ ହସ୍ତଶିଳ୍ପର ବିକାଶ ପାଇଁ ଉଦ୍ଭାବନ ଓ ଉଦ୍ୟୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ଅପରପକ୍ଷରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି ଏହି ସମାବେଶକୁ ସ୍ୱାଗତକରିବା ସହ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିବାରେ ଐତିହ୍ୟ ଓ କାରିଗରିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଏନ୍‌ଏମ୍‌ଡିସିର ଐତିହାସିକ ରେକର୍ଡ

**ଉଭୟ ବିକ୍ରି ଓ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ହାସଲ**



ଅମିତାଭ ମୁଖାର୍ଜୀ

ନୂଆଦିଲ୍ଲୀ,୨।୧୧

ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି) ଲିମିଟେଡ୍‌ର ମାସିକ କାରବାର ଫଳାଫଳ ସୂଚୀ ନିକଟରେ ପ୍ରକାଶ ପାଇଛି। ଏହି ସୂଚୀ ଅନୁଯାୟୀ ଏନ୍‌ଏମ୍‌ଡିସି ନିକଟରେ ଏକ ଐତିହାସିକ ରେକର୍ଡ ସ୍ଥାପନ କରିଛି। ଏପରିକି ଉଭୟ ବିକ୍ରି ଓ ଉତ୍ପାଦନରେ କମ୍ପାନୀ ନୂଆ ମାଇଲଖୁଣ୍ଟ ହାସଲ ସହ ପୂର୍ବ ରେକର୍ଡ ଓ କାରବାରକୁ ଟପିଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ କମ୍ପାନୀ ଆକର୍ଷଣୀୟ ୪.୦୭ ମିଲିୟନ ଟନ୍ (ଏମ୍‌ଟି)ର ଆଇରନ ଓର୍ ଉତ୍ପାଦନ କରିଥିଲାବେଳେ ୪.୦୩ ଏମ୍‌ଟି ଆଇରନ ଓର୍ ବିକ୍ରି କରିଛି। ସେହିଭଳି ଚଳିତ ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀ ୨୧.୫୫ ଏମ୍‌ଟିର ଆଇରନ ଓର୍ ଉତ୍ପାଦନ କରିଥିଲାବେଳେ ୨୩.୮୪ ଏମ୍‌ଟି ଆଇରନ ଓର୍ ବିକ୍ରି କରିଛି।

ଏ ସମ୍ପର୍କରେ ଏନ୍‌ଏମ୍‌ଡିସିର ସିଏମ୍‌ଡି (ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ କହିଥିଲେ, ଆମେ ନିକଟରେ ଏକ ଐତିହାସିକ ରେକର୍ଡ ଲାଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗତ ବର୍ଷ ଅକ୍ଟୋବର ଅପେକ୍ଷା ଚଳିତ ବର୍ଷ ଅକ୍ଟୋବରରେ ଆମେ ଭଲ କାରବାର କରିଛୁ। ଏପରିକି ଉତ୍ପାଦନରେ ୩.୮% ଅଭିବୃଦ୍ଧି କରିଥିଲାବେଳେ ବିକ୍ରିରେ ମଧ୍ୟ ୧୭.୧୫% ଅଭିବୃଦ୍ଧି ହାସଲ କରିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

**ଫୁର୍‌ସତ୍**



## କ୍ୟାଟ୍ରିନାଙ୍କୁ ପ୍ରଶଂସା କଲେ ଭିକି

ମୁମ୍ବାଇ

ଅଭିନେତା ଭିକି କୌଶଲ ନିଜ ଅଭିନୟ ମାଧ୍ୟମରେ ବଲିଉଡ୍‌ରେ ଅନେକ ନାମ ଓ ଖ୍ୟାତି ଅର୍ଜନ କରିଛନ୍ତି। ସମ୍ପ୍ରତି ବଲିଉଡ୍‌ର ଶ୍ରେଷ୍ଠ ଅଭିନେତାଙ୍କ ତାଲିକାରେ ମଧ୍ୟ ତାଙ୍କ ନାମକୁ ବିଚାରକୁ ନିଆଯାଉଛି। ତେବେ ଶନିବାର ଏକ ସାକ୍ଷାତ୍‌କାର ଦେବା ସମୟରେ ସ୍ତ୍ରୀ କ୍ୟାଟ୍ରିନା ତାଙ୍କଠାରୁ ବଡ଼ ତାରକା ବୋଲି ଭିକି କହିଛନ୍ତି। ଏହି ସାକ୍ଷାତ୍‌କାରରେ ଭିକି ସ୍ତ୍ରୀ କ୍ୟାଟ୍ରିନାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ତାଙ୍କୁ ଏବଂ କ୍ୟାଟ୍ରିନାଙ୍କୁ ବଲିଉଡ୍‌ର ପାୱାରଫୁଲ୍ କପଲ ଭାବେ ବିବେଚନା କରାଯାଏ। ଏହାକୁ ନେଇ କ'ଣ କହିବେ ବୋଲି ଏହି ସାକ୍ଷାତ୍‌କାରରେ ଭିକିଙ୍କୁ ପ୍ରଶ୍ନ ପଚରାଯାଇଥିଲା। ଏହାର ଉତ୍ତରରେ ଭିକି କହିଛନ୍ତି, କ୍ୟାଟ୍ରିନା ନିଶ୍ଚିତ ଭାବେ ତାଙ୍କ ତୁଳନାରେ ବଡ଼ ତାରକା। କ୍ୟାଟ୍ରିନାଙ୍କ ନିକଟରେ ଜଣେ ସୁପରଷ୍ଟାରଙ୍କ ହୃଦୟ ରହିଛି। ସେ ସର୍ବଦା ତାଙ୍କ ଅଭିନୟର ବାସ୍ତବତାକୁ ହିଁ ପ୍ରକାଶ କରିଥାନ୍ତି। ଯଦି ତାଙ୍କ ଅଭିନୟରେ କିଛି ତ୍ରୁଟି ଥାଏ, ତେବେ କ୍ୟାଟ୍ରିନା ସେ ନେଇ ତାଙ୍କୁ ଜଣାଇବା ସହ ଏଥିରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥାନ୍ତି। ତାଙ୍କର ଏହି ପରାମର୍ଶ ଯୋଗୁ ସେ ଅଭିନୟ କ୍ଷେତ୍ରରେ ଆଗେଇ ପାରିଛନ୍ତି ବୋଲି ଭିକି କହିଛନ୍ତି। ସେ କହିଛନ୍ତି, କ୍ୟାଟ୍ରିନା କେବେ ମଧ୍ୟ ତାଙ୍କର ବୃଥା ପ୍ରଶଂସା କରନ୍ତି ନାହିଁ। ସବୁବେଳେ ତାଙ୍କୁ ଅଭିନୟ କ୍ଷେତ୍ରରେ ଆବଶ୍ୟକ ଉପଦେଶ ଦିଅନ୍ତି। ଏତେ ବଡ଼ ଷ୍ଟାର ହୋଇ ମଧ୍ୟ ତାଙ୍କର ଆଦୌ ଅହଂଭାବ ନାହିଁ। କ୍ୟାଟ୍ରିନାଙ୍କଠାରୁ ସେ ବହୁତ କିଛି ଶିଖିବାକୁ ପାଇଥାନ୍ତି ବୋଲି ଏହି ସାକ୍ଷାତ୍‌କାରରେ ଭିକି କହିଛନ୍ତି।

## ଅଣ୍ଡା ବିକି କୋଟିପତି

ବେଙ୍ଗାଲୁରୁ



ସାଧାରଣତଃ କୁକୁଡ଼ା ଫାର୍ମଗୁଡ଼ିକରେ ବଡ଼ ବଡ଼ ପିଞ୍ଜରା ମଧ୍ୟରେ ବହୁ ଶହ କୁକୁଡ଼ାଙ୍କୁ ବନ୍ଦ କରି ରଖାଯାଇଥାଏ। ତେବେ ଏହି ପାରମ୍ପରିକ ପଦ୍ଧତି ପରିବର୍ତ୍ତେ ଏକ ନୂତନ ଢଙ୍ଗରେ କୁକୁଡ଼ା ଚାଷ କରି ମଞ୍ଜୁନାଥ ମାରାପନ୍ ଏବଂ ଅଶୋକ କନ୍ନନ୍ ନାମକ ୨ ଜଣ କନ୍ନଡ଼ ଚାଷୀ କୋଟିପତି ହୋଇ ପାରିଛନ୍ତି।

କୁକୁଡ଼ାମାନଙ୍କର ଅର୍ଗାନିକ ଏଗ୍ (ଜୈବିକ ଅଣ୍ଡା) ବିକ୍ରି କରି ଉଭୟ ମଞ୍ଜୁନାଥ ଓ ଅଶୋକ ବହୁ କୋଟି ଟଙ୍କା ରୋଜଗାର କରୁଛନ୍ତି। ୨୦୧୪ରେ କର୍ନାଟକର ବେଙ୍ଗାଲୁରୁରେ ଉଭୟେ ହାପି ହେନ୍ସ ନାମରେ ଏକ ଦେଶୀ କୁକୁଡ଼ା ଫାର୍ମ ଖୋଲିଥିଲେ। ଏହା ଏକ ମୁକ୍ତ ପରିସରର କୁକୁଡ଼ା ଫାର୍ମ ହୋଇଥିବା ମଞ୍ଜୁନାଥ କହିଛନ୍ତି। ଏଠାରେ କୁକୁଡ଼ାମାନଙ୍କୁ ପିଞ୍ଜରା ମଧ୍ୟରେ ରଖାଯିବା ବଦଳରେ ଖୋଲା ସ୍ଥାନରେ ଛଡ଼ା ଯାଇଥାଏ। ସମ୍ପ୍ରତି ଏହି ଫାର୍ମରେ ଥିବା କୁକୁଡ଼ାମାନେ ପ୍ରତିଦିନ ପ୍ରାୟ ୨୦ ହଜାର ଅଣ୍ଡା ଦେଉଛନ୍ତି, ଯାହାର ଦାମ ଅଣ୍ଡା ପିଛା ୨୫ ଟଙ୍କା ରହିଛି। ଏହି ପୁଷ୍ଟିକର ଜୈବିକ ଅଣ୍ଡାରେ ଓମେଗା, ପ୍ରୋଟିନ୍ ଏବଂ ଭିଟାମିନ୍ ଭରପୂର ମାତ୍ରାରେ ରହିଥାଏ ବୋଲି ମଞ୍ଜୁନାଥ କହିଛନ୍ତି। ସେ ଆହୁରି କହିଛନ୍ତି, ସେମାନେ ଫ୍ରାଞ୍ଚାଇଜ୍ ମଡେଲରେ କାମ କରନ୍ତି। ମହାରାଷ୍ଟ୍ରର ନାଶିକ୍, ତେଲଙ୍ଗାନାର ହାଇଦ୍ରାବାଦ ଏବଂ ତାମିଲନାଡୁର ତ୍ରିଚି ଓ ପେରମ୍ବାଲୁରର ୧୧ ଜଣ କ୍ଷୁଦ୍ର କୁକୁଡ଼ା ଚାଷୀଙ୍କ ସହଭାଗିତାରେ ତାଙ୍କ କୁକୁଡ଼ା ହାପି ହେନ୍ସ କାର୍ଯ୍ୟ କରୁଛି। କୌଣସି ଆଣ୍ଟିବାୟୋଟିକ୍ ନ ଦେଇ କିପରି କୁକୁଡ଼ାମାନଙ୍କଠାରୁ ଜୈବିକ ଅଣ୍ଡା ଉତ୍ପାଦନ କରିହେବ ସେ ସମ୍ବନ୍ଧରେ ସେ ଏବଂ ଅଶୋକ କ୍ଷୁଦ୍ର ଚାଷୀମାନଙ୍କୁ ତାଲିମ ଦିଅନ୍ତି ବୋଲି ମଞ୍ଜୁନାଥ କହିଛନ୍ତି।

ଉଭୟ ମଞ୍ଜୁନାଥ ଓ ଅଶୋକ ଏହି ବ୍ୟବସାୟରୁ ବାର୍ଷିକ ପ୍ରାୟ ୮ କୋଟି ଟଙ୍କା ରୋଜଗାର କରୁଛନ୍ତି। ମଞ୍ଜୁନାଥ କହିଛନ୍ତି, ବେଙ୍ଗାଲୁରୁରେ ଛଅଟି ସାଧାରଣ ଅଣ୍ଡାର ପ୍ୟାକେଟର ଦାମ ୬୦ରୁ ୭୦ ଟଙ୍କା ରହିଥିବାବେଳେ ହାପି ହେନ୍ସର ୬ଟିକିଆ ଅଣ୍ଡା ପ୍ୟାକେଟର ଦାମ ୧୫୦ ଟଙ୍କା ରହିଛି। ଯଦି କୌଣସି ଗ୍ରାହକ ହାପି ହେନ୍ସର ସଦସ୍ୟତା ନିଅନ୍ତି, ତେବେ ତାଙ୍କୁ ୪୦ ପ୍ରତିଶତ ରିହାତି ଦିଆଯାଉଛି ବୋଲି ମଞ୍ଜୁନାଥ କହିଛନ୍ତି। ଏହି ଅଣ୍ଡାକୁ ହାପି ହେନ୍ସ ପକ୍ଷରୁ ସମଗ୍ର ବେଙ୍ଗାଲୁରୁରେ ବିତରଣ କରାଯାଉଥିବା ସେ କହିଛନ୍ତି।

## ତେଲଙ୍ଗାନାରେ ତାଜମହଲ

ୱାରଙ୍ଗଲ



ଆଗାମୀ କିଛିଦିନ ପର୍ଯ୍ୟନ୍ତ ତେଲଙ୍ଗାନାର ୱାରଙ୍ଗଲ ଏବଂ ଏହାର ଆଖପାଖ ଅଞ୍ଚଳବାସୀଙ୍କୁ ତାଜମହଲ ଦେଖିବାକୁ ଆଗ୍ରା ଯିବାର ଆବଶ୍ୟକତା ନାହିଁ। ୱାରଙ୍ଗଲ ସହରରେ ତାଜମହଲ ମଡେଲର ଥିମ୍ ସହ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସ୍ଥାନୀୟ ଏମ୍‌ଜିଏମ୍‌ସ୍ଥିତ ଇସ୍‌ଲାମିଆ ଗ୍ରାଉଣ୍ଡରେ ଚାଲିଥିବା ଏହି ତାଜମହଲ ପ୍ରଦର୍ଶନୀ ସହରବାସୀଙ୍କୁ ବେଶ୍ ଆକର୍ଷିତ କରୁଛି। ପ୍ରତିବର୍ଷ ନଭେମ୍ବରରେ ଇସ୍‌ଲାମିଆ ଗ୍ରାଉଣ୍ଡରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ। ଗତ ବର୍ଷ 'ରୋବୋଟିକ୍ସ ବାର୍ଡସ୍'ର ଥିମ୍ ସହ ଉକ୍ତ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ତେବେ ଚଳିତ ଥର ଏଠାରେ ତାଜମହଲ ଥିମ୍ ସହ ପ୍ରଦର୍ଶନୀକୁ ପ୍ରସ୍ତୁତ କରାଯାଇଛି। ଏହି ପ୍ରଦର୍ଶନୀକୁ ଦେଖିବାକୁ ୱାରଙ୍ଗଲ, ହନୁମ୍‌କୋଣ୍ଡ, କାଜିପେଟ୍ ଏବଂ ଏହାର ଆଖପାଖ ଅଞ୍ଚଳର ବହୁ ଲୋକ ଆସୁଛନ୍ତି। ପ୍ରବେଶ ପାଇଁ ଜଣକ ପିଛା ୮୦ ଟଙ୍କାର ଟିକେଟ ଆଦାୟ କରାଯାଉଛି। ପ୍ରତିଦିନ ଅନେକ ହଜାର ସଂଖ୍ୟାରେ ଲୋକ ଏଠାକୁ ଆସି ଏହି ଅବିକଳ ତାଜମହଲ ମଡେଲକୁ ଉପଭୋଗ କରୁଛନ୍ତି। ଏହି ପ୍ରଦର୍ଶନୀ ଆସନ୍ତା ନଭେମ୍ବର ୧୭ ପର୍ଯ୍ୟନ୍ତ ଜାରି ରହିବ।

ଏଠାକୁ ଆସୁଥିବା ଅନେକ ପରିଦର୍ଶକ କହିଛନ୍ତି, ତାଜମହଲ ଦେଖିବାର ସ୍ୱପ୍ନ ସମସ୍ତଙ୍କର ରହିଥାଏ, କିନ୍ତୁ ଅଧିକାଂଶ ଏହାକୁ ପୂରଣ କରିପାରନ୍ତି ନାହିଁ। ତେଣୁ ଏହି ପ୍ରଦର୍ଶନୀକୁ ଆସି ସେମାନେ ତାଜମହଲ ଦେଖିବାର ଅଭିଜ୍ଞତା ପାଇଛନ୍ତି। ତାଜମହଲ ଦେଖିବା ପାଇଁ ଅନେକ ହଜାର ଟଙ୍କା ଖର୍ଚ୍ଚ କରି ଆଗ୍ରା ଯିବାକୁ ପଡ଼ିଥାଏ, ଯାହା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ଏଭଳି ସ୍ଥିତିରେ ଏଠାକୁ ଆସୁଥିବା ଲୋକମାନେ ମାତ୍ର ୮୦ ଟଙ୍କାରେ ତାଜମହଲକୁ ଦେଖି ପାରୁଛନ୍ତି।

**ସରପଞ୍ଚ ହେଲେ ରାଜେନ୍ଦ୍ର**

ଉଦଳା, (ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଜାମବଣି ପଞ୍ଚାୟତରେ ଶନିବାର ଥିଲା ଉପନିର୍ବାଚନ। ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆସିବାର ୪୧ ଦିନ ପରେ ଏହି ଉପନିର୍ବାଚନ ହୋଇଥିଲା। ଏଥିରେ ୯ ୱାର୍ଡମେମ୍ବରଙ୍କ ସମର୍ଥନରେ ନୂତନ ସରପଞ୍ଚ ହୋଇଛନ୍ତି ନାଏବ ସରପଞ୍ଚ ରାଜେନ୍ଦ୍ର ନାଏକ।



# ୪୩ ଆସନରେ ଲଢ଼ିବ ଜେଏମ୍ଏମ୍

## ଝାଡ଼ଖଣ୍ଡରେ ଇଣ୍ଡିଆ ମେଣ୍ଟର ଆସନ ବୁଝାମଣା ଚୂଡ଼ାନ୍ତ



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଜେଏମ୍ଏମ୍ ନେତା ହେମନ୍ତ ସୋରେନ୍।

**ରାଞ୍ଚି,୨।୧୧**

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଇଣ୍ଡିଆ ବ୍ଲକ୍ର ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ତଦନୁଯାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ଙ୍କ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ୪୩ ଆସନରେ ଲଢ଼ିବାକୁ ଥିବାବେଳେ କଂଗ୍ରେସ ୩୦ ଏବଂ ଆର୍ଜେଡି ୬ ଆସନରେ ପ୍ରାର୍ଥୀ ଦେବ। ଅନ୍ୟତମ ସହଯୋଗୀ ବାମଦଳ ଭାଗରେ ୩ ଆସନ ପଡ଼ିଛି। ୮୨ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ପାଇଁ ନଭେମ୍ବର ୧୩ ଏବଂ ୨୦ରେ ମତଦାନ ହେବାକୁ ଥିବାବେଳେ ୨୩ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ଶନିବାର ବିରୋଧୀ ମେଣ୍ଟର ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଏହା ବ୍ୟତୀତ ଧନୱାର, ଛତ୍ରପୁର ଏବଂ ବିଶ୍ରାମପୁର ଆସନରେ ଇଣ୍ଡିଆ ବ୍ଲକ୍ର ପ୍ରାର୍ଥୀମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବ ବୋଲି ଜଣାପଡ଼ିଛି। ଜେଏମ୍ଏମ୍ ଏହାର ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଥିବାବେଳେ ହେମନ୍ତ ସୋରେନ୍ ବାରହେଟ୍ ଆସନରୁ ଏବଂ ତାଙ୍କ ସ୍ତ୍ରୀ କଳ୍ପନା ମୁର୍ମୁ ସୋରେନ୍ ଗାଣ୍ଡେୟ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ଅଜିତ ପାୱାରଙ୍କୁ ଏନ୍ଡିଏକୁ ଆଣିବା ପଛରେ ଭାଜପାର ବ୍ଲାକ୍ମେଲ୍

## ତଦନ୍ତ ଦାବିକଲା କଂଗ୍ରେସ



ଜୟରାମ ରମେଶ

**ନୂଆଦିଲ୍ଲୀ,୨।୧୧(ପି.ଟି.)**

ଏନ୍ସିପି ନେତା ଅଜିତ ପାୱାରଙ୍କୁ ଏନ୍ଡିଏ ମେଣ୍ଟ ମଧ୍ୟକୁ ଆଣିବାରେ ବ୍ଲାକ୍ମେଲ୍ର ଉପଯୋଗ କରାଯିବା ସହ ଚାପ ପକାଯାଇଥିବା ଅଭିଯୋଗର ତଦନ୍ତ ପାଇଁ କଂଗ୍ରେସ ଶନିବାର ଆହ୍ୱାନ ଦେଇଛି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ନିକଟରେ ଦେଇଥିବା ଏକ ମନ୍ତବ୍ୟରେ କେବଳ ଚାପ ଓ ବ୍ଲାକ୍ମେଲ୍ର ଉପଯୋଗ ହୋଇଥିବାର ସୂଚନା ଦେଇ ନ ଥିଲେ, ବରଂ ଗୋପନୀୟତାର ଶପଥ ଏବଂ ସରକାରୀ ଗୋପନୀୟତା ଆଇନର ଉଲ୍ଲଂଘନ ହୋଇଥିବା ସୂଚାଇଥିଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

୨୦୧୪ ପୂର୍ବରୁ ବିରୋଧୀ ଦଳରେ ଥିବା ଭାଜପା ମହାରାଷ୍ଟ୍ରର ତତ୍କାଳୀନ ଜଳସେଚନ ଓ ଜଳସମ୍ପଦ ମନ୍ତ୍ରୀ ଅଜିତଙ୍କ ବିରୋଧରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିଥିଲା। ଅଜିତଙ୍କ ବିରୋଧରେ ୭୦,୦୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆସିଥିଲା। ଭାଜପାର ଏହି ଅଭିଯୋଗ ପଛରେ ବ୍ଲାକ୍ମେଲ୍ ଏବଂ ଚାପ ରହିଥିବା ଅଜିତ ଏବେ ସ୍ପଷ୍ଟ କରିଛନ୍ତି। ତାଙ୍କୁ ଏନ୍ଡିଏକୁ ଆଣିବା ପାଇଁ ଭାଜପା ଏଭଳି କୌଶଳର ଉପଯୋଗ କରିଥିବା ଜୟରାମ କହିଛନ୍ତି। ଦେବେନ୍ଦ୍ର ଫଡ୍ନବିସ୍ ମୁଖ୍ୟମନ୍ତ୍ରୀ ହେବା ପରେ ଅଜିତଙ୍କୁ ଏକ ଫାଇଲ ଦେଖାଇଥିଲେ, ଯେଉଁଥିରେ ଜଳସେଚନ ଦୁର୍ନୀତି ଅଭିଯୋଗରେ ତାଙ୍କ ବିରୋଧରେ ତଦନ୍ତ ପାଇଁ ସୁପାରିସ କରାଯାଇଥିଲା। ଆମ ସହ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ବୋଲି ଏହା ଏକ ଧମକ ଥିଲା। ଗତବର୍ଷ ଅଜିତ ଓ ତାଙ୍କ ସମର୍ଥକ ଏନ୍ସିପି ବିଧାୟକମାନେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଦଳରୁ ଅଲଗା ହୋଇ ଶିବସେନା-ଭାଜପା ମେଣ୍ଟ ସରକାରରେ ସାମିଲ ହୋଇଥିଲେ। ଏହା ପଛରେ କେବଳ ବ୍ଲାକ୍ମେଲ ଏବଂ ଚାପ ନୁହେଁ ବରଂ ଗୋପନୀୟତା ଆଇନର ଉଲ୍ଲଂଘନ ହୋଇଥିବାରୁ ଏହା ଏକ ଗମ୍ଭୀର ପ୍ରସଙ୍ଗ, ଯାହାର ତଦନ୍ତ ହେବ ଜରୁରୀ ବୋଲି କଂଗ୍ରେସ ନେତା କହିଛନ୍ତି।

# ପିଡିଏସ୍ ଚାଉଳ ନ ମିଳିବାରୁ ଆମ୍ବଟାକୁଆ ଖାଇବାକୁ ବାଧ ହୋଇଥିଲେ: ବିଜେଡି

**ଭୁବନେଶ୍ୱର,୨।୧୧(ଅନିଲ ଦାସ)**

ରାଜ୍ୟରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ରାଜ୍ୟର ପିଡିଏସ୍ ଭୁଶୁଡ଼ି ପଡ଼ିଥିବା ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ଦଳର ମୁଖପାତ୍ର ସଞ୍ଜୟ ଦାସବର୍ମା ଏବଂ ମିଡିଆ ସଂଯୋଜକ ଲେନିନ ମହାନ୍ତି କହିଛନ୍ତି।

ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ଏହି ଘଟଣା ରାଜ୍ୟ ଭାଜପା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ମୃତକ ଓ ଗୁରୁତର ସମସ୍ତ ମହିଳାଙ୍କ ପରିବାର ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ମିଳୁଥିବା ଚାଉଳ ଗତ ୪ ମାସ ହେଲା ପାଇ ନାହାନ୍ତି ବୋଲି ସ୍ଥାନୀୟ ଅଞ୍ଚଳରୁ ଜାଣିବାକୁ ମିଳିଛି । ପରିବାରକୁ ପ୍ରତି ମୁଣ୍ଡପିଛା ୫ କେ.ଜି. ଚାଉଳ ମିଳିଥାଏ। ଏହି ଚାଉଳ ଗତ ୪ ମାସ ଧରି ମିଳି ନ ଥିବାରୁ ସେମାନେ ଆମ୍ବଟାକୁଆ ଜାଉ ଖାଇବାକୁ ବାଧ ହୋଇଛନ୍ତି ବୋଲି ଦାସବର୍ମା କହିଛନ୍ତି। ଦେଶରେ ଯେପରି କେହି କ୍ଷୁଧାରେ ରହିବେ ନାହିଁ ଲକ୍ଷ୍ୟ ନେଇ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ)ପ୍ରଣୟନ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟର ବହୁ ଲୋକ ବଞ୍ଚିତ ହେଉଥିଲେ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରାଯାଇଥିଲା, ଯାହା ମାଧ୍ୟମରେ ଅଧିକ ୨୫ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଥିଲା। ଲଗାତର ଭାବେ ୪ ମାସ ଧରି ଚାଉଳ ନ ମିଳିବା ଖାଦ୍ୟ ସୁରକ୍ଷା ଯୋଜନାର ଲକ୍ଷ୍ୟ ହାସଲରୁ ବିଚ୍ୟୁତ ହୋଇଛି । ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଘଟଣାକୁ ହାଲୁକା ଭାବେ ନେଇ ଆମ୍ବଟାକୁଆ ସେହି ଅଞ୍ଚଳ ବାସିନ୍ଦାମାନଙ୍କର ନିୟମିତ ଖାଦ୍ୟ ବୋଲି ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଞ୍ଜୟ କହିଛନ୍ତି।

## ରାଜ୍ୟ ସରକାରଙ୍କ ବିଫଳତାର ପରିଣାମ: ସିପିଆଇ(ଏମ୍)

ଓଡ଼ିଶାରେ ବହୁଳ ପ୍ରଚାରିତ ଭାଜପାର ଡବଲ୍ଇଞ୍ଜିନ ସରକାର ପ୍ରତିଷ୍ଠା ହେବାର ୫ମାସ ନ ପୂରୁଣ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳରେ ଖାଦ୍ୟ ଅଭାବରେ ଆମ୍ବଟାକୁଆ ଜାଉ ଖାଇ ୨ଜଣ ଆଦିବାସୀଙ୍କର ମୃତ୍ୟୁ ଘଟିଛି । ଏଥିପାଇଁ ରାଜ୍ୟ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ଓ ଏହା ସରକାରଙ୍କ ବିଫଳତାର କାରଣ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଶନିବାର ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଳୀ କିଶୋର ପଟ୍ଟନାୟକଙ୍କ ସମେତ ବରିଷ୍ଠ ନେତା ଜନାର୍ଦ୍ଦନ ପତି, ଦୁଷ୍ମନ୍ତ ଦାସ ଏବଂ ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅପପୁଷ୍ଟି ପ୍ରସଙ୍ଗରେ ବିବୃତି ଦେଇ ବିଜେଡି ନିଜ ବିଫଳତାକୁ ପରିପ୍ରକାଶ କରିଛି: ଭାଜପା

**ଭୁବନେଶ୍ୱର,୨।୧୧(ଅନିଲ ଦାସ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଏନେଇ ରାଜ୍ୟ ସରକାର ଚିନ୍ତିତ ଓ ସଚେତନ ଅଛନ୍ତି। ତୁରନ୍ତ ଘଟଣାସ୍ଥଳକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ପଠାଇ ଏହାର ତଦନ୍ତ କରିଛନ୍ତି। ଏହି ଘଟଣାର ତ୍ୱରିତ୍ ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ପ୍ରାଥମିକ ତଦନ୍ତ ଅନୁସାରେ ମୃତକ ୨ ଜଣଙ୍କ ସମେତ ଚିକିତ୍ସିତ ହେଉଥିବା ୬ ଜଣଙ୍କୁ ଗତ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ଅକ୍ଟୋବର-ଡିସେମ୍ବର ମାସର ରାଶନ ବଣ୍ଟନ ପ୍ରକ୍ରିୟା ଜାରି ରହିଛି। ତେଣୁ ରାଶନ ସାମଗ୍ରୀ ନ ପାଇବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେଡି ନେତାମାନେ ଏଭଳି ଭିତ୍ତିହୀନ ଅଭିଯୋଗ କରୁଛନ୍ତି। ୨୪ ବର୍ଷ ଶାସନରେ 'ନଗଡ଼ା ଇତିହାସ' ସୃଷ୍ଟି କରିଥିବା ବିଜେଡି ଆଜି ଅପପୁଷ୍ଟି ପ୍ରସଙ୍ଗରେ ବିବୃତି ଦେଇ ନିଜ ବିଫଳତାକୁ ପରିପ୍ରକାଶ କରିଛି ବୋଲି ଭାଜପା ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ବିଜେଡି ଶାସନବେଳେ ଓଡ଼ିଶାରେ ୩୧ ପ୍ରତିଶତ ଶିଶୁ ପୁଷ୍ଟିହୀନତା ଏବଂ ୬୪ ପ୍ରତିଶତ ଶିଶୁ ରକ୍ତହୀନତାର ଶିକାର ହୋଇଥିଲେ। ସେହିପରି ୬୧.୮ ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର ହୋଇଛନ୍ତି। ଉତ୍ତରାଧିକାରୀ ଭାବେ ବିଜେଡି ସରକାରର ଏଭଳି ଅଲୋଡ଼ା ସଫଳତା ଆମକୁ ମିଳିଛି। କିନ୍ତୁ ଭାଜପା ସରକାରର ଲୋକ କଲ୍ୟାଣ କାର୍ଯ୍ୟରେ ବିରୋଧୀ ବିଜେଡି ନେତାମାନେ ଈର୍ଷାନ୍ୱିତ ହୋଇପଡ଼ିଛନ୍ତି। ନିଜ ଦଳର ଅନ୍ତଃକନ୍ଦଳକୁ ଲୋକ ଲୋଚନରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଅଯଥା ବିବୃତିମାନ ଦେଉଛନ୍ତି ବୋଲି ତ୍ରିପାଠୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ।

# ବିଜେଡି-ଭାଜପା ମୁହାଁମୁହିଁ

## ନବୀନଙ୍କ ସୁରକ୍ଷା ହ୍ରାସ

**ଭୁବନେଶ୍ୱର,୨।୧୧(ଅନିଲଦାସ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସୁରକ୍ଷା ହ୍ରାସ କରାଯାଇଛି। ୨୩ ଜଣିଆ ସୁରକ୍ଷା କର୍ମୀଙ୍କୁ କମାଇ ୨ ଜଣ ପିଏସ୍ଓ ନିଯୁକ୍ତ କରିବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି। ନିର୍ବାଚନର ପ୍ରାୟ ୫ ମାସ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କଠାରୁ ସୁରକ୍ଷା କର୍ମୀ ପ୍ରତ୍ୟାହାର ହୋଇଛନ୍ତି। ବିରୋଧୀ ଦଳ ନେତାଭାବେ ନବୀନଙ୍କୁ କେବଳ ୨ ଜଣ ପିଏସ୍ଓ ମିଳିବ। ପାଇଲଟ୍ ଗାଡ଼ି ରହିବ ନାହିଁ। ସେହିପରି ନିର୍ବାଚନ ପରେ କୌଣସି ପଦ ପଦବୀରେ ନ ଥିଲେ ମଧ୍ୟ ପାଣ୍ଡିଆନଙ୍କୁ ୨ଜଣ ପିଏସ୍ଓ ଜଗୁଥିଲେ। ତାଙ୍କଠାରୁ ମଧ୍ୟ ରାଜ୍ୟ ସରକାର ପିଏସ୍ଓ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଆଇପିଏସ୍ ଡିଏସ୍ କୁଟ୍ଟେଙ୍କ ୟୁନିଟ-୧ସ୍ଥିତ ସରକାରୀ କ୍ୱାର୍ଟର୍ସରେ ୪ ସୁରକ୍ଷା କର୍ମୀଙ୍କ ସହ ୨ ଜଣ ହୋମଗାର୍ଡ ନିୟୋଜିତ ଥିଲେ। ସମସ୍ତଙ୍କୁ ସରକାର ପ୍ରତ୍ୟାହାର କରି ନେଇଥିବା କୁହାଯାଉଛି। ନବୀନଙ୍କ ସୁରକ୍ଷା କମିବା ପରେ ବିଜେଡି ବରିଷ୍ଠ ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ଭାଜପା ସରକାରଙ୍କ ଆଚରଣ ଆଚମ୍ବିତ କରିଛି। ନବୀନଙ୍କ ସୁରକ୍ଷାରେ ତ୍ରୁଟି ହେଲେ ତା'ର ଉତ୍ତରଦାୟିତ୍ୱ ସରକାର ନେବେ। ଅପର ବରିଷ୍ଠ ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ସରକାରୀ ନିୟମ ଅନୁଯାୟୀ କାମ ହେଉଛି। ମୁଁ ବିରୋଧୀ ଦଳରେ ଥିବା ବେଳେ ପିଏସ୍ଓ ନେଉ ନ ଥିଲି। ଶାସନ କାଳରେ କରିଥିବା ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାର ପାଇଁ ସେମାନଙ୍କୁ ଭୟ ଘାରି ଥିବାରୁ ଅଧିକ ସୁରକ୍ଷା ମାଗୁଛନ୍ତି ବୋଲି ଜୟନାରାୟଣ କହିଛନ୍ତି।

# ସରକାର ୫ ନୁହେଁ, ୧୫ କିଲୋ ଚାଉଳ ଦିଅନ୍ତୁ: ଶ୍ରୀକାନ୍ତ



ମାଣ୍ଡିପଙ୍କାରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଓ ଅନ୍ୟମାନେ।

**ଦାରିଙ୍ଗବାଡ଼ି, ୨।୧୧ (ଅରୁଣ ସାହୁ)**

କଂଗ୍ରେସର ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ବ୍ରହ୍ମପୁରର ବରିଷ୍ଠ ଓକିଲ ଦୀପକ ପଟ୍ଟନାୟକ, ଅମିରଚାନ୍ଦ ନାୟକ ପ୍ରମୁଖ ଶନିବାର ମାଣ୍ଡିପଙ୍କାରେ ମୃତକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିଛନ୍ତି। ଏହି ଅବସରରେ ଶ୍ରୀକାନ୍ତ କହିଛନ୍ତି, ପିଡିଏସ୍ ଚାଉଳ ଠିକ୍ ସମୟରେ ଲୋକଙ୍କୁ ମିଳୁ ନ ଥିବା ବେଳେ ମାତ୍ର ୫ କିଲୋ ଚାଉଳ ସେମାନଙ୍କ ଆବଶ୍ୟକତା ମେଣ୍ଟାଇପାରୁ ନାହିଁ। ତେଣୁ ସରକାର ୫ କିଲୋ ପରିବର୍ତ୍ତେ ୧୫ କିଲେ ଚାଉଳ ଦିଅନ୍ତୁ ବୋଲି ସେ କହିଛନ୍ତି ।

ଶ୍ରୀକାନ୍ତ ସ୍ଥାନୀୟ ସ୍ଥିତି ଦେଖି ଆହୁରି କହିଛନ୍ତି ଯେ ଟେଲିକମ୍ ନେଟୱାର୍କ, ରାସ୍ତା ସମ୍ପ୍ରସାରଣ ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ସରକାର ଗୁରୁତ୍ୱ ଦେବା ଦରକାର। ଉପରଲିଖିତ ଘଟଣା ଚାରିଆଡ଼େ ଚହଳ ସୃଷ୍ଟି କରିଥିବା ବେଳେ କନ୍ଧମାଳ ଜିଲ୍ଲାପାଳ ମାଣ୍ଡିପଙ୍କାରେ ପହଞ୍ଚି ନ ଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମଧ୍ୟ ଚାଉଳ ମିଳିବା ବିଳମ୍ବ ସହ ଦୁର୍ଗମ ବ୍ରାହ୍ମଣୀଗାଁ ଅଞ୍ଚଳକୁ ବ୍ଲକ ଘୋଷଣା କରାଗଲେ ଏଭଳି ବଡ଼ ସମସ୍ୟା ହେବ ନାହିଁ ବୋଲି କହିଛନ୍ତି ।

# ବିଜେଡିରୁ କୋରୁକୋଣ୍ଡା ବ୍ଲକ୍ ଉପାଧ୍ୟକ୍ଷାଙ୍କ ସହ ୭ ଜଣଙ୍କ ଇସ୍ତଫା

**କୋରୁକୋଣ୍ଡା/ମାଲକାନଗିରି,୨।୧୧ (ଶିବଦତ୍ତ ସାହୁ/ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଉପାଧ୍ୟକ୍ଷାଙ୍କ ସହ ୬ ସମିତି ସଭ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ବ୍ଲକ ଉପାଧ୍ୟକ୍ଷା ମାନସିକ ପଡିଆମି, ସମିତି ସଭ୍ୟ ରୀନା ମାଡକାମି, ଇର୍ମା ମାଡ଼ି, ପଦିଆ ସୋଡ଼ି, ମଦାନୀ ପାମିଆ, ପର୍ଶୁରାମ ଖେମୁଣ୍ଡୁ ଓ ଲଇଛନ ଶିଶା। ଏ ନେଇ ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପତ୍ର ଦ୍ୱାରା ଜଣାଇ ଦିଆଯାଇଛି। କୋରୁକୋଣ୍ଡା ବ୍ଲକ୍ ଅଧ୍ୟକ୍ଷ ଜିତୁ ବୁରୁଡ଼ି ଓ ବ୍ଲକ୍ ବିଜେଡି ସଭାପତି ସତ୍ୟ ପାଣିଗ୍ରାହୀ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଆମେ ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଓ ପୂର୍ବତନ ଏମ୍ପିଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିଲାନାହିଁ। ଏକ ଅନାସ୍ଥା ପ୍ରସ୍ତାବ ଆଣିବା ସହ ବିଜେଡିର ଜଣେ ସଦସ୍ୟଙ୍କୁ ହିଁ ବ୍ଲକ ଅଧ୍ୟକ୍ଷ ଭାବେ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲୁ। କିନ୍ତୁ ତାହା ମଧ୍ୟ ବିଫଳ ହେଲା । ଅପରପକ୍ଷେ ପାଣିଗ୍ରାହୀ ଓ ବୁରୁଡ଼ି ଆମମାନଙ୍କୁ କଂଗ୍ରେସର ସଦସ୍ୟ ବୋଲି ଅପପ୍ରଚାର କରିଥିଲେ। ବାଧ ହୋଇ ଦଳ ଛାଡ଼ିଲୁ ବୋଲି ଉଲ୍ଲେଖ କରିଛନ୍ତି ।


**GOVERNMENT OF ODISHA** No.C-888

**OFFICE OF THE SUPERINTENDING ENGINEER : G.P.H. DIVISION NO. II : SAMBALPUR-768001**

Email Id : gphdivn.2@gmail.com

Letter No. 15545 Dt. 30.10.2024

The tenders for the following works bearing INVITATIONS FOR BIDS (I.F.B) E-Procurement Notice IDENTIFICATION No.IFB-01/S.E.G.P.H-SBP of 2024-25 is here by cancelled due to unavailable circumstances.

| Sl. No. | Name of the Work | Approx. Value of Work excl. GST (Rs. In Lakhs) |
|---|---|---|
| 1 | Construction of Proposed Additional Modification (GF + Extension) of existing Hexagonal Structure of OAV at BHQ Daringbadi under Daringbadi Block in Kandhamal District. (P.H Works) | Rs. 1475889/- |
| 2 | Improvement of P.H work to Gents and Ladies Toilet at OAV Govindpur in the Dist. of Bargarh for the year 2024-25. (GF + FF) | Rs. 2116229/- |
| 3 | Construction of P.H work to Polytechnic Building at Nuapada | Rs. 790350/- |

Sd./- Executive Engineer, G.P.H. Division No-II, Sambalpur

OIPR-13006/11/0002/2425

**GOVERNMENT OF ODISHA** No.O-510

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**

e-mail: serwsbd2003@yahoo.com

**e-Procurement Notice for Building Works**

1. Name of the work : 1) Construction of Building works - 05 Nos. 2) Construction of compound wall around the Land Alienated for Construction of Court Building at Korukonda in the District of Malkangiri - 01 No.
2. Class of contractor : "B" Class & "A" Class of (Odisha PWD) or relevant class of other licencing authority.
3. Estimated Cost : Varies from Rs.102.97 Lakhs to Rs.117.53 Lakhs (Approximately)
4. Detail projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-13/ 2024-25 | 05.11.2024 at 11.00 A.M. | 20.11.2024 up to 5.00 P.M. | 19.11.2024 Up to 1.00 P.M. | 21.11.2024 at 11.00 A.M. | To be intimated separately |

5. The details of works can be seen from the website https://www.tendersodisha.gov.in
6. Any Corrigendum/Addendum will be displayed in the above e-tender websites.

OIPR-25182/11/0017/2425 Sd./- Additional Chief Engineer, Rural Works Circle, Sunabeda

**GOVERNMENT OF ODISHA** No.O-561

**OFFICE OF THE SUPERINTENDING ENGINEER RURAL WORKS DIVISION, NIMAPARA**

Mail I.D - ee_nimapara@yahoo.co.in

No. : Tender Online-Divn.NPR-03/2024-25 Date : 25.10.2024

**e-Procurement NOTICE**

1 Name of the work : Building Works for the year 2024-25
2 Total No. of Projects : 03 (One) no. of projects
3 Estimated cost of projects : Various from Rs. 54.75 laks to Rs. 55.35 lakhs
4 Class of contractor
A) Estimated Cost above Rs. 20.00 lakhs and upto Rs. 300.00 Lakhs : "B" Class (of Odisha PWD) or relevant Class of other licensing authorities
B) Estimated Cost more than Rs. 20.00 lakhs and upto Rs. 40.00 Lakhs : "C" Class & "B" Class (of Odisha PWD) or relevant Class of other licensing authorities
C) Estimated Cost upto Rs. 20.00 Lakhs : "D" Class & "C" Class (of Odisha PWD) or relevant Class of other licensing authorities
5 Mode of Submission of tender : Tender should be submitted online only in website www.tendersorissa.gov.in
6 Period of Completion : As per TCN
7 Other details

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender On-line-Divn. NPR-03/2024-25 | 02.11.2024 at 11.00 A.M. | 12.11.2024 up to 5.00 P.M. | 11.11.2024 up to 11.00 A.M. | 13.11.2024 at 11.00 A.M. Office of the S.E.R.W. Division, Nimapara |

Further details can be seen from the website www.tendersorissa.gov.in

Sd./- Superintending Engineer, Rural Works Division, Nimapara

OIPR-25099/11/0003/2425

**ଓଡ଼ିଶା ସରକାର**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର**

**ଅଧିସୂଚନା**

ନମ୍ବର– 1(a)-08-2024-LAO-SBP-489 ତାରିଖ: 25.10.2024

No. VI- : ଯେହେତୁ, ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲ୍ଲାରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ସମୁଦାୟ ଏକର ୦.୦୭୩ ଡିସିମିଲ ଜମି ମୌଜା: ସମ୍ବଲପୁର ଟାଉନ ୟୁନିଟ୍ ନମ୍ବର – ୧୫ ଅଇଁଠାପାଲି (ଏକର ୦.୦୩୭) ଓ ସମ୍ବଲପୁର ଟାଉନ ୟୁନିଟ୍ ନମ୍ବର – ୦୫ ସାକ୍ଷୀଗୋପୀନାଥ (ଏକର ୦.୦୩୬)ରେ ନିମ୍ନ ତଫସିଲ ମତେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ସ୍ୱେରେଜ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ପ୍ରକଳ୍ପ ଯନ୍ତ୍ରୀ, ଓଡ଼ିଶା ଜଳ ଯୋଗାଣ ଓ ପରିମଳ ପରିଷଦ, ସମ୍ବଲପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: କୌଣସି ପରିବାର ବିସ୍ଥାପିତ ହେଉ ନାହାନ୍ତି।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଏଥି ସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ସମ୍ବଲପୁର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନମ୍ବର | ପ୍ଲଟ ନମ୍ବର | ସମୁଦାୟ ଅଞ୍ଚଳ ଏକରରେ | ଅଧିଗ୍ରହଣ କରାଯିବାକୁ ଥିବା ଅଞ୍ଚଳ ଏକରରେ | ଲିପିବଦ୍ଧ ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ସମ୍ବଲପୁର | ସଦର | ୟୁନିଟ୍-୦୫ ସାକ୍ଷୀଗୋପୀନାଥ | ସହରାଞ୍ଚଳ | ୫୫୯ | ୭୪୧ରୁ | ୦.୦୭୩ | ୦.୦୩୬ | ସମାରୀ ଖଡ଼ିଆ, ପି.: ଶୁକ୍ରୁ ଖଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ, ଭଗବାନ ଖଡ଼ିଆ, ରାମଦାସ ଖଡ଼ିଆ, ପି.: ସାନକା ଖଡ଼ିଆ, କଇତା ଖଡ଼ିଆ, ସ୍ୱା.: ସାନକା ଖଡ଼ିଆ, ଫିକୁ ଖଡ଼ିଆ, କାନ୍ଧନା ଖଡ଼ିଆ, ପି.: ବୈଜା ଖଡ଼ିଆ, ପାନ ଖଡ଼ିଆ, ସ୍ୱା.: ବୈଜା ଖଡ଼ିଆ, ସୁକୁ ମୁନି ଖଡ଼ିଆ, ସଂଜିତ୍ ଖଡ଼ିଆ, ପି.: ରଘୁ ଖଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ ପଡ଼ା, କେରେଟୋଲା |
| ସମ୍ବଲପୁର | ସଦର | ୟୁନିଟ୍-୧୫ ଅଇଁଠାପାଲି | ସହରାଞ୍ଚଳ | ୫୫୯/ ୧୨୫୮ | ୧୭୬୪/ ୫୯୭୯ରୁ | ୦.୧୮ | ୦.୦୩୭ | ସଂଯୁକ୍ତା ଆଚାର୍ଯ୍ୟ, ସ୍ୱାମୀ: ମୋହନ ଚନ୍ଦ୍ର ଆଚାର୍ଯ୍ୟ, ଜାତି: ବ୍ରାହ୍ମଣ, ବା: ମନ୍ଦିର ପଡ଼ା, ବେଲପାହାଡ଼ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ସମ୍ବଲପୁରଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ସମ୍ବଲପୁର

OIPR-24408/14/0008/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ଆୱେ ବିଜୟ ଲକ୍ଷ୍ୟରେ ଓଏଫ୍‌ସି

**ଇଣ୍ଡିଆନ୍ ସୁପର୍ ଲିଗ୍**

**ଭୁବନେଶ୍ୱର,୨।୧୧(ସରୋଜ ଜେନା)**

ଇଣ୍ଡିଆନ୍‌ସୁପର୍‌ଲିଗ୍(ଆଇଏସ୍‌ଏଲ୍)ରେ ପ୍ରଥମ ଆୱେ (ବାହାର) ବିଜୟ ଲକ୍ଷ୍ୟରେ ରହିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ରବିବାର ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ଇନ୍ଦିରା ଗାନ୍ଧୀ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଦଳ ଖେଳିବ। ଚଳିତ ସିଜନରେ ୬ ମ୍ୟାଚ୍‌ରୁ ଓଏଫ୍‌ସି ଦୁଇଟି ଲେଖାଏ ବିଜୟ, ପରାଜୟ ଓ ଡ୍ର ରଖିଛି। ଦୁଇଟି ଯାକ ବିଜୟ ଘରୋଇ ମ୍ୟାଚ୍‌ରେ ଆସିଥିବା ବେଳେ ବାହାର ମ୍ୟାଚ୍‌ରେ ପ୍ରଥମ ବିଜୟ ପାଇଁ ଦଳ ପ୍ରୟାସ କରିବ। ଶେଷ ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଦଳ ଅନ୍ତିମ ୨୫ ମିନିଟରେ ୧୦ ଜଣିଆ ଦଳକୁ ନେଇ ଖେଳିଥିଲେ ମଧ୍ୟ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଥିଲା। ଗୋଲ୍‌କିପର ଅମରିନ୍ଦର ସିଂ ଓ ଡିଫେଣ୍ଡର କାର୍ଲୋସ ଡେଲଗାଡୋ ଚମତ୍କାର ପ୍ରଦର୍ଶନ କରିଥିଲେ। ଓଏଫ୍‌ସି ଏହାର ଅନ୍ତିମ ୨ ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଥିବା ବେଳେ ମୁମ୍ବାଇ ସହ ଡ୍ର ରଖିଛି।

ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ରେଡ୍ କାର୍ଡ ପାଇଥିବା କାରଣରୁ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ମିଡଫିଲ୍ଡର ଅହମଦ ଜାହୋହୋ ଏହି ମ୍ୟାଚ୍ ପାଇଁ ବାହାରେ ବସିବେ। ସହକାରୀ କୋଚ୍ ଆଣ୍ଟୋନୀ ଫର୍ନାଣ୍ଡେସ୍ ଏହି ମ୍ୟାଚ୍‌ରେ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ। ମ୍ୟାଚ୍ ପାଇଁ ଓଡ଼ିଶା ଛାଡ଼ିବା ପୂର୍ବରୁ ଓଏଫ୍‌ସି କୋଚ୍ ଆଣ୍ଟୋନୀ ଫର୍ନାଣ୍ଡେସ୍ ଓ ଫରୱାର୍ଡ ରହିମ୍ ଅଲୀ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇଥିଲେ। ମିଡ୍‌ଫିଲ୍ଡର ହ୍ୟୁଗୋ ବ୍ୟୁମୋସ ଆହତ ଥିବାବେଳେ ସେ ସୁସ୍ଥ ହେଉଥିବା ସୂଚନା ଦେଇଛନ୍ତି ଆଣ୍ଟୋନୀ ଫର୍ନାଣ୍ଡେସ୍। ନର୍ଥଇଷ୍ଟ ୟୁନାଇଟେଡ୍ ଚଳିତ ସିଜନରେ ଭଲ ପ୍ରଦର୍ଶନ କରିଛି। ତେଣୁ କୌଣସି ଖେଳାଳିଙ୍କ ପାଇଁ ନୁହେଁ ବରଂ ସମ୍ପୂର୍ଣ୍ଣ ଦଳ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି। ଦଳ ଏହାର କର୍ନରଗୁଡ଼ିକୁ ଗୋଲରେ ପରିଣତ କରିବାରେ ବିଫଳ ହେଉଥିବା ବେଳେ ଏଥିରେ ଉନ୍ନତି ଆଣିବାକୁ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି ଫରୱାର୍ଡ ରହିମ୍ ଅଲୀ। ଉଲ୍ଲେଖଯୋଗ୍ୟ ଯେ, ଓଏଫ୍‌ସି ପଏଣ୍ଟ ଟେବୁଲରେ ସପ୍ତମ ଓ ନର୍ଥଇଷ୍ଟ ପଞ୍ଚମ ସ୍ଥାନରେ ରହିଛି।



ଖବରଦାତା ସମ୍ମିଳନୀରେ ଆଣ୍ଟୋନୀ ଫର୍ନାଣ୍ଡେସ୍ ଓ ରହିମ୍ ଅଲୀ।

# ଡିଫେଣ୍ଡର ଏଡାଥୋଡିକାଙ୍କ ଅବସର



**ମାଲପୁରମ (କେରଳ), ୨।୧୧(ପି.ଟି.)**

ପୂର୍ବତନ ଭାରତୀୟ ଡିଫେଣ୍ଡର ଅନସ ଏଡାଥୋଡିକା ପ୍ରଫେଶନାଲ ଫୁଟ୍‌ବଲରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଫଳରେ ତାଙ୍କ ଦୀର୍ଘ ୧୭ବର୍ଷର ସିନିୟର ପ୍ରଫେଶନାଲ କ୍ୟାରିୟରର ଅନ୍ତ ଘଟିଛି। ଏହି ୩୭ ବର୍ଷୀୟ ଖେଳାଳି ଭାରତ ତରଫରୁ ୨୧ଥର ପ୍ରତିନିଧିତ୍ୱ କରିଥିବା ବେଳେ ୧୭୨ ପ୍ରତିଯୋଗିତାମୂଳକ କ୍ଲବ ଫୁଟ୍‌ବଲ ମ୍ୟାଚ ଖେଳିଛନ୍ତି। ଏଡାଥୋଡିକା ତାଙ୍କ ସିନିୟର କ୍ୟାରିୟର ୨୦୦୭ରେ ମୁମ୍ବାଇ ଏଫ୍‌ସି ସହ ଆରମ୍ଭ କରିଥିଲେ। ପରେ ସେ ୨୦୧୧ରେ ପୁଣେ ଏଫ୍‌ସିରେ ଯୋଗଦାନ କରିଥିଲେ। ଏଡାଥୋଡିକା ୨୦୧୫ରେ ଦିଲ୍ଲୀ ଡାଇନାମୋସ ତରଫରୁ ଖେଳି ତାଙ୍କର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇଏସ୍‌ଏଲ୍)ରେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିବା ସହ ଏକ ଗୋଲ୍ ସ୍କୋର କରିଥିଲେ। ତାଙ୍କ କ୍ୟାରିୟରର ଏହା ହେଉଛି ଏକମାତ୍ର ଗୋଲ୍। ସେ ଦେଶର ଅନ୍ୟ କେତେକ ଟପ୍ କ୍ଲବ ତରଫରୁ ମଧ୍ୟ ଖେଳିଛନ୍ତି। ସେଗୁଡ଼ିକ ମଧ୍ୟରେ ମୋହନ ବାଗାନ (୧୦୧୭ରେ ଲୋନ୍ ଭିତ୍ତିରେ), ଜାମସେଦପୁର (୨୦୧୭-୧୮ ଏବଂ ୨୦୨୧-୨୨), କେରଳ ବ୍ଲାଷ୍ଟର୍ସ (୨୦୧୮-୧୯) ଓ ଏଟିକେ (୨୦୧୯-୨୦)। କ୍ୟାରିୟରର ପରବର୍ତ୍ତୀ ପର୍ଯ୍ୟାୟରେ ଏଡାଥୋଡିକା ଗୋକୁଲମ କେରଳ ଏଫ୍‌ସି (୨୦୨୩-୨୪) ତରଫରୁ ଖେଳିଥିଲେ। ପରେ ଚଳିତବର୍ଷ ସେ ତାଙ୍କ ଶେଷ କ୍ଲବ ମାଲାପୁରମ ଏଫ୍‌ସି ତରଫରୁ ଖେଳିଥିଲେ। ଏଡାଥୋଡିକା ୨୦୧୭ରେ ଭାରତ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ କାମ୍ବୋଡିଆ ବିପକ୍ଷରେ ଖେଳିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଭାରତ ୩-୨ ଗୋଲ୍‌ରେ ବିଜୟ ଲାଭ କରିଥିଲା। ୨୦୧୯ରେ ସେ ଭାରତ ତରଫରୁ ଶେଷ ଥର ପାଇଁ ଖେଳିଥିଲେ। ୨୦୧୭ରେ ଅନୁଷ୍ଠିତ ଟ୍ରାଇ-ନେଶନ ସିରିଜରେ ସେଣ୍ଟ କିଟ୍ସ ଓ ନେଭିସ ଏବଂ ମରିସସ ବିପକ୍ଷରେ ବ୍ଲୁ ଟାଇଗର୍ସର ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଏହାର ପରବର୍ଷ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଜିତିବାରେ ମଧ୍ୟ ତାଙ୍କର ଅବଦାନ ରହିଥିଲା।

**୧୯ ବର୍ଷରୁ କମ୍ ବକ୍ସିଂ ବିଶ୍ୱକପ୍**

# କ୍ରିଷ୍ଣାଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୨।୧୧ (ପି.ଟି.)**

ଆମେରିକାର କଲୋରାଡୋଠାରେ ୱାର୍ଲ୍ଡ ବକ୍ସିଂ ତରଫରୁ ପ୍ରଥମଥର ଆୟୋଜିତ ୧୯ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର କ୍ରିଷ୍ଣା ବର୍ମା ୭୫ କେଜି ଶ୍ରେଣୀରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଅନ୍ୟ ୫ଜଣ ରୌପ୍ୟ ଜିତିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ କ୍ରିଷ୍ଣା ୫-୦ ସର୍ବସମ୍ମତି ନିଷ୍ପତ୍ତିରେ ଜର୍ମାନୀର ସିମନ ଲେରିକାଙ୍କୁ ହରାଇ ଦେଇଛନ୍ତି।


ପୋଡିୟମରେ କ୍ରିଷ୍ଣା ବର୍ମା(ମଝି)।

ଫାଇନାଲରେ ହାରି ରୌପ୍ୟ ଜିତିଥିବା ଭାରତୀୟ ବକ୍ସରମାନେ ହେଲେ ଚଞ୍ଚଲ ଚୌଧାରୀ (ମହିଳା ୪୮କେଜି), ଅଞ୍ଜଳୀ କୁମାରୀ ସିଂ (ମହିଳା ୫୭କେଜି), ଭିନି (ମହିଳା ୬୦ କେଜି), ଆକାଂକ୍ଷା ଫାଲାସ୍ୱାଲ (ମହିଳା ୭୦କେଜି) ଓ ରାହୁଲ କୁଣ୍ଡୁ (ପୁରୁଷ ୭୫କେଜି)। ଚଞ୍ଚଲ ଡିସ୍‌କ୍ୱାଲିଫାଏ ହୋଇଯିବାରୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଅଞ୍ଜଳୀ ଇଂଲଣ୍ଡର ମିଆ-ଡିଆ ଆଇଟନଙ୍କଠାରୁ ୦-୫ରେ ପରାଜିତ ହୋଇଛନ୍ତି। ସେହିପରି ଆକାଂକ୍ଷା ଓ ରାହୁଲ ଯଥାକ୍ରମେ ଇଂଲଣ୍ଡର ଲିଲି ଡିକନ୍ ଓ ୟୁଏସ୍‌ଏର ଅଗ୍ୱିନୋଙ୍ଗ୍ୟାଙ୍କଠାରୁ ସମାନ ୧-୪ ବ୍ୟବଧାନରେ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଭିନି ଇଂଲଣ୍ଡର ଏଲା ଲନ୍ସଡେଲ୍‌ଙ୍କଠାରୁ ୨-୩ ବିଭାଜିତ ରାୟରେ ପରାସ୍ତ ହୋଇଛନ୍ତି। ଫାଇନାଲରେ ପ୍ରବେଶ କରିଥିବା ଭାରତର ଅନ୍ୟ ୫ ମହିଳା ଓ ଜଣେ ପୁରୁଷ ବକ୍ସର ସ୍ୱର୍ଣ୍ଣ ପାଇଁ ମୁକାବିଲା କରିବେ। ଏହି ଟୁର୍ନାମେଣ୍ଟ ହେଉଛି ୱାର୍ଲ୍ଡ ବକ୍ସିଂର ପ୍ରଥମ ଗ୍ଲୋବାଲ ଇଭେଣ୍ଟ।

# ବେଙ୍ଗାଲୁରୁ ଏଫ୍‌ସିର ପ୍ରଥମ ପରାଜୟ

**ପାଣାଜୀ,୨।୧୧**

ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍‌ଏଲ୍)ରେ ଚଳିତ ସିଜନର ପ୍ରଥମ ପରାଜୟ ବରଣ କରିଛି ବେଙ୍ଗାଲୁରୁ ଏଫ୍‌ସି। ଗୋଆର ଫତୋର୍ଦା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଦଳ ୦-୩ ଗୋଲରେ ଏଫ୍‌ସି ଗୋଆ ନିକଟରୁ ପରାଜିତ ହୋଇଛି। ଗୋଆ ପକ୍ଷରୁ ଆର୍ମାଣ୍ଡୋ ସାଦିକୁ (୬୩), ବ୍ରିସନ ଫର୍ନାଣ୍ଡେସ(୭୨) ଓ ଡେଜାନ୍ ଡ୍ରାଜିକ(୯୦+୩) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ବେଙ୍ଗାଲୁରୁ ୪-୪-୨ କମ୍ବିନେଶନରେ ଓହ୍ଲାଇଥିବା ବେଳେ ଗୋଆ ୪-୨-୩-୧ କମ୍ବିନେଶନରେ ଖେଳିଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳ ସମାନ ଭାବରେ ଖେଳକୁ ନିୟନ୍ତ୍ରଣ କରିଥିଲେ। ପ୍ରଥମାର୍ଦ୍ଧରେ ଗୋଟିଏ ବି ଗୋଲ ସ୍କୋର ହୋଇ ନ ଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ମାତ୍ର ୯ ମିନିଟ ମଧ୍ୟରେ ଏଫ୍‌ସି ଗୋଆ ଉଭୟ ଗୋଲ ସ୍କୋର କରି ବିଜୟ ହାସଲ କରିଥିଲା। ୬୩ ତମ ମିନିଟରେ ମହମ୍ମଦ ୟାସିରଙ୍କ ଆସିଷ୍ଟରୁ ସାଦିକୁ ପ୍ରଥମ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ କରିଥିଲେ। ଏହାର ୯ ମିନିଟ ପରେ ଆର୍ମାଣ୍ଡୋ ସାଦିକୁଙ୍କ ଆସିଷ୍ଟରେ ବ୍ରିସନ୍ ଫର୍ନାଣ୍ଡେସ୍ ଗୋଲ୍ ଦେଇଥିଲେ। ଇଞ୍ଜୁରୀ ଟାଇମ୍‌ରେ ଡ୍ରେଜିକ୍ ଗୋଆ ପକ୍ଷରୁ ତୃତୀୟ ଗୋଲ୍ ସ୍କୋର କରିଥିଲେ। ଇକାର ଗୋରାଟୁକ୍ସାନାଙ୍କ ଆସିଷ୍ଟରେ ସେ ଏହି ଗୋଲ ଦେଇଥିଲେ। ବିଜୟ ସହିତ ଏଫ୍‌ସି ଗୋଆ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସି ପ୍ରଥମ ସ୍ଥାନରେ ଅପରିବର୍ତ୍ତିତ ରହିଛି।


ଗୋଲ୍ ସ୍କୋର କରିବା ପରେ ଉଲ୍ଲସିତ ଆର୍ମାଣ୍ଡୋ ସାଦିକୁ।


# Classified Everyday
**0674-2580101, 2549949**


**MATRIMONIAL**

**BRIDE WANTED**

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-45Yrs ଝିଅ ଆବଶ୍ୟକ। Candidate- 9861141891. D-1826


**REAL ESTATE**

**SALE**

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75796

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପଦୂରତାରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। 9658562429.** D-76201

**Duplex sale at Bhubaneswar and apartment Kalinganagar DAV School- 9777433701.** D-76202

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-1819

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**CONSTRUCTION**

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203




Newly open health benefits spa by expert therapist. Contact- 6371861658. D-76165

Newly open Jyoti SPA positively health benefits (Expert therapist). 8458067955. D-76166

Newly open health benefits spa special offer @799 Bapujinagar. 8018429809 D-76167

**LOST**

Notice is hereby given to General Public that, I Sri Pratap Kumar Behera has lost the original link RSD bearing No-11521401247 dt.17.12.2014 and ROR No-103/37, in respect of plot No-247 and 246, Tahasil- Nimapada, Mouza- Palasudha, Dist- Puri, while he was going from Master canteen to his Residence on 27.10.2024. Lost the original sale deed and ROR described above, somewhere and in spite of his best efforts failed to trace the same. Therefore, if any one has found the same, please contact Advocate Sri N.C.Pattnaik, Mob- 9853311189, of LICHFL at Rupali Square, Bhubaneswar within 15 days from the date of the publication, failing which the document will lose its legal force and any mis-use of the document will be punishable under law. D-1818

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ ଧବଳେଶ୍ୱର ବାରିକ, ପି- ଏନାରାୟଣ ବାରିକ, ସା- ହରଚଣ୍ଡୀ ସାହି, ଥା- ଟାଉନ, ଜି- ପୁରୀ। ଗତ ତା୧୫.୦୯.୨୩ରିଖ ଦିନ ଶ୍ରୀମନ୍ଦିର ନିକଟରେ ମୋର ଦଲିଲ ନଂ.- ୨୨୨୦, ତା ୦୫.୦୬.୮୪ଟି ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଏହି ଦଲିଲଟି ପାଆନ୍ତି ତେବେ ଉକ୍ତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ- ୮୬୫୮୫୮୪୪୫୯ । ଧ-୧୮୨୫

**AFFIDAVIT**

By virtue of an affidavit sworn before Notary Public, Titilagarh on dtd.24.10.2024, I Banita Nag, D/o- Umashankar Nag resident of At- Block pada, P.O./P.S.- Titilagarh, Dist.-Balangir, State-Odisha declare that I have changed my name from Manisha Nag to Banita Nag. Henceforth I shall be known as Banita Nag for all purposes. Banita Nag. D-1822

By virtue of an Affidavit before Notary Public, Bhubaneswar, I, Pintu Guni, Saheed Nagar, Bhubaneswar have changed my name to Rajashree Guni. Henceforth, I shall be known as Rajashree Guni for all purposes. D-75827

By virtue of an affidavit sworn in the Court of the Executive Magistrate, Vyasanagar, I, Ganeswar Rout and the name of father written on my son Susanta Kumar Rout's Birth Certificate No.-108/2010 as Ganaswar Rout of Vill- Solabandi, P.O.- Pachhikote, P.S.- Korai, Dist.- Jajpur is relate to one and same person vide affidavit No.-2916, dtd 02.11.2024. D-1823

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଭାରତ ସିନିୟର୍ସ ଫାଇନାଲରେ

**ୱାର୍ଲ୍ଡ ବ୍ରିଜ ଗେମ୍ସ**

**ବୁଏନ୍ସ ଏରିଜ, ୨।୧୧ (ପି.ଟି.)**

ଭାରତ ସିନିୟର୍ସ ସେମିଫାଇନାଲରେ ସ୍ୱିଡେନକୁ ୧୯୫-୧୨୯ରେ ପରାସ୍ତ କରି ଏଠାରେ ଚାଲିଥିବା ୱାର୍ଲ୍ଡ ବ୍ରିଜ ଗେମ୍ସର ଫାଇନାଲରେ ପ୍ରବେଶ କରିଛନ୍ତି। କମଲ ମୁଖାର୍ଜୀ, ବିଭାସ ଟୋଡ଼ି, ବାଦଲ ଦାସ, ପ୍ରଣବ ବର୍ଦ୍ଧନ, ଅରୁଣ ବାପାଟ ଓ ରବି ଗୋଏଙ୍କାଙ୍କୁ ନେଇ ଭାରତୀୟ ଦଳ ଟାଇଟଲ ମୁକାବିଲାରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)କୁ ଭେଟିବ। ଗେମ୍‌କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଚେଷ୍ଟା କରି ସ୍ୱିଡେନ ବିଫଳ ହୋଇଥିଲା। ଏପରି ଦଳ ଅନ୍ତିମ ସେଗ୍‌ମେଣ୍ଟ ଖେଳିବା ପୂର୍ବରୁ ହାରିଯାଇଥିଲା। ପୂର୍ବରୁ ଭାରତ କ୍ୱାର୍ଟରଫାଇନାଲରେ କାନାଡା ଏବଂ ପ୍ରି-କ୍ୱାର୍ଟରଫାଇନାଲରେ ସ୍କଟଲାଣ୍ଡକୁ ପରାସ୍ତ କରିଥିଲା।

# ପ୍ୟାରିସ ମାଷ୍ଟର୍ସ ଫାଇନାଲରେ ଜେଭରେଭ



**ପ୍ୟାରିସ, ୨।୧୧ (ପି.ଟି.)**

ଆଲେକ୍ଜାଣ୍ଡର ଜେଭରେଭ ଦ୍ୱିତୀୟ ଥର ପାଇଁ ପ୍ୟାରିସ ଓପନ ଟେନିସ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ପୂର୍ବତନ ଚାମ୍ପିୟନ ହୋଲ୍‌ଗର ରୁନ୍‌ଙ୍କୁ ୬-୩, ୭-୬ (୪)ରେ ହରାଇ ଦେଇଛନ୍ତି। ୨୦୨୦ ରନର୍ସ ଅପ୍ ଜେଭରେଭ ବର୍ତ୍ତମାନ ଟାଇଟଲ ମୁକାବିଲାରେ ୨୦୧୮ ଚାମ୍ପିୟନ କାରେନ୍ ଖାଚାନୋଭ କିମ୍ବା ୧୫ତମ ସିଡ୍ ଫ୍ରେଞ୍ଚ ଖେଳାଳି ୟୁଗୋ ହୁମ୍‌ବର୍ଟଙ୍କୁ ଭେଟିବେ। ଜର୍ମାନୀର ଏହି ବିଗ୍ ସର୍ଭିଂ ଖେଳାଳି ବର୍ଷରେ ତାଙ୍କ ଦ୍ୱିତୀୟ ଏବଂ ଓଭରଅଲ୍ ୨୩ତମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି।

# ଆନିମେଶନ୍: ବଢୁଛି ଡିମାଣ୍ଡ

**ବର୍ତ୍ତମାନ ଟେକ୍ନୋଲୋଜି ବଦଳିବା ସହ ଆନିମେଶନ୍ ଦୁନିଆରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଯାଉଛି। ନୂଆ ନୂଆ ଟ୍ରିକ୍ ଏବଂ ସଫ୍ଟୱେର୍ ବ୍ୟବହାର କରି ଲାଟେଷ୍ଟ ଥ୍ରୀଡି ଇଫେକ୍ଟ ସହ କ୍ୟାରେକ୍ଟରଗୁଡ଼ିକୁ ଅଧିକ ଜୀବନ୍ତ କରାଯାଇପାରୁଛି। କାର୍ଟୁନ୍ ହେଉ କିମ୍ବା ଗେମିଂ ଫିଲ୍ଡରେ ଆନିମେଶନ୍ ସ୍କିଲ୍ ଥିବା ଯୁବପିଢ଼ିଙ୍କର ଡିମାଣ୍ଡ ବହୁମାତ୍ରାରେ ବଢ଼ିଯାଇଛି, ଯାହାକି ଅନେକଙ୍କ ପାଇଁ ଏବେ ଖୁବ୍ ଭଲ ରୋଜଗାରର ଅପ୍ସନ ପାଲଟିଛି।**









ଟିଭି ହେଉ ବା ମୋବାଇଲ୍‌ରେ ବିଭିନ୍ନ କାର୍ଟୁନ୍ ତଥା ଆନିମେଟେଡ୍ ଭିଡିଓ କେବଳ ପିଲାମାନଙ୍କୁ ନୁହେଁ ବରଂ ଯୁବବର୍ଗ ଏମିତିକି ବୟସ୍କଙ୍କୁ ବି ବେଶ୍ ଆକୃଷ୍ଟ କରିଥାଏ। ଏଭଳି ଭିଡିଓ ଦେଖିଲାବେଳେ ଅନେକଙ୍କ ମନରେ ପ୍ରଶ୍ନ ଆସେ ଏହି ଅବାସ୍ତବ ଓ କାଳ୍ପନିକ ଚରିତ୍ରଗୁଡିକୁ ଏତେ ଜୀବନ୍ତ ରୂପ କିପରି ଦିଆଯାଏ ? ତେବେ ଜୀବଯନ୍ତୁ, ସୁପରହିରୋଠୁ ଆରମ୍ଭ କରି ପୌରାଣିକ କଥାବସ୍ତୁ ପର୍ଯ୍ୟନ୍ତ ବିଭିନ୍ନ କାର୍ଟୁନ୍ କ୍ୟାରେକ୍ଟରକୁ ଜୀବନ୍ତ ରୂପ ଦେଇ ଦର୍ଶକଙ୍କୁ ବାନ୍ଧି ରଖିବା ପଛରେ ଥାଏ ଆନିମେଟରମାନଙ୍କ ଉଦ୍ୟମ। ପ୍ରଥମେ ପ୍ରଥମେ ଆନିମେଶନ୍ ଫିଲ୍ଡରେ ଲିମିଟେଡ୍ କାମ ରହିଛି ଭାବି ଏଥିରେ କ୍ୟାରିୟର ଗଢ଼ିବାକୁ ଅନେକେ ପଛାଉଥିଲେ। ହେଲେ ବର୍ତ୍ତମାନ କେବଳ ହଲିଉଡ୍, ବଲିଉଡ୍ ଭଳି ଫିଲ୍ମ ଇଣ୍ଡଷ୍ଟ୍ରୀ କିମ୍ବା ଗେମିଂ ପ୍ଲାଟ୍‌ଫର୍ମରେ ନୁହେଁ ୟୁଟ୍ୟୁବ୍‌ରେ ଆସୁଥିବା ବିଭିନ୍ନ କାର୍ଟୁନ୍ ସିରିଜ୍‌ରେ ମଧ୍ୟ ଆନିମେଟର ଭାବେ କ୍ୟାରିୟର ଗଢିବାର ଭଲ ଅପ୍ସନ ରହିଛି। ଓଡିଶାରେ ମଧ୍ୟ ବର୍ତ୍ତମାନ ଆନିମେଶନ୍ ଫିଲ୍ଡର ବହୁ ମାତ୍ରାରେ ଉନ୍ନତି ଘଟିଛି, ଯେଉଁଠି ଏଥିପ୍ରତି ଆଗ୍ରହ ରଖୁଥିବା ଯୁବପିଢିଙ୍କୁ କାମ କରି ଭଲ ରୋଜଗାର କରିବାର ସୁଯୋଗ ମିଳିପାରୁଛି। ଜାଣିବା କେଉଁ କ୍ଷେତ୍ରରେ ରହିଛି ସୁଯୋଗ...



**ଆନିମେଟର:** ଆନିମେଶନ୍ କୋର୍ସ କରିଥିବା ଯେକୌଣସି ଛାତ୍ରୀଛାତ୍ର ଆନିମେଟର ଭାବେ କାର୍ଯ୍ୟ କରିପାରିବେ। ଏହା ଏହି ଫିଲ୍ଡର ଏକ ପରମ୍ପରାଗତ ପ୍ରୋଫାଇଲ୍। ଏଥିରେ କମ୍ପ୍ୟୁଟର ସଫ୍ଟୱେର କିମ୍ବା ହାତରେ ଡ୍ରଇଂ କରି ଆକର୍ଷଣୀୟ ମୁଭିଂ ଅବ୍‌ଜେକ୍ଟ ପ୍ରସ୍ତୁତ କରାଯାଇଥାଏ। ଯାହାକୁ ଫିଲ୍ମ, ଟିଭି ପ୍ରୋଗ୍ରାମ, କମର୍ସିଆଲ୍ ଏବଂ ଭିଡିଓ ଗେମ୍ ଆଦିରେ ବ୍ୟବହାର କରାଯାଏ। ହେଲେ ଜଣେ ଚାହିଁଲେ ଏଥିରେ ବିଭିନ୍ନ ସ୍ପେଶାଲ କୋର୍ସ କରି ବିଭିନ୍ନ ଆନିମେଶନ୍ ଟୁଲ୍ସ, ୩ଡି ମଡେଲିଂ ଆଦି ବ୍ୟବହାର କରି କ୍ୟାରେକ୍ଟର ଆନିମେଟର ଭାବେ କାର୍ଯ୍ୟ କରିପାରିବେ।

**ଭିଡିଓଗେମ୍ ଡିଜାଇନର୍:** କମ୍ପ୍ୟୁଟର ପ୍ରୋଗ୍ରାମିଂ ଏବଂ ଗ୍ରାଫିକ୍ ଡିଜାଇନ ସାହାଯ୍ୟରେ ଆନିମେଟର ମାନେ ଭିଡିଓ ଗେମ୍ ପ୍ରସ୍ତୁତ କରିଥାନ୍ତି। ସେମାନେ ନିଜ କ୍ୟାରେକ୍ଟର ପାଇଁ ନୂଆ ନୂଆ କନ୍‌ସେପ୍ଟ ଏବଂ ଷ୍ଟୋରିଲାଇନ୍ ତିଆରି କରିଥାନ୍ତି। ଏଥିରେ ନିଜ ନିଜର କ୍ରିଏଟିଭିଟି ବ୍ୟବହାର କରି ଆନିମେଟରମାନେ ଲାଟେଷ୍ଟ ଗେମ୍ ଭିଡିଓ ଲଞ୍ଚ୍ କରିଥାନ୍ତି।

**ଥ୍ରୀଡି ଆର୍ଟିଷ୍ଟ:** କୌଣସି ଭିଡିଓ ପାଇଁ ଆନିମେଶନ୍ ପ୍ରସ୍ତୁତ କରୁଥିଲେ ଥ୍ରୀଡି ଭିଜୁଆଲାଇଜେଶନ୍, ରେଣ୍ଡରିଂ ଏବଂ ମଡେଲିଂ ସଫ୍ଟୱେର ବ୍ୟବହାର କରିବାକୁ ହୋଇଥାଏ। ଏହା ମଧ୍ୟ ଭିଜୁଆଲ୍ ଇଫେକ୍ଟ ଦେବାପାଇଁ ବ୍ୟବହାର କରାଯାଏ। ଏଥିରେ ଆନିମେଶନ୍ କମ୍ପାନୀଗୁଡ଼ିକରେ ଉଭୟ ଫୁଲ୍‌ଟାଇମ୍ ଏବଂ ପାର୍ଟଟାଇମ୍ ଜବ୍ କରିପାରିବେ। କେବଳ ଏତିକି ନୁହେଁ, ବର୍ତ୍ତମାନ କେତେକ ଯୁବତୀଯୁବକ ଆନିମେଶନ୍ ଗେମ୍ ଭିଡିଓ କରି ୟୁଟ୍ୟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଭଳି ବିଭିନ୍ନ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରି ବେଶ୍ ଭଲ ରୋଜଗାର କରିପାରୁଛନ୍ତି।

**ଟେକ୍ନିକାଲ୍ ଡାଇରେକ୍ଟର:** ଏହି ଟେକ୍ନୋଲୋଜି ବିଶେଷଜ୍ଞମାନେ ବିଭିନ୍ନ ଆନିମେଶନ୍ ସହିତ ଜଡ଼ିତ ସଫ୍ଟୱେର୍ ଟୁଲ୍ ଡେଭେଲପ୍ କରିଥାନ୍ତି। ଏମାନେ ସାଧାରଣତଃ ମଡେଲିଂ, ଆନିମେଶନ୍, ସ୍ପେଶ୍‌ନାଲ୍ ଇଫେକ୍ଟ, ଲାଇଟିଂ ଏବଂ ରିସର୍ଚ୍ଚ ଅପରେଶନ୍ ପ୍ରୋସିଜର୍ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି।

**ଥ୍ରୀଡି ମଡେଲର୍:** ବର୍ତ୍ତମାନ ଆନିମେଶନ୍ ଦୁନିଆରେ ଥ୍ରୀଡି ମଡେଲର୍‌ଙ୍କ ଡିମାଣ୍ଡ ବହୁତ ବଢ଼ିବାରେ ଲାଗିଛି। କାରଣ ଏମାନେ କାର୍ଟୁନ୍ କ୍ୟାରେକ୍ଟରଗୁଡ଼ିକର ଡାଇମେନ୍ସନ୍, ଡ୍ରେସ୍, ବ୍ୟାକ୍‌ଗ୍ରାଉଣ୍ଡ ଆଦିର ଡିଜାଇନ କରିଥାନ୍ତି। ତେଣୁ ଏମାନଙ୍କର ଏକ କାର୍ଟୁନ୍ ଫିଲ୍ମ କିମ୍ବା ଭିଡିଓ ଭଲ ହେବା ପଛରେ ମୁଖ୍ୟ ଭୂମିକା ରହିଥାଏ। ତେଣୁ ଏଥିରେ ଆଗ୍ରହ ରଖୁଥିବା ଯୁବପିଢ଼ିଙ୍କ ପାଇଁ ରୋଜଗାର ଅପ୍ସନ ବହୁତ ଅଧିକ ରହିଛି।

**ଷ୍ଟୋରିବୋର୍ଡ ଆର୍ଟିଷ୍ଟ:** ବର୍ତ୍ତମାନ ଫିଲ୍ମ, ଟିଭି ଶୋ, କମର୍ସିଆଲ୍ ଆଡ୍ ଏବଂ ବିଭିନ୍ନ କାର୍ଟୁନ୍ ୱେବ୍ ସିରିଜ୍‌ଗୁଡ଼ିକୁ ଅଧିକ ଆଇକ୍ୟାଚି କରିବା ପାଇଁ ଆନିମେଶନ୍‌ର ବହୁଳ ବ୍ୟବହାର କରାଯାଉଛି। ଆଉ ଇଲୁଷ୍ଟ୍ରେଶନ୍ ମାଧ୍ୟମରେ ଏହିସବୁ କାର୍ଯ୍ୟ ଷ୍ଟୋରିବୋର୍ଡ ଆର୍ଟିଷ୍ଟ କରିଥାନ୍ତି। ତେଣୁ ଆନିମେଶନ୍ କୋର୍ସ କରିଥିଲେ ଜଣେ ଷ୍ଟୋରିବୋର୍ଡ ଆର୍ଟିଷ୍ଟ ଭାବେ ଫିଲ୍ମ ଇଣ୍ଡଷ୍ଟ୍ରି, ଆଡ୍ ଏଜେନ୍ସିଠୁ ଆରମ୍ଭ କରି ବିଭିନ୍ନ ଭିଡିଓ ମେକିଂ ପ୍ଲାଟ୍‌ଫର୍ମରେ କାମ କରିବାର ଢେର ସୁଯୋଗ ରହିଛି।

– ପୌର୍ଣ୍ଣମାସୀ

## କ'ଣ କୁହନ୍ତି ଏମାନେ...



**ପ୍ରତ୍ୟୁଷ ପତି** (ସିନିୟର ଆନିମେଟର, ଭୁବନେଶ୍ୱର)– ମୁଁ ଜଣେ ଚିତ୍ରଶିଳ୍ପୀ। ଏଥିରେ ଏମ୍‌ଫିଲ୍ ମଧ୍ୟ କରିସାରିଛି। ହେଲେ ନିଜ ଚିତ୍ରକଳାକୁ ଜୀବନ୍ତ ରୂପ ଦେଇ କିଭଳି ଲୋକଙ୍କ ପାଖକୁ ପହଞ୍ଚାଇପାରିବି ସେଥିପାଇଁ ସୁଯୋଗ ଖୋଜୁଥିଲି। ଆଉ ଏଥିପାଇଁ ଆନିମେଶନ୍ ଫିଲ୍ଡ ସବୁଠୁ ବେଷ୍ଟ ଅପ୍ସନ ବୋଲି ମୋର ହୃଦ୍‌ବୋଧ ହେଲା। ତେଣୁ ଏଥିରେ ଶର୍ଟଟର୍ମ କୋର୍ସ କରିବା ପରେ ପ୍ରାୟ ୩ ବର୍ଷ ହେବ ଏକ କାର୍ଟୁନ୍ ଚ୍ୟାନେଲ୍‌ରେ ଆନିମେଟର ଭାବେ କାର୍ଯ୍ୟ କରୁଛି। ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ଆନିମେଶନ୍‌ର ଡିମାଣ୍ଡ ବଢିବାରେ ଲାଗିଛି। ଏଥିରେ ଖୁବ୍ ଭଲ ପାରିଶ୍ରମିକ ମଧ୍ୟ ମିଳୁଛି। ତେଣୁ ଯେଉଁମାନେ ଏ କ୍ଷେତ୍ରରେ କାମ କରିବାକୁ ଇଚ୍ଛୁକ ସେମାନଙ୍କ ପାଇଁ ଏହା ରୋଜଗାରର ଏକ ଭଲ ମାଧ୍ୟମ । ତେବେ ସବୁଠୁ ଭଲ କଥା ହେଉଛି ମୋ କାର୍ଟୁନ୍ କ୍ୟାରେକ୍ଟରଗୁଡିକୁ ଦେଖି ଯେବେ ଦର୍ଶକ ପ୍ରଶଂସା କରୁଛନ୍ତି ସେଥିରେ ଯେଉଁ ଆତ୍ମସନ୍ତୋଷ ମିଳୁଛି ତାହା ଅବର୍ଣ୍ଣନୀୟ।



**ସସ୍ମିତା ନାୟକ**(ଆନିମେଟର, ଭୁବନେଶ୍ୱର)– କାର୍ଟୁନ୍ ଭିଡିଓ ଦେଖିବାକୁ ବହୁତ ଭଲ ଲାଗେ। ଏସବୁ କେମିତି ଏତେ ସୁନ୍ଦର ଭାବେ କରାଯାଏ ଭାବି ଭାରି ଆଶ୍ଚର୍ଯ୍ୟ ଲାଗେ। ତେଣୁ ଡିପ୍ଲୋମା ଇନ୍ ଇଞ୍ଜିନିୟରିଂ କରିବା ପରେ ଆନିମେଶନ୍ ଫିଲ୍ଡରେ କାମ କରିବାର ଆଗ୍ରହ ବଢିଥିଲା। ଯେବେ କାର୍ଟୁନ୍ କ୍ୟାରେକ୍ଟରଗୁଡିକୁ ନିଜେ ପ୍ରସ୍ତୁତ କରିବାର ସୁଯୋଗ ପାଇଲି ବହୁତ ଖୁସି ଲାଗିଲା। ଧିରେ ଧିରେ ଏଥିରେ ଅଧିକ ଜାଣିବା ଲାଗି ଚେଷ୍ଟା କଲି ଏବଂ ଅଧିକରୁ ଅଧିକ ଭଲଭାବେ କ୍ୟାରେକ୍ଟରଗୁଡିକୁ ଆନିମେଟ୍ କରିପାରୁଛି। ଆଗକୁ ସୁଯୋଗ ମିଳିଲେ କେବଳ କାର୍ଟୁନ୍ ସିରିଜ୍ ନୁହେଁ, ଫିଲ୍ମ, କମର୍ସିଆଲ୍ ଆଡ୍ ଫିଲ୍ମ ଏବଂ ଭିଡିଓ ଗେମ୍ ଡିଜାଇନ୍ କରିବାକୁ ଇଚ୍ଛା ଅଛି। ମୋ ମତରେ ଏହି ଫିଲ୍ଡ ବର୍ତ୍ତମାନ ଯୁବପିଢିଙ୍କ ପାଇଁ ଏକ ଭଲ କ୍ୟାରିୟର ଅପ୍ସନ।

## ଏ ସପ୍ତାହର ପ୍ରଶ୍ନ

୧– ଆମ ଦେଶର ସର୍ବାଧିକ ଶିକ୍ଷିତ ରାଜ୍ୟ ........... ?
୨– ପୃଥିବୀର ସବୁଠୁ ଗରିବ ଦେଶ ............ ?
୩– ୱାନ୍ ଇଣ୍ଡିଆନ୍ ଗାର୍ଲ ପୁସ୍ତକର ଲେଖକ ............ ?
୪– ଉଡାଜାହାଜରେ ବ୍ୟବହାର ହେଉଥିବା ଇନ୍ଧନର ନାମ ............ ?
୫– ବୃହସ୍ପତି ଗ୍ରହର ଉପଗ୍ରହର ନାମ ............. ?

## ଗତ ଥରର ଉତ୍ତର

୧ ହାଇଦ୍ରାବାଦ
୨ ମିନିଷ୍ଟ୍ରି ଅଫ୍ ପୋର୍ଟ୍ସ, ଶିପିଂ, ୱାଟରୱେଜ୍
୩ ରାଜସ୍ଥାନ
୪ ହିରାଲାଲ୍ ସମରିୟା
୫ ଫତିମା ବିବି

## ଉତ୍ତରଦାତା


ଭାଗ୍ୟଶ୍ରୀ ହଂସ, କଳାହାଣ୍ଡି


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଦ୍ରୁତ ଧାବକ–୨୦୨୪


ଉସେନ୍ ବୋଲ୍ଟ

୧– ଉସେନ୍ ବୋଲ୍ଟ.............................. ୯.୫୮ ସେକେଣ୍ଡରେ ୧୦୦ ମିଟର
୨– ଟାଇସନ୍ ଗେ .............................. ୯.୬୯ ସେକେଣ୍ଡରେ ୧୦୦ ମିଟର
୩– ୟୋହାନ୍ ବ୍ଲେକ୍ .............................. ୯.୬୯ ସେକେଣ୍ଡରେ ୧୦୦ ମିଟର
୪– ଆସାଫା ପୋୱେଲ୍ .......................... ୯.୭୨ ସେକେଣ୍ଡରେ ୧୦୦ ମିଟର
୫– ଜଷ୍ଟିନ୍ ଗ୍ୟାଟ୍‌ଲିନ୍ ............................ ୯.୭୪ ସେକେଣ୍ଡରେ ୧୦୦ ମିଟର
୬– ଖ୍ରୀଷ୍ଟିଆନ୍ କୋଲ୍‌ମ୍ୟାନ୍....................... ୯.୭୬ ସେକେଣ୍ଡରେ ୧୦୦ ମିଟର
୭– ଫ୍ରେଡ୍ କେର୍ଲେ .............................. ୯.୭୬ ସେକେଣ୍ଡରେ ୧୦୦ ମିଟର
୮– ଟ୍ରାଏଭନ୍ ବ୍ରୋମେଲ୍.......................... ୯.୭୬ ସେକେଣ୍ଡରେ ୧୦୦ ମିଟର
୯– ଫେଡ୍ରନାଣ୍ଡ ଓମାନ୍ୟାଲା .................... ୯.୭୭ ସେକେଣ୍ଡରେ ୧୦୦ ମିଟର
୧୦– ନେଷ୍ଟା କ୍ୟାଟର .......................... ୯.୭୮ ସେକେଣ୍ଡରେ ୧୦୦ ମିଟର

## ଜାଣନ୍ତୁ ଦୁନିଆ

### ଦେଶ: କିଛି କଥା

ପୃଥିବୀରେ ଥିବା ବିଭିନ୍ନ ଦେଶର କିଛିନା କିଛି ବିଶେଷତ୍ୱ ରହିଛି। ସେମାନଙ୍କ ମଧ୍ୟରୁ ଜାଣିବା କେତେକ ନିଆରା ଦେଶ ସମ୍ପର୍କରେ...



- ପୃଥିବୀର ସର୍ବାଧିକ ଯୁବବର୍ଗ ଥିବା ଦେଶ ହେଉଛି ନାଇଜର୍। କାରଣ ଏହି ଦେଶର ସମୁଦାୟ ଜନସଂଖ୍ୟାର ୫୦% ହେଉଛନ୍ତି ୧୪ ବର୍ଷ ବୟସରୁ କମ୍।
- ୟୁଏନ୍ ୱାର୍ଲ୍ଡ ହାପିନେସ୍ ରିପୋର୍ଟ ମୁତାବକ ଡେନ୍‌ମାର୍କ ହେଉଛି ପୃଥିବୀର ସବୁଠୁ ଖୁସିପୂର୍ଣ୍ଣ ଦେଶ।
- କେବଳ ଭାରତ ନୁହେଁ, ଏହା ବ୍ୟତୀତ ଫିଜି ଦେଶ ଅଫିସିଆଲ୍ ଲାଙ୍ଗୁଏଜ୍ ମଧ୍ୟ ହିନ୍ଦୀ।
- ସ୍ୟାନ୍ ମ୍ୟାରିନୋକୁ ପୃଥିବୀର ସବୁଠୁ ପୁରୁଣା ଦେଶ ଭାବେ ଗ୍ରହଣ କରାଯାଏ। ଏହା ଏକମାତ୍ର ଦେଶ, ଯେଉଁଠି ଜନସଂଖ୍ୟା ତୁଳନାରେ କାର ସଂଖ୍ୟା ଅଧିକ।
- ନିଉଇ ହେଉଛି ଖୁବ୍ କମ୍ ଜନସଂଖ୍ୟା ଥିବା ଏକ ଦ୍ୱୀପରାଷ୍ଟ୍ର, ଯାହାକି ପୃଥିବୀର ପ୍ରଥମ ଏବଂ ଏକମାତ୍ର ୱାଇଫାଇ ଦେଶ।
- ଗୋଟିଏ ଦେଶର ସୁରକ୍ଷା ପାଇଁ ସେନାବାହିନୀର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଆଶ୍ଚର୍ଯ୍ୟର କଥା, ପୃଥିବୀରେ ବର୍ତ୍ତମାନ ସୁଦ୍ଧା ୨୨ଟି ଦେଶରେ ସେନାବାହିନୀ ନାହାନ୍ତି।
- ପାପୁଆ ନ୍ୟୁ ଗିନିର ରାଷ୍ଟ୍ରୀୟ ଭାଷା ଇଂଲିଶ୍ ହୋଇଥିଲେ ହେଁ ମାତ୍ର ୧–୨% ବାସିନ୍ଦା ଏହି ଭାଷାରେ କଥା ହୋଇପାରନ୍ତି। କାରଣ ଏହି ଦେଶ ହେଉଛି ପୃଥିବୀର ସର୍ବାଧିକ ଭାଷାଗତ ବିବିଧତା ଥିବା ଦେଶ।
- ପୃଥିବୀର ସର୍ବାଧିକ ସଂଖ୍ୟକ ଯମଜ ନାଇଜେରିଆରେ ଜନ୍ମ ଗ୍ରହଣ କରୁଥିବାର ରେକର୍ଡ ରହିଛି।
- ଆଣ୍ଟାର୍କଟିକା ମହାଦେଶରେ ପୃଥିବୀର ପ୍ରାୟ ୬୦–୯୦% ମଧୁର ଜଳ ବରଫ ଆକାରରେ ଗଚ୍ଛିତ ରହିଛି। ଏହା ହେଉଛି ଏକମାତ୍ର ମହାଦେଶ, ଯେଉଁଠି ସରୀସୃପ ଦେଖାଯାଆନ୍ତି ନାହିଁ।
- ପ୍ରଶାନ୍ତ ମହାସାଗର ମଧ୍ୟରେ ଥିବା ମାର୍ଶାଲ ଦ୍ୱୀପ ପୃଥିବୀର ସବୁଠାରୁ ସଂକଟଗ୍ରସ୍ତ ଦ୍ୱୀପରାଷ୍ଟ୍ର। କାରଣ ଏଠାରେ ପାଣିପାଗ ପରିବର୍ତ୍ତନ ସହ ବନ୍ୟା ଆଶଙ୍କା ସର୍ବାଧିକ।

## ୟୁଥ୍ ଆଲର୍ଟ

# ଲେଟ୍‌ନାଇଟ୍ ଡିନର୍



**ରାତ୍ରିଭୋଜନ ବା ଡିନର ବିଳମ୍ବରେ କରିବାର ଅଭ୍ୟାସ ଅନେକ ଯୁବପିଢ଼ିଙ୍କର ରହିଛି। ହେଲେ ଏହାଦ୍ୱାରା ହଜମକ୍ରିୟା ବାଧାପ୍ରାପ୍ତ ହୋଇ ଶରୀରର ମେଟାବଲିଜମ୍ ଖରାପ ହେବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ...**

- ଲେଟ୍ ନାଇଟ୍ ଡିନର କରିବା ଫଳରେ ରାତିରେ ପାକସ୍ଥଳୀକୁ ଆରାମ ମିଳି ନ ଥାଏ। ଫଳରେ ହଜମକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଖାଦ୍ୟ ଭଲ ଭାବେ ହଜମ ନ ହେବାରୁ ଏସିଡିଟି ହେବା ସହ ଛାତି ଜଳିବା, ଆମ୍ବିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ।
- ରାତିରେ ବିଳମ୍ବରେ ଖାଇବା ଏବଂ ଖାଇସାରି ସାଙ୍ଗେ ସାଙ୍ଗେ ଶୋଇ ପଡ଼ିବା ଦ୍ୱାରା ମଧ୍ୟ ଖାଦ୍ୟ ହଜମ ହେବାରେ ବାଧା ସୃଷ୍ଟି କରିଥାଏ। ତେଣୁ ଶୀଘ୍ର ଖାଆନ୍ତୁ, ଯଦି କୌଣସି କାରଣରୁ ରାତିରେ ଖାଇବା ବିଳମ୍ବ ହୁଏ, ତେବେ ତୁରନ୍ତ ଖାଇ ସାରି ନ ଶୋଇ କିଛି ସମୟ ଚଲାବୁଲା କରିବା ପରେ ଶୁଅନ୍ତୁ।
- ଏକ ଗବେଷଣା ରିପୋର୍ଟ ମୁତାବକ, ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମି, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କଠାରେ ସକାଳେ ନିଦ ଲାଗିବା, ହାଲିଆ କିମ୍ବା ଚିଡ଼ିଚିଡ଼ା ଲାଗିବା ଭଳି ଲକ୍ଷଣ ଦେଖାଦେଇଥାଏ। କେବେକେବେ ରାତିରେ ଠିକ୍ ଭାବେ ନିଦ ନ ହେବା କାରଣରୁ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।
- ଡିନର ସମୟ ଠିକ୍ ନ ରଖିଲେ ଖାଦ୍ୟ ଭଲ ଭାବେ ହଜମ ହୋଇ ନ ପାରିବା କାରଣରୁ ଏହାର ସମସ୍ତ ପୋଷକତତ୍ତ୍ୱ ଶରୀରକୁ ମିଳିପାରେନି। ଫଳରେ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମା ହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।
- ପ୍ରତିଦିନ ବିଳମ୍ବରେ ଖାଇବା ଦ୍ୱାରା ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ୍ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ।



# ନ୍ୟୁଜିଲାଣ୍ଡ ୧୪୩ ରନ୍‌ରେ ଆଗୁଆ

## ଅନ୍ତିମ ଟେଷ୍ଟ

### ଦୁଇ ଦିନରେ ୨୯ ଉଇକେଟର ପତନ

**ମୁମ୍ବାଇ,୨।୧୧(ପି.ଟି.)**

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ସ୍ପିନରଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଦୁଇ ଦିନରେ ୨୯ ଉଇକେଟର ପତନ ଘଟିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ନ୍ୟୁଜିଲାଣ୍ଡ ୯ ଉଇକେଟରେ ୧୭୧ ରନ୍ କରିଛି। ଦଳ ୧୪୩ ରନ୍‌ରେ ଆଗୁଆ ରହିଥିବା ବେଳେ ହାତରେ ମାତ୍ର ୧ ଉଇକେଟ ବାକି ରହିଛି। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୨୩୫ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଭାରତ ୨୬୩ ରନ୍ କରିଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୮୬/୪ରୁ ଖେଳ ଆରମ୍ଭ କରିଥିଲା ଭାରତ। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଶୁବମନ ଗିଲ୍(୯୦) ଓ ରିଷଭ ପନ୍ତ(୬୦) ଦ୍ରୁତ ଗତିରେ ସ୍କୋର କରିଥିଲେ। ଉଭୟ ଖେଳାଳି ପଞ୍ଚମ ଉଇକେଟରେ ୯୬ ରନ୍ ଯୋଡିବା ଫଳରେ ପ୍ରଥମ ସେସନରେ ଭାରତ ୧ ଉଇକେଟ ହରାଇ ୧୦୯ ରନ୍ ସ୍କୋର କରିଥିଲା। ପନ୍ତ ଦ୍ରୁତ ଗତିରେ ବ୍ୟାଟିଂ କରି ୫୯ ବଲ୍‌ରୁ ୬୦ ରନ୍ କରିଥିଲେ। ତାଙ୍କର ଏହି ଇନିଂସରେ ୮ ଚୌକା ଓ ୨ ଛକା ସାମିଲ ଥିଲା।


ଉଇକେଟ ନେବା ପରେ ରବୀନ୍ଦ୍ର ଜାଡେଜାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଅନ୍ୟପକ୍ଷରେ ଭାରତୀୟ ଇନିଂସର ଟପ୍ ସ୍କୋରର ରହିଥିବା ଗିଲ୍ ୧୪୬ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରି ୯୦ ରନ୍ କରିଥିଲେ। ରବୀନ୍ଦ୍ର ଜାଡେଜା(୧୪) ଓ ସର୍ଫରାଜ ଖାଁ (୦) ବିଫଳ ହୋଇଥିବା ବେଳେ ଶେଷ ଭାଗରେ ୱାଶିଂଟନ୍ ସୁନ୍ଦର ଦ୍ରୁତ ୩୮ ରନ୍ କରିଥିଲେ। ୩୬ ବଲ୍ ଖେଳିଥିବା ୱାଶିଂଟନ୍ ୪ ଚୌକା ଓ ୨ ଛକା ମାରି ଅପରାଜିତ ରହିବା ସହ ଭାରତକୁ ମହତ୍ତ୍ୱପୂର୍ଣ୍ଣ ୨୮ ରନ୍‌ର ଅଗ୍ରଣୀ ପ୍ରଦାନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଏଜାଜ ପଟେଲ ୫, ମ୍ୟାଟ ହେନରୀ,ଗ୍ଲେନ୍ ଫିଲିପ୍ସ ଓ ଇସ୍ ସୋଧୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୮ ରନ୍ ପଛରେ ରହିଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ପ୍ରଥମ ଓଭରରେ ଟମ୍ ଲାଥାମ(୧)ଙ୍କ ଉଇକେଟ ହରାଇଥିଲା। ଆକାଶ ଦୀପ ଏକ ଚମତ୍କାର ଇନ୍ ସୁଇଙ୍ଗରେ ତାଙ୍କୁ ବୋଲ୍ଡ କରିଥିଲେ। ୱିଲ ୟଙ୍ଗ(୫୧) ଓ ଡେଭନ୍ କନ୍‌ୱେ(୨୨) ପରବର୍ତ୍ତୀ ଉଇକେଟରେ୩୭ ରନ୍ ଯୋଡିଥିଲେ। ତେବେ ମାତ୍ର ୭ ବଲ୍ ବ୍ୟବଧାନରେ କନ୍‌ୱେ ଓ ରାଚିନ୍ ରବୀନ୍ଦ୍ର(୪) ପ୍ୟାଭିଲିୟନ ଫେରିଥିଲେ। ୟଙ୍ଗ ପ୍ରଥମ ଇନିଂସ ପରି ପ୍ରଭାବୀ ବ୍ୟାଟିଂ କରି ୫୧ ରନ୍ କରିଥିବା ବେଳେ ଡାରିଲ୍ ମିଚେଲ୍(୨୧) ଓ ଗ୍ଲେନ୍ ଫିଲିପ୍ସ(୨୬) ତାଙ୍କୁ ସହଯୋଗ କରିଥିଲେ। ୟଙ୍ଗ ୧୦୦ ବଲ୍ ଖେଳି ୨ ଚୌକା ଓ ୧ ଛକା ସହାୟତାରେ ୫୧ ରନ୍ କରି ଅଶ୍ୱିନଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଡାରିଲ ମିଚେଲ ୪୪ ବଲ୍‌ରୁ ଗୋଟିଏ ଲେଖାଏ ଛକା ଓ ଚୌକା ମାରି ୨୧ ରନ୍ କରିଥିବା ବେଳେ ଫିଲିପ୍ସ ଦ୍ରୁତ ବ୍ୟାଟିଂ କରି ୨୬ ରନ୍ କରିଥିଲେ। ସେ ୧୪ ବଲ୍ ଖେଳି ୧ ଚୌକା ଓ ୩ ଛକା ମାରିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ୩, ୱାଶିଂଟନ୍ ସୁନ୍ଦର ଓ ଆକାଶ ଦୀପ୍ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୨୩୫/୧୦।

ଭାରତ ପ୍ରଥମ ଇନିଂସ ୫୯.୪ ଓଭରରେ ୨୬୩/୧୦(ଶୁବମାନ ଗିଲ୍-୯୦, ରିଷଭ ପନ୍ତ-୬୦, ୱାଶିଂଟନ୍ ସୁନ୍ଦର-୩୮*, ଏଜାଜ୍ ପଟେଲ-୫/୧୦୩, ମ୍ୟାଟ୍ ହେନରୀ-୧/୨୬, ଇଶ୍ ସୋଧୀ-୧/୩୬)।

ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୪୩.୩ ଓଭରରେ ୧୭୧/୯ (ୱିଲ ୟଙ୍ଗ-୫୧, ଗ୍ଲେନ୍ ଫିଲିପ୍ସ-୨୬, ଡେଭନ୍ କନ୍‌ୱେ-୨୨, ରବୀନ୍ଦ୍ର ଜାଡେଜା-୪/୫୨, ରବିଚନ୍ଦ୍ରନ ଅଶ୍ୱିନ୍-୩/୬୩, ଆକାଶ ଦୀପ୍-୧/୧୦, ୱାଶିଂଟନ୍ ସୁନ୍ଦର-୧/୩୦)।

# ଦିଲ୍ଲୀ ଏସ୍‌ଜି ପାଇପର୍ସ ଦଳରେ ଓସ୍‌ଲି



**ନୂଆଦିଲ୍ଲୀ, ୨।୧୧ (ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ସିଜନ ପାଇଁ ଦିଲ୍ଲୀ ଏସ୍‌ଜି ପାଇପର୍ସ ଇଂଲଣ୍ଡର ମହିଳା ହକି ମିଡ୍‌ଫିଲ୍ଡର ତଥା ସୁପରଷ୍ଟାର ଲିଲି ଓସ୍‌ଲିଙ୍କୁ ଅନୁବନ୍ଧିତ କରିଛି। ୨୯ବର୍ଷୀୟ ଦୁଇଥର ଅଲିମ୍ପିକ ପଦକ ବିଜେତାଙ୍କୁ ୨୮ବର୍ଷୀୟା ଡଚ୍ ମିଡ୍‌ଫିଲ୍ଡର ଜାନ୍ ଡି' ୱାର୍ଡଙ୍କ ସ୍ଥାନରେ ନିଆଯାଇଛି। ଜାନ୍ ବ୍ୟକ୍ତିଗତ କାରଣ ଦର୍ଶାଇ ଏଚଆଇଏଲ୍‌ର ଏହି ସିଜନରୁ ଓହରି ଯାଇଛନ୍ତି। ଇଂଲିଶ ହକି ଓସ୍‌ଲିର ଖୁବ୍ ଚାହିଦା ରହିଛି। ସେ ରିଓ ଅଲିମ୍ପିକ୍ସ ୨୦୧୬ ସ୍ୱର୍ଣ୍ଣ ଏବଂ ପରେ ଟୋକିଓ ୨୦୨୦ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହାଛଡ଼ା ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବର୍ମିଂହାମ୍ ୨୦୨୨ ଓ ଗ୍ଲାସ୍‌ଗୋ ୨୦୧୪ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଛନ୍ତି। ଓସ୍‌ଲି ଆହୁରି ମଧ୍ୟ ୟୁରୋପିଆନ ଚାମ୍ପିୟନଶିପ୍‌ରେ ଦୁଇ ପଦକ ଲାଭ କରିପାରିଛନ୍ତି। ସେ ଲଣ୍ଡନ ୨୦୧୫ରେ ସ୍ୱର୍ଣ୍ଣ ଏବଂ ଆମ୍‌ଷ୍ଟିଲଭିନ୍ ୨୦୧୭ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ମହିଳା ଦଳ କୋଚ୍ ଡେଭ୍ ସ୍ମୋଲେନାର୍ସ କହିଛନ୍ତି, ଜାନ୍ ଡି' ୱାର୍ଡ ହେଉଛନ୍ତି ବିଶ୍ୱର ଜଣେ ଅନ୍ୟତମ ଶ୍ରେଷ୍ଠ ଖେଳାଳି। ଦଳ ପାଇଁ ତାଙ୍କର ନିଶ୍ଚିତ ଆବଶ୍ୟକତା ରହିଥିଲା। କିନ୍ତୁ ତାଙ୍କ ସ୍ଥାନରେ ୨ଥର ଅଲିମ୍ପିକ ପଦକ ବିଜେତା ଲିଲି ଓସ୍‌ଲିଙ୍କୁ ପାଇବା ଦ୍ୱାରା ଆମକୁ ଆଶ୍ୱସ୍ତି ମିଳିଛି।

# ପାଇରେଟ୍ସର ସଂଘର୍ଷପୂର୍ଣ୍ଣ ବିଜୟ


ପାଟନା ପାଇରେଟ୍ସ ଓ ୟୁପି ଯୋଦ୍ଧାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ପ୍ରୋ କବାଡ଼ି ଲିଗ୍

**ହାଇଦ୍ରାବାଦ,୨।୧୧**

ପ୍ରୋ କବାଡ଼ି ଲିଗ୍(ପିକେଏଲ୍)ରେ ଶନିବାର ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି ପାଟନା ପାଇରେଟ୍ସ। ୟୁପି ଯୋଦ୍ଧାସ ବିପକ୍ଷ ମ୍ୟାଚ୍‌ରେ ଦଳ ୪୨-୨୭ ପଏଣ୍ଟରେ ବିଜୟୀ ହୋଇଛି। ପାଟନା ୨୧ ରେଡ ପଏଣ୍ଟ ଅର୍ଜନ କରିଥିବା ବେଳେ ୟୁପି ୨୨ ପଏଣ୍ଟ ହାସଲ କରିଥିଲା। ଅନ୍ୟପକ୍ଷରେ ଟ୍ୟାକେଲ ପଏଣ୍ଟରେ ପାଟନା ୧୪ ପଏଣ୍ଟ ସହ ଆଗୁଆ ରହିଥିଲା। ୟୁପି ୯ ଟ୍ୟାକେଲ ପଏଣ୍ଟ ଅର୍ଜନ କରିଥିଲା। ପାଟନା ପକ୍ଷରୁ ଦେବାଙ୍କ ସର୍ବାଧିକ ୧୧ ପଏଣ୍ଟ ସହ ସୁପର-୧୦ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟାନ ୯ ଓ ଦୀପକ ରାଠୀ ୪ ପଏଣ୍ଟ ହାସଲ କରିଥିଲେ। ୟୁପି ପକ୍ଷରୁ ଗଗନ ଗୌଡ଼ା ଚମତ୍କାର ପ୍ରଦର୍ଶନ ସହ ୯ ପଏଣ୍ଟ ଅର୍ଜନ କରିଥିବା ବେଳେ ଭରତ ୬, ସୁରେନ୍ଦର ଗିଲ୍ ଓ ହିତେଶ ୫ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ଏହି ବିଜୟ ସହ ପାଟନା ୪ ମ୍ୟାଚ୍‌ରୁ ୧୧ ପଏଣ୍ଟ ପାଇ ୯ ନମ୍ବର ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୟୁପି ଯୋଦ୍ଧାସ ୫ ମ୍ୟାଚ୍‌ରୁ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

# ୟୁଏଇ, ଇଂଲଣ୍ଡଠାରୁ ହାରିଲା ଭାରତ

## ହଂକଂ ସିକ୍ସେସ କ୍ରିକେଟ

**ହଂକଂ,୨।୧୧ (ପି.ଟି.)**

ସ୍ଥାନୀୟ ଟିନ୍ କୋଙ୍ଗ୍ ରୋଡ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହଂକଂ ସିକ୍ସେସ ଟୁର୍ନାମେଣ୍ଟରେ ଭାରତ ଯଥାକ୍ରମେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ଇଂଲଣ୍ଡଠାରୁ ୧ ଓ ୧୫ ରନରେ ପରାସ୍ତ ହୋଇଛି। ଶୁକ୍ରବାର ଓପନିଂ ମ୍ୟାଚ ପାକିସ୍ତାନଠାରୁ ହାରିଯିବା ପରେ କ୍ୱାର୍ଟରଫାଇନାଲରେ ପ୍ରବେଶ ପାଇଁ ୟୁଏଇ ବିପକ୍ଷରେ ଭାରତ ନିହାତି ବିଜୟ ଆବଶ୍ୟକ କରୁଥିଲା। ମାତ୍ର ଦଳ ୧ରନରେ ପରାସ୍ତ ହୋଇଯାଇଥିଲା। ୧୩୧ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଭାରତ ଅନ୍ତିମ ଓଭରରେ ୩୨ ରନ ଦରକାର କରୁଥିଲା। ଅଲରାଉଣ୍ଡର ଷ୍ଟୁଆର୍ଟ ବିନି (୧୧ ବଲ୍‌ରୁ ୪୪ରନ) ଦଳକୁ ଜିତାଇବା ଲାଗି ଶେଷ ପର୍ଯ୍ୟନ୍ତ ଚେଷ୍ଟା କରି ବିଫଳ ହୋଇଥିଲେ। ପୂର୍ବରୁ ରବିନ ଉଥାପ୍ପା ୧୦ ବଲ୍‌ରୁ ୪୩ ରନ କରିଥିଲେ। ୟୁଏଇ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ଉଇକେଟ ବିନିମୟରେ ୧୩୦ ରନ କରିଥିଲା। ଖଲିଦ ଶାହା ୧୦ ବଲ୍‌ରୁ ୪୨ ରନ କରିଥିବାବେଳେ ଜହୁର ଖାନ୍ ୧୧ ବଲ୍‌ରୁ ୩୭ରନ କରି ଅପରାଜିତ ରହିଥିଲେ। ଭାରତ ପରେ ଏହାର ଦ୍ୱିତୀୟ ମ୍ୟାଚ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା। ଏଥିରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୬ ଓଭରରେ ୧ ଉଇକେଟ ବିନିମୟରେ ୧୨୦ରନ କରିଥିଲା। ଦଳ ପକ୍ଷରୁ ରବି ବୋପାରା ଓ ସମିତ ପଟେଲ ଭାରତ ବୋଲରଙ୍କୁ ବେଖାତିର କରି ରନ ସଂଗ୍ରହ କରିବାରେ ଲାଗିଥିଲେ। ଉଥାପ୍ପାଙ୍କ ଗୋଟିଏ ଓଭରରେ ବୋପାରା ୩୭ ରନ କରିଥିଲେ। ଉଭୟ ବ୍ୟାଟର ରିଟାୟର୍ଡ ନେବା ପୂର୍ବରୁ ସେମାନଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ବୋପାରା ପରେ ପ୍ରଭାବୀ ବୋଲିଂ କରି ଗୋଟିଏ ଓଭରରେ ୨ ଉଇକେଟ ଅକ୍ତିଆର କରିଥିଲେ। ତନ୍ମଧ୍ୟରେ ଉଥାପ୍ପାଙ୍କୁ ଏକ ଗୋଲ୍ଡେନ ଡକ୍ ଥିଲା। ଭାରତ ନିର୍ଦ୍ଧାରିତ ଓଭରରେ ୧୦୫/୩ ସ୍କୋର କରିପାରିଥିଲା ଏବଂ ମ୍ୟାଚ ୧୫ରନରେ ପରାଜିତ ହୋଇଥିଲା।

# ୧୦ ଦେଶରୁ ୮୮ ଖେଳାଳି

## ଆଇଟିଏଫ୍ ଟେନିସ ଟୁର୍ନାମେଣ୍ଟ

**ଭୁବନେଶ୍ୱର, ୨।୧୧ (ବିଜୟ ରଣା)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ଟେନିସ ଆସୋସିଏଶନ ତରଫରୁ ରାଜ୍ୟରେ ପ୍ରଥମ ଥର ପାଇଁ ଆଇଟିଏଫ୍ ପୁରୁଷ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ଏହି ଇଭେଣ୍ଟ ରବିବାରଠାରୁ ଆରମ୍ଭ ହେବ ଏବଂ ନଭେମ୍ବର ୧୦ରେ ଶେଷ ହେବ। ଏଥିରେ ୧୦ଟି ଦେଶରୁ ୮୮ ପ୍ରଫେସନାଲ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

# ଅଷ୍ଟ୍ରେଲିଆ 'ଏ' ବିଜୟର ନିକଟତର

**ମାକେ,୨।୧୧(ପି.ଟି.)**

ଭାରତ 'ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟରେ ବିଜୟର ନିକଟତର ହୋଇଛି ଅଷ୍ଟ୍ରେଲିଆ 'ଏ'। ବିଜୟ ପାଇଁ ଆଉ ମାତ୍ର ୮୬ ରନ୍ ଆବଶ୍ୟକ ଥିବା ବେଳେ ଅଷ୍ଟ୍ରେଲିଆ ହାତରେ ୭ ଉଇକେଟ ରହିଛି। ତୃତୀୟ ଦିନର ଷ୍ଟମ୍ପସ ବେଳକୁ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୧୩୯ ରନ୍ କରିଛି।

ଭାରତ ତୃତୀୟ ଦିନରେ ୩୧୨ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ୨୦୮/୨ର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରି ଦଳ ଆଉ ୧୦୪ ରନ୍ ଯୋଡ଼ି ଅବଶିଷ୍ଟ ୮ ଉଇକେଟ ହରାଇଥିଲା। ପୂର୍ବ ଦିନର ଅପରାଜିତ ବ୍ୟାଟର ସାଇ ସୁଦର୍ଶନ ବ୍ୟକ୍ତିଗତ ସ୍କୋରରେ ୭ ରନ୍ ଯୋଡି ପ୍ୟାଭିଲିୟନ୍ ଫେରିଥିଲେ। ୨୦୦ ବଲ୍ ଖେଳି ୯ ଚୌକା ସହ ସେ ୧୦୩ ରନ୍ କରିଥିଲେ। ଅନ୍ୟପକ୍ଷରେ ଦେବଦତ୍ତ ପାଡିକଲ ୧୯୯ ବଲ୍ ଖେଳି ୬ ଚୌକା ମାରି ୮୮ ରନ୍ କରିଥିଲେ। ଉଭୟ ଖେଳାଳି ଆଉଟ ହେବା ପରେ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇଶାନ୍ କିଶନ୍ ୩୨ ରନ୍ କରିଥିବା ବେଳେ ଅନ୍ୟ ସମସ୍ତ ଖେଳାଳି ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଫର୍ଗସ ଓ ନିଲ ୪, ଟଡ୍ ମର୍ଫି ୩, ବ୍ରେଣ୍ଡନ ଡଜେଟ୍ ଓ ବ୍ୟୁ ୱେବଷ୍ଟର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୨୬ ରନ୍ ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆ ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟରେ ୧୩୯ ରନ୍ କରିଛି। ଦଳ ୨୨ରନ୍‌ରେ ପ୍ରଥମ ଓ ୬୩ ରନ୍‌ରେ ଦୁଇ ଉଇକେଟ ହରାଇଥିଲେ ମଧ୍ୟ ଅନ୍ତିମ ଦିନରେ ବିଜୟ ପାଇଁ ମାତ୍ର ୮୬ ରନ୍ ଆବଶ୍ୟକ କରୁଛି। ଅଧିନାୟକ ନାଥନ ମ୍ୟାକସୁଇମି ୪୭ ଓ ବ୍ୟୁ ୱେବଷ୍ଟର ୧୯ ରନରେ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ମୁକେଶ କୁମାର, ପ୍ରସିଦ୍ଧ କ୍ରିଷ୍ଣା ଓ ମାନବ ସୁଥାର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ପୁଲ୍ ଶଟ୍ ଖେଳୁଛନ୍ତି ଇଶାନ କିଷନ।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ପ୍ରଥମ ଇନିଂସ ୧୦୭ ।

ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ ୧୯୫।

ଭାରତ 'ଏ' ଦ୍ୱିତୀୟ ଇନିଂସ ୩୧୨/୧୦ (ସାଇ ସୁଦର୍ଶନ-୧୦୩, ଦେବଦତ୍ତ ପଡ଼ିକଲ -୮୮, ଇଶାନ କିଶନ-୩୨, ଫର୍ଗସ ଓ ନିଲ-୪/୫୫, ଟଡ୍ ମର୍ଫି-୩/୭୭)।

ଅଷ୍ଟ୍ରେଲିଆ 'ଏ' ଦ୍ୱିତୀୟ ଇନିଂସ ୧୩୯/୩(ନାଥନ ମ୍ୟାକସୁଇମି-୪୭*, ବ୍ୟୁ ୱେବଷ୍ଟର-୧୯*, ପ୍ରସିଦ୍ଧ କ୍ରିଷ୍ଣା-୧/୧୭, ମାନବ ସୁଥାର-୧/୩୯, ମୁକେଶ କୁମାର-୧/୩୯)।

# ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ଉଦ୍‌ଘାଟିତ

## ଯୋଗଦେଲେ ରାଜ୍ୟର ୧୪୫ ଖେଳାଳି

**ଭୁବନେଶ୍ୱର,୨।୧୧(ସରୋଜ ଜେନା)**

ଭୁବନେଶ୍ୱର ନୀଳାଦ୍ରୀବିହାର ସ୍ଥିତ ବିଜୁପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଠାରେ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଙ୍ଘ ଆନୁକୂଲ୍ୟରେ ରାଜ୍ୟ ସିନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଶନିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି।

ତିନି ଦିନ ବ୍ୟାପି ହେବାକୁ ଥିବା ଏହି ପ୍ରତିଯୋଗିତାରେ ସିନିଅର ପୁରୁଷ ସିଙ୍ଗଲ, ଡବଲ୍ସ, ମହିଳା ସିଙ୍ଗଲ, ଡବଲ୍ସ ଓ ମିକ୍ସଡ଼ ଡବଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସଂଗଠନ ସମ୍ପାଦକ ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ରେ ହେଉଥିବା ଏହି ପ୍ରତିଯୋଗିତାକୁ କ୍ରୀଡା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ, ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତିର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, କ୍ରୀଡା ବିଭାଗ ଅଧିକାରୀ ପ୍ରଫେସର ରବି ନାରାୟଣ ରାଉତରାୟ ଓ ଭାରତୀୟ ଜନତା ପାର୍ଟି ମୁଖପତ୍ର ଅନିଲ ବିଶ୍ୱାଳ ଯୋଗ ଦେଇଥିଲେ।

ପ୍ରତିଯୋଗିତାର ସଂଯୋଜକ ଜୟ ପ୍ରକାଶ ଜେନା, ଅଜିତ ମହାନ୍ତି, ଅବଦୁଲ ହାକିମ, ସୌଭାଗ୍ୟ ଜଗଦେବ, ତାରାକାନ୍ତ ଦାସ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଉପସଭାପତି ପ୍ରଦୀପ ପଟ୍ଟନାୟକ ପ୍ରମୁଖ ପ୍ରତିଯୋଗିତାକୁ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରୁଛନ୍ତି। ଏହି ଚାମ୍ପିୟନଶିପରୁ ରାଜ୍ୟ ଦଳ ଚୟନ ହୋଇ ଜାତୀୟ ପ୍ରତିଯୋଗିତାକୁ ପଠାଯିବ ବୋଲି ରାଜ୍ୟ ସଙ୍ଘ ସମ୍ପାଦକ ନିଳିନ କୁମାର ଜଣାଇଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ବୋପାନ୍ନା-ଇବଡେନ୍ କ୍ୱାର୍ଟରରୁ ବିଦାୟ

**ପ୍ୟାରିସ, ୨।୧୧ (ପି.ଟି.)**

ଭେଟେରାନ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମାଥ୍ୟୁ ଇବଡେନ୍ ପ୍ୟାରିସ ମାଷ୍ଟର୍ସର କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ି ଏହି ଏଟିପି ୧୦୦୦ ଇଭେଣ୍ଟର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଡଚ୍-କ୍ରୋଏସିଆନ ଯୋଡ଼ି ୱେସ୍‌ଲି କୁଲ୍‌ହଫ୍ ଓ ନିକୋଲା ମେକ୍‌ଟିକ୍‌ଙ୍କଠାରୁ ୬-୭, ୫-୭ରେ ହାରି ଯାଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୪୬ ମିନିଟ ଧରି ଚାଲିଥିଲା। ସୂଚନାଯୋଗ୍ୟ, ଚଳିତ ସପ୍ତାହ ପ୍ରାରମ୍ଭରେ ବୋପାନ୍ନା ଓ ଇବଡେନ୍ ସମ୍ମାନଜନକ ସିଜନ ଶେଷ ଏଟିପି ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ